
ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ
facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




୩୦ରେ ମୋଦୀଙ୍କ ନାଗପୁର ଗସ୍ତ | ୬

ଛାଡ଼ପତ୍ର ପରେ ଇଭେଣ୍ଟରେ ନଜର ଆସିଲେ ଧନଶ୍ରୀ | ୮



RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୫୨ Vol. 21 No-352 24 MARCH 2025 MONDAY BHUBANESWAR ସୋମବାର, ୨୪ ମାର୍ଚ୍ଚ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ମାଓବାଦୀଙ୍କୁ ପୋଲିସ୍‌ର ଚେତାବନୀ

# ଆତ୍ମସମର୍ପଣ କର, ନଚେତ୍ ମର





- ସୁରକ୍ଷାକର୍ମୀଙ୍କ ଜୋରଦାର ସର୍ଚ୍ଚ ଅପରେସନ
- ୨୨ ମାଓବାଦୀଙ୍କ ଆତ୍ମସମର୍ପଣ
- ମାଓ ଡମ୍ପରୁ ମିଳିଲା ବିସ୍ଫୋରକ ଓ ବନ୍ଧୁକ

ମାଲକାନଗିରି, ୨୩।୩(ଭାସ୍କର ନ୍ୟୁଜ): ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଦେଶରୁ ମାଓବାଦୀମାନଙ୍କୁ ମୂଳପୋଛ କରାଯିବ। ଏ ନେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସୂଚନା ଦେବାପରେ ସୁରକ୍ଷାକର୍ମୀ ଆକ୍ସନ ମୋଡକୁ ଆସି ଘନଘନ ସର୍ଚ୍ଚ ଅପରେସନ ଜାରି ରଖିଛନ୍ତି। ଏହି କ୍ରମରେ ଛତିଶଗଡ଼ରେ ବିଜାପୁର ଜିଲ୍ଲାରେ ୨୨ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ଛତିଶଗଡ଼ ପୋଲିସ ପକ୍ଷରୁ କୁହାଯାଇଛି ଯେ ଏବେ ବି ସମୟ ଅଛି, ମାଓ ସଂଗଠନ ଛାଡ଼ି ମୁଖ୍ୟ ସ୍ରୋତରେ ସାମିଲ ହୋଇ ବାକି ଜୀବନ ସୁଖରେ କାଟ, ନହେଲେ ଜୀବନ ଗୁଳିରେ ହିଁ ଚାଲିଯିବ। ଗତ ୨୦ ତାରିଖରେ ବିଜାପୁରରେ ସୁରକ୍ଷାକର୍ମୀ ୨୬ ମାଓବାଦୀଙ୍କୁ ସଫା କରିବା ପରେ ମାଓ ସଂଗଠନରେ କମ୍ପନ ସୃଷ୍ଟି ହୋଇଛି। ତେଣୁ ବହୁ ମାଓବାଦୀ ମୃତ୍ୟୁକୁ ଭୟ କରିବା ସହ ସଙ୍ଗଠନକୁ ଛାଡ଼ିବା ପାଇଁ ଆଗେଇ ଆସୁଥିବା ଦେଖିବାକୁ ମିଳୁଛି। ନକ୍ସଲ ସଂଗଠନରେ ନିର୍ଯାତନା ଓ ପୋଲିସର ଘନଘନ ଚଢାଉ ଅନ୍ୟ ନକ୍ସଲମାନଙ୍କୁ ଭୟଭୀତ କରି ପକାଇଛି। ଫଳରେ ଆନ୍ଧ୍ର-ଓଡ଼ିଶା ବର୍ଡର ଡିଭିଜନ ଏବଂ ତେଲଙ୍ଗାନା ଷ୍ଟେଟ ଏରିଆ କମିଟିର ୨୨ ନକ୍ସଲ ଆଇଜିଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଯେଉଁ ଘୋଷଣା କରିଥିଲେ ସେଥିରେ ଧିରେ ଧିରେ ସଫଳତା ଦେଖିବାକୁ ମିଳୁଛି। ଆତ୍ମସମର୍ପଣ କରିଥିବା ସମସ୍ତ ନକ୍ସଲଙ୍କୁ ପ୍ରଶାସନ ୨୫ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିବା ସହ ସେମାନଙ୍କୁ ଆତ୍ମନିର୍ଭରଶୀଳ କରାଯିବ ବୋଲି ଦୃଢୋକ୍ତି ବାଢିଛନ୍ତି। ସୂଚନାଯୋଗ୍ୟ ଯେ ଗତ ୨୦ ତାରିଖରେ ଛତିଶଗଡ଼ରେ • ପୃଷ୍ଠା ୫ ଦେଖନ୍ତୁ

## ଆଜି ଓଡ଼ିଶା ଆସୁଛନ୍ତି ରାଷ୍ଟ୍ରପତି

### ସୁରକ୍ଷା କଡ଼ାକଡ଼ି, ୧୨ ପ୍ଲାଟୁନ ଫୋର୍ସ ମୁତୟନ



ଭୁବନେଶ୍ୱର, ୨୩।୩(ଭାସ୍କର ନ୍ୟୁଜ): ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ଓଡ଼ିଶା ଗସ୍ତରେ ଆସୁଛନ୍ତି। ସେ ସୋମବାର ଅପରାହ୍ନ ସାଢେ ୧ଟାରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବେ। ସେଠାରୁ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ କର୍ଣ୍ଣିଲୋ ନୀଳମାଧବ ମନ୍ଦିର ଯିବେ। ସେଠାରେ ପୂଜାର୍ଚ୍ଚନା କରିବା ପରେ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗ ଦେବାର ସ୍ଥିର ହୋଇଛି। ଏପରିକି ସେଠାରୁ ଫେରି ରାଷ୍ଟ୍ରପତି ଜଗନ୍ନାଥ ସଂସ୍କୃତିର ମୂଳପୀଠ ଭାପୁର ବ୍ଲକ ଅଧୀନ କାଳିଆପଲ୍ଲୀ ଜଙ୍ଗଲ ମଧ୍ୟରେ • ପୃଷ୍ଠା ୫ ଦେଖନ୍ତୁ



ରାଜ୍ୟ ଅତିଥିଭବନଠାରେ କେନ୍ଦ୍ର ଗୃହନିର୍ମାଣ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହରଲାଲ ଖଟ୍ଟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସାକ୍ଷାତ କରୁଛନ୍ତି।

## ସଂକ୍ଷେପରେ...

### ୨୬ରେ ଶପଥ ନେବେ ମୁଖ୍ୟ ବିଚାରପତି



କଟକ, ୨୩।୩(ଭାସ୍କର ନ୍ୟୁଜ): ଓଡ଼ିଶା ହାଇକୋର୍ଟର ନୂତନ ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ ହରିଶ ଟଣ୍ଡନ ଆସନ୍ତା ୨୬ ତାରିଖ ବୁଧବାର ଶପଥଗ୍ରହଣ କରିବେ। ହାଇକୋର୍ଟ ପରିସରରେ ସେହିଦିନ ପୂର୍ବାହ୍ନ ୧୦ଟାରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ତାଙ୍କୁ ପଦ ଓ ଗୋପନୀୟତାର ଶପଥ ଦେବେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ମନ୍ତ୍ରୀ, ହାଇକୋର୍ଟର ବିଚାରପତି, ବିଚାର ବିଭାଗୀୟ ଅଧିକାରୀ ଓ ଆଇନଜୀବୀମାନେ ଯୋଗଦେବେ। ଗତ ଶୁକ୍ରବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ନିଯୁକ୍ତି ଉପରେ ମୋହର ଲଗାଇଥିଲେ।

### ହାଇୱା ମାଡ଼ିଯାଇ ୩ ମୃତ

କୋଇଡା, ୨୩।୩(ଭାସ୍କର ନ୍ୟୁଜ): କେ.ବଲାଙ୍ଗ ଥାନା ଅନ୍ତର୍ଗତ ଜାମୁଡିହି ଟୋଲଗେଟ୍ ନିକଟରେ ଥିବା ଏକ ଚା' ଦୋକାନକୁ ଭାରସାମ୍ୟ ହରାଇ ଏକ ହାଇୱା ମାଡ଼ିଯିବା ଫଳରେ ୩ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ମହିଳା ରହିଛନ୍ତି। ଏହି ଘଟଣା ପରେ ସେଠାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ପୋଲିସ ତଦନ୍ତ ଆରମ୍ଭ କରିଛି।


### ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ,୪ ମୃତ

ବାହାଦୁରଗଡ଼, ୨୩।୩: ହରିଆଣାର ବାହାଦୁରଗଡ଼ରେ ଥିବା ଏକ ଘରେ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ଘଟି ପରିବାରର ୪ ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି।

ସେନ୍‌ସେକ୍ସ: ୭୬,୯୦୫.୫୧
ସର୍ବାଧିକ: ୩୦.୨ ଡିଗ୍ରୀ
ସର୍ବନିମ୍ନ: ୨୨.୮ ଡିଗ୍ରୀ

### ୨୩।୩।୨୦୨୫ ର ମତାମତ

ନବ ଦାସଙ୍କ ରୋଷେୟା ହତ୍ୟାର ମୁଖ୍ୟସାକ୍ଷୀର ଦୁର୍ଘଟଣା ଷଡ଼ଯନ୍ତ୍ର କି?




### ଆଜିର ପ୍ରସଙ୍ଗ

କାଳବୈଶାଖୀ କ୍ଷତିଗ୍ରସ୍ତ ପୀଡ଼ିତଙ୍କୁ ତ୍ୱରିତ ସହାୟତା ଜରୁରି ନୁହେଁ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## ମହାନଦୀ ଜଳବିବାଦ ପ୍ରସଙ୍ଗ

# ଯାହା କରିବ ଆମ ସରକାର: ଆଇନମନ୍ତ୍ରୀ



ଭୁବନେଶ୍ୱର, ୨୩।୩(ଭାସ୍କର ନ୍ୟୁଜ): ମହାନଦୀ ଜଳକୁ ନେଇ ବିବାଦ ତୀବ୍ର ହେବାରେ ଲାଗିଛି। ଶନିବାର ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିବା ପରେ ମହାନଦୀ ବିବାଦର ସମାଧାନ ହେବ ବୋଲି ଆଶା ଉଜ୍ଜ୍ୱଳ ହୋଇ ଉଠିଛି। ତେବେ ଏସବୁ ଭିତରେ ଏହାକୁ ନେଇ ରାଜନୀତି ମଧ୍ୟ ଜୋର ଧରିଛି। ଏହି ପ୍ରସଙ୍ଗରେ ରବିବାର ରାଜ୍ୟ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଜେଡି ଉପରେ ପ୍ରବଳ ବର୍ଷିଛନ୍ତି। ସେ କହିଛନ୍ତି, ବିଜେଡିର ଜ୍ଞାନ ଆମକୁ ଦରକାର ନାହିଁ। ଏହି ପ୍ରସଙ୍ଗରେ ଯାହା କରିବେ ଆମ ସରକାର କରିବେ। ୨୦୧୬ରେ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ଦୁଇଥର ଆଲୋଚନା ପାଇଁ ଡାକିଥିଲେ। ତେବେ ବିଜେଡି ସରକାର ଗୋଟିଏ ଥର ଯାଇଥିବାବେଳେ ଆଉଥରେ ଅନୁପସ୍ଥିତ ରହିଲେ। ବିଜେଡି ଆଜି ଯେଉଁଳି ଭାବେ ମହାନଦୀକୁ ନେଇ ଉଚ୍ଚ ସ୍ୱରରେ ଚିତ୍କାର କରୁଛି, ସେତେବେଳେ କେଉଁଠି ଥିଲେ ବୋଲି ପ୍ରଶ୍ନ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ତିନୋଟି ସ୍ଥାନରେ ବିଜେପି ସରକାର । ହେଲେ ମହାନଦୀ ବିବାଦ ଟ୍ରିବ୍ୟୁନାଲର ବିଚାରାଧୀନ ରହିଛି। ଏହାସତ୍ତ୍ୱେ ବି ରାଜ୍ୟ ସରକାର ମହାନଦୀ ବିବାଦର ସମାଧାନ ପାଇଁ ପ୍ରୟାସ ଜାରି ରଖିଛନ୍ତି। ଏପରିକି ବିଜେଡି ସରକାରବେଳେ ଏହି ବିବାଦର ସମାଧାନ ପାଇଁ କେନ୍ଦ୍ର ସରକାରଙ୍କ ମଧ୍ୟସ୍ଥତା ପ୍ରସ୍ତାବକୁ ଅଗ୍ରାହ୍ୟ କରି • ପୃଷ୍ଠା ୫ ଦେଖନ୍ତୁ

## ଝାରସୁଗୁଡ଼ା ଛାଡ଼ିଲା କ୍ରାଇମବ୍ରାଞ୍ଚ ଟିମ୍

# ୫ ଦିନରେ ୧୫ଜଣଙ୍କ ବୟାନ ରେକର୍ଡ

ଝାରସୁଗୁଡ଼ା/କଟକ, ୨୩।୩(ଭାସ୍କର ନ୍ୟୁଜ): ଝାରସୁଗୁଡ଼ାରେ ୫ ଦିନର ତନାଘନା ପରେ ଝାରସୁଗୁଡ଼ା ଛାଡ଼ିଲା କ୍ରାଇମବ୍ରାଞ୍ଚର ୨ଜଣିଆ ଟିମ୍ । ୫ ଦିନର ତନାଘନା ମଧ୍ୟରେ ୧୫ରୁ ଅଧିକ ବ୍ୟକ୍ତିଙ୍କ ବୟାନ ରେକର୍ଡ କରାଯାଇଥିବା ସୂଚନା ଦେଇଛନ୍ତି ତଦନ୍ତକାରୀ ଅଧିକାରୀ। କ୍ରାଇମବ୍ରାଞ୍ଚ ତଦନ୍ତ ସମୟରେ ଅନେକ ତଥ୍ୟ ମଧ୍ୟ ହାସଲ କରିଥିବା ସୂଚନା ମିଳିଛି। ମିଳିଥିବା ସମସ୍ତ ତଥ୍ୟ କୋର୍ଟରେ ଉପସ୍ଥାପନ କରାଯିବ ବୋଲି କ୍ରାଇମବ୍ରାଞ୍ଚର ଅତିରିକ୍ତ ଏସ୍‌ପି ବିଜୟ ମଲ୍ଲିକ ସୂଚନା ଦେଇଛନ୍ତି। ସେ କହିଛନ୍ତି, ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ତଦନ୍ତରେ କ୍ରାଇମବ୍ରାଞ୍ଚ ସନ୍ତୁଷ୍ଟ ହୋଇଥିବାବେଳେ ଆଗକୁ ଯଦି ଆବଶ୍ୟକ ପଡ଼େ ତେବେ ପୁଣିଥରେ କ୍ରାଇମବ୍ରାଞ୍ଚ ଟିମ୍ ଝାରସୁଗୁଡ଼ା ଆସିବ ବୋଲି ସେ ସୂଚନା ଦେଇଥିଲେ। ପୂର୍ବତନ ମନ୍ତ୍ରୀ ନବ କିଶୋର ଦାସଙ୍କ ହତ୍ୟା ମାମଲାରେ ତଦନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ କରିଥିଲା କ୍ରାଇମବ୍ରାଞ୍ଚ। ଶନିବାର ପଞ୍ଚମ ଦିନରେ ହତ୍ୟାକାଣ୍ଡର ଦୁଇ ପ୍ରତ୍ୟକ୍ଷଦର୍ଶୀ ସରୋଜ ସା ଏବଂ ବ୍ରଜରାଜନଗର ଅଞ୍ଚଳର ଜୀବନ ନାୟକଙ୍କୁ ଜେରା କରି ତଥ୍ୟ ହାସଲ କରିଥିଲା। ଶନିବାର ସକାଳେ ତଦନ୍ତକାରୀ ଅଧିକାରୀ ବ୍ରଜରାଜନଗର ଥାନାରେ ପହଞ୍ଚିଥିଲେ। ପୂର୍ବରୁ ସେଠାରେ ଉପସ୍ଥିତ ଥିବା ସରୋଜଙ୍କୁ

### ନବ ଦାସ ହତ୍ୟା ମାମଲା

ପଚରାଉଚୁରା କରାଯାଇଥିଲା। ଝାରସୁଗୁଡ଼ା ଗାନ୍ଧୀ ଛକରେ ସରୋଜ ନବ ଦାସଙ୍କୁ ଗୁଳି କରାଯିବା ସମୟରେ ତାଙ୍କ ସାମ୍ନାରେ ରହିଥିଲେ। ନବ ବାବୁ କାର୍‌ରୁ ଓହ୍ଲାଇବା ପରେ ପ୍ରଥମ ଫୁଲମାଳ ତାଙ୍କ ଗଳାରେ ସରୋଜ ପକାଇଥିଲେ। ଠିକ୍ ସେତିକିବେଳେ ସାମ୍ନାପଟୁ ଆସି ନବ ବାବୁଙ୍କୁ ନିକଟରୁ ପୋଲିସ ଏଏସ୍‌ଆଇ ଗୋପାଳ ଦାସ ଗୁଳି କରିଥିଲେ । ପୋଲିସ ଗୁଳିରେ ନବ ବାବୁ ଆହତ ହେବା ପରେ ଉପସ୍ଥିତ ଲୋକ ଓ ସମର୍ଥକ ଉତ୍ତେଜିତ ହୋଇ ପଡ଼ିଥିଲେ। ସେହି ସମୟରେ ବ୍ରଜରାଜନଗରର ତତ୍କାଳୀନ ଆଇଆଇସି ପ୍ରଦ୍ୟୁମ୍ନ ସ୍ୱାଇଁ ବନ୍ଧୁକ କ୍ୟାପ୍ ଖୋଲାଥିବା ଦେଖି ଛଡ଼ାଇ ନେଇଥିଲେ। ପୋଲିସ ବନ୍ଧୁକରୁ ନବ ଦାସଙ୍କୁ ଗୁଳି କରାଯାଇଥିଲା। ଆଇଆଇସିଙ୍କ ବନ୍ଧୁକ ଛଡ଼ାଇ ନେଇ ଆଉ କାହାରିକୁ ଗୁଳି ନ କରନ୍ତୁ ଏଭଳି ଆଶଙ୍କା ଓ ଭୟରେ ବନ୍ଧୁକ ଛଡ଼ାଇ ନେଇଥିବା ସରୋଜ କହିଥିଲେ। ଅନୁରୂପ ଭାବେ ଘଟଣାସ୍ଥଳରେ ଉପସ୍ଥିତ ଜୀବନଙ୍କୁ ମଧ୍ୟ ଜେରା କରାଯାଇଥିଲା। ସେ ମଧ୍ୟ ପୂର୍ବ ବୟାନ ଦୋହରାଇଥିଲେ। ଅଭିଯୁକ୍ତ ନବଙ୍କୁ ଗୁଳି ଚଳାଇବାବେଳେ ଜୀବନଙ୍କ ବେକକୁ ଛୁଇଁ ଗୁଳିଟି ନବଙ୍କ ଶରୀରକୁ ଭେଦ କରିଥିଲା। ତେବେ ଜୀବନଙ୍କ ବେକରେ ମଧ୍ୟ ଆଘାତ ଲାଗିଥିବାରୁ ତାଙ୍କୁ ସେତେବେଳେ ବୁର୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସ୍ୱର୍ଗତଃ ଦାସଙ୍କ ହତ୍ୟା ମାମଲାକୁ ନେଇ ଏବେ ରାଜନୀତି ଜୋର ଧରିଛି। ରାଜ୍ୟ ସରକାର ଏହି ଘଟଣାର ସାନି ତଦନ୍ତ ନିର୍ଦ୍ଦେଶ ଦେବାପରେ କ୍ରାଇମବ୍ରାଞ୍ଚ ଟିମ୍ ପୁଣିଥରେ ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ସ୍ୱର୍ଗତଃ ଦାସଙ୍କ ପତ୍ନୀ ମିନତୀ ଦାସ ଓ ତାଙ୍କ ପୁଅ ବିଶାଳ ଦାସ ଓ ଝିଅ ଦୀପାଳି ଦାସ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ସିବିଆଇ ତଦନ୍ତ ପାଇଁ ପତ୍ର ଦେଇଛନ୍ତି। ତେବେ କ୍ରାଇମବ୍ରାଞ୍ଚ ତଦନ୍ତରୁ କି ମିଳୁଛି, ତାକୁ ହିଁ ଅପେକ୍ଷା।

## କୋଣାର୍କକୁ ଦେଇଥିଲେ ପରିଚୟ

# ଏବେ ଭଙ୍ଗାଘରେ ବିଶୁ ମହାରଣାଙ୍କ ଦାୟାଦ

କୋଣାର୍କ, ୨୩।୩(ଭାସ୍କର ନ୍ୟୁଜ): ପଲିଥିନ ତଳେ କୋଣାର୍କ ନିର୍ମାତାଙ୍କ ଦାୟାଦ। କୋଣାର୍କର ପରିଚୟ ସୃଷ୍ଟି କରିଥିବା ସ୍ରଷ୍ଟା ବିଶୁ ମହାରଣାଙ୍କ ଦାୟାଦ ଏବେ ଖୋଜୁଛନ୍ତି ନିଜ ପରିଚୟ। କୋଣାର୍କ ଆଜି ଲକ୍ଷାଧିକ ପରିବାରକୁ ଦାନା ଯୋଗାଉଥିବାବେଳେ କୋଣାର୍କ ଗଢିଥିବା ବିଶୁ ମହାରଣାଙ୍କ ଦାୟାଦ ପେଟପାଇଁ ବାରଦୁଆର ଶୁଣ୍ଠିପିଣ୍ଡା ହେଉଛନ୍ତି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କୋଣାର୍କ ମନ୍ଦିରର ଐତିହ୍ୟ, ପରମ୍ପରା ଓ ବିରଳ କୀର୍ତ୍ତିରାଜି ଆଜି ବିଶ୍ୱ ଦରବାରରେ ଓଡ଼ିଶାକୁ ଗୌରବାନ୍ୱିତ କରିଛି। ଏଥିପାଇଁ କୋଣାର୍କକୁ ଛୁଟି ଆସନ୍ତି କୋଟି କୋଟି ପର୍ଯ୍ୟଟକ। ହେଲେ ଯେଉଁ କାରିଗରୀ ତଥା ନିର୍ମାଣ ଶୈଳୀକୁ ନେଇ ଓଡ଼ିଶା ଗର୍ବ କରେ ସେହି କାରିଗରଙ୍କ ଦାୟାଦ ଆଜି କେମିତି ଅଛନ୍ତି, କେଉଁ ପରିସ୍ଥିତି ଦେଇ ଗତି କରୁଛନ୍ତି ଓଡ଼ିଶାର ପରିଚୟ ସୃଷ୍ଟି କରିଥିବା ଏହି କାରିଗର ପରିବାର ଆଜି ନିଜ ପରିଚୟ ଖୋଜିବାରେ ବ୍ୟସ୍ତ ରହିଛନ୍ତି। ତ୍ରୟୋଦଶ ଶତାବ୍ଦୀରେ ଲାଙ୍ଗୁଡ଼ା ନରସିଂହ ଦେବଙ୍କ ଦ୍ୱାରା ନିର୍ମିତ କୋଣାର୍କ ମନ୍ଦିର ନିର୍ମାଣ କାର୍ଯ୍ୟରେ ଲାଗିଥିଲେ ବାରଶହ କାରିଗର। ସେମାନଙ୍କ ନେତୃତ୍ୱ ନେଇଥିଲେ ବିଶୁ ମହାରଣା। ବିଶୁ ମହାରଣା ଓ ତାଙ୍କ ପୁଅ ଧର୍ମପଦଙ୍କ କଥା ଆଜି ବି ଇତିହାସ ମନେ ପକାଉଛି। କିନ୍ତୁ ଯେଉଁମାନେ ନିଜର ସର୍ବସ୍ୱ ହରାଇ କୋଣାର୍କକୁ ବିଶ୍ୱ ଦରବାରରେ ପରିଚିତି ଆଣି ଦେଇଥିଲେ, ସେହି ପରିବାର ଏବେ ପୁରୀଜିଲ୍ଲା ଗୋପ ବ୍ଲକ ଓରେଇ ଗାଁରେ ଭଙ୍ଗା ଦଦରା ଘରେ ଅଭାବ ଅନଟନ ସହ ଦାରିଦ୍ର୍ୟର କଷାଘାତରେ ପେଷି ହେଉଛନ୍ତି। ବିଶୁ ମହାରଣାଙ୍କ ଦାୟାଦ କୃଷ୍ଣଚନ୍ଦ୍ର ମହାରଣା ଓ ଜୟନ୍ତ ମହାରଣା ଚିରା ପଲିଥିନ ତଳେ ମୁଣ୍ଡ ଗୁଞ୍ଜିଛନ୍ତି। ଘରର କାନ୍ଥ ଭାଙ୍ଗିଯାଇଛି। ପରିଣତ ବୟସରେ ବି ନିହାଣ ଧରି କାମ ନକଲେ ପରିବାର ଉପାସ। କୃଷ୍ଣଚନ୍ଦ୍ରଙ୍କ ଦୁଇପୁଅ ମାନସିକ ବିକାରଗ୍ରସ୍ତ ହୋଇ କେଉଁଆଡ଼େ ଚାଲି ଯାଇଥିବାବେଳେ ଜୟନ୍ତ ରୋଗଗ୍ରସ୍ତ। ଏ ଓଳି ଖାଇଲେ ଆରଓଳିକୁ ଉପାସ। ତେଣୁ ପରିବାରର ୪ ଝିଅଙ୍କ ବିବାହ କିପରି କରିବେ ସେହି ତାଡ଼ନାରେ ଘାଣ୍ଟି ହେଉଛନ୍ତି। ତେବେ ସରକାରଙ୍କ ଶୁଭଦୃଷ୍ଟି କେବେ ଏହି ପରିବାର ଉପରେ ପଡ଼ିବ ତା ଉପରେ ନଜର।

## ମୟୂରଭଞ୍ଜରେ କାଳବୈଶାଖୀ କ୍ଷୟକ୍ଷତି ଆକଳନ କଲେ ରାଜସ୍ୱମନ୍ତ୍ରୀ

# ଖୁବ୍‌ଶୀଘ୍ର କ୍ଷୟକ୍ଷତି ସହାୟତା



ବାରିପଦା, ୨୩।୩(ଭାସ୍କର ନ୍ୟୁଜ): କାଳବୈଶାଖୀ ବର୍ଷାରେ ମୟୂରଭଞ୍ଜ ଜିଲ୍ଲାରେ ବ୍ୟାପକ କ୍ଷତି ଘଟିଛି। କୁଆପଥର ଝଡ଼ ଯୋଗୁ ଘରଦ୍ୱାର ଭାଙ୍ଗିବା ସହ ବ୍ୟାପକ ଫସଲହାନି ଘଟିଛି। ତେବେ ରବିବାର ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ କ୍ଷତିଗ୍ରସ୍ତ ଅଞ୍ଚଳ ବାଙ୍ଗିରିପୋଷିର ମହୁଲବାରେଣି, ସାରସପୋଷି ଆଦି ଅଞ୍ଚଳ ବୁଲି

### ରାଜସ୍ୱମନ୍ତ୍ରୀଙ୍କ ଗାଡ଼ିକୁ ପଥର ମାଡ଼

କ୍ଷୟକ୍ଷତି ଅନୁଧ୍ୟାନ କରିଛନ୍ତି। ତାଙ୍କ ସହ ନଗର ଉନ୍ନୟନମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ବି ସାମିଲ ହୋଇଥିଲେ। ପ୍ରାଥମିକ ଆକଳନ ଅନୁସାରେ ଜିଲ୍ଲାର ବାଙ୍ଗିରିପୋଷି, ବିଶୋଇ, କୁଳିଅଣା, ସାରସକଣା ଓ କରଞ୍ଜିଆ ବ୍ଲକର ମୋଟ ୧୯ଟି ଗ୍ରାମ ପଞ୍ଚାୟତର ୪୭ଟି ଗ୍ରାମର ୪୭୭୫ ଲୋକ କ୍ଷତିଗ୍ରସ୍ତ • ପୃଷ୍ଠା ୫ ଦେଖନ୍ତୁ

## ୨୭ରେ ବିଧାନସଭା ଘେରିବ କଂଗ୍ରେସ



ଭୁବନେଶ୍ୱର, ୨୩।୩(ଭାସ୍କର ନ୍ୟୁଜ): ରାଜ୍ୟରେ ଏବଂ କେନ୍ଦ୍ରରେ ବିଜେପି ସରକାର ଗଠନ କରିବା ପରେ ମହିଳା ମାନଙ୍କ ପ୍ରତି ବିଭିନ୍ନ ପ୍ରକାର ଅତ୍ୟାଚାର ବଢ଼ି ଚାଲିଛି। ରାଜ୍ୟରେ ମହିଳାଙ୍କ ସୁରକ୍ଷା ଏବଂ ନ୍ୟାୟ ଦାବିରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପିସିସି ସଭାପତି ଭକ୍ତ ଚରଣ ଦାସ ଙ୍କ ନିଷ୍ପତ୍ତି କ୍ରମେ ଏବଂ ନିର୍ଦ୍ଦେଶରେ ଗତ ୧୦ ତାରିଖ ଦିନ ସମସ୍ତ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କରିବା ସହିତ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ବିଧାନସଭାରେ ଏହାକୁ ଉପସ୍ଥାପନ କରିବା ସହ ଏକ କମିଟି ଗଠନ କରି ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ପାଇଁ କଂଗ୍ରେସ ବିଧାୟକ ମାନେ ଦାବି କରିଥିଲେ। ଏହାକୁ ବିରୋଧ କରି ବିଜେପି ବିଧାୟକ ମାନଙ୍କ ମଧ୍ୟରୁ ବିଧାନସଭାରେ କିଏ ଅଶାଳୀନ ଭାଷା କହୁଥିଲେ ତ ଆଉ କିଏ ବରିଷ୍ଠ କଂଗ୍ରେସ ବିଧାୟକଙ୍କ କଲର ଧରି ଠେଲା ପେଲା କରି ଧକ୍କା ମାରିଥିଲେ। ମାନ୍ୟବର ବାଚସ୍ପତି ବିଜେପି ବିଧାୟକଙ୍କୁ ନିଲମ୍ବନ ନ କରି ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନିପତିଙ୍କୁ ନିଲମ୍ବନ କରିବା କେତେ ଯଥାର୍ଥ ଏବଂ କେତେ ନ୍ୟାୟ ସଙ୍ଗତ ବୋଲି ଆଜି କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ଡ଼ ଦେବାଶିଷ ପଟ୍ଟନାୟକ ସବିଶେଷ ତଥା ଉପସ୍ଥାପନ କରିଛନ୍ତି। ଡ଼ ପଟ୍ଟନାୟକ କହିଛନ୍ତି ରାଜ୍ୟରେ • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

### ଅର୍ଚ୍ଚିତ ଅନିର୍ବାଣ



କାଳ ବଇଶାଖୀ କାଳ ପାଲଟିଲା
ଭାଙ୍ଗିଦେଲା ଚାଷୀ ହାଡ଼
ଚାଷ ଜମିଟାକୁ ଛିନଛତ୍ର କଲା
କୁଆପଥରର ମାଡ଼
କେତେ ହେବ ହଡବଡ଼
ସହାୟତା ପାଇଁ ଅନେଇ ଅନେଇ
ଧୈର୍ଯ୍ୟ ଭାଙ୍ଗେ ବନ୍ଧବାଡ଼...।

ଓଡ଼ିଶା ଭାସ୍କର
ରାଜ୍ୟ ଖବର



କଣାସ (ଭାସ୍କର ନ୍ୟୁଜ୍): କଣାସ ବ୍ଲକର ବେଣୀଗାଁ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆମ ସଂସ୍କୃତି ଆମ ଖେଳନା ତଥା ବିଦ୍ୟାଳୟ ଉତ୍ସବ ଆଜି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଆମ ସଂସ୍କୃତି ଆମ ଖେଳନା ପରମ୍ପରା ସଂପର୍କରେ ଅତିଥିମାନେ ପିଲାମାନଙ୍କୁ ବିଶେଷ ଧାରଣା ଦେଇଥିଲେ । ସମସ୍ତ ଛାତ୍ରଛାତ୍ରୀ ସମୟାନୁବର୍ତ୍ତୀ, ଧୈର୍ଯ୍ୟଶୀଳ ଓ ସତ୍ୟବାଦୀ ହେବାକୁ ପରାମର୍ଶ ଦେଇଥିଲେ । ଭଲମଣିଷ ହେବା ପାଇଁ ସତ୍ୟ, ଶାନ୍ତି, ଦୟା, କ୍ଷମା ଆଦି ଗୁଣରେ ଭୂଷିତ ହେବାକୁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବଟକୃଷ୍ଣ ମଙ୍ଗରାଜ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ମିନକେତନ ସାମନ୍ତରାୟ, ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଶାନ୍ତଚନ୍ଦ୍ର ବାରିକ, ବିଦ୍ୟାଳୟ ପୂର୍ବତନ ପ୍ରଧାନଶିକ୍ଷକ ଦନାର୍ଦ୍ଦନ ବେହେରା, ସମାଜସେବୀ ଲିଙ୍ଗରାଜ ବେହେରା, ଶିକ୍ଷକ ନେତା ଭାଗିରଥି ମହାପାତ୍ର, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ନଗେନ୍ଦ୍ରନାଥ ସ୍ୱାଇଁ, ଆଟଲାକ ସାଧନକେନ୍ଦ୍ର ସଂଯୋଜକ ସର୍ବେଶ୍ୱର ଦାସ, ତଥା ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟା ଉପସ୍ଥିତ ଥିଲେ । ସର୍ବଶେଷରେ ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ପୂର୍ଣ୍ଣସହଯୋଗ କରିଥିଲେ ।



# ବଜ୍ରପାତ ସାଜିଲା କାଳ

## ମଇଁଷି ମୃତ, ଗୋପାଳକ ଆହତ



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍): ଶନିବାର ପୂର୍ବାହ୍ନ ୧୦ଘଟିକାରୁ ଘଟିଥିବା କାଳବୈଶାଖୀ ପ୍ରଭାବରେ ବଜ୍ରପାତ ଫଳରେ ଅକାଳରେ ଏକ ଦୁଧିଆଳୀ ମଇଁଷିର ମୃତ୍ୟୁ ସହ ମଇଁଷି ଚରାଳି ଆହତ ହୋଇଛନ୍ତି । ସୂଚନା ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଶନିବାର ଦିନ ବର୍ଷା, ପବନ ସାଙ୍ଗକୁ ବିଜୁଳି ଘଡଘଡି ହୋଇଥିଲା । ସ୍ଥାନୀୟ ଅଞ୍ଚଳରେ ପ୍ରବଳ ବର୍ଷା ଦିନ ତମାମ ଜାରି ରହିଥିଲା । ଅସ୍ତରଙ୍ଗ ବ୍ଲକ ଝାଡଲିଙ୍ଗ ପଂଚାୟତର ପ୍ରଦୀପ୍ତ ବେହେରା ମଇଁଷିମାନଙ୍କୁ ନେଇ ଚରାଇବାକୁ ମଧ୍ୟପୁର ନିକଟସ୍ଥ ଗଙ୍ଗାଦେବୀ ସନ୍ନିକଟରେ ମଇଁଷି ଚରାଇ ଫେରୁଥିବା ବେଳେ ହଠାତ ବଜ୍ରପାତ ଫଳରେ ଘଟଣାସ୍ଥଳରେ ପଡ଼ି ଏକ ଦୁଧିଆଳି ମଇଁଷି ର ମୃତ୍ୟୁସହ ଚରାଳି ପ୍ରଦୀପ୍ତ ବେହେରା ଆହତ ହୋଇଛନ୍ତି । ଏହା ସହ ମଧ୍ୟପୁର ସ୍ଥିତ କଳ୍ପନା ବେହେରାଙ୍କ ଛାତ ଉପରେ ବଜ୍ରପାତ ପଡ଼ି ଛାତର କିଛି ଅଂଶ ଫାଟିଯାଇଛି ।

# ପ୍ରଶାସନିକ ଦାୟିତ୍ୱହୀନତା ଯୋଗୁ ବିପଦସଙ୍କୁଳ ଗୃହରେ ଚାଲିଛି ଶିକ୍ଷାଦାନ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍): ବିଦ୍ୟାଳୟ ପ୍ରତି ଛାତ୍ର ଛାତ୍ରୀଙ୍କୁ ଆକୃଷ୍ଟ କରାଇବା ଓ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି କରିବା ନିମନ୍ତେ ସରକାର ସମଗ୍ର ଶିକ୍ଷା ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଏଥିନିମନ୍ତେ ଛାତ୍ରଛାତ୍ରୀଙ୍କୁ ମାଗଣାରେ ପାଠ୍ୟ ପୁସ୍ତକ, ପୋଷାକ, ମଧ୍ୟାହ୍ନ ଭୋଜନ ଯୋଗାଇ ଦେଉଛନ୍ତି । ବିଦ୍ୟାଳୟ ଗୃହକୁ ସର୍ବାଙ୍ଗ ସୁନ୍ଦର ରୂପେ ଗଢିତୋଳିବା ପାଇଁ ଲକ୍ଷ ଲକ୍ଷ ଟଙ୍କାର ସରକାରୀ ଅନୁଦାନ ଯୋଗାଇ ଦିଆଯାଉଛି । ତେବେ ନିଶ୍ଚିନ୍ତକୋଇଲି ବ୍ଲକ ସର୍ବୋପରି ଶିକ୍ଷାବିଭାଗର ଦାୟିତ୍ୱ ହୀନତା ଓ କର୍ତ୍ତବ୍ୟରେ ଚରମ ଅବହେଳା କାରଣରୁ ସରକାରୀ ଉର୍ଦ୍ଧ୍ୱ ପ୍ରାଥମିକ ବିଦ୍ୟାଳୟ ବାହାଳକପୁରର ଅବସ୍ଥା ଶୋଚନୀୟ ହୋଇପଡିଥିବାର ଅଭିଯୋଗ ହୋଇଛି । ଏହି ବିଦ୍ୟାଳୟଟି ଏକ ବିପଦ ସଙ୍କୁଳ ଗୃହରେ ଚାଲିଥିବାର ଅଭିଯୋଗ ହୋଇଛି । ଏହି ବିଦ୍ୟାଳୟର ନୂତନ ଗୃହ ନିର୍ମାଣ ନିମନ୍ତେ ବାରମ୍ବାର ଦାବି ହୋଇଆସୁଥିଲେ ମଧ୍ୟ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ହେତୁ ବିଦ୍ୟାଳୟର ନୂତନ ଗୃହ ନିର୍ମାଣ ନେଇ ଅଭିଭାବକ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଉଛି । ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନର ଅନତି ଦୂରରେ ଜିଗ୍ନିପୁର ଗ୍ରାମପଂଚାୟତ ଅଧିନରେ ବାହାଳକପୁର ସରକାରୀ ଉର୍ଦ୍ଧ୍ୱ ପ୍ରାଥମିକ ବିଦ୍ୟାଳୟ ରହିଛି । ଏହି ବିଦ୍ୟାଳୟଟି ଗତ ୧୯୦୦ ମସିହାରେ ସ୍ଥାପନ କରାଯାଇଥିଲା । ୧୨୫ବର୍ଷର ଏହି ପୁରାତନ ବିଦ୍ୟାଳୟରେ ପ୍ରଥମରୁ ୫ମ ପର୍ଯ୍ୟନ୍ତ ୫ଟି ଶ୍ରେଣୀ ରହିଛି । ୫ଟି ଶ୍ରେଣୀରେ ୬୪ଟି ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି । ତେବେ ଏହି ବ୍ଲକରେ ଥିବା ବହୁ ବିଦ୍ୟାଳୟର ଗୃହ ନିର୍ମାଣ ନିମନ୍ତେ ଅନୁଦାନ ଉପରେ ଅନୁଦାନ ଯୋଗାଇ ଦିଆଯାଉଥିବାର ନଜିର ରହିଛି ।ମାତ୍ର ରାଜନୈତିକ ଇଚ୍ଛାଶକ୍ତିର ଅଭାବ ହେତୁ ଏହି ବିଦ୍ୟାଳୟର ନୂତନ ଶ୍ରେଣୀ ଗୃହ ଏପର୍ଯ୍ୟନ୍ତ ନିର୍ମାଣ କରାଯାଇ ପାରୁନଥିବାର ଅଭିଯୋଗ ହୋଇଛି । ଏହି ବିଦ୍ୟାଳୟ ଗୃହର କାନ୍ଥ ଫାଟି ଆଁ କରିଛି । ଟିଣ ଆଜବେଷ୍ଟ ଗୁଡିକ ଫୁଟିଯାଇଛି । ଟିକିଏ ବର୍ଷା ହେଲେ ଶ୍ରେଣୀ କକ୍ଷରେ ପାଣି ଲହଡି ଖେଳୁଛି । ଫଳରେ ବର୍ଷା ଦିନେ ଛାତ୍ରଛାତ୍ରୀଙ୍କୁ ପାଠ ପଢାଇବା ଓ ବିଦ୍ୟାଳୟର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସଜାଡି ରଖିବା କାଠିକରପାଠ ହୋଇପଡିଛି । ଏପରିକି ଗ୍ରୀଷ୍ମ ଋତୁରେ ଅସହ୍ୟ ଗରମ ହେତୁ ଛାତ୍ର ଛାତ୍ରୀମାନେ ସକାଳ ୯ଟା ସୁଧା ବିଦ୍ୟାଳୟ ଗୃହରେ ପାଠ ପଢିପାରୁନଥିବାର ଅଭିଭାବକ ମହଲରେ ଅଭିଯୋଗ ହୋଇଛି । ଏପରିକି ଏହି ବିଦ୍ୟାଳୟ ଗୋଟିଏ କୋଠରୀରେ ୫ଟି ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଅତ୍ୟନ୍ତ ଦୟନୀୟ ଭାବେ ଶିକ୍ଷା ପ୍ରଦାନ କରାଯାଉଥିବାର ଅଭିଯୋଗ ହୋଇଛି । ତେବେ ଏହି ବିଦ୍ୟାଳୟର ୫ଟି ଶ୍ରେଣୀ ନିମନ୍ତେ ୩ଜଣ ଶିକ୍ଷୟିତ୍ରୀ ରହିଛନ୍ତି । ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଣୀଙ୍କ କାର୍ଯ୍ୟାଳୟରେ ଦୈନନ୍ଦିନ ତାଲିମ କାର୍ଯ୍ୟକ୍ରମ ଚାଲୁରହିଥିବା କାରଣରୁ ବିଦ୍ୟାଳୟର ଜଣେ ଦୁଇଜଣ ଶିକ୍ଷୟିତ୍ରୀଙ୍କୁ ତାଲିମ ନେବାକୁ ଯିବାକୁ ପଡୁଛି । ଫଳରେ ବହୁ ସମୟରେ ବିଦ୍ୟାଳୟ ମାତ୍ର ଜଣେ ଦୁଇଜଣ ଶିକ୍ଷୟିତ୍ରୀଙ୍କ ନେଇ ଚାଲୁଥିବାର ଅଭିଯୋଗ ହୋଇଛି । ସେହିପରି ଭାବେ ଏହି ବିଦ୍ୟାଳୟର ଛାତ୍ରଛାତ୍ରୀ ସର୍ବୋପରି ଶିକ୍ଷୟିତ୍ରୀମାନଙ୍କ ନିମନ୍ତେ ନଳକୂପ ତାଙ୍କ ନିମନ୍ତେ କୌଣସି ଶୌଚାଳୟ ନଥିବାର ଅଭିଯୋଗ ହୋଇଛି । ସେହିପରି ଭାବେ ବିଦ୍ୟାଳୟର ମଧ୍ୟାହ୍ନଭୋଜନ ରନ୍ଧନ ନିମନ୍ତେ କୌଣସି ଗୃହ ନାହିଁ । ଫଳରେ ବର୍ଷାଦିନେ ପାଚକ ପାଚିକାମାନେ ମଧ୍ୟାହ୍ନ ଭୋଜନ ରୋଷେଇ କରିବା ନିମନ୍ତେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି । ନାହିଁ ନାହିଁରେ ଚାଲିଥିବା ଏହି ବିଦ୍ୟାଳୟର ସମସ୍ୟା ସମାଧାନ କରାଯିବା ନିମନ୍ତେ ସ୍ଥାନୀୟ ନିର୍ବାଚିତ ଲୋକପ୍ରତିନିଧିଙ୍କ ଆନ୍ତରିକତା ନଥିବାର ଅଭିଭାବକ ମହଲରେ ଅଭିଯୋଗ ହୋଇଛି । ତେବେ ଏହି ବିଦ୍ୟାଳୟର ନିଜସ୍ୱ ଜମି ରହିଥିଲେ ମଧ୍ୟ ଗୃହ ନିର୍ମାଣ ନିମନ୍ତେ କାହିଁକି ଅର୍ଥ ମଞ୍ଜୁର କରାଯାଉନାହିଁ ତାହା ବୋଧଗମ୍ୟ ହେଉନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି । ଅପରପକ୍ଷରେ ବିପଦ ସଙ୍କୁଳ ଅବସ୍ଥାରେ ଥିବା ଏହି ଗୃହ ଭେଙ୍ଗେଭୁଙ୍ଗେ ଭୁଶୁଡି କୋମଳମତି ଛାତ୍ର ଛାତ୍ରୀଙ୍କ ଜୀବନ ଦୀପକୁ ଲିଭାଇଦେବ ତାହା କହିହେଉନାହିଁ । ତେବେ ଯଦି ଗୃହ ଭୁଶୁଡି ଛାତ୍ର ଛାତ୍ରୀ ତଥା ଶିକ୍ଷୟିତ୍ରୀଙ୍କ ମୃତ୍ୟୁ ଘଟେ ସେଥିପାଇଁ କିଏ ଦାୟୀ ହେବ ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି । ତେବେ ପ୍ରଶାସନ ତରଫରୁ ତୁରନ୍ତ ଏହି ବିଦ୍ୟାଳୟ ସମସ୍ୟା ସମାଧାନ କରାନଗଲେ ଆଗାମୀ ଦିନରେ ଛାତ୍ର ଛାତ୍ରୀ ତଥା ଅଭିଭାବକମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

# ଜୀବନ ସୁରକ୍ଷା କଲ୍ୟାଣ ସମିତିର ସମ୍ବର୍ଦ୍ଧନା ଉତ୍ସବ



ପଟ୍ଟାମୁଣ୍ଡାଇ(ଭାସ୍କର ନ୍ୟୁଜ୍): ବୈଦିକ ଭାରତର ଜ୍ଞାନ ଓ ବିଜ୍ଞାନ ସାରା ବିଶ୍ୱକୁ ଦିଗଦର୍ଶନ ଦେଇ ଆସିଛି । ଏହି ଦେଶ ମୁନି ଋଷିଙ୍କ ତପ ଓ ସାଧନାର ଭୂମି । ବସୁଧୈବ କୁଟୁମ୍ବକମ୍ ର ମହାଚେତନା ଏହି ଭୂମିରୁ ହିଁ ଉଦଘୋଷିତ । ଆଜି ଜୀବନ ସୁରକ୍ଷା କଲ୍ୟାଣ ସମିତି, ପଟ୍ଟାମୁଣ୍ଡାଇର ଜିଲ୍ଲାସ୍ତରୀୟ ପ୍ରତିଭା ସମ୍ମାନରେ ଯୋଗଦେଇ ବିଶିଷ୍ଟ ବାଗ୍ମୀ ଡ଼. ପ୍ରତିଭା ମହାରଥୀ ପ୍ରକାଶ କରିଛନ୍ତି । କଥାକାର ପ୍ରଦୀପ ନାୟକଙ୍କ ପୌରହିତ୍ୟରେ ଆୟୋଜିତ ଏହି ଉତ୍ସବରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ବହୁ ବିଶିଷ୍ଟ ତଥା ବରିଷ୍ଠ ନାଗରିକଙ୍କୁ ମାନପତ୍ର ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟତମ ଅତିଥି ଭାବରେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳ ଯୋଗଦେଇଥିଲେ । ଅନୁଷ୍ଠାନର ସଭାପତି ରଞ୍ଜନ କୁମାର ପ୍ରଧାନ ସମିତିର ବାର୍ଷିକ ବିବରଣୀ ପ୍ରଦାନ କରି ସାମାଜିକ ସେବା ପାଇଁ ଏହି ଅନୁଷ୍ଠାନ ଉତ୍ସର୍ଗୀକୃତ ବୋଲି ପ୍ରକାଶ କରିଥିଲେ । ବରିଷ୍ଠ ନାଗରିକ ଭାବରେ ଚତୁର୍ଭୁଜ ରାଉଳ,ଅନିରୁଦ୍ଧ ରାଉଳ, ପ୍ର. ପରୀକ୍ଷିତ ପାତ୍ର, ଦୁର୍ଯ୍ୟୋଧନ ପରିଡା, କୈଳାଶ ଚନ୍ଦ୍ର ପାତ୍ର, ଗୋପାଳ ଚନ୍ଦ୍ର ବିଶ୍ୱାଳ, ରେଣୁକାବାଳା ଦାସ,ସନାତନ ତରାଇ, ପର୍ଶୁରାମ ଷଣ୍ଢ,ବିଜୟ କୁମାର ସାହୁ, ରମେଶଚନ୍ଦ୍ର ଜେନା, ତ୍ରିଲୋଚନ ସୂତାର, ନୃସିଂହ ପ୍ରସାଦ ଚୌଧୁରୀ, ଶଚୀନନ୍ଦନ ଦାସ , ପ୍ରତିଭା ଛାତ୍ର ସାଇ ରାମ ପଣ୍ଡା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହିତ ଗତ ମ୍ୟାଟ୍ରିକ ପରୀକ୍ଷାରେ ରାଜନଗର ବ୍ଲକର ସର୍ବୋଚ୍ଚ ନମ୍ବର ରଖିଥିବା ଆୟେଶା ମିଶ୍ରଙ୍କୁ ଅର୍ଥରାଶି ସହ ମାନପତ୍ର ପ୍ରଦାନ କରାଯାଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ସରକାରୀ ବାଳିକା ବିଦ୍ୟାଳୟର ଛାତ୍ରୀ ଓ ରାମଚଣ୍ଡୀ ଉଚ୍ଚ ବିଦ୍ୟାଳୟ ଶ୍ରୀରାମପୁରର ଛାତ୍ରୀମାନେ ମିଳିତ ନୃତ୍ୟ ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହେବା ସହ ସମ୍ମାନିତ ହୋଇଥିଲେ । ସାମ୍ବାଦିକ ବ୍ରଜବନ୍ଧୁ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ । ବେଲେଶ୍ୱର ସାହିତ୍ୟ ସଂସଦର ସମ୍ପାଦକ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଭିରାମ ପତି, ପୁଷ୍ପମଞ୍ଜରୀ ବିଶ୍ୱାଳ,ଶ୍ରୀନୀ ରାଉତ, ଅଭିଷେକ ପରିଡା, ପ୍ରମୋଦ କୁମାର ସ୍ୱାଇଁ ସହଯୋଗ ପ୍ରଦାନ କରିଥିଲେ । ପଟ୍ଟାମୁଣ୍ଡାଇ ର ସମସ୍ତ ଏସ ୟୁ ଜେ ସାମ୍ବାଦିକ ସଂଘ ର କର୍ମକର୍ତ୍ତା ଉପସ୍ଥିତ ଥିଲେ । ଶେଷ ରେ ଫ୍ୟାମିଲି ବଜାର ର ଲଟେରୀ କୁପନ୍ ଉଠାନ ହୋଇଥିଲା ।

# ମୃତ୍ୟୁ ପରେ ବି ଅମର ରଞ୍ଜିତ



ଭଞ୍ଜନଗର(ଭାସ୍କର ନ୍ୟୁଜ୍): ମୃତ୍ୟୁ ପୂର୍ବରୁ କିମ୍ବା ପରେ ଅଙ୍ଗଦାନ କରି ଅନ୍ୟର ଜୀବନ ବଞ୍ଚାଇବା ଏକ ମହତ କାର୍ଯ୍ୟ । ଆଉ ଏଭଳି ସମୟରେ ଚକ୍ଷୁ ଦାନ କରି ସମାଜକୁ ନୂଆବାର୍ତ୍ତା ଦେଇଥିବା ରଞ୍ଜିତ କୁମାର ସାହୁଙ୍କ ପାଇଁ ଆଜି ଭଞ୍ଜନଗର ବ୍ଲକ ଡୁମାକୁମ୍ପା ମାଟି ଗର୍ବିତ ହୋଇଉଠିଛି । ରଞ୍ଜିତଙ୍କ ପରିବାରର ଏଭଳି ମହାନତା ସଭିଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିବ ବୋଲି ମତପ୍ରକାଶ ପାଇଛି । ଅନ୍ୟପକ୍ଷରେ ଶୁକ୍ରବାର ରାତିରେ ଗାଁ ଶ୍ମଶାନରେ ରଞ୍ଜିତଙ୍କ ଅନ୍ତିମ ସଂସ୍କାର କରାଯାଇଛି । ତେବେ ରଞ୍ଜିତଙ୍କ ମୃତ୍ୟୁ ପରେ ପୂରା ପରିବାର ବେସାହାରା ପାଲଟିଛି । ଭଞ୍ଜନଗର ବ୍ଲକ ଡୁମାକୁମ୍ପା ଗ୍ରାମର ରଞ୍ଜିତ କୁମାର ସାହୁ(୪୨)।କାମ ଧନ୍ଦା ଆଶାରେ ଆଜକୁ ଦଶ ବର୍ଷ ହେବ ଭୁବନେଶ୍ୱରରେ ପରିବାର ସହ ରହି କାମ କରି ଆସୁଥିଲେ । ଫୁଟପାଥିରେ ସୁଇଟ୍ କର୍ଣ୍ଣ ବିକ୍ରି କରି ଯେତିକି ଅର୍ଥ ଉପାର୍ଜନ କରୁଥିଲେ ସେତିକ ରେ ତେଲ ଲୁଣର ସଂସାର ଚଳି ଯାଉଥିଲା । ହେଲେ ଗୁରୁବାର ରଞ୍ଜିତ ହଠାତ ଅସୁସ୍ଥ ହୋଇ ପଡିଥିଲେ । ଚିକିତ୍ସା ପାଇଁ ସଙ୍ଗେ ସଙ୍ଗେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ।ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।ଖବର ପାଇ ସମ୍ପର୍କୀୟ ଓ ତାଙ୍କ ପତ୍ନୀ ମେଡିକାଲ ରେ ପହଞ୍ଚିଥିଲେ ।ଆଉ ରଞ୍ଜିତ ଙ୍କ ଚକ୍ଷୁ ଦାନ ପାଇଁ ସମ୍ମତି ଜଣାଇଥିଲେ । ପରେ ଅସ୍ତ୍ରୋପଚାର କରାଯାଇ ତାଙ୍କ ଶରୀର ରୁ ଚକ୍ଷୁ ବାହାର କରାଯାଇଥିଲା । ରଞ୍ଜିତ ଙ୍କ ପରିବାରର ଏଭଳି ମହାନତାକୁ ଗ୍ରାମବାସୀ ସାଧୁବାଦ ଜଣାଇଛନ୍ତି ।

# ଅନଭିଜ୍ଞ ଶିକ୍ଷକ ମୂଲ୍ୟାୟନ କେନ୍ଦ୍ର ସୁପରଭାଇଜର




କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ୍): ଜନୈକ ଅନଭିଜ୍ଞ ସହକାରୀ ଶିକ୍ଷକଙ୍କୁ କଷଣଅଣ୍ଟା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ମାଟ୍ରିକ ଖାତା ମୂଲ୍ୟାୟନ କେନ୍ଦ୍ରର ସୁପରଭାଇଜର ଭାବେ ନିଯୁକ୍ତି ଦିଆଯାଇଛି । ଗତ ୩ବର୍ଷ ହେବ ସହକାରୀ ଶିକ୍ଷକ ଭାବେ ଚାକିରୀ ଆରମ୍ଭ କରିଥିବା ଅନଭିଜ୍ଞ ଶିକ୍ଷକଙ୍କୁ କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ ସ୍ଥିତ କଷଣଅଣ୍ଟାର ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାୟନ କେନ୍ଦ୍ରରେ ସୁପରଭାଇଜର ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କାରଣ ସେ ହେଉଛନ୍ତି ଜିଲ୍ଲା ବିଜ୍ଞାନ ପରିଦର୍ଶକ ନିଶିଥ କୁମାର ବାରିକଙ୍କ ପାଖ ଲୋକ । ତେଣୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପ୍ରଭାବିତ କରାଯାଇ ତାଙ୍କୁ ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାୟନ କେନ୍ଦ୍ର ଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ସୁପରଭାଇଜନ ଭାବେ ଗୁରୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଯେଉଁଥିପାଇଁ ସେହି କେନ୍ଦ୍ରରେ ସବୁ ନିୟମ ବର୍ହିଭୁତ କାର୍ଯ୍ୟମାନ କରାଯାଉଛି । ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାୟନ କେନ୍ଦ୍ରରେ କୌଣସି ପରିସ୍ଥିତିରେ ରୋଷେଇ କରାଯାଇପାରିବନି କିମ୍ବା କୌଣସି ଅବସରପ୍ରାପ୍ତ ଶିକ୍ଷକ ପ୍ରବେଶ କରିପାରିବେନି ବୋଲି ମାଧ୍ୟମିକ ଶିକ୍ଷା ପରିଷଦଙ୍କ ନିର୍ଦ୍ଦେଶନାମା ରହିଛି । କିନ୍ତୁ ଏହି ନିର୍ଦ୍ଦେଶ କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ ସ୍ଥିତ କଷଣଅଣ୍ଟାର ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ମାଟ୍ରିକ ପରୀକ୍ଷା ମୂଲ୍ୟାୟନ କେନ୍ଦ୍ରରେ କାର୍ଯ୍ୟକାରୀ ହେଉନଥିବା ଦେଖିବାକୁ ମିଳିଛି । ମାଧ୍ୟମିକ ଶିକ୍ଷା ପରିଷଦଙ୍କ ନିର୍ଦ୍ଦେଶକୁ ସଂପୂର୍ଣ୍ଣ ଫୁ କରିଦେଇ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ, କଷଣଅଣ୍ଟା ମୂଲ୍ୟାୟନ କେନ୍ଦ୍ରରେ ଅବସରପ୍ରାପ୍ତ ସହକାରୀ ଶିକ୍ଷକ ସୁରେଶ ଚନ୍ଦ୍ର ଜେନା ପ୍ରବେଶ କରିବା ସହିତ କେନ୍ଦ୍ର ପରିସରରେ ରୋଷେଇ ଓ ଖିଆପିଆ ଚାଲିଛି । ସମସ୍ତ ସରକାରୀ ନୀତି ନିୟମକୁ ଏଠାରେ ଉଲ୍ଲଙ୍ଘନ କରାଯାଇଥିବାର ଭିଡିଓ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ଦେଖିବାକୁ ମିଳିଛି । ଏସମ୍ପର୍କିତ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେବି ପୂର୍ବବତ ସେହି କେନ୍ଦ୍ରରେ ଏଭଳି ଘଟଣାର ପୁନରାବୃତ୍ତି ହୋଇଥିବା ଦେଖାଯାଇଛି । ଏହି ଘଟଣାକୁ ନେଇ ସାରା ଜିଲ୍ଲାରେ ଆଲୋଡନ ଖେଳିଯିବା ସହ ସାଧାରଣରେ ଶିକ୍ଷା ବିଭାଗର ପାରିବାପଣିଆକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ରବି ବିହନ ବଣ୍ଟନରେ ପକ୍ଷପାତିତା ଅଭିଯୋଗ



ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ଆତ୍ମା ତରଫରୁ ଚାଷୀମାନଙ୍କୁ ମାଗଣାରେ ବଣ୍ଟନ କରାଯିବା ନିମନ୍ତେ ଯୋଗାଇ ଦିଆଯାଇଥିବା ରବି ବିହନ ବଣ୍ଟନରେ ବ୍ୟାପକ ଅନିୟମିତତା ଓ ରାଜନୈତିକ ପକ୍ଷପାତିତା କରାଯାଇଥିବାର ଅଭିଯୋଗ ହୋଇଛି । ଏହି ବ୍ଲକର ଜିଗ୍ନିପୁର ଗ୍ରାମପଞ୍ଚାୟତର ଚାଷୀମାନଙ୍କୁ ମାଗଣାରେ ରବି ବିହନ ଯୋଗାଇ ଦିଆଯିବା ନିମନ୍ତେ ପ୍ରଶାସନ ତରଫରୁ ବିହନ ଯୋଗାଇ ଦିଆଯାଇଥିଲା । ତେବେ ସ୍ଥାନୀୟ ପଞ୍ଚାୟତ ସ୍ତରୀୟ ଲୋକପ୍ରତିନିଧି ଏହି ବିହନକୁ ଗ୍ରାମପଞ୍ଚାୟତରେ ବାଣ୍ଟିବା ପରିବର୍ତ୍ତେ ସ୍ଥାନୀୟ ମହାଜନପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ରଖି ବଣ୍ଟନ କରୁଥିବାର ଅଭିଯୋଗ ହୋଇଛି । ଏପରିକି ଏହି ବିହନ ବଣ୍ଟନରେ ରାଜନୈତିକ ପକ୍ଷପାତିତା କରାଯାଇଥିବାର ଅଭିଯୋଗ ହୋଇଛି । ସେହିପରି ଭାବେ ଚାଷ ଜମିନଥିବା କେତେକ ଅଣଚାଷୀଙ୍କୁ ମଧ୍ୟ ରାଜନୈତିକ ତୃଷ୍ଟିକରଣ ନିମନ୍ତେ ଏହି ବିହନ ଦିଆଯାଇଥିବାର ଅଭିଯୋଗ ହୋଇଛି । ତେବେ ସ୍ଥାନୀୟ ଅଞ୍ଚଳରେ ରବି ଫସଲ ଉତ୍ପାଦନ ଚାଲୁରହିଥିଲା ବେଳେ ବହୁ ବିଳମ୍ବରେ ବିହନ ବଣ୍ଟନ କରାଯିବା କାହା ସ୍ୱାର୍ଥରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ପ୍ରଶାସନ ତରଫରୁ ଏହାର ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଦାବି ହୋଇଛି । ତେବେ ଏହି ବଣ୍ଟନକୁ ନେଇ ସାଧାରଣରେ ଉତ୍ତେଜନା ପ୍ରକାଶ ପାଇଥିଲା ବେଳେ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି ।

# ପଞ୍ଚୁଦୋଳ ମେଳଣ ଉଦ୍‌ଯାପିତ



କଣାସ(ଭାସ୍କରନ୍ୟୁଜ୍): କଣାସ ପଞ୍ଚୁଦୋଳ ମେଳଣ ୨୦ତାରିଖ ପ୍ରଭାତରୁ ଜମିବା ପରେ ଦୁଇଦିନ ଧରି ମେଳଣ ଅନୁଷ୍ଠିତ ହୋଇଥିଲା । ମେଳଣର ଆରାଧ୍ୟ ଠାକୁର ବାବା ବୈଦ୍ୟନାଥ ଦେବ ମେଳଣ ପଡିଆରେ ପହଞ୍ଚିବାପରେ କୋଟକଣା ଗ୍ରାମର ନୀଳକଣ୍ଠେଶ୍ୱର ଦେବ, ଗାଣ୍ଡପଡା ଗ୍ରାମର ଭାଗବତବାସୁଦେବ, ଜଳିଆପଡା ଗ୍ରାମର ଭାଗବତବାସୁଦେବ, କଣାସ ରାଧକାନ୍ତ ଦେବ, କଣାସର ଲକ୍ଷ୍ମୀନାରାୟଣ, କଣାସର ଲୋକନାଥଦେବ, କଣାସର ଲକନାଥଦେବ ପ୍ରତିମା, କଣାସର ଗ୍ରାମର ଭାଗବତବାସୁଦେବ, ସହାନାର ଗ୍ରାମର ଭାଗବତବାସୁଦେବ, ଚନ୍ଦପଡା ଗ୍ରାମର ଭାଗବତବାସୁଦେବ, ପୋତାଘର ଗ୍ରାମର ଭାଗବତବାସୁଦେବ, ଧୁଆଁଳ ଗ୍ରାମର ଭାଗବତବାସୁଦେବ, ମଇଁଜିପୁର ଗ୍ରାମର ଭାଗବତବାସୁଦେବ, ରୁଦ୍ରୁପୁର ଗ୍ରାମର ଭାଗବତବାସୁଦେବ ସୁସଜ୍ଜିତ ବିମାନରେ ଆସି ମେଳଣ ପଡିଆରେ ଥିବା ନିଜ ନିଜ ଆସ୍ଥାନରେ ବିରାଜମାନ କରି ଦୁଇଦିନ ଧରି ପୂଜାଅର୍ଚ୍ଚନା ପାଇବାପରେ ଆଜି ନିଜ ନିଜ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଦୁଇଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶାନ୍ତିଶୃଙ୍ଖଳା ପାଇଁ ପୋଲିସ୍ ଓ ଗ୍ରାମ୍ୟକମିଟିର କର୍ମକର୍ତ୍ତାମାନେ ଦୁଇଦିନ ଧରି ପୂର୍ଣ୍ଣସହଯୋଗ କରିଥିବାବେଳେ ଚଳିତ ବର୍ଷ ମେଳଣ ଉତ୍ସବ ସରସ ସୁନ୍ଦର ହୋଇଥିବା ଜଣାପଡିଛି ।

# ପି ପି କଲେଜର ନୂତନ ଅଧ୍ୟକ୍ଷ ନିଯୁକ୍ତ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍): ଗତ କିଛିଦିନ ହେଲା ସମସ୍ୟା ଜର୍ଜରିତ ନିଶ୍ଚିନ୍ତକୋଇଲି ପଂଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟରେ ଅଧ୍ୟକ୍ଷ ନିଯୁକ୍ତିକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗିରହିଥିଲା । ଏପରିକି ଏସମ୍ପର୍କରେ ଓଡିଶା ଉଚ୍ଚ ନ୍ୟାୟାଳୟ ତରଫରୁ ରହିତାଦେଶ ମଧ୍ୟ ଜାରି କରାଯାଇଛି । ଏପରିସ୍ଥଳେ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ତରଫରୁ ଚିଠି ନଂ୧୬୧୭୫ତା ୨୧/୩/୨୦୨୫ରେ କମଳା ନେହେରୁ ମହିଳା ମହାବିଦ୍ୟାଳୟ ଭୁବନେଶ୍ୱରର ବରିଷ୍ଠ ଇଂରାଜୀ ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ରମ୍ପତିରାୟଙ୍କୁ ଏହି ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ନିଯୁକ୍ତି ପ୍ରଦାନ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିବାର ଜଣାଯାଇଛି । ଏଠାରେ ସୂଚନା ଯୋଗ୍ୟ ଯେ ଏହି ମହାବିଦ୍ୟାଳୟର ଅଧ୍ୟକ୍ଷ ନିରଞ୍ଜନ ଶତପଥି ନିକଟରେ କାର୍ଯ୍ୟରୁ ଅବସର ଗ୍ରହଣ କରିବା ପରେ ନୂତନ ଅଧ୍ୟକ୍ଷ ପଦବୀକୁ ନେଇ ବରିଷ୍ଠ ପ୍ରାଧ୍ୟାପିକା ଡ,ତରୁଲତା ଦେବୀ ଓ ପ୍ରାଧ୍ୟାପକ ଉପେନ୍ଦ୍ର କୁମାର ପଣ୍ଡାଙ୍କ ମଧ୍ୟରେ ବିବାଦ ଚରମସୀମାରେ ପହଂଚିଥିଲା । ଏପରିକି ମହାବିଦ୍ୟାଳୟର ଅଧ୍ୟକ୍ଷ ଦାୟୀତ୍ୱ ଉପେନ୍ଦ୍ର କୁମାର ପଣ୍ଡା ନେଇଥିଲା ବେଳେ ଡ. ତରୁଲତା ଦେବୀଙ୍କୁ ଡିଡିଓ ପାୱାର ଦିଆଯାଇଥିଲା । ଫଳରେ ଗୋଟିଏ ମହାବିଦ୍ୟାଳୟରେ ଦୁଇଜଣ କାର୍ଯ୍ୟକର୍ତ୍ତାଙ୍କୁ ନେଇ ବିବାଦ ଚରମସୀମାରେ ପହଂଚିଥିଲା । ଫଳରେ ଏହି ମହାବିଦ୍ୟାଳୟରେ ଗୋଷ୍ଠୀ ବିବାଦ ହେତୁ ପ୍ରଶାସନିକ ଅଚଳାବସ୍ଥା ସୃଷ୍ଟି ହୋଇଥିଲା । ଅପରପକ୍ଷରେ କଳେ ବଳେ କୌଶଳରେ ଅଧ୍ୟକ୍ଷ ପଦ ହାତେଇବା ନିମନ୍ତେ ଶ୍ରୀ ପଣ୍ଡା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ଏପରିସ୍ଥଳେ ଦୁଇଜଣଙ୍କ କଳିରେ ତୃତୀୟ ଜଣଙ୍କର ଲାଭ ହୋଇଥିବାର ସାଧାରଣରେ କୁହାଯାଉଛି ।

# ବଡଝରିଲୋ- ଶିଶୁ ବିକାଶ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ଫୁଲନଖରା (ଭାସ୍କର ନ୍ୟୁଜ୍): କଟକ ସଦର ଥାନା ଅନ୍ତର୍ଗତ କୁରାଙ୍ଗଶାସନ ଗ୍ରାମ ପଞ୍ଚାୟତ ବଡଝରିଲୋ ଗ୍ରାମଠାରେ ଗଢି ଉଠିଥିବା ଶିଶୁ ବିକାଶ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି ଓ ମୁଖ୍ୟ ଅତିଥିଭାବେ ଶିକ୍ଷା ବିକାଶ ସଂସ୍ଥାନର ସମ୍ପାଦକ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ମୁଖ୍ୟ ବକ୍ତା ଭାବେ କଟକ ଜିଲ୍ଲା କର୍ମଜୀବି ସାମ୍ବାଦିକ ସଂଘର ସଭାପତି ଲଳିତ କୁମାର ଦାଶ ସମ୍ମାନିତ ଅତିଥିଭାବେ କଟକ ସଦର ଶାନ୍ତି କମିଟିର ସମ୍ପାଦକ ସୁରେନ୍ଦ୍ର ମହାପାତ୍ର ଓ ଇଂ ସୁଶାନ୍ତ କୁମାର ତ୍ରିପାଠୀ, ବ୍ରଜକିଶୋର ମହାନ୍ତି ଓ ଗଣେଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇ ଶିଶୁ ମାନଙ୍କ ବିକାଶ ପାଇଁ ଉପଯୁକ୍ତ ପରିବେଶ ଆବଶ୍ୟକତା ଅଛି ବୋଲି ମତ ପୋଷଣ କରିଥିଲେ ଓ ଅତିଥି ପରିଚୟ ପତ୍ର ଓ ସ୍ୱାଗତ ଭାଷଣ ବିଦ୍ୟାଳୟର ପ୍ରତିଷ୍ଠାତା ସଭାପତି ଦୀପକ ମହାପାତ୍ର ପ୍ରଦାନ କରୁଥିବା ବେଳେ ବିଦ୍ୟାଳୟର ସମ୍ପାଦିକା ପ୍ରିୟଦର୍ଶିନୀ ମହାପାତ୍ର ଶିକ୍ଷା ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ ଓ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା ଓ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ଓ ଶେଷରେ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ଓ ଏହି କାର୍ଯ୍ୟ କ୍ରମରେ ଗୁରୁଜୀ ଗୁରୁମାମାନେ ଓ ପରିଚାଳନା କମିଟି କର୍ମକର୍ତ୍ତା ମାନେ ପୂର୍ଣ୍ଣ ସହଯୋଗ କରିଥିଲେ ଓ ଅନୁଷ୍ଠାନର ସଭାପତି କହିଥିଲେ କି ଛାତ୍ର ଛତ୍ରୀଙ୍କ ଅବିଭାବକମାନେ ମତେ ପୂର୍ଣ୍ଣ ସହଯୋଗ କଲେ ଶିକ୍ଷା ଅନୁଷ୍ଠାନକୁ ଉନ୍ନତ ଶିକ୍ଷା ଅନୁଷ୍ଠାନରେ ପରିଣତ କରିବେବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ ।

# ମୌଳିକ ସୁବିଧାରୁ ବଞ୍ଚିତ କୋୟାଗୁଡା ଗ୍ରାମବାସୀ



ମାଲକାନଗିରି (ଭାସ୍କର ନ୍ୟୁଜ୍): ଗ୍ରୀଷ୍ମ ଋତୁ ଆରମ୍ଭ ନହେଉଣୁ ବିଭିନ୍ନ ସ୍ଥାନରେ ପାନୀୟ ଜଳର ସମସ୍ୟା ଦେଖା ଦେଇଛି । କେଉଁଠି ନଳକୂପ ଖରାପ ତ ଆଉ କେଉଁଠି ନଳକୂପର ଅଭାବ, ଲୋକେ ଚୁଆ ପାଣି ଉପରେ ନିର୍ଭର କରି ଚଳୁଥିବା ବେଳେ ଆଉ କେଉଁଠି ଗ୍ରାମବାସୀ ଦୂର ଦୂରାନ୍ତରୁ ଛୋଟିଆ ଛୋଟିଆ ଝରଣାରୁ ପାଣି ଆଣି ରନ୍ଧାବଢା ସହିତ ଶୋଷ ମେଣ୍ଟାଇଥାନ୍ତି । ଏବେ ଏପରି ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନାଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଗାଜୁଲମାମୁଡି ପଞ୍ଚାୟତର କୋୟାଗୁଡା ଗ୍ରାମରେ । ୨୫ ରୁ ୩୦ ପରିବାର ବାସ କରୁଥିବା ଏହି ଗ୍ରାମରେ ଝରଣା ପାଣି ଉପରେ ନିର୍ଭର କରି ଚଳୁଛନ୍ତି । ଗ୍ରାମରେ ଗୋଟିଏ ହେଲେ ନଳକୂପ ନ ଥିବାରୁ ଏପରି ପରିସ୍ଥିତି ଦେଖିବାକୁ ମିଳିଛି । କେବଳ ସେତିକି ନୁହେଁ, ଏହି ଗ୍ରାମର ଲୋକ ପାହାଡିଆ ଝରଣାରୁ ପାଣି ନେଉଛନ୍ତି । କେବଳ ସେତିକି ନୁହେଁ, ଏହି ଗ୍ରାମ ପାହାଡିଆ ଅଞ୍ଚଳରେ ରହିଥିବାରୁ କଚା ରାସ୍ତା ରହିଛି । ଯେଉ ରାସ୍ତା ଦେଇ ବଡ ଗାଡି ଯିବା ଆସିବା ଅସମ୍ଭବ ହୋଇପଡିଛି । ଗ୍ରାମକୁ ରାସ୍ତା ନ ଥିବାରୁ ବ୍ଲକସ୍ତରରେ କିମ୍ବା ଜିଲାସ୍ତରୀୟ ଅଧିକାରୀମାନେ କେବେ ମଧ୍ୟ ପାଦ ପକାଇନାହାନ୍ତି । ଏପରିକି ଗର୍ଭବତୀ କିମ୍ବା କୌଣସି ବ୍ୟକ୍ତି ରୋଗାକ୍ରାନ୍ତ ହେଲେ ଭାରରେ ବୁହାହୋଇ ତୁଷ୍ଣାପାଲ୍ଲୀ ଗ୍ରାମକୁ ଆଣିଲା ପରେ ସେଠାରୁ ୨୫ କିଲୋମିଟର ଜୋଡାମ୍ବ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବାକୁ ପଡୁଛି । ସେହିପରି ଏହି ଗ୍ରାମରେ ନା ଅଛି ସ୍ୱାସ୍ଥ୍ୟ ସୁବିଧା, ନା ଅଛି ବିଜୁଳି, ନା ଅଛି ଆବାସ ଯୋଜନା । ଫଳରେ ସରକାରଙ୍କ ସମସ୍ତ ଯୋଜନାରୁ ବଞ୍ଚିତ ହୋଇଛନ୍ତି ଏହି ଗ୍ରାମର ବାସିନ୍ଦା । ଗ୍ରାମକୁ ସମସ୍ତ ପ୍ରକାରର ସରକାରୀ ସୁବିଧା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଥିବା ଜଣା ପଡ଼ିଛି ।

# ଚୋରା ବାଲିଗାଡି ଜବତ, ଚାଳକ ଫେରାର

## ତହସିଲଦାରଙ୍କ ଲୋକଦେଖାଣିଆ ଚଢାଉ ଅଭିଯୋଗ



ଗୋପ (ଭାସ୍କର ନ୍ୟୁଜ୍): ଗୋପ ତହସିଲଦାର ଅନିଲ କୁମାର ମହାନ୍ତି ଗୋପ ମୁସଲମାନ ବସ୍ତି ନିକଟରୁ ଏକ ଚୋରା ବାଲି ଟ୍ରେଝେଇ ହାଇଓ୍ୱା କୁ ଜବତ କରି ଥାନାକୁ ଆଣିଥିବା ବେଳେ ତହସିଲଦାରଙ୍କୁ ଚକମା ଦେଖାଇ ଚାଳକ ଫେରାର ହୋଇଯାଇଛି । ହେଲେ ତହସିଲ କାର୍ଯ୍ୟାଳୟ ଓ ଥାନା ସାମ୍ନା ସମେତ ଗୋପ ମୁଖ୍ୟ ବଜାର ଦେଇ ପ୍ରତ୍ୟହ ଦିନ ରାତ୍ରି ବେଆଇନ ଭାବେ ଶହଶହ ଟ୍ରିପ୍ ହାଇଓ୍ୱା ଏବଂ ଟ୍ରାକ୍ଟରରେ ବାଲି ଚୋରା ଚାଲାଣ ହେଉଥିବା ବେଳେ ଗୋପ ତହସିଲଦାରଙ୍କ ସମେତ ଖଣି ବିଭାଗ ନିକଟରେ ବାରମ୍ବାର ଅଭିଯୋଗ ହେବା ପରେ ଆଜି ଲୋକ ଦେଖାଣିଆ ଭାବେ ଗୋପ ତହସିଲଦାର ଚୋରା ବାଲି ଚାଲାଣ ହେଉଥିବା ଏକ ହାଇଓ୍ୱାକୁ ଜବତ କରିବା ହାଇଓ୍ୱା ନେଉଥିବା ଶୁଣିବାକୁ ମିଳୁଛି । ସୁଚନାମୁତାବକ ଆଜି ସକାଳୁ ଏକ ହାଇଓ୍ୱା ନଂ ଓଡି ୦୨ ଡବ୍ଲ୍ୟୁଇ ୫୪୧୧ ଚୋରା ବାଲି ନେଇ ଗୋପ ଅଭିମୁଖେ ଆସୁଥିବା ବେଳେ ମୁସଲମାନ ବସ୍ତି ନିକଟରେ ତହସିଲଦାର ଶ୍ରୀ ମହାନ୍ତି ଗାଡିଟିକୁ ଅଟକାଇଥିଲେ । ମାତ୍ର ଗାଡି ଛାଡି ତହସିଲଦାରଙ୍କୁ ଚକମା ଦେଇ ଡ୍ରାଇଭର ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା । ପରେ ତହସିଲଦାର ଥାନାକୁ ଖବର ଦେବାରେ ସବ- ଇନ୍ସପେକ୍ଟର ବଳରାମ ମାଝି ଘଟଣା ସ୍ଥଳରେ ପହଁଚି ଗାଡିଟିକୁ ଜବତ କରି ଥାନାକୁ ଆଣିଥିଲେ । ହେଲେ ପ୍ରତିଦିନ ଶହଶହ ଟ୍ରିପ୍ ବାଲି , ମାଟି ଚୋରା ଚାଲାଣ ହେଉଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବାପରେ ଆଜି ସକାଳୁ ତହସିଲଦାର ଲୋକ ଦେଖାଣିଆ ଭାବେ ଏହି ଗାଡିକୁ ଜବତ କରିଥିବା ଆଲୋଚନା ହେଉଛି । ବାଲି ମାଫିଆଙ୍କ ଠାରୁ ମୋଟା ଅଙ୍କର ଅର୍ଥ ପକାଇ ବିଭାଗୀୟ ଅଧିକାରୀମାନେ ସେମାନଙ୍କୁ ପରୋକ୍ଷରେ ସାହାଯ୍ୟ କରୁଥିବା ଅଭିଯୋଗ ହେଉଛି । ଫଳରେ ପ୍ରତିଦିନ ବାଲି ଟ୍ରେଝେଇ ଗାଡିର କାଗଜ ପତ୍ର ନଥିବା, ଗୋଟିଏ ତାରିଖରେ ବାଲି ନେବା ପାଇଁ ଅନୁମତି ଥିବା ବେଳେ ସେହି ରସିଦ୍ କୁ ଦେଖାଇ ଦିନଦିନ ଧରି ବାଲି ଚୋରା ଚାଲାଣ ହେଉଥିବା ବେଳେ ରାଜସ୍ୱ ବିଭାଗ ଓ ଖଣି ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇପଡୁଛନ୍ତି । ଏପରିକି କୁଶଭଦ୍ରା ନଦୀ ବାଲି ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି । ପ୍ରତିଦିନ କୁଶଭଦ୍ରା ନଦୀରୁ ଶହଶହ ଟ୍ରିପ୍ ବାଲି, ମାଟି ଚୋରା ଚାଲାଣ ହେଉଛି । ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାପାଇଁ ସାଧାରଣରେ ଦାବି ହୋଇଛି ।

# ଦୁର୍ଘଟଣାରେ ଆହତ ବୃଦ୍ଧଙ୍କ ମୃତ୍ୟୁ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍): କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତ କୋଇଲି ବ୍ଲକ କଟରପଡା ଛକ ନିକଟରେ ଘଟିଥିବା ବସ ଦୁର୍ଘଟଣାରେ ଆହତ ବୃଦ୍ଧଙ୍କର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଛି । ଏହି ଘଟଣାଟି ସ୍ଥାନୀୟ ଅଂଚଳରେ ଗଭୀର ଶୋକରଛାୟା ଖେଳାଇ ଦେଇଛି । କଟରପଡା ଗ୍ରାମପଂଚାୟତ ସାଙ୍କିଲୋ (ଦଶମାଣିଆ) ଗ୍ରାମର ଦିବ୍ୟାଙ୍ଗ ବୃଦ୍ଧ ରବିନ୍ଦ୍ର କୁମାର ନାୟକ(୭୦) କଟକପଡା ଛକ ନିକଟରେ ନିଜର ସ୍କୁଟି ଥୋଇ ଠିଆ ହୋଇଥିଲା ବେଳେ କେନ୍ଦ୍ରାପଡା ଜିଲ୍ଲା କୋରୁଆ ଅଂଚଳରୁ କଟକ ଅଭିମୂଖେ ଦ୍ରୁତଗତିରେ ଯାଉଥିବା ଘରୋଇ ଭୋଳାନାଥ ବସ ତାଙ୍କୁ ଧକ୍କା ଦେଇଥିଲା । ଏହି ଧକ୍କାରେ ତାଙ୍କର ସ୍କୁଟି ଓ ସ୍ଥାନୀୟ ଗ୍ରାମର ସୂର୍ଯ୍ୟକାନ୍ତ ସ୍ୱାଇଁଙ୍କର ମଧ୍ୟ ଏକ ବାଇକ ଭାଙ୍ଗିରୁଜି ଯାଇଥିଲା । ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଅବସ୍ଥା ଉଦବେଗଜନକ ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ହୋଇଥିବାର ଜଣାଯାଇଛି ।




କଟକ(ଭାସ୍କର ନ୍ୟୁଜ): ମହାନ ସଂଗ୍ରାମୀ ଭଗତ ସିଂ ଓ ତାଙ୍କସହ ଦୁଇ ଯୋଦ୍ଧା ସୁଖଦେବ ଏବଂ ରାଜଗୁରୁଙ୍କ ୯୫ତମ ସହିଦ ଦିବସ ଆଇଡିଏସଓ କଟକ ଜିଲ୍ଲା କମିଟି ପକ୍ଷରୁ ରେଭେନସା କଲେଜ ଛକ ନେତାଜୀ ପ୍ରତିମୂର୍ତ୍ତି ସମ୍ମୁଖରେ ପାଳନ କରାଯାଇଛି। ଭଗତ ସିଂଙ୍କ ଫଟୋରେ ମାଲ୍ୟଦାନ ପରେ କାର୍ଯ୍ୟକ୍ରମ ରାଣୀହାଟ ଓ୍ୱାଟ ଟାଓ୍ୱାର ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ହାତରେ ଭଗତ ସିଂଙ୍କ ଫଟୋ ଓ ମଶାଲ ଧରି ଏକ ସୁସଜ୍ଜିତ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ରୂପେ ରାଜ୍ୟ ଉପସଭାପତି କମ୍ରେଡ ଭାଗ୍ୟରବି ଦାସ ଯୋଗ ଦେଇଥିଲେ। ସଭାର ସଭାପତିତ୍ୱ କରିଥିଲେ ଜିଲ୍ଲା ସଭାପତି କମ୍ରେଡ୍ ଇସା ଧର । ମୁଖ୍ୟବକ୍ତା ତାଙ୍କ ଅଭିଭାଷଣରେ ଆଜିକାର ସାଂପ୍ରତିକ ସମାଜରେ କିପରି ଏକଚାଟିଆ ପୁଞ୍ଜିପତି ଶ୍ରେଣୀର ସର୍ବୋଚ୍ଚ ଲାଭାର୍ଜନ ସ୍ୱାର୍ଥରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଶିକ୍ଷା କ୍ଷେତ୍ରରେ ଘରୋଇକରଣ, ବ୍ୟବସାୟୀକରଣ, ଧାନ୍ଦାମୁଖିକରଣ, କେନ୍ଦ୍ରୀକରଣ ଓ ସାଂପ୍ରଦାୟିକରଣ ପାଇଁ ଉଦ୍ଦିଷ୍ଟ ଜାତୀୟ ଶିକ୍ଷାନୀତି-୨୦୨୦କୁ ଲାଗୁ କରିଛି, ପାଲେଷ୍ଟାଇନର ନିରୀହ ଶିଶୁ, ତଥା ଜନସାଧାରଣଙ୍କୁ ହତ୍ୟା କରିଚାଲିଛି ଘଟଣାକୁ ମୁଖ୍ୟବକ୍ତା ଦୃଢ ନିନ୍ଦା କରିବା ସହ ଶାନ୍ତି ପ୍ରତିଷ୍ଠା ପାଇଁ ବିଶ୍ୱର ଗଣତନ୍ତ୍ରପ୍ରେମୀ ଜନସାଧାରଣଙ୍କୁ ଏକଜୁଟ ହେବାକୁ ଆବେଦନ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଗତିଶୀଳ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସମ୍ପାଦକ କମ୍ରେଡ ତରୁଣ ସେନ୍ ନାୟକ, ଶିବାନୀ ସାହୁ, ଶୁଭସ୍ମିତା ସାହୁ, ଜ୍ୟୋତ୍ସ୍ନାରାଣୀ ଦାସ, ଭାଗ୍ୟଶ୍ରୀ ପ୍ରଧାନ,ସରୋଜ ମାନସିଂହ, ମୁସ୍କାନ ତବସ୍ସୁମ, ସତ୍ୟବ୍ରତ ମୁଦୁଲି ପରିଚାଳନା କରିଥିଲେ।

## ଓଡ଼ିଶାରେ ବିଦ୍ୟୁତ କ୍ଷେତ୍ରର ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ ମନୋହର ଲାଲ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): କେନ୍ଦ୍ର ଶକ୍ତି, ଆବାସ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହର ଲାଲ ରବିବାର ଭୁବନେଶ୍ୱର ଠାରେ ଓଡ଼ିଶାର ଶକ୍ତି କ୍ଷେତ୍ରର ବିକାଶ ଉପରେ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ସହ ଏକ ବିସ୍ତୃତ ସମୀକ୍ଷା ବୈଠକ କରିଛନ୍ତି । ବୈଠକରେ ପାଉଁଶ (ଫ୍ଲାଏ ଆଶ୍)ର ଉପଯୋଗ, କ୍ଷମତା ବୃଦ୍ଧି, ସଂଚାରଣ ଭିତ୍ତିଭୂମି ଏବଂ ବିଦ୍ୟୁତ ଆବଣ୍ଟନ ଭଳି ପ୍ରମୁଖ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ଫ୍ଲାଇ ଆଶ ଉପଯୋଗ ଲକ୍ଷ୍ୟ ପ୍ରାପ୍ତି ପ୍ରସଙ୍ଗରେ ମନୋହର ଲାଲ ଆଶ୍ୱାସନା ଦେଇଥିଲେ ଯେ, ଫ୍ଲାଇ ଆଶ ପରିବହନ ପାଇଁ ପର୍ଯ୍ୟାପ୍ତ ରେଳ ରେକ୍ ବ୍ୟବସ୍ଥା ସମେତ ଏହି ପ୍ରସଙ୍ଗର ବ୍ୟାପକ ସମାଧାନ ନିମନ୍ତେ କୋଇଲା, ପରିବେଶ ଏବଂ ରେଳ ମନ୍ତ୍ରଣାଳୟ ସହିତ ଏକ ମିଳିତ ବୈଠକ ଡକାଯିବ। ବର୍ଦ୍ଧିତ ବିଦ୍ୟୁତ୍ ଚାହିଦା ପୂରଣ କରିବାର ଆବଶ୍ୟକତା ଉପରେ ଆଲୋକପାତ କରି ରାଜ୍ୟ ସରକାର ବୈଠକରେ ସୂଚନା ଦେଇଥିଲେ ଯେ, ଓଡ଼ିଶାରେ ବର୍ତ୍ତମାନ ୨୦ ଗିଗାଓ୍ୱାଟ କୋଇଲା ଭିତ୍ତିକ ତାପଜ ବିଦ୍ୟୁତ ଉତ୍ପାଦନ କ୍ଷମତା ରହିଛି ଏବଂ ୧୦ ଗିଗାଓ୍ୱାଟ ଅତିରିକ୍ତ କ୍ଷମତା ବିକାଶ ପାଇଁ ଯୋଜନା କରାଯାଇଛି ଯାହା ଆସନ୍ତା ୫ ରୁ ୬ ବର୍ଷ ମଧ୍ୟରେ କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି। କେନ୍ଦ୍ର ମନ୍ତ୍ରୀ ଓଡ଼ିଶାରେ ଅଧିକ ପିଟ-ହେଡ୍ ତାପଜ ବିଦ୍ୟୁତ ପ୍ଲାଣ୍ଟର ବିକାଶକୁ ପ୍ରୋତ୍ସାହିତ କରିଥିଲେ, ଯେଉଁଥିରେ ଅନ୍ୟ ରାଜ୍ୟର ବିଦ୍ୟୁତ୍ ଉତ୍ପାଦନ କମ୍ପାନୀ ସହିତ ମିଳିତ ଉଦ୍ୟୋଗ ସାମିଲ ରହିଛି। ସଞ୍ଚାରଣ କ୍ଷେତ୍ରରେ ଓଡ଼ିଶାର ରାଜ୍ୟବ୍ୟାପୀ ଯୋଜନା ରଣନୀତି ଏବଂ ଭୁବନେଶ୍ୱର ଓ କଟକ ଭଳି ସହରକୁ ବିଦ୍ୟୁତ ଯୋଗାଣ ସୁଦୃଢ଼ କରିବା ଲାଗି ନିକଟରେ ହୋଇଥିବା ଅଗ୍ରଗତି ସମ୍ପର୍କରେ ବୈଠକରେ ସୂଚନା ଦିଆଯାଇଥିଲା। ରାଇଟ୍ ଅଫ୍ ଓ୍ୱେ (ଆରଓଡବ୍ଲ୍ୟୁ) ସମସ୍ୟାର ସମାଧାନ ପାଇଁ ଓଡ଼ିଶା ପାଓ୍ୱାର ଟ୍ରାନ୍ସମିସନ୍ କର୍ପୋରେସନ୍ ଲିମିଟେଡ୍ (ଓପିଟିସିଏଲ) ଦ୍ୱାରା ନିଆଯାଇଥିବା ପଦକ୍ଷେପ ବିଷୟରେ ମଧ୍ୟ କେନ୍ଦ୍ର ମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। ବୈଠକରେ କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଥିଲେ, ଓଡ଼ିଶାର ରାଜ୍ୟବ୍ୟାପୀ ସଞ୍ଚାରଣ ନେଟଓ୍ୱର୍କ ଅଧୀନରେ ଗ୍ରୀନ୍ ଏନର୍ଜି କରିଡର ପ୍ରତିଷ୍ଠା ପ୍ରସ୍ତାବକୁ ସଂକଳନ ପ୍ରକ୍ରିୟା ସମାପ୍ତ ହେବା ପରେ ୩୧ ମାର୍ଚ୍ଚ, ୨୦୨୫ ପରେ ନୂତନ ଏବଂ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ (ଏମଏନଆରଇ) ଦ୍ୱାରା ଗ୍ରହଣ କରାଯିବ। ପୁନର୍ବିକଶିତ ବିତରଣ କ୍ଷେତ୍ର ଯୋଜନା (ଆରଡିଏସଏସ)ର ପରବର୍ତ୍ତୀ ପର୍ଯ୍ୟାୟରେ ଓଡ଼ିଶାକୁ ସାମିଲ କରିବା ସମ୍ପର୍କରେ କେନ୍ଦ୍ର ମନ୍ତ୍ରୀ ଆଶ୍ୱାସନା ଦେଇଥିଲେ ଯେ ଏହି ପ୍ରସଙ୍ଗକୁ ଉପଯୁକ୍ତ ଢଙ୍ଗରେ ଗ୍ରହଣ କରାଯିବ। ବିଦ୍ୟୁତ ଆବଂଟନ ସମ୍ପର୍କରେ ସେ କହିଥିଲେ ଯେ ଶକ୍ତି ମନ୍ତ୍ରଣାଳୟର ନିର୍ଦ୍ଦେଶାବଳୀ ଅନୁଯାୟୀ ଏନଏଲସିଆଇଏଲର ତଲାବିରା ତାପଜ ବିଦ୍ୟୁତ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟରୁ ଓଡ଼ିଶାକୁ ପର୍ଯ୍ୟାପ୍ତ ବିଦ୍ୟୁତ ମିଳିବ। କେନ୍ଦ୍ରମନ୍ତ୍ରୀ ମନୋହର ଲାଲଙ୍କ ଏହି ଗସ୍ତ ଓଡ଼ିଶାର ଶକ୍ତି ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ରାଜ୍ୟରେ ଶକ୍ତି କ୍ଷେତ୍ରର ନିରନ୍ତର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ସମୀକ୍ଷା ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ସାହିତ୍ୟ ମହାକୁମ୍ଭ-୨୦୨୫

## ସାହିତ୍ୟ ଭାବଗତ ସମ୍ପର୍କ ଯୋଡେ, ବନ୍ଧୁତାର ହାତ ବଢାଏ: ସୌମ୍ୟରଞ୍ଜନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସାହିତ୍ୟ ସଦାକାଳ ହୃଦୟକୁ ହୃଦୟ ସହ ଯୋଡେ, ସାରସ୍ୱତ ସମ୍ପର୍କର ସେତୁ ତିଆରି କରେ । ସାହିତ୍ୟ କେବଳ ଶବ୍ଦର ସଂଗ୍ରହ ନୁହେଁ, ସାହିତ୍ୟ ହେଉଛି ଏକ ସମୟ, ଏକ ଯୁଗ, ଏବଂ ଏକ ସମାଜର ଚିତ୍ରଣ । ଏହି ଉତ୍ସବ ମାଧ୍ୟମରେ ଆମେ ଲେଖକଙ୍କ ପରିଚୟ, ଆମ ସଂସ୍କୃତିର ଗୌରବ ଏବଂ ଓଡିଆ ଅସ୍ମିତାକୁ ଅନୁଭବ କରିପାରିବା ବୋଲି ସଭାରେ ଅତିଥିମାନେ ମତବ୍ୟକ୍ତ କରଛନ୍ତି । ରବିବାର ପୂର୍ବାହ୍ନରେ ଆମ ସାହିତ୍ୟ ପରିବାର, ବ୍ୟାସନଗର ଏବଂ ପାର୍ବତୀ ଗୋବିନ୍ଦ ସାହିତ୍ୟ ସଂସଦ, ଭଦ୍ରକ ଆନୁକୂଲ୍ୟରେ ସାହିତ୍ୟର ମହାକୁମ୍ଭ-୨୦୨୫ ଭୁବନେଶ୍ୱରସ୍ଥ ଜୟଦେବ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଇଷ୍ଟର୍ଣ୍ଣ ମିଡିଆର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ କହିଲେ ଯେ ସାହିତ୍ୟ ହେଉଛି ଭାଷା ଓ ଭାବର ଖେଳ। ଭାବନା ରାଜ୍ୟର ବିସ୍ତାର ହେଲେ ସାହିତ୍ୟ ହୁଏ ପରିପୃଷ୍ଟ । ଭାଷା ବଞ୍ଚାଇବା ପାଇଁ ବହିର ଆବଶ୍ୟକତା ଠାରୁ ପ୍ରଜୁକ୍ତି ବିଦ୍ୟାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେବାକୁ ଶ୍ରୀ ପଟ୍ଟନାୟକ ଯୁବ ସାହିତ୍ୟିକ ମାନଙ୍କୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସ୍ତମ୍ଭକାର ତଥା ସୁସାହିତ୍ୟିକ ଅଧାପକ ବିଶ୍ୱରଞ୍ଜନ ଅଭିଭାଷଣରେ କହିଲେ ଯେ ସାହିତ୍ୟରେ ଯେହେତୁ ଭୁଗୋଳ ନଥାଏ ଏହା ସଚରାଚର ବିଦ୍ୟମାନ । ସାହିତ୍ୟ ଭାବଗତ ସମ୍ପର୍କ ଯୋଡେ। ଲେଖକଟିଏ ଆତ୍ମତୃପ୍ତି ପାଏ। ଭାବଗତ ସମ୍ପର୍କର ମୂଳ ଆଧାର ହେଲା ସାହିତ୍ୟ ଅନୁଷ୍ଠାନ । ଅନୁଷ୍ଠାନମାନଙ୍କୁ ଉତ୍ସାହିତ କରିବା ଲକ୍ଷରେ ସାହିତ୍ୟର ମହାକୁମ୍ଭ ଆୟୋଜନ ପାଇଁ ସେ ଆୟୋଜକଙ୍କୁ ଭୁୟସି ପ୍ରଶଂସା କରିଥିଲେ । ଉଦଘାଟକ ଭାବେ ବିଶିଷ୍ଟ କବି ଡ. ପ୍ରସନ୍ନ ପାଟ୍ଟଶାଣୀ ଅଧିବେଶନକୁ ଉଦଘାଟନ କରିବା ସହ ବରେଣ୍ୟ ଅତିଥିମାନେ ୧୦ ଗୋଟି ଯୋଗ୍ୟ ସାହିତ୍ୟ ଅନୁଷ୍ଠାନକୁ ଉତ୍କର୍ଷ ସମ୍ମାନ ପ୍ରଦାନ କରିଥିଲେ । ସଭାପତି ତଥା ରାଜ୍ୟ ସଂଯୋଜକ ଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ସମାଜସେବୀ ଶଶଧର ପଣ୍ଡା ତାଙ୍କ ବକ୍ତବ୍ୟରେ ସାହିତ୍ୟ ଅନୁଷ୍ଠାନମାନଙ୍କୁ ଉତ୍କର୍ଷ ସମ୍ମାନ ପ୍ରଦାନ କରି ଆମେ ଓଡିଆ ସାହିତ୍ୟ ଜଗତରେ ଏକ ନୂଆ ସାହିତ୍ୟ ବିପ୍ଳବ ଆଣିପାରିବୁ ବୋଲି କହିବା ସହ ଆଗାମୀ ଦିନରେ ଅଧିକରୁ ଅଧିକ ସାହିତ୍ୟ ଅନୁଷ୍ଠାନ ଆମ ସହ ସାମିଲ ହେବେ ବୋଲି ଆଶା ପୋଷଣ କରିଥିଲେ । ସମ୍ପାଦକ ସରୋଜ କୁମାର ଶତପଥୀ ସମ୍ପଦକୀୟ ଅଭିଭାଷଣ ପ୍ରଦାନ କରିଥିଲେ । ଓଡିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପ୍ରାୟ ୨୫୦ ରୁ ଅଧିକ କବି ଓ କବୟିତ୍ରୀ ମାନେ ସେମାନଙ୍କର ସ୍ୱରଚିତ କବିତା ଆବୃତ୍ତି କରି ପ୍ରଶଂସା ପ୍ରସୂନ ଗ୍ରହଣ କରିଥିଲେ । ସମାରୋହରେ ଓଡିଶାରୁ ୩୫୦ ରୁ ଉର୍ଦ୍ଧ କବି ଓ ଲେଖକ ମାନେ ଯୋଗ ଦେଇଥିଲେ ।

## ଏସ୍‌ସି-ଏସ୍‌ଟି କମିଶନ ଗଠନ ପାଇଁ ଏକ ବିଲ୍ ପ୍ରସ୍ତାବ ପାଇଁ ଦାବି



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଓଡ଼ିଶାରେ ଏକ ଏସସି-ଏସଟି କମିଶନ ଗଠନ ପାଇଁ ଏକ ବିଲ୍ ପ୍ରସ୍ତାବ ଉପସ୍ଥାପନ କରିବା ପାଇଁ ବହୁଜନ ଛାତ୍ର ଏବଂ ଯୁବ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ଅନିଲ କୁମାର ମଲ୍ଲିକ ଅନ୍ୟ ସଦସ୍ୟମାନଙ୍କ ସହ ରାଜ୍ୟ ଅତିଥି ଭବନରେ ପିସିସି ସଭାପତି ଭକ୍ତ ଚରଣ ଦାସ ଏବଂ ବିଧାୟକ ସାଗର ଦାସଙ୍କୁ ଭେଟିଥିଲେ। ବିଲ୍ ଉପରେ ଏକ ଗଭୀର ଆଲୋଚନା ପରେ, ଭକ୍ତ ଚରଣ ଦାସ ବିଧାୟକ ସାଗର ଦାସଙ୍କୁ ସମସ୍ତ ଅନୁସୂଚିତ ଜାତି ଏବଂ ଜନଜାତି ବିଧାୟକଙ୍କ ସହ ଯୋଗାଯୋଗ କରିବାକୁ ଏବଂ ଓଡ଼ିଶା ବିଧାନସଭାରେ ବିଲ୍ ଉପସ୍ଥାପନ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକଟି ଅତ୍ୟନ୍ତ ଗଠନମୂଳକ ଥିଲା, ଯାହା କମିଶନ ପ୍ରତିଷ୍ଠା ପାଇଁ ନୂତନ ଆଶା ସୃଷ୍ଟି କରିଥିଲା। ଭକ୍ତ ଚରଣ ଦାସଙ୍କ ଅଟଳ ସମର୍ଥନ ପାଇଁ ବହୁଜନ ଛାତ୍ର ଏବଂ ଯୁବ ସାମ୍ମୁଖ୍ୟର ସଦସ୍ୟମାନେ ତାଙ୍କ ପ୍ରତି ଆନ୍ତରିକ କୃତଜ୍ଞତା ଜ୍ଞାପନ କରିଛନ୍ତି। ବହୁଜନ ଛାତ୍ର ଏବଂ ଯୁବ ସାମ୍ମୁଖ୍ୟର ସଂଯୋଜକ ଅନିଲ କୁମାର ମଲ୍ଲିକ କହିଛନ୍ତି ଯେ, ଆମେ ଦୃଢ଼ ଭାବରେ ବିଶ୍ୱାସ କରୁଛୁ ଯେ ସଂରକ୍ଷିତ ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ସମସ୍ତ ୫୭ ଜଣ ବିଧାୟକ ଏକତାରେ ଠିଆ ହେବେ ଏବଂ ବିଧାନସଭାରେ ଏହି ଗୁରୁତ୍ୱପୂର୍ଣ୍ଣ ବିଲ୍ ପ୍ରତି ସେମାନଙ୍କର ପୂର୍ଣ୍ଣ ସମର୍ଥନ କରିବେ।

## ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ବିରୋଧି ଦଳ ନେତା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସହିଦ ଦିବସରେ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ରାଜ୍ୟପାଳ ଡ.ହରିବାବୁ କମ୍ଭମପତି । ସୋସିଆଲ ମିଡିଆ ଏକ୍ସରେ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ, ସହିଦ ଦିବସ ଅବସରରେ ରାଜ୍ୟପାଳ ଡ.ହରିବାବୁ କମ୍ଭମପତି ଦେଶର ଏକତା ଓ ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ସେହିପରି ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏକ୍ସ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଭଗତ ସିଂହ, ସୁଖଦେବ ଓ ରାଜଗୁରୁଙ୍କୁ ଶ୍ରଦ୍ଧାଞ୍ଜଳି, ଯେଉଁମାନେ କି ଦେଶ ସ୍ୱାଧୀନତା ପାଇଁ ବଳିଦାନ ଦେଇଥିଲେ । ସେମାନଙ୍କର ବଳିଦାନ ଓ ମାତୃଭୂମି ପ୍ରତି ନିଷ୍ଠା ପିଢି ପରେ ପିଢିକୁ ପ୍ରେରଣା ଯୋଗାଇବ । ସେହିପରି ସହିଦ ଦିବସରେ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏକ୍ସ ହ୍ୟାଣ୍ଡେଲରେ ନବୀନ କହିଛନ୍ତି ଯେ, ସହିଦ ଦିବସରେ ମହାନ ସ୍ୱାଧୀନତା ସଂଗ୍ରାମୀ ଭଗତ ସିଂହ, ସୁଖଦେବ ଓ ରାଜଗୁରୁଙ୍କୁ ଶ୍ରଦ୍ଧାଞ୍ଜଳି, ଯେଉଁମାନଙ୍କ ସର୍ବୋଚ୍ଚ ବଳିଦାନ ହଜାର ହଜାର ଲୋକଙ୍କ ମନରେ ସ୍ୱାଧୀନତାର ବହ୍ନି ଜାଳିଥିଲା । ଆଗାମୀ ପିଢିଙ୍କୁ ସେମାନଙ୍କର ଏହି ବଳିଦାନ ନିରନ୍ତର ପ୍ରେରଣା ପ୍ରଦାନ କରୁଥିବ । ସେହିପରି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ସୋସିଆଲ ମିଡିଆ ଏକ୍ସରେ ସହିଦଙ୍କ ସଂଗ୍ରାମ, ବୀରତ୍ୱ, ତ୍ୟାଗ ଓ ସାହସ ସର୍ବଦା ଯୁବବର୍ଗଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଥିବ ବୋଲି କହିଛନ୍ତି ।

## ରାଜଧାନୀରେ ରାତିରେ ବୁଲୁଛି ପୋଲିସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀରେ ରାତିରେ ବୁଲୁଛି ପୋଲିସ । ଯେଉଁମାନେ ରାତିରେ ବୁଲୁଛନ୍ତି ସେମାନଙ୍କୁ ଜେରା କରାଯାଉଛି ବୋଲି ଡିସିପି ଜଗମୋହନ ମିନା କହିଛନ୍ତି । ଗତକାଲି ନୟାପଲ୍ଲୀରେ ଦୁଇ ଜଣ ବ୍ୟକ୍ତି ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ବେଳେ ପିସିଆର ଉଭୟଙ୍କୁ ଯାଞ୍ଚ କରିଥିଲା । ଦୁଇଜଣଙ୍କୁ ଯାଞ୍ଚ ପରେ ତାଙ୍କ ପାଖରୁ ଅଧା କିଲୋ ରୂପା ଜବତ ହେଲା । ସିଆରପିରୁ ଏକ ଦୋକାନରୁ ଚୋରି କରି ଆଣିଥିଲେ । ଯାଞ୍ଚ ପରେ ଏକ କିଲୋ ରୁପା ଅଳଙ୍କାର ଜବତ ହୋଇଛି । ଦୁଇ ଅଭିଯୁକ୍ତଙ୍କ ନାଁରେ ପୂର୍ବରୁ ଏକାଧିକ ମାମଲା ରହିଛି ବୋଲି ଡିସିପି କହିଛନ୍ତି ।

## ଫାକଲ୍‌ଟି ଡେଭ୍‌ଲପ୍‌ମେଣ୍ଟ ପ୍ରୋଗ୍ରାମର ସମାପନ ଉତ୍ସବ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଏସ୍‌ଟିପିଆଇ ଭୁବନେଶ୍ୱର ଅଧୀନରେ ଏକ ଇଏସ୍‌ଡିଏମ ସେଣ୍ଟର ଅଫ ଏକ୍ସଲେନ୍ସ 'ଇଲେକ୍‌ଟ୍ରୋପ୍ରିନ୍ୟୋର ପାର୍କ (ଇପି) ଭୁବନେଶ୍ୱର' ଆୟୋଜନରେ ପଞ୍ଚଦିବସୀୟ ଫାକଲଟି ଡେଭଲପମେଣ୍ଟ ପ୍ରୋଗ୍ରାମ (ଏଫଡିପି) ସଫଳତାର ସହିତ ସମାପ୍ତ ହୋଇଛି। ଶିକ୍ଷା ମନ୍ତ୍ରଣାଳୟ (ଏମ୍‌ଓଇ) ଏବଂ ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ଔଦ୍ୟୋଗିକ ମାନସିକତାକୁ ଆଗକୁ ବଢାଇବା ନିମନ୍ତେ ଫାକଲଟି ସଦସ୍ୟଙ୍କୁ ଜ୍ଞାନ ଓ ସାଧନ ସହିତ ସଶକ୍ତ କରିବା ଲକ୍ଷ୍ୟ ରଖିଛି। ସମାପନ ଉତ୍ସବରେ ମୁଖ୍ୟଅତିଥି ପ୍ରଫେସର ସଞ୍ଜୟ କୁମାର ନାୟକ, କୁଳପତି, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ, ମାନଓ ପଟ୍ଟନାୟକ, ଚେୟାରମ୍ୟାନ, ଆନ୍ଥେମ ଗ୍ଲୋବାଲ ଓ ପୂର୍ବତନ ଡାଇରେକ୍ଟର, ଏସଟିପିଆଇ, ସୂର୍ଯ୍ୟ କୁମାର ପଟ୍ଟନାୟକ, ଡାଇରେକ୍ଟର, ଏସ୍‌ଟିପିଆଇ-ଭୁବନେଶ୍ୱର, ବୋଧିସତ୍ତ୍ୱ ସଂଘପ୍ରିୟ, ଫାଉଣ୍ଡର, ଆଇଜି ଡୋନ ଏବଂ ଦେବେନ୍ଦ୍ର ପ୍ରଧାନ, ଫାଉଣ୍ଡର ଓ ସିଇଓ, କୋରାସିଆ ଟେକ୍ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଏସ.ଆର.ପାତ୍ର, ଆଡିସନାଲ ଡାଇରେକ୍ଟର ଧନ୍ୟବାଦ ଅର୍ପଣ କରିଥିବା ବେଳେ ପୁରବୀ ପୁର୍ନାଷା ମିଶ୍ର, ସିଓଓ, ଇପି-ଭୁବନେଶ୍ୱର, ଅଧିବେଶନ ଓ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।

## କୋରାପୁଟରେ ଜୌରା ନଦୀ ବଞ୍ଚାଅ ଆନ୍ଦୋଳନର ଶୁଭାରମ୍ଭ କଲା ବିଜେଡ଼ି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା କୋଟପାଡ଼ ବ୍ଲକ ଅନ୍ତର୍ଗତ ଆଠଟି ପଂଚାୟତର କୃଷକମାନଙ୍କୁ ପ୍ରଭାବିତ କରୁଥିବା ଜଳ ସଙ୍କଟର ମୁକାବିଲା ପାଇଁ ବିଜୁ ଜନତା ଦଳ 'ଜୌରା ନଦୀ ବଞ୍ଚାଅ' ଆନ୍ଦୋଳନ ଆରମ୍ଭ କରିଛି । ଇନ୍ଦ୍ରାବତୀ ନଦୀର ଏକ ଗୁରୁତ୍ୱପୂର୍ଣ୍ଣ ଉପନଦୀ ଜୌରା ନଦୀର ପ୍ରାକୃତିକ ପ୍ରବାହର ଜଳ ଧାରା ପରିବର୍ତ୍ତନ ଜନିତ ଉପୁଜିଥିବା ଗୁରୁତର ସମସ୍ୟା ଏହି ଅଂଚଳରେ କୃଷି ଉପରେ ଗୁରୁତର ପ୍ରଭାବ ପକାଇଛି । ଜଳସେଚନ ବିଭାଗ 'ଜୌରା ନଦୀ'ର ପ୍ରାକୃତିକ ପ୍ରବାହକୁ ସୀମିତ କରିଦେବା ଦ୍ୱାରା କୋଟପାଡ଼ ବ୍ଲକର ଆଠଟି ପଂଚାୟତରେ ଉତ୍କଟ ଜଳାଭାବ ସୃଷ୍ଟି ହୋଇଛି ଏବଂ ୫୦୦ରୁ ଅଧିକ ଉଠାଜଳସେଚନ କେନ୍ଦ୍ର ବନ୍ଦ ହୋଇ ଚାଷୀ ସମ୍ପ୍ରଦାୟକୁ ଦୁର୍ଦ୍ଦଶା ଭିତରକୁ ଠେଲି ଦେଇଛି । ଏହାର ଆଶୁ ସମାଧାନ ନିମନ୍ତେ କୋରାପୁଟ ଜିଲ୍ଲାର ବରିଷ୍ଠ ବିଜେଡ଼ି ନେତାଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଅଭିପ୍ରେତ ବୋଲି ବରିଷ୍ଠ ବିଜେଡି ନେତାମାନେ କହିଛନ୍ତି । ସେମାନେ ଅଭିଯୋଗ କରିଛନ୍ତି ଯେ, ଇନ୍ଦ୍ରାବତୀ ଜଳ ବଣ୍ଟନ ଚୁକ୍ତି ଅନୁଯାୟୀ ଉଭୟ ଓଡ଼ିଶା ଏବଂ ଛତିଶଗଡ଼ ସମ ପରିମାଣର ନଦୀ ଜଳ ପାଇବା କଥା । କିନ୍ତୁ, ବିଜେପି ନେତୃତ୍ୱାଧୀନ ଓଡିଶା ସରକାର ଛତିଶଗଡ ସପକ୍ଷରେ କାର୍ଯ୍ୟ କରୁଛନ୍ତି ଓ ଏହାର ଫଳସ୍ୱରୂପ ଏହି ଅଞ୍ଚଳର କୃଷି ଓ ଜଳସେଚନ ପ୍ରଭାବିତ ହୋଇଛି । ଏହି ଆନ୍ଦୋଳନରେ ପୂର୍ବତନ ମନ୍ତ୍ରୀ ରବି ନନ୍ଦ, ପୂର୍ବତନ କୋରାପୁଟ ସାଂସଦ ଝିନ ହିକାକା, ପୂର୍ବତନ ଜିଲ୍ଲା ସଭାପତି (କୋରାପୁଟ) ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନ୍, ପୂର୍ବତନ ବିଧାୟକ (କୋଟପାଡ଼) ଚନ୍ଦ୍ର ଶେଖର ମାଝୀ, ପୂର୍ବତନ ବିଧାୟକ (ପଟାଙ୍ଗୀ) ପ୍ରଫୁଲ୍ଲ ପାଙ୍ଗି, ପୂର୍ବତନ ବିଧାୟକ ପ୍ରୀତମ ପାଢ଼ୀ ଏବଂ ପୂର୍ବତନ ବିଧାୟକ ପ୍ରଭୁ ଜାନିଙ୍କ ସମେତ ଅନେକ ପ୍ରମୁଖ ବିଜେଡ଼ି ନେତା ଅଂଶଗ୍ରହଣ କରିଥିଲେ ।

## ମହାନଦୀ ପ୍ରସଙ୍ଗରେ ବିଜେଡିକୁ ବିଜେପିର ଜବାବ୍
## ରାଜନୈତିକ ରୁଟି ସେକିବାକୁ ଚେଷ୍ଟା କରୁଥିଲା ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମହାନଦୀ ପ୍ରସଙ୍ଗରେ ବିଜେଡିକୁ ବିଜେପିର ଜବାବ୍ । ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ, ୨୦୧୬ ରେ ଯେତେବେଳେ ଏହି ଚର୍ଚ୍ଚା ଆରମ୍ଭ ହେଲା ଦୁଇଟି ରାଜ୍ୟକୁ ଡାକି କେନ୍ଦ୍ର ସରକାର ସମାଧାନ କରିବାକୁ ଚେଷ୍ଟା କରିଥିଲେ । ମାତ୍ର ମୁଖ୍ୟମନ୍ତ୍ରୀ ଥରେ ମାତ୍ର ବୈଠକରେ ଯୋଗ ଦେଇ ଆଉ ଦୁଇ ଥର ଗଲେନି । ସେତେବେଳେ ସେ ଏହି ପ୍ରସଙ୍ଗରେ ନିଜ ଫାଇଦା ପାଇଁ ରାଜନୈତିକ ରୁଟି ସେକିବାକୁ ଚେଷ୍ଟା କଲେ । ଟ୍ରିବ୍ୟୁନାଲକୁ ନ ଯିବାକୁ ଆମେ ବି କହିଥିଲୁ ହେଲେ ବିଜେଡି ଜିଦ ନେଇଯାଇଥିଲା । ଆଜି ବିଜେଡି ନେତା ମହାନଦୀ କାନ୍ଦୁଛି କହି ଓଲଟା କଥା କହୁଛନ୍ତି । ଓଡିଶା ସ୍ୱାର୍ଥ ପାଇଁ ମହାନଦୀ ଜଳ ବିବାଦ କେମିତି ସମାଧାନ ହେବ ମୋହନ ମାଝୀଙ୍କ ସରକାର କାମ ଆରମ୍ଭ କରିଛନ୍ତି । ଆଜି ବଡ଼ ପାଟିରେ କହୁଥିବା ନେତା ଜଣେ ରାଜ୍ୟ ବାହାର ଲୋକଙ୍କ ଡରରେ ପାଟି ବନ୍ଦ କରିଥିଲେ । ଏବେ ଆମକୁ ବିଜେଡିର ଉପଦେଶ ନେବାର କିଛି ଆବଶ୍ୟକ ନାହିଁ ବୋଲି ଆଇନ ମନ୍ତ୍ରୀ କହିଛନ୍ତି ।

## ମାଇନିଂ ଅଫିସର ରାଜେନ୍ଦ୍ର ଖୁଣ୍ଟିଆ ସସ୍‌ପେଣ୍ଡ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମାଇନିଂ ଅଫିସର ରାଜେନ୍ଦ୍ର ଖୁଣ୍ଟିଆଙ୍କୁ ସସପେଣ୍ଡ କରାଯାଇଛି । ରାଜେନ୍ଦ୍ର ଖୁଣ୍ଟିଆଙ୍କ କାର୍ଯ୍ୟ ଉପରେ ସରକାର ତୀକ୍ଷଣ ଦୃଷ୍ଟି ରଖି ଆସିଥିଲେ ଓ ତାଙ୍କ କାର୍ଯ୍ୟଶୈଳୀରେ କୌଣସି ଉନ୍ନତି ପରିଲକ୍ଷିତ ନହେବା ଯୋଗୁଁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ଏଥି ସହିତ ଅନ୍ୟାନ୍ୟ ମାଇନିଙ୍ଗ ଅଫିସରମାନଙ୍କ କାର୍ଯ୍ୟଧାରା ଉପରେ ସରକାର ତୀକ୍ଷଣ ଦୃଷ୍ଟି ରଖିଛନ୍ତି। କାର୍ଯ୍ୟରେ କୌଣସି ଖିଲାପ ଦୃଷ୍ଟି ଗୋଚର ହେଲେ ସରକାର ତୁରନ୍ତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି।

## ବିକଶିତ ଭାରତ ଯୁବ ସଂସଦ ଉଦ୍‌ଘାଟିତ




କଟକ(ଭାସ୍କର ନ୍ୟୁଜ): ତୁଳସୀପୁର ଦେଉଳ ସାହିସ୍ଥିତ ରଘୁନାଥଜୀଉ ସ୍ନାତକ ମହାବିଦ୍ୟାଳୟରେ ଭାରତ ସରକାରଙ୍କ କ୍ରୀଡା ଓ ଯୁବ ମନ୍ତ୍ରଣାଳୟର ପ୍ରୋତ୍ସାହନ, ନେହରୁ ଯୁବକେନ୍ଦ୍ର କଟକ ଶାଖା ଓ ଜାତୀୟ ସେବା ଯୋଜନାର ମିଳିତ ସହଯୋଗରେ ଜିଲ୍ଲାସ୍ତରୀୟ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ବାରବାଟୀ- କଟକ ବିଧାୟିକା ଶୋଫିଆ ଫିରଦୋସଙ୍କ କରକମଳରେ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଦୁଇଦିନ ଧରି ଚାଲିବ। ଯାଜପୁର ଓ କଟକ ଜିଲ୍ଲାର ୧୫୦ ଯୁବକଯୁବତୀ ଭାଗ ନେଇଛନ୍ତି। ମହାବିଦ୍ୟାଳୟ ଅଧକ୍ଷ ଚନ୍ଦ୍ର ମୋହନ ସ୍ୱାଇଁଙ୍କ ସଭାପତିତ୍ୱରେ ଜାତୀୟ ସେବା ଯୋଜନା ଓଡିଶା ଶାଖାର ଯୁବ ଅଧିକାରୀ ଅଜିତ ଖୋସ୍ ୱାଲ୍ ଓ ନେହରୁ ଯୁବକେନ୍ଦ୍ର କଟକ ଜିଲ୍ଲା ଶାଖା ଯୁବ ଅଧିକାରୀ ବିପିନ କୁମାର, ଯାଜପୁରର ଜିଲ୍ଲା ସଂଯୋଜକ ସୁଦୀପ୍ତ କୁମାର ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଶୋଫିଆ ଫିରଦୋସ ଯୁବକଯୁବତୀଙ୍କୁ ଦେଶର ବିକାଶରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଅଜିତ ଖୋସ୍ ୱାଲ୍ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ନିଜର ଅଭିମତ ରଖିଥିଲେ। ବିପିନ କୁମାର କାର୍ଯ୍ୟକ୍ରମର ଚୟନ ପ୍ରକ୍ରିୟା ସମ୍ପର୍କରେ ସୁଚନା ଦେଇଥିଲେ। ନୋଡାଲ ଅଫିସର ଡକ୍ଟର ସରୋଜ କୁମାର ଦାଶ ଦୁଇଦିନିଆ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ତଥ୍ୟ ରଖିଥିଲେ। ଅଧକ୍ଷ ଶ୍ରୀ ସ୍ୱାଇଁ ପିଲାଙ୍କୁ ବିକଶିତ ଭାରତର ସ୍ୱପ୍ନ ସାକାର ପାଇଁ ପ୍ରତିଶ୍ରୁତିବଦ୍ଧ ହେବାକୁ ପ୍ରେରଣା ଦେଇଥିଲେ। ଅଧ୍ୟାପିକା ସୁଶ୍ରୀ କାନ୍ତିରେଖା ବିଶ୍ୱାଳ ଅତିଥିମାନଙ୍କର ପରିଚୟ ଦେବା ସହିତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶେଷରେ ଅଧାପକ ନିହାର ରଞ୍ଜନ ରଥ ଧନ୍ୟବାଦ ପ୍ରଦାନ କରିଥିଲେ।

## କେନ୍ଦ୍ର ସରକାର ସବୁବେଳେ ଗଣତନ୍ତ୍ରର ପରିସୀମା ଭିତରେ ଚାଲିଥାନ୍ତି: ପୃଥ୍ୱୀରାଜ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଡିଲିମିଟେସନ ନେଇ ଚେନ୍ନାଇରେ ବସିଥିବା ବୈଠକରେ ବିଜେଡି ଯୋଗ ଦେବାକୁ ନେଇ ବିଜେପି କଡା ଟାର୍ଗେଟ କରିଛି । ଗତ ୮, ୧୦ ବର୍ଷ ଧରି ସରକାରକୁ ଦକ୍ଷିଣ ଭାରତୀୟ ଲୋକ ଚଳେଇଲେ । ଏବେ ଦକ୍ଷିଣ ଭାରତ ସହ ଅସୁବିଧା କଣ ଅଛି । ଡିଲିମିଟେସନ ପାଇଁ ନୋଟିଫିକେସନ ଆସିନି । ହେଲେ ଏବେଠୁ ନଈ ନ ଦେଖୁଣୁ ଲଙ୍ଗଳା ହେଲା ଭଳି ନ ହୁଅନ୍ତୁ । ଯଦି କିଛି ଭୁଲ ଥିବ ପରାମର୍ଶ ଦେବାର ଅଧିକାର ବିରୋଧୀଙ୍କର ଅଛି । କେନ୍ଦ୍ର ସରକାର ସବୁ ବେଳେ ଗଣତନ୍ତ୍ରର ପରିସୀମା ଭିତରେ ଚାଲିଥାନ୍ତି । ଗଣତନ୍ତ୍ରର ଅଧିକାର କୌଣସି ଜାଗାରେ କ୍ଷୁର୍ଣ୍ଣ ହେବାର ନାହିଁ । ବିରୋଧୀ ଦଳ ଏତେ ଭୟଭୀତ ନ ହୋଇ ଅପେକ୍ଷା କରନ୍ତୁ ବୋଲି କହିଛନ୍ତି ପୃଥ୍ୱୀରାଜ ହରିଚନ୍ଦନ ।

## ବିବାଦ ନେଇ ଟ୍ରିପିଲ୍ ଇଞ୍ଜିନ୍ ସରକାର ପଦକ୍ଷେପ ନେବା ଆବଶ୍ୟକ: ଭକ୍ତ ଦାସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମହାନଦୀ ବିବାଦ ନେଇ ଛତିଶଗଡ଼ ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା ନେଇ ପିସିସି ସଭାପତି ଭକ୍ତ ଦାସ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ଛତିଶଗଡ଼ରେ କଂଗ୍ରେସ ସରକାର ଥିବା ସମୟରେ ଏ ବାବଦରେ କଂଗ୍ରେସ ଆଲୋଚନା କରିଛି । ଏବେ ଓଡ଼ିଶାରେ ବିଜେପି ସରକାର, ଛତିଶଗଡ଼ ବିଜେପି ସରକାର, କେନ୍ଦ୍ରରେ ତାଙ୍କ ସରକାର । ତେଣୁ ମହାନଦୀ ବିବାଦ ନେଇ ଟ୍ରିପିଲ ଇଞ୍ଜିନ ସରକାର ପଦକ୍ଷେପ ନେବା ଆବଶ୍ୟକ । ଦୁଇ ମୁଖ୍ୟମନ୍ତ୍ରୀ ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ କଥା କହୁଛନ୍ତି, କିନ୍ତୁ ଫଳପ୍ରଦ ହେବା ପରି ଲାଗୁନି ବୋଲି କହିଛନ୍ତି ଭକ୍ତ ଦାସ ।

## କବିତା ପୁସ୍ତକ 'ପାପ ପ୍ରଶ୍ୱାସ' ଲୋକାର୍ପିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପ୍ରେମ କେବେ ପାପ ତ କେବେ ପୁଣି ପୁଣ୍ୟ।ପୁଣ୍ୟ ଭିତରେ ପାପ ଥାଏ ଆଉ ପାପ ଭିତରେ ବି ପୁଣ୍ୟ ଥାଏ. ପ୍ରେମ ସେମିତିକା ଏକ ପାପ। ସେ ପାପ ନିଃଶ୍ୱାସ ଆଉ ପ୍ରଶ୍ୱାସରେ ବି ରହିପାରେ। ଯୁବ ସାମ୍ବାଦିକ ତଥା ପକ୍ଷୀଘର ପ୍ରକାଶନୀ ପ୍ରକାଶିତ ସ୍ୱପ୍ନ କୁମାର ସାହୁଙ୍କ କବିତା ପୁସ୍ତକ 'ପାପ ପ୍ରଶ୍ୱାସ'ର ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି ପ୍ରଖ୍ୟାତ ଲେଖକ ଶାନ୍ତନୁ ଆଚାର୍ଯ୍ୟ। ଗୀତ ଗୋବିନ୍ଦ ପ୍ରେକ୍ଷାଳୟରେ ଏହି ଉତ୍ସବରେ ମୁଖ୍ୟ ବକ୍ତାଭାବେ ଯୋଗ ଦେଇଥିଲେ ବିଶିଷ୍ଟ ସାହିତ୍ୟିକା ସରୋଜିନୀ ସାହୁ। ପକ୍ଷୀ ଘର ପ୍ରକାଶନୀ ପ୍ରକାଶିତ ବନୋଜ ତ୍ରିପାଠୀ, ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପୁସ୍ତକକୁ ସମୀକ୍ଷା କରିଥିଲେ। ଏହି କବିତା ବହିରେ ସମୁଦାୟ ୫୩ଟି କବିତା ରହିଥିବାବେଳେ ପ୍ରତ୍ୟେକ କବିତାରେ କବିଙ୍କ ଜୀବନର ଅନୁଭବ ରହିଛି। ମୁଖ୍ୟ ସ୍ୱର ହେଉଛି ପ୍ରେମ, ପ୍ରତାରଣା, ବିଶ୍ୱାସ, ଅବିଶ୍ୱାସ, ପ୍ରକୃତିପ୍ରାଣତା। ପ୍ରକାଶନୀ ସଂସ୍ଥା ପକ୍ଷୀଘର ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଶତାଧିକ ଲେଖକ, ପାଠକ ଏବଂ ସାହିତ୍ୟ ପ୍ରେମୀ ଯୋଗ ଦେଇଥିଲେ। ଓଡ଼ିଶୀ ନୃତ୍ୟଶିଳ୍ପୀ ନିବେଦିତା ଭୋଇଙ୍କ ସରସ୍ୱତୀ ବନ୍ଦନାରେ ନୃତ୍ୟ ପରିବେଷଣରୁ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମକୁ ଡକ୍ଟର ଜେନାମଣୀ ସଂଜୀବ କୁମାର ସଂଯୋଜନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ବରିଷ୍ଠ ସାମ୍ବାଦିକ ସୁବ୍ରତ ଦାଶ। ପାଠକମାନେ ବହିଟିକୁ ରାଜ୍ୟର ବିଭିନ୍ନ ବହି ଦୋକାନ ସହ ଅନଲାଇନ ମାଧ୍ୟମରେ ମଧ୍ୟ ପାଇପାରିବେ ।

## ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ବହୁ ମାନ୍ୟଗଣ ନେତା, ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଛନ୍ତି ବହୁ ମାନ୍ୟଗଣ୍ୟ ନେତା ଓ ମନ୍ତ୍ରୀ । ବିହାର ସ୍ୱାସ୍ଥ୍ୟମନ୍ତ୍ରୀ ମଙ୍ଗଲ୍ ପାଣ୍ଡେ ଡ଼ ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ, ତାଙ୍କର ସମ୍ପୂର୍ଣ୍ଣ ଜୀବନ ରାଷ୍ଟ୍ରବାଦ ଚିନ୍ତାଧାରାକୁ ମଜବୁଦ କରିବା ପାଇଁ ଥିଲା। ଦେଶ ଭିତରେ ସାଂସ୍କୃତିକ ପ୍ରବାହ କେମିତି ମଜବୁତ ହେବ ସେଥିପାଇଁ ଲମ୍ବା ସମୟ ବିଜେପିରେ ରହି ଓଡିଶା ସହ ଦେଶ ପାଇଁ କାମ କରିଛନ୍ତି। ଡ଼ ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ହରିୟାଣାର ପଞ୍ଚାୟତ ମନ୍ତ୍ରୀ କ୍ରିଷ୍ଣାପାଲ ପନ୍‌ୱାର ତାଳଚେର ସ୍ଥିତ ହାଣ୍ଡିଧୂଆଁ ବାସଭବନରେ ପହଁଚିଛନ୍ତି । ସେହିପରି ପୂର୍ବତନ ସାଂସଦ ଉତ୍ତର ପ୍ରଦେଶର ହରିଶ ତ୍ରିବେଦୀ ମଧ ତାଳଚେର ସ୍ଥିତ ହାଣ୍ଡିଧୂଆଁ ବାସଭବନରେ ପହଁଚିଛନ୍ତି ।

## ୧୦୨ ୟୁନିଟ୍ ରକ୍ତ ସଂଗ୍ରହ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପୋଲିସ କମିସନରେଟ ରେଡ଼କ୍ରସ୍ ସହାୟତାରେ ବାବା ଆଖଣ୍ଡଳମଣୀ ଯୁବକ ସଂଘ ପକ୍ଷରୁ ଭିଏସ୍ଏସ୍ ନଗରର ଦୁର୍ଗାପୂଜା ମଣ୍ଡପରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ମୋଟ ୧୦୨ ୟୁନିଟ୍ ରକ୍ତଦାନ କରାଯାଇଥିଲା । ଏଥିରେ ପୋଲିସ୍ କମିଶନର ତଥା ରେଡ଼କ୍ରସ୍ ଆଞ୍ଚଳିକ ଶାଖାର ଅଧକ୍ଷ ଦେବଦତ୍ତ ସିଂ, ପୁର୍ବତନ ସାସଂଦ ତଥା ଆମ ଓଡିଶାର ଅଧକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ, ସ୍ଥାନୀୟ ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ ପ୍ରମୁଖ ମୁଖ୍ୟ ଅତିଥୀ ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ । ଏଥିରେ ସହିଦ ନଗର ଥାନା ଅଧିକାରୀ ସୁଚିତ୍ର ବିର୍ଯ୍ୟ ଦାସ ରକ୍ତଦାନ କରିଥିଲେ । ଏହି ଶିବିରରେ ପୋଲିସ୍ କମିଶନରେଟ୍ ରେଡ଼କ୍ରସ୍ ଯୁଗ୍ମ ସମ୍ପାଦକ ଆଡିସନାଲ ଡିସିପି ମାନସ ଗଡନାୟକ, ପୁର୍ବତନ ଯୁଗ୍ମ ସମ୍ପାଦକ ଲଳିତେନ୍ଦୁ ମହାନ୍ତି ଓ ସ୍ଥାନୀୟ କରପୋରେଟର ପ୍ରଭାଶିନୀ ମହାନ୍ତି ପ୍ରମୁଖ ସମ୍ମାନୀତ ଅତିଥୀ ଭାବେ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଶିବିରକୁ ଭି.ଏସ୍.ଏସ୍ ନଗର ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ତଥା ପୋଲିସ୍ କମିଶନରେଟ୍ ରେଡ଼କ୍ରସ୍‌ର କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ଦିଲ୍ଲୀପ ଦାଶଶର୍ମା, ବାବା ଆଖଣ୍ଡଳମଣୀ ଯୁବକ ସଂଘର ସଭାପତି ମନୋଜ କୁମାର ସାହୁ ଓ ସାଧାରଣ ସମ୍ପାଦକ ସଂଜୟ କୁମାର ସ୍ୱାଇଁ ପରିଚାଳନା କରିଥିଲେ।


## ଫେରାର ଅପରାଧୀଙ୍କ ବିରୁଦ୍ଧରେ ଲଟ୍‌କା ଜାରି କରୁଛି ପୋଲିସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଫେରାର ଅପରାଧୀଙ୍କ ବିରୁଦ୍ଧରେ ଲଟକା ଜାରି କରୁଛି ପୋଲିସ । ଏନେଇ ଭୁବନେଶ୍ୱର ଡିସିପି ଜଗମୋହନ ମିନା ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଯେଉଁମାନେ ପେସାଦାର ଅପରାଧୀ ସେମାନଙ୍କ ତାଲିକା କରିଛି ପୋଲିସ । ୨୦୨୦ରେ ଜଣେ ଅଭିଯୁକ୍ତଙ୍କ ଘରେ ଲଟକା ଜାରି କରାଯାଇଛି । ଅଭିଯୁକ୍ତ ହେଲେ ଅକ୍ଷୟ ନାୟକ । ତାଙ୍କ ଘର କେଦାରପଲି ବସ୍ତିରେ । ସେ ଏକ ପୋକସୋ ମାମଲାରେ ଫେରାର ଅଛନ୍ତି । ପୋଲିସ ଆଜି ତାଙ୍କ ଘରେ ଲଟକା ଜାରି କରିଛି । ସେ ପୋଲିସ ପାଖରେ ଆତ୍ମସମର୍ପଣ ନକଲେ ତାଙ୍କ ସମ୍ପତି ଜବତ କରାଯିବ ବୋଲି କହିଛନ୍ତି ଡିସିପି ଭୁବନେଶ୍ୱର ।

## ଭୁବନେଶ୍ୱର ବାର୍ ଆସୋସିଏସନ୍‌ର ବାର୍ଷିକ ଉତ୍ସବ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱର ବାର ଆସୋସିଏସନ୍‌ର ବାର୍ଷିକ ଉତ୍ସବ ଭୁବନେଶ୍ୱର କୋର୍ଟ ହଲରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି କୁନ୍ଦନ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥ୍ୟ ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଆଦିତ୍ୟ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଭି. ନରସିଂହ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ବିଚାରପତି ଶିବ ଶଙ୍କର ମିଶ୍ର, ବିଚାରପତି ସଞ୍ଜୟ କୁମାର ମିଶ୍ର, ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ପୂର୍ବତନ ଅଧକ୍ଷ ମାନସ କୁମାର ମହାପାତ୍ର ଏବଂ ମୁଖ୍ୟ ବକ୍ତା ଭାବେ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ, ରାଜ୍ୟ ଆଇନଜୀବୀ ପରିଷଦର ବରିଷ୍ଠ ସଭ୍ୟ ବିଭୁ ପ୍ରସାଦ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଆଇନଜୀବୀ ଏବଂ ବିଚାରପତିଙ୍କ ମଧ୍ୟରେ ସମନ୍ୱୟ ରହିବା ଦରକାର ବୋଲି ମତ ଦେଇଥିଲେ। ଏହି ଅବସରରେ ବାର୍ ସଦସ୍ୟଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଏହାସହିତ ବରିଷ୍ଠ ଆଇନଜୀବୀଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଆସୋସିଏସନ୍ ସମ୍ପାଦକ ଦୀପକ ଦାଶ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସଭା ପରିଚାଳନା କରିଥିଲେ ଶିଳଭଦ୍ର ଶାସ୍ତ୍ରୀ ଓ ଧନ୍ୟବାଦ ଦେଇଥିଲେ ଆସୋସିଏସନ୍ ଉପସଭାପତି ଦୁର୍ଗା ପ୍ରସାଦ ସାହୁ। ଏଥିରେ ଭୁବନେଶ୍ୱର ବାର୍ ଆସୋସିଏସନ୍‌ର ଯୁଗ୍ମ ସମ୍ପାଦକ ଅନ୍ତର୍ଯ୍ୟାମୀ ବିଶ୍ୱାଳ, ସହ ସମ୍ପାଦକ କୁଳଦୀପ୍ ରାଉତରାୟ, କୋଷାଧକ୍ଷ ଜଗଦିଶ ବେହେରା, କାର୍ଯ୍ୟକାରୀ କମିଟିର ସଭ୍ୟ ସମେତ ବହୁ ଆଇନଜୀବୀ ସାମିଲ ହୋଇଥିଲେ ।



ଯେହୁ କ୍ଷମା ଗୁଣେ ପର ତିରସ୍କାର
ଉପେକ୍ଷା କରଇ ଭବେ,
ଏହି ଚରାଚର ବ୍ରହ୍ମାଣ୍ଡ ଆୟତ୍ତ
ହୁଅଇ ତାହାର ଲବେ।

-ପଲ୍ଲୀକବି ନନ୍ଦକିଶୋର ବଳ



ବୈକୁଣ୍ଠ ସମାନ ଆହା ଅଟେ ସେହି ଘର,
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର

-ଭକ୍ତକବି ମଧୁସୂଦନ ରାଓ



### ରାଜ୍ୟରେ କାଳବୈଶାଖୀର ତାଣ୍ଡବ

## ବିପନ୍ନଙ୍କୁ ସହାୟତା ଏକାନ୍ତ ଜରୁରି

ପାଣିପାଗ ବିଶେଷଜ୍ଞମାନେ ଗୋଟିଏ ସପ୍ତାହ ପୂର୍ବରୁ କରିଥିବା ପୂର୍ବାନୁମାନ ସତ୍ୟ ପ୍ରମାଣିତ ହୋଇଛି ଏବଂ ସାରା ରାଜ୍ୟରେ ଗତ ୩/୪ ଦିନ ଧରି ବିଜୁଳି ଘଡ଼ଘଡ଼ି ସହ କାଳବୈଶାଖୀ ଜନିତ ବର୍ଷା ଓ ପବନର ପ୍ରକୋପ ଦେଖିବାକୁ ମିଳୁଛି। ଯଦିଓ ଏହି ଅଦିନିଆ ବର୍ଷା ଯୋଗୁଁ ଅସହ୍ୟ ତାତି ଓ ଟାଣ ଖରାରୁ କିଛିଟା ଆଶ୍ୱସ୍ତି ମିଳିଛି, ତଥାପି ରାଜ୍ୟର ବ୍ୟାପକ ଅଞ୍ଚଳରେ କାଳବୈଶାଖୀ ନାହିଁ ନଥିବା କ୍ଷୟକ୍ଷତି ଓ ତାଣ୍ଡବ ଘଟାଇଥିବାର ଖବର ହସ୍ତଗତ ହେବାରେ ଲାଗିଛି। ବିଶେଷ କରି ଭୀଷଣ କୁଆପଥର ମାଡ଼ ଓ ଜୋର ପବନ ଯୋଗୁଁ ଶୁକ୍ରବାର ଦିନ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ବହୁ ସ୍ଥାନରେ ଘରଦ୍ୱାର ଭାଙ୍ଗିବା ସହିତ ସ୍ୱାଭାବିକ ଜୀବନଯାତ୍ରା ପ୍ରଭାବିତ ହୋଇଛି। ସେହିପରି ଶନିବାର ଗଞ୍ଜାମ ଓ ପୁରୀ ଜିଲ୍ଲାରେ କୁଆପଥର ବର୍ଷା ଓ ପବନ ଭୀଷଣ କ୍ଷତି ଘଟାଇଛି। ସର୍ବଶେଷ ତଥ୍ୟ ଅନୁଯାୟୀ ବଜ୍ରପାତ ଯୋଗୁଁ ଗଞ୍ଜାମ ଓ ପୁରୀ ଜିଲ୍ଲାରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି। ବର୍ଷା, ପବନ ଓ କୁଆପଥର ମାଡ଼ର ସମ୍ମୁଖୀନ ହୋଇଥିବା ଜିଲ୍ଲା ଗୁଡ଼ିକ ମଧ୍ୟରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, କଟକ, ଯାଜପୁର, ଝାରସୁଗୁଡ଼ା, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ଜଗତସିଂହପୁର, ଢ଼େଙ୍କାନାଳ, ନୟାଗଡ଼ ଓ ପୁରୀ ଅନ୍ତର୍ଭୁକ୍ତ। ଶୁକ୍ରବାର ସକାଳ ସାଢ଼େ ୮ଟାରୁ ଚବିଶ ଘଣ୍ଟା ମଧ୍ୟରେ ବାରିପଦାରେ ସର୍ବାଧିକ ୧୨୩.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ସ୍ଥଳେ ଶନିବାର ଛତ୍ରପୁର ଠାରେ ୬୨.୮ ମିଲିମିଟର ବର୍ଷା ହୋଇଛି। ବ୍ରହ୍ମପୁରରେ ପ୍ରବଳ ବର୍ଷା ହେବାରୁ ମେଡିକାଲ କଲେଜ ହସ୍ପିଟାଲରେ ପାଣି ପଶି ରୋଗୀସେବା ବ୍ୟାହତ ହୋଇଛି। ଏଠାରେ ଟିକେଟ କାଉଣ୍ଟରରେ ବର୍ଷା ପାଣି ପ୍ରବେଶ କରିବା ଯୋଗୁଁ କାର୍ଯ୍ୟ ବନ୍ଦ ରହିଛି। ପ୍ରବଳ ବର୍ଷାରେ ବ୍ରହ୍ମପୁର ସହର ଜଳମଗ୍ନ ହେବା ସଙ୍ଗେ ସଙ୍ଗେ ପବନ ଯୋଗୁଁ ବଡ଼ ବଡ଼ ଗଛ ଭାଙ୍ଗି ପଡ଼ିଛି। ଗୁରୁବାର ରାତିରେ ମୟୂରଭଞ୍ଜ ଜିଲ୍ଲାରେ ଦୀର୍ଘ ସମୟ ଧରି ୩/୪ କିଲୋଗ୍ରାମ ଓଜନର କୁଆପଥର ବୃଷ୍ଟିହେବାରୁ ବିଶୋଇ ଓ ବାଙ୍ଗିରୀପୋଷି ବ୍ଲକର ଛ'ଟି ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ଘଟିଥିବାବେଳେ ଅନ୍ୟ ପଞ୍ଚାୟତ ଓ ବ୍ଲକ ଆଂଶିକ କ୍ଷତିଗ୍ରସ୍ତ ହୋଇଥିବା ଖବର ମିଳିଛି। ବିଶୋଇ ବ୍ଲକର ୧୧ଟି ଗ୍ରାମର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଯେଉଁଆଡ଼େ ଚାହିଁଲେ କେବଳ ଛପର ନଥିବା ଘର ହିଁ ଦେଖିବାକୁ ମିଳୁଛି। ଲୋକେ ଖୋଲା ଆକାଶ ତଳେ ପଡ଼ି ରହିଛନ୍ତି। ଖାଦ୍ୟ, ବସ୍ତ୍ର ଓ ବାସଗୃହ ଅଭାବରୁ ସେମାନେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ସେହିପରି ଦେବଗଡ଼ ଜିଲ୍ଲାର ରିଆମାଳ ବ୍ଲକର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଓ କୁଆପଥର ମାଡ଼ ଲୋକଙ୍କ ଦୁର୍ଦ୍ଦଶାକୁ ଦ୍ୱିଗୁଣିତ କରିଛି। କୁଆପଥର ମାଡ଼ରେ ଡାଲି ଜାତୀୟ ଫସଲ, ପନିପରିବା ବିଶେଷ କରି ତରଭୁଜ ଚାଷର ବିଶେଷ କ୍ଷତି ଘଟିଛି। କେତେକ ସ୍ଥାନରେ ଉଜୁଡ଼ା କ୍ଷେତକୁ ଚାହିଁ ଚାଷୀ କାନ୍ଦୁଥିବାର ଲକ୍ଷ୍ୟ କରାଯାଉଛି। ଝଡ଼ବର୍ଷା, ବଜ୍ରପାତ ଓ କୁଆପଥର ବୃଷ୍ଟି ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଅଞ୍ଚଳରେ ଦୁଇଦିନ ପରେ ମଧ୍ୟ ସରକାରୀ ସହାୟତା ପହଞ୍ଚି ନଥିବାରୁ ବହୁ ସ୍ଥାନରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବ୍ୟାପିବାରେ ଲାଗିଛି। ରାଜ୍ୟ ସରକାର କାଳବୈଶାଖୀ ଜନିତ କ୍ଷୟକ୍ଷତିର ଗୁରୁତ୍ୱକୁ ଉପଲବ୍ଧି କରି ବିପନ୍ନ ଲୋକଙ୍କୁ ଅବିଳମ୍ବେ ସହାୟତାର ହାତ ବଢ଼ାଇବା ଏକାନ୍ତ ଜରୁରି। ନଚେତ୍ ବାସହରା ଓ ଦୁର୍ଦ୍ଦଶାଗ୍ରସ୍ତଙ୍କ ଯନ୍ତ୍ରଣା ସୀମା ଲଙ୍ଘନ କରିବା କିଛି ଅସମ୍ଭବ ନୁହେଁ। ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀ ତୁରନ୍ତ ଉଚ୍ଚସ୍ତରୀୟ ବୈଠକ ଡକାଇ ବାସ୍ତବ ସ୍ଥିତିର ସମୀକ୍ଷା କରିବା ଉଚିତ୍।



ଡ. ସତ୍ୟ ନାରାୟଣ ମିଶ୍ର
ସହ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର,
ଏମ୍-୭୯, ମଧୁସୂଦନ ନଗର, ୟୁନିଟ-୪
ଭୁବନେଶ୍ୱର, ମୋ:୯୯୩୭୩୪୫୯୦୦

# ଅତୀତ ଓ ଭବିଷ୍ୟତର ବର୍ତ୍ତମାନ:ବୋହୂ

ଅତୀତ ସବୁବେଳେ ଭବିଷ୍ୟତ ପାଇଁ ଶିକ୍ଷା ପ୍ରଦାନ କରିଥାଏ ଓ ସେଥିରୁ ମଣିଷ କିଛି ଜାଣି ଥାଏ ଓ କିଛି ଜାଣିସୁଦ୍ଧା ଅବଜ୍ଞା କରିଥାଏ। ଶୃଙ୍ଖଳିତ ଜୀବନଶୈଳୀ ଓ ବିଚାରଧାରାରେ ମଣିଷ ପରିବାର ଗଠନ କରି ଭାବ ଓ ଭାବନାର ସମନ୍ୱୟରେ ଗଠନ କରିଥାଏ ପାରିବାରିକ ଭିତ୍ତିଭୂମି। ଭାରତୀୟ ପାରିବାରିକ ବ୍ୟବସ୍ଥାକୁ ଅବଲୋକନ କଲେ ସ୍ପଷ୍ଟ ପ୍ରତିୟମାନ ହୋଇଥାଏ ଯେ ଏଠାରେ ପରିବାର ଥାଏ ପରସ୍ପର ମଧ୍ୟରେ ଏକ ଶକ୍ତି ଓ ଆକର୍ଷଣର ମନ୍ଦିର। ପାରିବାରିକ ସମ୍ପର୍କ ଓ ନିବିଡ ଆତ୍ମୀୟତା ମଣିଷର ଜୀବନ ଯୁଦ୍ଧରେ ଅନେକ ପ୍ରାସଙ୍ଗିକ ସ୍ଥିତାବସ୍ଥାରେ ମୂଲ୍ୟବାନ ଆଧାର ହୋଇ ଦଣ୍ଡାୟମାନ ହୋଇଥାଏ। ପାଶ୍ଚାତ୍ୟ ସଭ୍ୟତାରେ ପାରିବାରିକ ସମ୍ପର୍କ ଥାଏ ଏକ ଚୁକ୍ତିବଦ୍ଧ ସମୟାନୁବନ୍ଧିତ ଅବଧି ପାଇଁ ଉଦ୍ଦିଷ୍ଟ, ଯେଉଁଠି ନଥାଏ ପାରିବାରିକ ଉଷ୍ମତା ଓ ଭାବାବେଗର ଅନ୍ତରଙ୍ଗ ମୁହୂର୍ତ୍ତ। ମାତ୍ର ଭାରତୀୟ ଭାବଧାରାର ପାରିବାରିକ ସ୍ଥିତି ଏକ ଯୌଥ ଏକାନ୍ନବର୍ତ୍ତୀ ପରିବାରରୁ ସୃଷ୍ଟି ହୋଇ ବିଚ୍ଛୁରିତ ହୋଇଥାଏ ଉଦ୍ୟାନର ପ୍ରସ୍ଫୁଟିତ ପୁଷ୍ପର ସୁଗନ୍ଧ ପରି ଓ ଉକ୍ତ ସୁଗନ୍ଧରୁ ପରିବ୍ୟାପକ ତଥା ପରିପୂର୍ଣ୍ଣ କରିଥାନ୍ତି ପରିବାରର ନାରୀ ସଦସ୍ୟା ଯାହାକୁ ଏକ ଶକ୍ତିର ଉତ୍ସ ବୋଲି ବିବେଚନା କରାଯାଏ। ଶକ୍ତି ହେଉଛି ପ୍ରତ୍ୟେକ ଜୀବଶକ୍ତିର ଆଧାର ଓ ଉକ୍ତ ଶକ୍ତିର କେନ୍ଦ୍ରସ୍ଥଳ ପରିବାରର ବୋହୂ ଓ ବୋଉ(ମା') ଉପରେ ନିର୍ଭର କରିଥାଏ। ପରିବାରର ଆର୍ଥିକ ମାନଦଣ୍ଡ ସିନା ବାପା ଭାଇମାନେ ନିୟନ୍ତ୍ରଣ କରିଥାନ୍ତି ମାତ୍ର ପରିବାରର ନୀତି, ନିୟମ, ଶୃଙ୍ଖଳା, ସଂସ୍କୃତି ଆଦି ବୋହୂ ଓ ବୋଉ(ମା') ଉପରେ ନିର୍ଭର କରିଥାଏ ଯାହା ହେଉଛି ପାରସ୍ପରିକ ସମ୍ବନ୍ଧର ମେରୁଦଣ୍ଡ।

ପିତାମାତା ମାନେ ପୁତ୍ର ବିବାହ କରି ପରିବାରକୁ ବୋହୂଟିଏ ଆଣିଥାନ୍ତି ପରିବାରର ସୁରକ୍ଷା, ଆନନ୍ଦ, ଶାନ୍ତି ଆଦିକୁ ପରିପୂର୍ଣ୍ଣ କରି ଭବିଷ୍ୟତର ବଂଶଧରକୁ ଗତାନୁଗତିକ ପ୍ରକ୍ରିୟା ଦ୍ୱାରା ପ୍ରଚଳିତ କରିବା ପାଇଁ। ଆଜି ଯିଏ ବୋହୂ ହୋଇଥାଏ ସମୟ କ୍ରମେ ସେ ପୁଣି ବୋଉ ବା ମା' ହୋଇଥାଏ ଏହା ଏକ ପ୍ରଚଳିତ ଧାରା ଓ ନିୟମ। ଏକ ପରିବାରର ଝିଅ ଯେତେବେଳେ ଅନ୍ୟ ଏକ ପରିବାରକୁ ବୋହୂ ହୋଇ ଆସିଥାଏ ସେତେବେଳେ ସେ ସମ୍ପୂର୍ଣ୍ଣ ନୂତନ ପାରିବାରିକ ପରିବେଶରେ ଜୀବନ ଅତିବାହିତ କରିଥାଏ। ଅଜଣା ଅଚିହ୍ନା ସମ୍ପର୍କକୁ ଆପଣେଇବା ପାଇଁ ଉକ୍ତ ବୋହୂକୁ କିଛି ସମୟ ଲାଗିଥାଏ ସମସ୍ତଙ୍କୁ ନିଜର କରିବା ପାଇଁ ଓ ସମସ୍ତଙ୍କର ମନ ଜାଣି କର୍ତ୍ତବ୍ୟ କରିବା ପାଇଁ। ସେ ଦୃଷ୍ଟିରୁ ବିଚାର କଲେ ବୋହୂଟିଏ କର୍ମ ଓ କର୍ତ୍ତବ୍ୟ ମଧ୍ୟରେ ନିଜର ସଂଜ୍ଞାକୁ ଅନୁଭବ କରିଥାଏ। ମାତ୍ର ବର୍ତ୍ତମାନର ବିବାହରେ ବୋହୂମାନଙ୍କୁ ଶ୍ୱଶୁରାଳୟର ପରିବାର ନୂତନ ଅନୁଭବ ହୋଇନଥାଏ କାରଣ ବର୍ତ୍ତମାନ ଅଧିକାଂଶ ପୁଅଝିଅ ନିଜ ଇଚ୍ଛାରେ ପରସ୍ପରକୁ ଜାଣି ବିବାହ କରୁଛନ୍ତି ଓ ଅନେକେ ପାରିବାରିକ ଶୃଙ୍ଖଳାକୁ ସମ୍ମାନ ଦେବା ପାଇଁ ଇଚ୍ଛୁକ ନୁହନ୍ତି। ପ୍ରତ୍ୟେକ ବୋହୂର ଦୁଇଜଣ ବୋଉ ବା ମା' ଥାନ୍ତି ଜଣେ ଜନ୍ମଦାତ୍ରୀ ଅତୀତ ଓ ଅନ୍ୟ ଜଣେ ଜୀବନର କର୍ମ, କର୍ତ୍ତବ୍ୟ, ଦାୟିତ୍ୱକୁ ସମ୍ପାଦନ କରୁଥିବା ଶ୍ୱଶୁରାଳୟ ପରିଚୟର ବୋଉ ବା ମା' ଭବିଷ୍ୟତ। ତେବେ ବୋହୂର ଉଭୟ ବୋଉ ପ୍ରତି ଅନେକ କର୍ତ୍ତବ୍ୟ ନିଷ୍ଠା ଆଦି ରହିଥାଏ। ଗୋଟିଏ ପଟେ ଥାଏ ଅତୀତର ମମତା, ସ୍ନେହ, ଆଦର ଆଦି ଓ ଅନ୍ୟପଟେ ଥାଏ ଭବିଷ୍ୟତର କର୍ତ୍ତବ୍ୟ, ଦାୟିତ୍ୱ, ସ୍ଥିରତା, ସହନଶୀଳତା, ଅନୁକମ୍ପା ଆଦି ଯାହା ବର୍ତ୍ତମାନ ସ୍ଥିର କରିଥାଏ ସମତୁଲର ତରାଜୁରେ। ବୋହୂର ଜନ୍ମଦାତ୍ରୀ ବୋଉ ବା ମା' ସବୁବେଳେ ଇଚ୍ଛା କରିଥାନ୍ତି ଝିଅ ସୁଖ ଶାନ୍ତି ଆଡମ୍ବରରେ ରହୁ ଓ ସେ ଯେତେ କମ୍ କାମ କରୁ ତଥା ବିଳାସ ବ୍ୟସନରେ ଜୀବନ ନିର୍ବାହ କରୁ, ମାତ୍ର ଉକ୍ତ ବୋଉ ଯେତେବେଳେ ପୁତ୍ର ବିବାହ କରି ଅନ୍ୟଏକ ପରିବେଶର ଝିଅକୁ ବୋହୂ କରି ଆଣିଥାନ୍ତି ସେତେବେଳେ ଝିଅ ପ୍ରତି ଥିବା ଦୃଷ୍ଟିକୋଣ ପରିବର୍ତ୍ତନ ହୋଇ କେତେକାଂଶରେ ବିପରିତ ଧର୍ମରେ ଧାବମାନ ହୋଇଥାଏ। ଉକ୍ତ ବୋଉ ବୋହୂ ପ୍ରତି ଭିନ୍ନ ମନୋଭାବ ପ୍ରଦର୍ଶନ କରିଥାନ୍ତି ଓ ଆବଶ୍ୟକତାରୁ ଅଧିକ ଆଶା କରିଥାନ୍ତି। ବୋଉର ଶକ୍ତି ସାମର୍ଥ୍ୟ ଥିଲେ ମଧ୍ୟ କେତେକେ ବୋହୂ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଥାନ୍ତି ଓ ଭାଷା ତଥା ବ୍ୟବହାର ଦୃଷ୍ଟିକୋଣରୁ ମଧ୍ୟ କଟୁଭାଷା ବ୍ୟକ୍ତ କରିଥାନ୍ତି, ଯାହା ଉକ୍ତ ବୋହୂର ଜନ୍ମଦାତ୍ରୀ ବୋଉ ସହ୍ୟ କରିପାରି ନଥାଏ। ଅନ୍ୟପକ୍ଷରେ କେତେକ ଉଚ୍ଛୃଙ୍ଖଳ ବୋହୂ ମଧ୍ୟ ଆଗପଛ କିଛି ବିଚାର ନକରି, ହିତାହିତ ଜ୍ଞାନ ନରଖି ପରିବାରର ଜ୍ୟେଷ୍ଠମାନଙ୍କୁ ଅତି ଦୟନୀୟ ଭାଷା ପ୍ରୟୋଗ କରିଥାନ୍ତି ଯାହା ସଭ୍ୟ ସମାଜର ଅଭିଶାପ ସହ ସମାନ। ତେଣୁ ଏଥିରୁ ସୃଷ୍ଟି ହୋଇଥାଏ ପାରିବାରିକ ସମସ୍ୟା ଓ ଝଡ ଯେଉଁଥିରେ ପରିବାରର ସମସ୍ତ ସଦସ୍ୟର ଜୀବନ ଚିନ୍ତାଧାରା ଅସ୍ତବ୍ୟସ୍ତ ହୋଇଥାଏ ଓ ପରିଶେଷରେ ଏକ ବୈମାମାତୃକ ପରିସ୍ଥିତି ସୃଷ୍ଟି ହୋଇ ପାରିବାରିକ ସମ୍ପର୍କ ନଷ୍ଟ ହୋଇଥାଏ କେବଳ ନିଜ ନିଜ ମଧ୍ୟରେ ବୁଝାମଣାର ଅଭାବ ହେତୁ। ସହନଶୀଳତା, ସ୍ନେହ, ସୁଖ ଶାନ୍ତିର ପବିତ୍ର ମର୍ମକୁ ହୃଦବୋଧ ନକରି ଉଦ୍ଧାମତାର ଗମ୍ଭୀର ସୋପାନ ପରିଶେଷରେ କେବଳ ଅନୁତାପରେ ଜର୍ଜରିତ ହୋଇଥାନ୍ତି ବୋହୂ ଓ ବୋଉ। ଏଥିରେ ଉଦ୍ଦେଶ୍ୟ କେବଳ ଥାଏ ବ୍ୟକ୍ତିଗତ ସ୍ୱାର୍ଥ ଅତୀତକୁ ମନ୍ଥନ ଓ ଭବିଷ୍ୟତକୁ ହତାଦର ଯେଉଁଥିରେ ବର୍ତ୍ତମାନ ହୋଇଯାଏ ଏକ ଦିଗହରା କ୍ଷେତ୍ର।

କିନ୍ତୁ ଅନେକ କ୍ଷେତ୍ରରେ ବୋହୂର ଉଭୟ ଜନ୍ମଦାତ୍ରୀ ବୋଉ ଓ ବିବାହିତା ମାତୃତ୍ୱର ବୋଉ ମଧ୍ୟରେ ଏତେ ନିବିଡ ସମ୍ପର୍କ ସ୍ନେହ ଶ୍ରଦ୍ଧା ଆଦି ନିହିତ ରହିଥାଏ ଯେ ବୋହୂର ବୋଉ ମାନେ ନିଜକୁ ଧନ୍ୟ ମନେ କରିଥାନ୍ତି। ବୋହୂ ଏପରି ପରିବେଶ ସୃଷ୍ଟି କରିଥାଏ ଯେ ପରିବାର ହୋଇଯାଏ ଆନନ୍ଦର ଏକ ସାଗର ଯେଉଁଠି ପରିବାରର ସଦସ୍ୟମାନେ ସୁଖ ଶାନ୍ତିରେ ଜୀବନ ଅତିବାହିତ କରିଥାନ୍ତି। ତେବେ ଏଥିପାଇଁ କେବଳ ଯେ ବୋହୂ ଏକ ଶ୍ରେୟଃ ତାହା ନୁହେଁ ଏଥିପାଇଁ ପରିବାରର ସଦସ୍ୟମାନେ, ଉଭୟ ପାରିବାରିକ ସଂସ୍କାର, ଆଦର୍ଶ ଓ ସର୍ବୋପରି ବୋହୂର ନୂତନ ପରିବାରର ବୋଉର ଭୂମିକା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ଥାଏ। ବୋଉ ଯଦି ବୋହୂକୁ ନିଜର ପିଲା ପରି ଆଦର ଯତ୍ନ ସ୍ନେହ କରେ ତେବେ ବୋହୂ ଯେଉଁ ସ୍ନେହ ଶ୍ରଦ୍ଧା ଜନ୍ମଦାତ୍ରୀ ମା' ନିକଟରୁ ପାଉଥିଲା ତାହା ସେ ବର୍ତ୍ତମାନର ବୋଉ ନିକଟରୁ ପାଇପାରିଲେ ବୋହୂର ମାନସିକ ପ୍ରଫୁଲ୍ଲତା ହେତୁ ସମ୍ବନ୍ଧରେ ଏକ ସୁଦୀର୍ଘ ଚିରନ୍ତନ ସେତୁ ନିର୍ମାଣ ହୋଇଥାଏ। ସାମ୍ପ୍ରତିକ ପରିସ୍ଥିତରେ ଯଦିଓ କେତେକେ କ୍ଷେତ୍ରରେ ଏହା ସମ୍ଭବ ହୋଇ ନଥାଏ ମାତ୍ର ବୋଉର ଅନୁଭବ ତଥା କାର୍ଯ୍ୟ ଅଭିଜ୍ଞତାକୁ ବୋହୂ ସମ୍ମାନ ପ୍ରଦର୍ଶନ କରିବା ଉଚିତ୍ ଓ ବୋହୂର ମାନସିକ ସନ୍ତୁଳନ ଓ ଆବେଗକୁ ବୋଉ ଦୃଷ୍ଟି ଦେବା ଅତ୍ୟନ୍ତ ଜରୁରି। ଆଜିକାଲି ଅନେକ ପରିବାରରେ ପୁତ୍ର ବିବାହ ପରେ ବୋହୂମାନେ ନୂତନ ପରିବାରକୁ ନିଜର କରିବା ପୂର୍ବରୁ ଶ୍ୱଶୁରାଳୟରେ ବୋଉଙ୍କୁ ଯଥାମାନ୍ୟା ଦେବା ପୂର୍ବରୁ ଭିନ୍ନ ଭାବେ ସ୍ୱାମୀ ସହ ନିବାସ କରିବାର ପ୍ରୟାସ କରିଥାନ୍ତି ଯେଉଁଠି ନଥାଏ ପାରିବାରିକ କର୍ତ୍ତବ୍ୟ, ସହବନ୍ଧନର ଆବେଗ, ସହାନୁଭୂତିର ଉତ୍କର୍ଷ, ପରିଚୟର ପ୍ରାଥମିକତା ଇତ୍ୟାଦି। ଏଥିରେ ଜନ୍ମଦାତ୍ରୀ ବୋଉ ଅଧିକ ଖୁସି ବ୍ୟକ୍ତ କରୁଥିବା ବେଳେ ଶ୍ୱଶୁରାଳୟର ବୋଉ ମର୍ମାହତ ହୋଇଥାନ୍ତି। ସମ୍ପ୍ରତି ଭାରତୀୟ ପାରିବାରିକ ସମ୍ପର୍କରେ ଏକ ଭୂତାଣୁ ପ୍ରବେଶ କରିଅଛି ତାହା ହେଉଛି କନିଷ୍ଠମାନଙ୍କର ଜ୍ୟେଷ୍ଠମାନଙ୍କ ପ୍ରତି ଅବଜ୍ଞା ଓ ଜ୍ୟେଷ୍ଠମାନଙ୍କର କନିଷ୍ଠ ମାନଙ୍କ ପ୍ରତି ଅବିଶ୍ୱାସ। ଏହାର ପରିଣାମ ସ୍ୱରୂପ ବର୍ତ୍ତମାନ ଅଧିକାଂଶ ପରିବାରରେ ପାରିବାରିକ ସମ୍ବନ୍ଧ କ୍ଷୁର୍ଣ୍ଣ ହୋଇ ପରିବାର ହୋଇଯାଉଛି ଦିଗହରା। ଏଠାରେ ବିବାହର ଅର୍ଥ କେବଳ ଦୁଇ ବିବାହିତାଙ୍କ ମଧ୍ୟରେ ସମ୍ପର୍କ ଓ ଏଥିରେ ନବବିବାହିତା ଯଦି ଦୂର ସ୍ଥାନରେ ଏକତ୍ର ବାସ କରନ୍ତି ତେବେ ସେଥିରେ ବୋହୂର ପିତ୍ରାଳୟର ସଦସ୍ୟମାନେ ଅଧିକ ଆନନ୍ଦିତ ହୋଇଥାନ୍ତି। ଅପରପକ୍ଷରେ ଶ୍ୱଶୁରାଳୟର ପାରିବାରିକ ସଦସ୍ୟମାନେ ବର୍ତ୍ତମାନକୁ ରୋମନ୍ଥନ କରି ଭବିଷ୍ୟତକୁ କେବଳ ପ୍ରତୀକ୍ଷା କରିଥାନ୍ତି ଯାହା ଥାଏ ବର୍ତ୍ତମାନର ଯନ୍ତ୍ରଣା।

ତେଣୁ ହୀନମନ୍ୟତାର ସଂକୀର୍ଣ୍ଣ ଚିନ୍ତାଧାରାରୁ ମୁକ୍ତ ହୋଇ ଉଭୟେ ବୋହୂର ବୋଉ ଓ ବୋଉର ବୋହୂ ଏକ ସୁନ୍ଦର ପରିବାର ଗଠନ କରିବାରେ ନିମଗ୍ନ ହୋଇ ସାମାଜିକ ସ୍ଥିରତା ଓ ସଦ୍ଭାବନାରେ ନିଜକୁ ନିମର୍ଜିତ କଲେ ବୋହୂର ବୋଉ ପ୍ରତି ଆନ୍ତରିକତା, ସ୍ନେହ, ଆଦରର ଅବିରତ ଧାରା ପ୍ରବାହିତ ହୋଇପାରନ୍ତା। ବୈବାହିକ ଜୀବନରେ ବିଚ୍ଛେଦକୁ ଆମନ୍ତ୍ରଣ ନକରି, ବିଭେଦକୁ ଆଲିଙ୍ଗନ ନକରି, ବିଦ୍ୱେଷକୁ ଆଶ୍ରୟ ନଦେଇ ବୁଦ୍ଧି, ବିବେକ, ତ୍ୟାଗ, ଧୈର୍ଯ୍ୟ, ସହ୍ୟ ଆଦି ମହନୀୟ ଗୁଣରେ ନିଜକୁ ନମନୀୟତାର ତରାଜୁରେ ମୂଲ୍ୟାଙ୍କନ କଲେ ଜୀବନର ସମସ୍ତ ପରୀକ୍ଷାରେ ଉତ୍ତୀର୍ଣ୍ଣ ଅବସମ୍ଭାବୀ। ଅତଏବ ଉଭୟେ ବୋହୂର ବୋଉ ବା ମା' ଓ ବୋଉର ବୋହୂ ପରସ୍ପର ପରିପୂରକ, ଏକ ମୁଦ୍ରାର ଉଭୟ ପାର୍ଶ୍ୱ ତଥା ଲୌହ ଓ ଚୁମ୍ବକର ଶକ୍ତି ଯେଉଁଥିରେ ଭାରତୀୟ ପାରିବାରିକ ସମ୍ପର୍କର ଉତ୍କର୍ଷ ନିହିତ ଥାଏ। ଅତୀତର ଝିଅ ବର୍ତ୍ତମାନରେ ଯେତେବେଳେ ବୋହୂ ହୁଏ ସେତେବେଳେ ସେ ବର୍ତ୍ତମାନର ଆଲୋକରେ ଭବିଷ୍ୟତର ଅନ୍ଧକାରକୁ ଦୂର କରିବା ପାଇଁ ଯତ୍ନବାନ ହେବା ଉଚିତ୍ ଯାହା ସୃଷ୍ଟି କରିଥାଏ ଚିରନ୍ତନ ପାରିବାରିକ ସେତୁବନ୍ଧ।



ଡକ୍ଟର ମନସା ଶ୍ରୀଚନ୍ଦନ
ବରିଷ୍ଠ ଗବେଷିକା
ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର
ଶିକ୍ଷା ମନ୍ତ୍ରାଳୟ,ଭାରତ ସରକାର,ଭୁବନେଶ୍ୱର-୯

# କବି ରମାକାନ୍ତ ରଥଙ୍କ ସାରସ୍ୱତ ସୃଷ୍ଟିର ସ୍ୱର

ସମସାମୟିକ ଜୀବନର ବୈଚିତ୍ରମୟ ସୂକ୍ଷ୍ମତା ତଥା ମୌଳିକ ଜଟିଳ ଭାବନାରାଜିର ପ୍ରକାଶ କ୍ଷେତ୍ରରେ ଯେଉଁମାନେ ଓଡ଼ିଆ ଭାଷାର ଶକ୍ତିରେ ଶକ୍ତିମାନ ଓ ପ୍ରତିଭାବାନ ସେମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ କବି ରମାକାନ୍ତ ରଥ। ଷଷ୍ଠ ଦଶକ ପ୍ରାରମ୍ଭରେ କାବ୍ୟ ରାଜ୍ୟରେ ପଦାର୍ପଣ କରି ଅତି ଅଳ୍ପ ସମୟ ମଧ୍ୟରେ କାବ୍ୟିକ ପାହାଡ଼ର ଉଚ୍ଚତମ ଶିଖର ଆରୋହଣ କରିଥିଲେ କବି ରମାକାନ୍ତ ରଥ । ଆଲୋକର ସବୁ ଐଶ୍ୱର୍ଯ୍ୟ ଓ ଅନ୍ଧାରର ସମସ୍ତ ସଂଶୟକୁ ଏକତ୍ରିତ କରି ଭାଗ୍ୟର ଦୁଃଖ ସୁଖ, ହାନି ଲାଭ, ଭାବ ଅଭାବ, ଜୟ ପରାଜୟ, ଜୀବନର ସ୍ମୃତି ବିସ୍ମୃତିକୁ ରୂପଦେଇ ନୂତନ ଶୈଳୀ ଆନ୍ଦୋଳନର ପ୍ରମୁଖ ପୁରୋଧା ଭାବେ ସେ ଓଡ଼ିଆ କବିତାକୁ ନୂତନ ଦିଗ୍‌ଦର୍ଶନ ଦେଇଛନ୍ତି । 'କେତେ ଦିନର' କବିତା ସଂକଳନରୁ କାବ୍ୟିକ ଯାତ୍ରା ଆରମ୍ଭ କରି 'ଅନେକ କୋଠୋରୀ', 'ସନ୍ଦିଗ୍ଧ ମୃଗୟା', 'ସପ୍ତମ ଋତୁ', 'ସଚିତ୍ର ଅନ୍ଧାର', 'ଶ୍ରୀରାଧା', 'ଶ୍ରୀପଳାତକ', 'ସୀମାନ୍ତ ବାସ', 'ଫେରିଚାହିଁଲେ' ଆଦି କବିତା ଗ୍ରନ୍ଥସହ ଗଳ୍ପଗ୍ରନ୍ଥ 'ମେଘ ଓ ଅନ୍ୟାନ୍ୟଗଳ୍ପ'ଲେଖି ଅନେକ ପ୍ରଶଂସାର ଅଧିକାରୀ ହୋଇ ମଧ୍ୟ ନିଜ ବକ୍ତବ୍ୟରେ ସବୁବେଳେ କହୁଥିଲେ 'ମୁଁ ଏପର୍ଯ୍ୟନ୍ତ ଭଲ କବିତାଟିଏ ଲେଖିନାହିଁ। ଏହି ଲେଖିନାହିଁ, ଲେଖିନାହିଁର ନିରାଶାରୁ ଜନ୍ମଲାଭ କରିଥିଲା ଅନେକ ସୃଷ୍ଟି, ତାହାହିଁ ଗୋଟେ କବିର ନମ୍ରତା ଉଦାରତା ଓ ଆଗକୁ ବଢିବାର ସଫଳ ପ୍ରୟାସ। କେବଳ କବି ଭାବରେ ନୁହେଁ ଜଣେ ସୁଦକ୍ଷ ପ୍ରଶାସକ ଭାବରେ ଜନହିତକର କାର୍ଯ୍ୟ ପାଇଁ ଲୋକେ ଠାକୁର ଘରେ ଫଟୋ ରଖି ପୂଜା କରି ଦେବତ୍ୱ ଆସନରେ ବସାଇବାର ନଜିର ରହିଛି।

ରମାକାନ୍ତ ରଥଙ୍କ ପ୍ରଥମ କବିତା ସଂକଳନ 'କେତେଦିନର' ସାଂପ୍ରତିକ ଓଡ଼ିଆ କବିତା ସାମ୍ରାଜ୍ୟର ସଫଳ କବିର ପ୍ରତିଷ୍ଠା ଆଣି ଦେଇଥିଲା। ଏହି ସଙ୍କଳନର 'ଲଣ୍ଠନ', 'ଚନ୍ଦ୍ରମାରଚୁଡ଼ି', 'ବ୍ୟାଘ୍ରାବଲୋକନ' ଆଦି କେତେକ କବିତା ଆଧୁନିକ ଓଡ଼ିଆ କବିତାର ଗତିପଥକୁ ବଦଳାଇ ଦେଇଥିଲା। ସାରସ୍ୱତ ବୌଦ୍ଧିକତାର ବିମଳ ବିଳାସ ସୁନ୍ଦର କାବ୍ୟ କବିତାର ମନୋରମ ଭାବ ସ୍ପର୍ଶରେ ରମାକାନ୍ତ ରଥଙ୍କ କାବ୍ୟ କବିତାର ଆଙ୍ଗିକ ଓ ଆତ୍ମିକ ରୂପ ପ୍ରଭାବିତ। ଆନ୍ତର୍ଜାତିକ ପରିପ୍ରେକ୍ଷୀରେ କବି ଓଡ଼ିଆ କବିତାର ମୂଲ୍ୟାୟନ କରିବାକୁ ଚେଷ୍ଟା କରିଛନ୍ତି। 'ଅନେକ କୋଠରୀ' କବିଙ୍କର ଦ୍ୱିତୀୟ କାବ୍ୟଗ୍ରନ୍ଥ କବି ଏଥିରେ ନିଗୂଢ଼ ବାସ୍ତବତାର କଥାକହିଛନ୍ତି। ତାଙ୍କ କବିତାରେ ମୃତ୍ୟୁ ତଥା ମୃତ୍ୟୁକୁ ନେଇ ଯେତେ ସବୁ ଦାର୍ଶନିକ ଦୃଷ୍ଟିକୋଣ ରହିଛି ତାହା ଦେଖିବାକୁ ମିଳେ। ଏଥିରେ ଅନ୍ୟାନ୍ୟ କବିତା ମଧ୍ୟରେ 'ବିମାନ ଦୁର୍ଘଟଣାରେ ମୃତ୍ୟୁ' କବିତାରେ ବ୍ୟକ୍ତିଗତ ଦୁଃଖ ସହ ଶବ୍ଦ ସଂଯୋଜନା ଓ ପରିବେଷଣ ଶୈଳୀ ମାର୍ମିକ ହୋଇଛି କବି ଲେଖିଛନ୍ତି – 'କଞ୍ଚନ ଗଛର ତଳେ ପ୍ରବାହିତ ରକ୍ତନଦୀ, ଦେଖ ନିଶବ୍ଦେ ଜୀବନ ସ୍ରୋତ ଧାଉଁଛି କିପରି'। ମୃତ୍ୟୁ ଚେତନାର କବି ରମାକାନ୍ତ ରଥ 'ସପ୍ତମଋତୁ' କବିତା ସଙ୍କଳନରେ ଜୀବନ ନଦୀର ଚତୁଃପାର୍ଶ୍ୱରେ ମୃତ୍ୟୁକୁ ଦେଖିଛନ୍ତି , ମୃତ୍ୟୁର ସତ୍ୟତାକୁ, ନିଶ୍ଚିତତାକୁ ସ୍ୱୀକାର କରିଛନ୍ତି। ଜୀବନରେ ନିଃସଙ୍ଗତା, ଅସଫଳତା, ଦୈହିକ, ମାନସିକ ଚେତନାର କ୍ଷୟ ତଥା ବ୍ୟକ୍ତିଗତ କାରୁଣ୍ୟର ଗଭୀରତାକୁ ପ୍ରକାଶ କରିଛନ୍ତି। 'ଚିଲ' କବିତାରେ ଜୀବନର ହତାଶା ବିଫଳତାର ଚିତ୍ର ଦେଖିବାକୁ ମିଳେ। 'ମୁଁ କହିଲି ଚିନ୍ତା ନାହିଁ। ଯେଣୁ ମୋର ଅଭ୍ୟାସ ରହିଛି। ସାତୋଟି ମାସରେ ପ୍ରେମ ପ୍ରତ୍ୟାଖ୍ୟାନ ସବୁ ମୁଁ ସହିଛି।' ଶ୍ରୀରାଧା ହେଉଛି ପ୍ରେମିକ କବିଙ୍କର ସଫଳ ସୃଷ୍ଟି ଏଥିରେ ପ୍ରେମ ଚେତନା, ମୃତ୍ୟୁ ଚେତନା, ମିଥ୍ ପ୍ରବଣ କାବ୍ୟ ଚିନ୍ତାର ସାର୍ଥକ ଅଭିବ୍ୟକ୍ତି। ବୈଷ୍ଣବୀୟ ଲାଲିତ୍ୟ, ଭାଷା ବିଭବ, ଚମ୍ପୁର ନାଟକୀୟତା ଏହି ଗ୍ରନ୍ଥକୁ ରସସିକ୍ତ କରି ପାଠକୀୟ ଆଦୃତି ଓ କବିଙ୍କୁ ପ୍ରତିଷ୍ଠା ଦେଇଛି। 'ଶ୍ରୀରାଧା'ରେ ପ୍ରଥମ ଦେଖା ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଆଧୁନିକ ସମସ୍ତ ଦର୍ଶନତତ୍ତ୍ୱକୁ ନିର୍ବିଘ୍ନରେ ଅତିକ୍ରମ କରି କବିଙ୍କ ଲେଖନୀରେ ମିଥ୍ ପାଲଟିଛି। ଯେପରି

"କନ୍ୟା ପରି ମୁଁ ପିନ୍ଧିଛି, ଅଳଙ୍କାର ପାଟ ପିତାମ୍ବରୀ
ଯେତେ ଥଟା ଅପଯଶ ସବୁରି ଜବାବ
ଦେବି ଚୁଡ଼ି ଝମ୍ ଝମ୍ କରି"

ଏହିପରି 'ଶ୍ରୀରାଧା' କବିତାରେ ରୋମାଣ୍ଟିକ ରହସ୍ୟବାଦୀ କବିତାକୁ ପ୍ରକାଶ କରିବା ବେଳେ ମିଥ୍ ପ୍ରୟୋଗ କରିଛନ୍ତି। ସେହିପରି ଅନ୍ୟତମ କୃତି 'ସଚିତ୍ରଅନ୍ଧାର', 'ସନ୍ଦିଗ୍ଧ ମୃଗୟା'ରେ ପ୍ରତୀକାତ୍ମକ ଭାବେ କରାଯାଇଛି। ତାଙ୍କର ଅନେକ କବିତା 'ଦୁର୍ଗା' ଓ 'ଯଶୋଦା'ରେ ଆଧୁନିକ ଯୁଗର ଯନ୍ତ୍ରଣା , ହତାଶା, ନୈରାଶ୍ୟ ଆଦିର ଅବତାରଣା ପାଇଁ ମିଥର ପ୍ରୟୋଗ କରିଛନ୍ତି।

ସମସ୍ତ କବିତାର ଭାଷା ସରଳ ନିରାଡମ୍ବର ଲାଳିତ୍ୟ ଓ ଗଦ୍ୟଧର୍ମୀ। ଯେଉଁଠି ତାଙ୍କ ଭାବକୁ ଭାଷା ଧରି ରଖିବାକୁ ସମର୍ଥ ହୋଇନାହିଁ ସେଠାରେ ସେ ଚିତ୍ରକଳ୍ପ, ପ୍ରତୀକ ଆଦିର ପ୍ରାସଙ୍ଗିକତାକୁ ଦୃଷ୍ଟିରେ ରଖି ବ୍ୟବହାର କରିଛନ୍ତି। କବିତାରେ କରୁଣ, ଅସହାୟତା , ଆଶଙ୍କା, ତଥା ଅବଲୟ ହାସ୍ୟ ରସାତ୍ମକ, ଉଦାସ ଅଥଚ ବାସ୍ତବତାର ଚମତ୍କାର ବର୍ଣ୍ଣନାର ଚିତ୍ର ପର୍ଯ୍ୟାପ୍ତ ପରିମାଣରେ ଦେଖିବାକୁ ମିଳେ। ଏହି କୃତିମାନଙ୍କର ସାଫଲ୍ୟର ଶଙ୍ଖ ଧ୍ୱନି ପାଇଁ କବି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ସାରଳା ପୁରସ୍କାର, ସରସ୍ୱତୀ ସମ୍ମାନ, ଅତିବଡ଼ି ଜଗନ୍ନାଥ ଦାସ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ତାଙ୍କର ଅବର୍ତ୍ତମାନ ସାରସ୍ୱତ ଜଗତ ପାଇଁ ଅପୂରଣୀୟ କ୍ଷତି ହେଲେ ମଧ୍ୟ ସେ ପ୍ରତ୍ୟେକ କୃତିରେ ଶବ୍ଦରେ ଚିର ଅମର ହୋଇ ରହିବେ।

ମୃତ୍ୟୁର ଭିତରେ ପ୍ରୀତିର ରସ, ଯନ୍ତ୍ରଣା ଭିତରେ ଜୀବନ ରାସ ନିଜ ଲେଖନିରେ ଜଗତ ବ୍ୟଥା, ଦରଦୀ ଶବ୍ଦରେ ଅକୁହା କଥା ଏମିତି କବିତା ଲେଖିଛ ତୁମେ, ତୁମ ପାଦତଳେ ସଦା ପ୍ରଣମେ। ଅମର ଆତ୍ମାପ୍ରତି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି।

ଦେବଦତ୍ତ ବିଶ୍ୱାଳ
ଚହଟା, କଟକ, ମୋ : ୯୮୬୧୯୪୪୫୯୪

# ସଙ୍ଗ ପ୍ରଭାବ

ଆମେ ବେଳେବେଳେ ପ୍ରାୟ ଶୁଣିଥାଉ ଯେ ଜଣଙ୍କର କୌଣସି ଭଲ ପରିବର୍ତ୍ତନ ହେଉ ବା ଖରାପ ପରିବର୍ତ୍ତନ ହେଉ ଏଥିରେ ସଙ୍ଗ ଦୋଷ ବା ସଙ୍ଗର ପ୍ରଭାବ ରହିଛି। ତେବେ ବାସ୍ତବରେ ସଙ୍ଗ କିଏ ? ଏବଂ ସଙ୍ଗର ପ୍ରଭାବ କିପରି ଅନ୍ୟଜଣଙ୍କ ଉପରେ ପଡ଼ିଥାଏ ଆସନ୍ତୁ ଏହାରି ଉପରେ ଏକ ଆଲୋଚନାଟି ରଖିବା। ସୃଷ୍ଟିରେ ପ୍ରତ୍ୟେକ ପ୍ରାଣୀଙ୍କ ମଧ୍ୟରୁ ମାନବ ହେଉଛି ଶ୍ରେଷ୍ଠ। କାରଣ ମାନବ ମଧ୍ୟରେ ଚିନ୍ତନ କ୍ଷମତା ଓ ଉଚିତ ଅନୁଚିତ ନିର୍ଣ୍ଣୟ କରିବାର କ୍ଷମତା ରହିଛି। ଅନ୍ୟ ପ୍ରାଣୀମାନେ କୌଣସି କାର୍ଯ୍ୟ କରିବା ପୂର୍ବରୁ ତା'ର ପରିଣାମ ସମ୍ବନ୍ଧରେ ବିଚାର କରିବାରେ ଅସମର୍ଥ ହୋଇଥାଆନ୍ତି। ମାତ୍ର ସମାଜ ଆଶ୍ଚର୍ଯ୍ୟ ସେତେବେଳେ ହୋଇଥାଏ ଯେତେବେଳେ ମାନବ ଶିକ୍ଷିତ ହୋଇ ମଧ୍ୟ ନିଜ ବ୍ୟବହାର ଓ ଅକୁଶଳତା ଯୋଗୁଁ ଶ୍ରେଷ୍ଠରୁ ନିମ୍ନଗାମୀ ହୋଇଥାଏ। ସମାଜରେ ଏଭଳି କେତେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ସାମାନ୍ୟ ପଦରୁ ଉଚ୍ଚକୁ ଯିବା ପରେ କର୍ତ୍ତବ୍ୟକୁ ଭୁଲି ଅବାଟରେ ଚାଲିଯାଇ ଅହଙ୍କାରୀ ପାଲଟି ଯାନ୍ତି। କାରଣ ମଣିଷ ସମଗ୍ର ସୁଖ ଓ ବିଳାସପୂର୍ଣ୍ଣ ଆଶାରେ ନିଜର ପ୍ରକୃତ ଅସ୍ତିତ୍ୱ ଭୁଲିଯାଏ। ଯାହାଦ୍ୱାରା ସେ କରିବସେ ଅନେକଗୁଡ଼ିଏ ପାପ କର୍ମ। ଏହା ବ୍ୟତୀତ ମଣିଷର ବ୍ୟବହାରରେ ୭୦ପ୍ରତିଶତ ପ୍ରଭାବ ପରିବେଶରେ ବିଚ୍ଛୁରିତ ହୋଇଥାଏ। ଯଦି ଏଭଳି ବ୍ୟକ୍ତିଙ୍କ ସଂଖ୍ୟା ଆମ ଆଖପାଖ ପରିବେଶରେ ବୃଦ୍ଧି ପାଇଥାଏ, ତେବେ ବ୍ୟକ୍ତି ନିଜ ଜୀବନରେ କେବେ ସୁଖଶାନ୍ତି ପାଇନଥାଏ। ଏକତ୍ର ମିଳିମିଶି ରହିବାର ଆଶା ମଧ୍ୟ କେବେ ପୂର୍ଣ୍ଣ ହୋଇନଥାଏ ତା'ର। ଏଭଳି ବ୍ୟକ୍ତିଙ୍କ ପ୍ରକୃତି ଓ ମନ୍ଦ ବୁଦ୍ଧି ପରିବେଶକୁ କଳୁଷିତ କରିଥାଏ। କାରଣ ଦୁର୍ଗୁଣ ଶୀଘ୍ର ପ୍ରକାଶିତ ହୋଇଥାଏ। ଏମାନଙ୍କ ସହ ମିଶିଲେ ଜଣେ ଉତ୍ତମ ମଣିଷ ବି କୁକର୍ମ କରିବାକୁ ପଛାଇନଥାଏ। ଈର୍ଷା, କ୍ରୋଧ, ଅଭିମାନ, ପରିବର୍ତ୍ତନର ଭାବନା, ତିରସ୍କାର ଭାବନା ଆଦି ଗୁଣମାନ ଧୀରେ ଧୀରେ ଉତ୍ତମ ଚରିତ୍ର ବ୍ୟକ୍ତିଙ୍କ ମଧ୍ୟରେ ପ୍ରବେଶ କରେ। କୁସଙ୍ଗରେ ମିଶି ଭଲ ବ୍ୟକ୍ତି ନିଜର ନୈତିକ ମୂଲ୍ୟକୁ ହରାଇଦିଏ। ଅମୃତର ଏକ ବୁନ୍ଦା ଯେତେବେଳେ କଦଳୀରେ ପଡ଼ିଥାଏ ସେତେବେଳେ କଦଳୀ କର୍ପୂର ପାଲଟିଯାଏ। ଯେତେବେଳେ ସେହି ବୁନ୍ଦ ପାଣିରେ ପଡ଼େ ତାହା ଅମୃତ ହୋଇଯାଏ। କିନ୍ତୁ ଯେତେବେଳେ ଏହି ବୁନ୍ଦା ଏକ ସାପ ମୁହଁରେ ପଡ଼େ ତେବେ ସେ ବିଷ ପାଲଟିଯାଏ। ଏହାର ଅର୍ଥ ଯେମିତି ସଙ୍ଗ ସେମିତି ଫଳ।

ଶ୍ରେଷ୍ଠଜନଙ୍କ ସହିତ ବନ୍ଧୁତ୍ୱ କରିବା ଦ୍ୱାରା ଜଣେ ଦୁଷ୍ଟ ତଥା ଦୁର୍ଜନ ବ୍ୟକ୍ତି ବି ସଜ୍ଜନ ପାଲଟିଯାଏ। ଏହାର ଉଦାହରଣ ଅଧିକାଂଶ ସମୟରେ ମିଳିଥାଏ। ଯେପରି ତରଭୁଜକୁ ଦେଖିକରି ତରଭୁଜ ରଙ୍ଗ ପରିବର୍ତ୍ତିତ କରିଥାଏ। ସେହିପରି ବ୍ୟକ୍ତିତ୍ୱ ଉପରେ ସଙ୍ଗତର ପ୍ରଭାବ ପଡ଼ିଥାଏ। ଉତ୍ତମ ଗୁଣରେ ଭରା ବ୍ୟକ୍ତିଙ୍କ ସହ ମିତ୍ରତା ବ୍ୟକ୍ତିଙ୍କୁ ଅଧିକ ଗୁଣବାନ ଓ ବିବେକବାନ କରିଥାଏ। ଯଦି କୌଣସି ଅନୁଚିନ୍ତନଙ୍କ ସହ ଆମର ନୈତିକ ପତନ ଓ ବ୍ୟବହାରିକରେ ପରିବର୍ତ୍ତନ ତଥା ଅସାମାଜିକ ଲାଗେ ତେବେ ଆମେ ସେହି ବ୍ୟକ୍ତି ଠାରୁ ତୁରନ୍ତ ଦୂରେଇ ଯିବା ଉଚିତ। ଆଜି ସମାଜରେ ଯେଉଁସବୁ ଭଲ ଓ ଖରାପ ପ୍ରଭାବ ଦେଖିବାକୁ ମିଳୁଛି ସେ ସବୁ କେବଳ ସଙ୍ଗ ପ୍ରଭାବ। ଏଣୁ ଉତ୍ତମ ବ୍ୟକ୍ତିଙ୍କ ସହ ମିତ୍ରତା ଆମକୁ ବହୁ ଉଚ୍ଚକୁ ନେବା ସହ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ଦେଇଥାଏ। ଏହାର ତାତ୍ପର୍ଯ୍ୟ, ଯଦି ସଙ୍ଗ ଭଲ ହୋଇଥାଏ ତେବେ ବ୍ୟକ୍ତିର ଜୀବନ ସରସ ସୁନ୍ଦର ହୁଏ। ଯଦି କୁସଙ୍ଗର ପ୍ରଭାବ ପଡ଼େ ତେବେ ବ୍ୟକ୍ତି ମନ୍ଦ ପ୍ରକୃତିର ହୋଇଥାଏ। ତେଣୁ ସର୍ବଦା ସତସଙ୍ଗରେ ରହିବା ସହ ଉତ୍ତମ ଓ ଗୁଣୀଜନଙ୍କ ସହ ସଦ୍‌ଭାବ ରଖିଲେ ଜୀବନ ମହତ୍ୱପୂର୍ଣ୍ଣ ଓ ଆଧ୍ୟାତ୍ମିକମୟ ହୋଇପାରିବ।



ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର
ଭଞ୍ଜ ମେଡ଼ିକାଲ କଲେଜ, କଟକ
ମୋ : ୯୪୩୭୦୫୧୯୫୭

# ଭୟାନକ ଯକ୍ଷ୍ମା ଓ ଯକୃତ୍ ସଂକ୍ରମଣ

୧୮୮୨ ମସିହା। ସେତେବେଳେ ୟୁରୋପ ଏବଂ ଆମେରିକା ମହାଦେଶରେ ଥିଲା ଯକ୍ଷ୍ମାର ପ୍ରାଦୁର୍ଭାବ। ଏହି ରୋଗରେ ପ୍ରାୟ ପ୍ରତି ସାତଜଣ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ମୃତ୍ୟୁବରଣ କରୁଥିଲେ। ଏହାର ଭୟାବହତାକୁ ଲକ୍ଷ୍ୟ କରିଥିଲେ ବର୍ଲିନର ଡା. ରବର୍ଟ କୋକ୍। ତା'ପରେ ସେ ଲାଗିପଡ଼ିଲେ ଏହି ରୋଗ ପଛରେ ଥିବା କାରଣକୁ ଖୋଜିବା ପାଇଁ। ବାସ୍, ତା'ପରେ ଡା. କୋକ୍ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଯୋଡ଼ିଥିଲେ ସଫଳତାର ଆଉ ଏକ ଫର୍ଦ୍ଦ। ଦୀର୍ଘଦିନର ଗବେଷଣା ପରେ ସେ ଚିହ୍ନଟ କରିଥିଲେ ଯକ୍ଷ୍ମା ପାଇଁ ଦାୟୀ ବ୍ୟାକ୍ଟେରିଆକୁ। ଏହି ବ୍ୟାକ୍ଟେରିଆକୁ ଡା. କୋକ୍ 'ମାଇକୋବ୍ୟାକ୍ଟେରିୟମ୍ ଟ୍ୟୁବରକ୍ୟୁଲୋସିସ୍' ନାମରେ ନାମିତ କରିଥିଲେ। ତା'ପରେ ଯକ୍ଷ୍ମାର ଚିହ୍ନଟ ଏବଂ ଚିକିତ୍ସା ପାଇଁ ଦ୍ୱାର ଉନ୍ମୁକ୍ତ ହୋଇଥିଲା। ଯେଉଁଦିନ ସେ ଏହି ଐତିହାସିକ ସଫଳତା ହାସଲ କରିଥିଲେ ତାହା ଥିଲା ୧୮୮୨ ମାର୍ଚ୍ଚ ୨୪ ତାରିଖ। ଆଉ ସେହି ଦିନକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ପାଳିତ ହୋଇ ଆସୁଛି 'ବିଶ୍ୱ ଯକ୍ଷ୍ମା ଦିବସ'। ସମଗ୍ର ବିଶ୍ୱକୁ ଯକ୍ଷ୍ମାମୁକ୍ତ କରିବା ଏହି ଦିବସର ପ୍ରମୁଖ ଲକ୍ଷ୍ୟ। ଅନେକ ଲୋକ ଅଛନ୍ତି ଯେଉଁମାନେ ଏହି ରୋଗର ଲକ୍ଷଣ ସମ୍ପର୍କରେ ସଚେତନ ନୁହନ୍ତି। କେତେକ ଜାଣିପାରିଲେ ମଧ୍ୟ ତାହାର ଚିକିତ୍ସା ସଠିକ୍ ସମୟରେ କରାଇ ନଥାନ୍ତି, ଯାହାଫଳରେ ପରବର୍ତ୍ତୀ ସମୟରେ ରୋଗ ଜଟିଳ ଆକାର ଧାରଣ କରିଥାଏ। ଏହି ଦିବସ ଅବସରରେ ବିଶ୍ୱର ବିଭିନ୍ନ ସ୍ଥାନରେ ଆଲୋଚନାଚକ୍ର, ସଚେତନତା ଶିବିର, ଚିକିତ୍ସା ଶିବିର ଆଦି ଆୟୋଜିତ ହୋଇଥାଏ। ଲୋକମାନଙ୍କୁ ଯକ୍ଷ୍ମାରୋଗ ସମ୍ପର୍କରେ ସଚେତନ କରାଇବା ଉକ୍ତ ଦିବସର ଅସଲ ଉଦ୍ଦେଶ୍ୟ। ଆଉ ଏହି ଦିବସ ପାଳନ ଅବସରରେ ସର୍ବାଗ୍ରେ ସ୍ମରଣ କରାଯାଇଥାଏ ଡା. କୋକ୍‌ଙ୍କୁ। ୧୯୮୨ରେ ଇଣ୍ଟରନ୍ୟାସନାଲ ୟୁନିୟନ ଏଗେନଷ୍ଟ ଟ୍ୟୁବରକୁଲୋସିସ୍ ଆଣ୍ଡ ଲଙ୍ଗସ ଡିଜିଜ୍ (ଆଇୟୁଏଟିଏଲଡ଼ି) ଆନୁକୂଲ୍ୟରେ ତାଙ୍କର ଜନ୍ମ ଶତବାର୍ଷିକୀ ପାଳନ ହୋଇଥିଲା। ଏହି ଅବସରରେ ଯକ୍ଷ୍ମାର ନିରାକରଣ ପାଇଁ ଉପରୋକ୍ତ ସଂସ୍ଥା ପକ୍ଷରୁ ମାର୍ଚ୍ଚ ୨୪ ତାରିଖକୁ 'ବିଶ୍ୱଯକ୍ଷ୍ମା ଦିବସ' ରୂପରେ ପାଳନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ୧୯୯୬ରେ ଆଇୟୁଏଟିଏଲଡ଼ି ସହ ଏହି ଅଭିଯାନରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ହାତ ମିଳାଇଥିଲା। ପ୍ରତି ବର୍ଷପରି ଚଳିତ ବର୍ଷର ବାର୍ତ୍ତା ରହିଛି – "ୟେସ୍ ! ଉଇ କ୍ୟାନ୍ ଏଣ୍ଡ ଟିବି : କମିଟ୍, ଇନଭେଷ୍ଟ ଆଣ୍ଡ ଡେଲିଭର" ("Yes! We Can End TB: Commit, Invest, Deliver"). ସମ୍ପ୍ରତି ବିଶ୍ୱସ୍ତରରେ ନିଜର ଭୟଙ୍କର କାୟା ମେଲିଥିବା ଯକ୍ଷ୍ମା ଆରୋଗ୍ୟସାଧ ହେଲେ ମଧ୍ୟ ଏହି ରୋଗ ସମ୍ପର୍କରେ ପ୍ରତିବର୍ଷ ସଚେତନତା ସୃଷ୍ଟି କରାଯାଉଥିଲେ ବି ଏହାକୁ ଆହୁରି ସୁଦୂରପ୍ରସାରୀ କରିବାକୁ ସମସ୍ତଙ୍କର ସହଯୋଗ ଲୋଡ଼ା। ଯକ୍ଷ୍ମା ଦିବସ ଅବସରରେ ବିଶ୍ୱସ୍ୱାସ୍ଥ୍ୟସଂଗଠନ ପକ୍ଷରୁ ପ୍ରକାଶିତ ବାର୍ତ୍ତାରେ ମତବ୍ୟକ୍ତ କରାଯାଇଛି ଯେ ସମସ୍ତେ ଯେପରି ଏହି ରୋଗର ନିରାକରଣ ପ୍ରତି ଆଗ୍ରହ ପ୍ରକାଶ କରିବା ଦରକାର। ସଚେତନତା ସୃଷ୍ଟି ସହ ଏହି ରୋଗକୁ ସଂପୂର୍ଣ୍ଣ ମୂଳୋତ୍ପାଟନ କରିବାଲାଗି ସମସ୍ତେ ହାତ ମିଳେଇ କାମ କରିବା ଜରୁରି। ନହେଲେ ଏହାର ନିରାକରଣ ସମ୍ଭବ ହୋଇପାରିବ ନାହିଁ।

ସମ୍ପ୍ରତି ଭୟାବହ ଯକ୍ଷ୍ମାର ନିରାକରଣ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଠାରୁ କେନ୍ଦ୍ରସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ, ଡେନ୍‌ମାର୍କ ସରକାରଙ୍କ ଡାନିଡ଼ା ପ୍ରକଳ୍ପ ହେଉ ବା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଯକ୍ଷ୍ମାରୋଗ ପାଇଁ ବିଭିନ୍ନ ତତ୍କାଳ ପଦକ୍ଷେପ ଦ୍ୱାରା ଏହାର ନିରାକରଣ ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି। ସମ୍ପ୍ରତି ସରକାର ଯକ୍ଷ୍ମାରୋଗ ପାଇଁ ଡଟ୍‌ସ୍ ପଦ୍ଧତିକୁ ରୋଗୀମାନଙ୍କ ପାଖରେ ପହଞ୍ଚାଇବା ପାଇଁ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡ଼ିକର୍ମୀ, ଆଶା କର୍ମୀଙ୍କ ଠାରୁ ସ୍ୱେଚ୍ଛାସେବୀ ସଂଗଠନଙ୍କ ସହାୟତାରେ ଏହାର ନିରାକରଣ ପାଇଁ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ହାତକୁ ନେଇ ବେଶ୍ ସଫଳ ହୋଇଛନ୍ତି। ସରକାରଙ୍କୁ ବିଭିନ୍ନ ବେସରକାରୀ ସଂଗଠନ ମଧ୍ୟ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରୁ ରୋଗୀମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ସଚେତନଧର୍ମୀ କାର୍ଯ୍ୟକ୍ରମ ଦ୍ୱାରା ଯକ୍ଷ୍ମାର ଭୟାବହତାକୁ ଲୋକମାନଙ୍କ ଭିତରୁ ଦୂରେଇ ପାରିବା ସହ ସେମାନଙ୍କ ଭିତରେ ସଚେତନତାର ବାର୍ତ୍ତା ପହଞ୍ଚାଇ ପାରିଛି। ଯକ୍ଷ୍ମା ଏକ ଭୟାନକ ସଂକ୍ରମିତ ରୋଗ ହୋଇଥିଲେ ବି ପ୍ରାଥମିକ ଅବସ୍ଥାରେ କଫ ପରୀକ୍ଷା ଦ୍ୱାରା ଏହାର ନିରାକରଣ ନୁହେଁ ବରଂ ମୂଳତ୍ପୋଟନ ମଧ୍ୟ ହୋଇପାରୁଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଜଣେ ଗୁଟ୍‌ଖା ହେଉ ବା ବିଡ଼ି, ସିଗାରେଟ, ଗ୍ରାମୀଣ ହାତ ତିଆରି ନିଶା ଦ୍ରବ୍ୟ ହେଉ ବା ମଦ୍ୟପାନ ଏହା ପ୍ରଥମତଃ ଜଣଙ୍କ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ପେଟ, ଲିଭର ଓ କିଡ୍‌ନୀକୁ ପ୍ରଭାବିତ କରିଥାଏ। ଏହା ଏପରି ଏକ ଜଟିଳ ବିଷାକ୍ତ ପଦାର୍ଥ ଯେ ଏହା ଆପଣଙ୍କୁ ଯକୃତ ଜନିତ କ୍ୟାନସର ବି କରିପାରେ, ଲିଭର ସିରୋସିସ ବି ହୋଇପାରେ ଏବଂ ଏହା ମଧ୍ୟ ଯକ୍ଷ୍ମାରୋଗର ଅନ୍ୟତମ ପ୍ରମୁଖ କାରଣ। ସେହିପରି ଯକ୍ଷ୍ମା କ୍ଷେତ୍ରରେ ଜଣେ ରୋଗୀକୁ ଦୀର୍ଘଦିନ ଧରି କାଶ ହେଉ ବା ଜ୍ୱର, ରାତିରେ ଝାଳ ବୋହିବା ଠାରୁ ଭୋକ କମିଯିବା, ଓଜନ କମିଯିବା ଓ ଛାତିରେ ଯନ୍ତ୍ରଣା ହେବାପରି ଲକ୍ଷଣ ଶରୀରରେ ପ୍ରକାଶ ପାଇଥାଏ। ଶରୀରର ସମସ୍ତ ଅଙ୍ଗକୁ ଏହି ଯକ୍ଷ୍ମା ଜୀବାଣୁ ଆକ୍ରାନ୍ତ କରେ। ସାଧାରଣତଃ ଫୁସ୍‌ଫୁସ୍‌କୁ ଏହା ପ୍ରଥମେ ଆକ୍ରମଣ କରେ ଓ ପରବର୍ତ୍ତୀ କ୍ଷେତ୍ରରେ ଏହା ଶରୀରର ସମସ୍ତ ଅଙ୍ଗକୁ ଆକ୍ରାନ୍ତ କରେ। ରୋଗୀର ରୋଗପ୍ରତିରୋଧକ ଶକ୍ତି ଉପରେ ଏହି ଆକ୍ରାନ୍ତର ଭୟାବହତା ନିର୍ଭର କରେ। ଖାଦ୍ୟନଳୀ, ଯକୃତ୍, ଅଗ୍ନ୍ୟାଶୟ, ବୃକକ୍, ମସ୍ତିଷ୍କ, ଅସ୍ଥି, ମଜ୍ଜା, ଗଣ୍ଠି, ଆଖି, ଜରାୟୁ, ଚମଡ଼ା ଓ ହୃଦ୍‌ଯନ୍ତ୍ର ଇତ୍ୟାଦି ଅଙ୍ଗ ଏହି ଯକ୍ଷ୍ମାରୋଗରେ ଆକ୍ରାନ୍ତ ହୁଏ। ଏହିସବୁ ରୋଗକୁ ଏକ୍‌ଷ୍ଟ୍ରା ପାଲମୋନାରୀ ଟ୍ୟୁବରକ୍ୟୁଲୋସିସ୍ କୁହାଯାଏ। ଏହି କ୍ଷେତ୍ରରେ ସବୁଠାରୁ ବଡ଼ ଦାୟିତ୍ୱ ହେଉଛି ସମ୍ପୃକ୍ତ ରୋଗୀର କାଶ, କଫ, ଛେପ, ଖଙ୍କାର ଯେପରି କାହାର ସଂସ୍ପର୍ଶରେ ନଆସେ ସେଥିପ୍ରତି ସଜାଗ ହେବା।

ତେବେ ଯକ୍ଷ୍ମା ଆଉ ଭୟାନକ ହୋଇରହି ନାହିଁ ଏବଂ ଡାକ୍ତର କୋକ୍‌ଙ୍କ ଦୀର୍ଘଦିନର ଗବେଷଣାର ଫଳ ଆଜି ସଫଳ ହୋଇଛି। ବେଳେ ବେଳେ ଏହି ମାଇକୋବ୍ୟାକ୍ଟେରିୟମ୍ ଟ୍ୟୁବରକ୍ୟୁଲୋସିସ୍ ଡଟ୍‌ସ୍ ଚିକିତ୍ସା ପଦ୍ଧତିରେ ନିୟନ୍ତ୍ରଣ ହୁଏ ନାହିଁ। ଏହି କ୍ଷେତ୍ରରେ ଦ୍ୱିତୀୟସ୍ତରର ଚିକିତ୍ସା ପଦ୍ଧତିକୁ ଅନୁସରଣ କରାଯାଏ। ଏହାକୁ ଡ୍ରଗ୍ ରେଜିଷ୍ଟେଣ୍ଟ ଟ୍ୟୁବରକ୍ୟୁଲୋସିସ୍ କୁହାଯାଏ। ଏହି ଏକ୍‌ଷ୍ଟ୍ରା ପାଲମୋନାରୀ ଟ୍ୟୁବରକ୍ୟୁଲୋସିସ୍‌ରେ ଦୀର୍ଘ ସମୟ ପାଇଁ (ଏକବର୍ଷରୁ ଦେଢ଼ବର୍ଷ) ରୋଗୀକୁ ଔଷଧ ସେବନ କରିବାକୁ ପଡ଼େ। ଯକୃତ୍ ଓ ଖାଦ୍ୟନଳୀ ଟ୍ୟୁବରକ୍ୟୁଲୋସିସ୍‌ରେ ମଧ୍ୟ ଏକବର୍ଷରୁ ଦେଢ଼ବର୍ଷ ପର୍ଯ୍ୟନ୍ତ ରୋଗୀକୁ ଔଷଧ ସେବନ କରିବାକୁ ପଡ଼େ। ଏହି ଚିକିତ୍ସା ସମୟରେ ବେଳେ ବେଳେ ରୋଗୀ ଜଣ୍ଡିସ୍‌ରେ ଆକ୍ରାନ୍ତ ହୁଏ ଓ ଏହା ଏକ ମାରାତ୍ମକ ଜଣ୍ଡିସ୍। ଏହି ମାରାତ୍ମକ ଜଣ୍ଡିସ୍ ସାଧାରଣତଃ ଟି.ବି. ଔଷଧର ପ୍ରତିକ୍ରିୟାରୁ ହୋଇଥାଏ ଓ ଲିଭର ଅକାମୀ ହୋଇଯାଏ। ଏହି କ୍ଷେତ୍ରରେ ଲିଭର ପ୍ରତିରୋପଣ ଏକାନ୍ତ ଜରୁରି। ମଲ୍‌ଟିଡ୍ରଗ ରେସିଷ୍ଟେଣ୍ଟ ଟ୍ୟୁବରକ୍ୟୁଲୋସିସ୍ ହେଉଛି ଏକ ଭୟାନକ ଯକ୍ଷ୍ମା ଯାହା ଲିଭରସିରୋସିସ୍, କ୍ୟାନସର, ଡାଇବେଟିସ ଓ ଏଡ଼ସ୍ ରୋଗୀମାନଙ୍କୁ ଆକ୍ରମଣ କରେ ଓ ଏହି ରୋଗର ଚିକିତ୍ସା ଅତ୍ୟନ୍ତ କଷ୍ଟସାଧ୍ୟ। ସର୍ବପ୍ରଥମେ ଆପଣ ନିଜ ପାଇଁ ଭଲ ସ୍ୱାସ୍ଥ୍ୟଗତ ରୁଟିନଟି ତିଆରି କରନ୍ତୁ। ନିର୍ଦ୍ଧାରିତ ସମୟରେ ଶଯ୍ୟା ତ୍ୟାଗ ସହ ସୁଷମ ଖାଦ୍ୟ ଗ୍ରହଣ କରନ୍ତୁ, ବିଶୁଦ୍ଧ ପାଣି ପିଅନ୍ତୁ, ସବୁଜ ପରିବା ଓ ତଟକା ଫଳ ଗ୍ରହଣ କରନ୍ତୁ। ପ୍ରାତଃ ଭ୍ରମଣ, ବ୍ୟାୟାମ, ଯୋଗାସନ ସବୁଠାରୁ ଭଲ ଅଭ୍ୟାସ। ନିରାମିଷ ଖାଦ୍ୟ ଏକ ଭଲ ଅଭ୍ୟାସ, ବାହାରର ଖାଦ୍ୟ, ବାଷୀ ଖାଦ୍ୟ, ଅଣ୍ଡା ଖାଦ୍ୟ ଓ ଗରିଷ୍ଠ ଖାଦ୍ୟ ଠାରୁ ଦୂରେଇ ରୁହନ୍ତୁ ଏବଂ କୌଣସି ପ୍ରକାର ନିଶାଦ୍ରବ୍ୟ ଠାରୁ ଦୂରେଇ ରହିବା ସବୁଠାରୁ ଭଲ ଅଭ୍ୟାସ। ନିଜକୁ ସବୁବେଳେ ସକାରାତ୍ମକ ଭାବନା ଭିତରେ ରଖନ୍ତୁ ଯଥାସମ୍ଭବ ଆପଣଙ୍କ ଇଷ୍ଟଗୁରୁ ଆଉ ଭଗବାନଙ୍କ ନାମ ସ୍ମରଣ କରିବା ସହ ସମସ୍ତଙ୍କ ସହିତ ଏକ ଆନନ୍ଦମୟ ଓ ପ୍ରଫୁଲ୍ଲିତ ସମ୍ପର୍କ ରଖନ୍ତୁ। ଏହା ଆପଣଙ୍କ ସ୍ୱାସ୍ଥ୍ୟରକ୍ଷା ପାଇଁ ଏକ ବଡ଼ ସଞ୍ଜିବନୀ। ଆସନ୍ତୁ ଆଜି ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ଏହାର ମୂଳତ୍ପୋଟନ ପାଇଁ ସମସ୍ତେ ନିଜ ନିଜ କ୍ଷେତ୍ରରେ ଦାୟିତ୍ୱ ପ୍ରତି ଗୁରୁତ୍ୱ ପ୍ରଦାନ କରିବା।



କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ କାଶିପୁର ମିଶନଶକ୍ତି ଗୃହ ଠାରେ ସିଡିପିଓ ଓ ସୁପରଭାଇଜର ମାନଙ୍କର ଦିନିକିଆ ଶିଶୁ ଅଧିକାର ସୁରକ୍ଷା ସଂମ୍ପର୍କିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ନିରୁପମା ସାହୁ ପ୍ରଶିକ୍ଷଣ ପରିଚାଳନା କରିଥିଲେ। ସେ ସମସ୍ତ ଅତିଥି ବୃନ୍ଦ ଓ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ ଜଣାଇ କହିଲେ, ଶିଶୁ ରାଷ୍ଟ୍ରର ସମ୍ପତ୍ତି, ଆଜିର ଶିଶୁ ଆଜିର ନାଗରିକ । ତାଙ୍କୁ ସୁରକ୍ଷା ଦେବା ଆମର ଦାଇତ୍ୱ ବୋଲି ସେ କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ମନ୍ଦଧର ମହାଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁଙ୍କୁ ସୁରକ୍ଷା ଦେବା ପାଇଁ ୨୩ଟି ଅଧିନିୟମ ଓ ନିୟମାବଳୀ ଥିବାବେଳେ ଏକାଧିକ ନୀତି ରହିଥିବା ବିଷୟରେ କହିଥିଲେ। ଏହାସତ୍ତ୍ୱେ ଜିଲ୍ଲାରେ ବାଲ୍ୟବିବାହ କାହିଁକି ରୋକା ଯାଉନି ପ୍ରଶ୍ନ କରିଥିଲେ। ଶିଶୁ କାହିଁକି ଅସୁରକ୍ଷିତ ଓ ବିପଦ ସଂଙ୍କୁଳ ଅବସ୍ଥାରେ ରହୁଛନ୍ତି ଏହାକୁ ବିଚାର କରିବା ଆବଶ୍ୟକ। ଜନସାଧାରଣଙ୍କୁ ସଚେତନ ହେଲେ ଶିଶୁ ସୁରକ୍ଷା ହୋଇପାରିବ। ସମ୍ମାନୀୟ ଅତିଥି ଭାବେ ଡା.ବିଭୁତି ଭୂଷଣ ଦାସ ଚେୟାରମ୍ୟାନ, ଜିଲ୍ଲା ଶିଶୁ ମଙ୍ଗଳ ସମିତି ଯୋଗଦେଇ ଜିଲ୍ଲାରେ ଶିଶୁଯତ୍ନ ଗୃହ ରହିଛି କହିଥିଲେ । ଅସହାୟ, ନିରାଶ୍ରୟ, ରାସ୍ତା କଡରେ ମିଳୁଥିବା ନବଜାତଶିଶୁଙ୍କୁ ସୁରକ୍ଷା ଏବଂ ଥଇଥାନ ପାଇଁ ଜିଲ୍ଲା ମଙ୍ଗଳ ସମିତି କାର୍ଯ୍ୟ କରୁଛି। ମାତୃପିତୃହୀନ ଶିଶୁଙ୍କୁ ୧୮ବର୍ଷ ପର୍ଯ୍ୟନ୍ତ ପାଠପଢା ସହ ଯତ୍ନନେବା ଓ ସୁରକ୍ଷା ଦେବା ନିମନ୍ତେ ମିଶନ ବାତ୍ସଲ୍ୟ ଯୋଜନା ଗୋଷ୍ଠୀସ୍ତରରେ ଶିଶୁ ମଙ୍ଗଳ ସମିତି ମାଧ୍ୟମରେ କାର୍ଯ୍ୟ କରୁଛି । କାର୍ଯ୍ୟକ୍ରମରେ ସିଡିପିଓ ସମେତ ୫୦ ସୁପରଭାଇଜର ଯୋଗ ଦେଇଥିଲେ। ପ୍ଲାନ ଇଣ୍ଡିଆ ଫାଉଣ୍ଡେସନ କେନ୍ଦୁଝର ତରଫରୁ ବାଲ୍ୟ ବିବାହ ନିଷେଧ ଆଇନ ଓ ଶିଶୁ ଯୌନଶୋଷଣ ନିଷେଧ ଆଇନ ଓଡିଆ ଅନୁବାଦ ପୁସ୍ତକ ବଣ୍ଟନ କରାଯାଇଥିଲା ।



# ପୁଣି ଥରେ ପାରାଦୀପ ବିଜେପିର ମଙ୍ଗ ଧରିଲେ ସୁବ୍ରତ



## ନୂତନ ମଣ୍ଡଳ କମିଟି କର୍ମକର୍ତ୍ତାଙ୍କ ନାମ ଘୋଷଣା

ପାରାଦୀପ(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ବିଜେପି ସଭାପତି ପ୍ରତାପ ମିଶ୍ର ଓ ପାରାଦୀପ ବିଧାୟକ ତଥା ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ଅନୁମୋଦନ କ୍ରମେ ଶନିବାର ବିଜେପି ପାରାଦୀପ ମଣ୍ଡଳ ସଭାପତି ଭାବେ ପୁନର୍ବାର ସୁବ୍ରତ ପ୍ରଧାନଙ୍କୁ ଦାୟିତ୍ୱ ପ୍ରଦାନ କରାଯିବା ସହ ନୂତନ ମଣ୍ଡଳ କମିଟି ଘୋଷଣା କରାଯାଇଛି । ଏହି କ୍ରମରେ ପାରାଦୀପ ମଣ୍ଡଳ ସଭାପତି ଭାବେ ସୁବ୍ରତ ପ୍ରଧାନ, ଉପସଭାପତି ଅର୍ଜିଲା ଶିବା, ଦିଲ୍ଲୀପ କିଶୋର ବେହେରା, ଶିଶିର ନାୟକ, ସର୍ବେଶ୍ୱର ଜେନା, ନନ୍ଦିନୀ ପରିଡା, କଳ୍ପନା ଦାସ, ସାଧାରଣ ସମ୍ପାଦକ କାର୍ଯ୍ତି ସୋଲମୋନ ରାଜୁ, ବଜରଙ୍ଗ ସ୍ୱାଇଁ, ସମ୍ପାଦକ ବିଷ୍ଣୁ ଚୌଧୁରୀ, ଜିତେନ୍ଦ୍ର ସାହୁ, ମନୋରଞ୍ଜନ ସାହୁ, ହୃଷିକେଶ ଦାସ, ମିନାକ୍ଷୀ ବେହେରା, ବିଜୟଲକ୍ଷ୍ମୀ ପରିଜା, କୋଷାଧ୍ୟକ୍ଷା ମାମୁନି ଜେନା, ଯୁବମୋର୍ଚ୍ଚା ସଭାପତି ଭାବେ ଦିଲ୍ଲୀପ ବଳିୟାରସିଂ, ମହିଳାମୋର୍ଚ୍ଚା ସଭାନେତ୍ରୀ ପ୍ରୀତିରେଖା ମାନ୍ନା, ଏସଟି ମୋର୍ଚ୍ଚା ସଭାପତି ଶ୍ରୀଧର ଛାତର, ଏସସି ମୋର୍ଚ୍ଚା ସଭାପତି ରଞ୍ଜନ ବେହେରା, ଓବିସି ମୋର୍ଚ୍ଚା ସଭାପତି ଗୌରାଙ୍ଗ ମଣ୍ଡଳ ଓ ସଂଖ୍ୟାଲଘୁ ସେଲର ସଭାପତି ଅବଦୁଲ ଅନିଶ ଖାନଙ୍କ ନାମ ଘୋଷଣା କରାଯାଇଛି । ସୂଚନାଥାଉକି ଗତ ସାଧାରଣ ନିର୍ବାଚନରେ ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନଙ୍କ ଦୃଢ଼ ନେତୃତ୍ୱ ଯୋଗୁଁ ବିଜେପି ପ୍ରାର୍ଥୀ ସମ୍ପଦ ସ୍ୱାଇଁ ପାରାଦୀପ ପୌରାଞ୍ଚଳରୁ ଅଧିକ ଭୋଟ ପାଇଥିଲେ ଏବଂ ବିଧାୟକ ଭାବେ ନିର୍ବାଚିତ ହୋଇ ଗୁରୁତ୍ୱପୂର୍ଣ୍ଣ ବିଭାଗ ମନ୍ତ୍ରୀ ହୋଇଥିଲେ । ତେବେ ଦ୍ୱିତୀୟ ଥର ସଭାପତି ଭାବେ ତାଙ୍କୁ ଚୟନ କରାଯାଇଥିବାରୁ ମଣ୍ଡଳ ସଭାପତି ଶ୍ରୀ ପ୍ରଧାନ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଓ ବିଜେପି ଜିଲ୍ଲା ସଭାପତି ଶ୍ରୀ ମିଶ୍ରଙ୍କୁ କୃତଜ୍ଞତା ଜଣାଇବା ସହ ସଂଗଠନକୁ ଅଧିକ ଶକ୍ତିଶାଳୀ କରିବା ସହ ଆଗାମୀ ପୌର ନିର୍ବାଚନରେ ଦଳ ସଫଳତା ହାସଲ କରିବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି । ତେବେ ତାଙ୍କ ନାମ ମଣ୍ଡଳ ସଭାପତି ଭାବେ ଘୋଷଣା ହେବା ପରେ ଦଳୀୟ କର୍ମକର୍ତ୍ତା ଓ କର୍ମୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି ।

# ମୂକ ବଧିର ବ୍ୟକ୍ତି ନିଖୋଜ, ଥାନାରେ ଅଭିଯୋଗ



ନିମାପଡା ୨୩/୦୩(ଭାସ୍କର ନ୍ୟୁଜ): ନିମାପଡା ଅଞ୍ଚଳରେ ରହୁଥିବା ଜଣେ ମୂକ ବଧିର ଦିନ ମଜୁରିଆ କେଉଁଆଡେ ପଳାଇଯାଇଛନ୍ତି, ନା ତାଙ୍କୁ କେହି ନେଇଯାଇଛି, ତାହାକୁ ନେଇ ଏବେ ସନ୍ଦେହ ପ୍ରକଟ ହୋଇଛି । ମୂକବ୍ୟକ୍ତିଙ୍କ ଦୁଇ ଝିଅ ରହିଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ ହାଓ୍ୱାଡା ଜିଲ୍ଲା ରାନା ଗ୍ରାମର ଅନେକ ବ୍ୟକ୍ତି ନିମପଡାରେ ଘରଭଡା ନେଇ ରହି ଦିନ ମଜୁରିଆ ଭାବେ ବାଲି ସିମେଣ୍ଟ କାମ କରନ୍ତି । ନିମାପଡା ପତିତପାବନ ପାଟଣା ଗ୍ରାମର ଘରଭଡା ନେଇ ରହୁଥିବା ଏହି ବ୍ୟକ୍ତିଙ୍କ ମଧ୍ୟରୁ ଏକ ରାଜମିସ୍ତ୍ରୀ ଯାହାର ନାମ ନଫଳ ଅଲ୍ଲୀ ପୁରୀକୁ ମିସ୍ତ୍ରୀ କାମ କରିବା ପାଇଁ ଯାଇଥିଲେ । କାମ ସରିବା ପରେ ନିମାପଡାକୁ ନଫେରି କେଉଁଆଡେ ପଳାଇଯାଇଛନ୍ତି । ତାଙ୍କ ସାଙ୍ଗସାଥିମାନେ ବହୁ ଖୋଜଖବର କଲେ ମଧ୍ୟ କୌଣସି ସନ୍ଧାନ ପାଇପାରୁନାହାଁନ୍ତି । ଏ ସଂପର୍କରେ ଥାନାରେ ଅଭିଯୋଗ କରିଥିବା ବେଳେ କେଉଁଆଡେ ପଳାଇଥିବା ବ୍ୟକ୍ତିଜଣକ ମୁକ ବୋଲି ଜଣାପଡିଛି । ଯିବା ସମୟରେ ନେଳି ରଙ୍ଗର ଫୁଲ ସାର୍ଟ କଳା ରଙ୍ଗର ପ୍ୟାଣ୍ଟ ପିନ୍ଧିଥିଲେ । ଏ ସଂପର୍କରେ ତାଙ୍କର ଠିକାଦାର ସୋଫିକ୍ ଅଲ୍ଲୀ ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ୍ ଏକ ଡାଏରୀ କରି ଘଟଣାର ଅନୁସନ୍ଧାନ ଜାରି ରଖିଛି ।

# ମହିଳାଙ୍କ ଗୋଡ ଉପରେ ମାଡିଗଲା ଟ୍ରକ୍

ନିମାପଡା(ଭାସ୍କର ନ୍ୟୁଜ): ନିମାପଡା ବାମନାଳ ରାସ୍ତା ଟ୍ରକ ଧକ୍କାରେ ଜଣେ ମହିଳାଙ୍କର ଗୋଡ ନଷ୍ଟ ହୋଇଥିବା ବେଳେ ମହିଳା ଜଣକ ଗୁରୁତର ଆହତ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହେଉଛନ୍ତି । ମହିଳାଙ୍କ ଝିଅ ଗୁରୁତର ଆହତ ହୋଇଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ ବାମନାଳ ପଂଚାୟତ ବଡ ନିନିଗାଁର ବିଦୁଲତା ପ୍ରଧାନ ତାଙ୍କ ଝିଅ ସହିତ ଏକ ସ୍କୁଟିରେ କୌଣସି କାମରେ ନିମାପଡା ଯାଉଥିଲେ । ପାଟପୁର ଗ୍ରାମ ବଡପୋଖରୀ ନିକଟରେ ଏକ ଟ୍ରକ ନଂ ଓଡି-୦୫-ବିଏମ୍-୯୨୨୩ ଦ୍ରୁତ ବେଗରେ ଆସି ଧକ୍କା ଦେଇଥିଲା । ମା’ ଝିଅ ରାସ୍ତାରେ ଛିଟିକ୍ ପଡିଥିବା ବେଳେ ବିଦୁଲତାଙ୍କ ଡାହାଣ ଗୋଡ ଉପରେ ଟ୍ରକ ଚକା ଚଢିଯାଇଥିଲା । ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ମହିଳା ଓ ତାଙ୍କ ଝିଅକୁ ଉଦ୍ଧାର କରି ନିମାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ । ମହିଳାଙ୍କ ଅବସ୍ଥା ଗୁରୁତର ଥିବାରୁ କ୍ୟାପିଟାଲ ହସ୍‌ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି । ନିମାପଡା ଥାନା ପୋଲିସ୍ ଘଟଣାସ୍ଥଳରେ ପହଂଚି ଗାଡିକୁ ଜବତ କରିବା ସହ ତଦନ୍ତ ଚଳାଇଛି । ନିମାପଡା ପୋଲିସ୍ ପକ୍ଷରୁ ସକାଳ ୬ରୁ ରାତ୍ର ୯ଟା ପର୍ଯ୍ୟନ୍ତ ଭାରିଯାନ ଉପରେ କଟକଣା ଲାଗିଥିବା ବେଳେ ପ୍ରତ୍ୟେକ ଦିନ ଆଇନକୁ ଉଲଂଘନ କରି ହାଇଓ୍ୱା ଓ ଟ୍ରକ ନିମାପଡା ଅଂଚଳରେ ପ୍ରବେଶ କରୁଛି । ଯାହାପାଇଁ ଆଜି ଜଣେ ମହିଳା ତାଙ୍କ ଗୋଡ ହରାଇବାକୁ ଯାଉଛନ୍ତି । ଏହି ଘଟଣାକୁ ପାଟପୁର ଗ୍ରାମବାସୀ ନିନ୍ଦା କରିବା ସହ କଟକଣାକୁ ବଳବତର ରଖିବା ପାଇଁ ଦାବୀ କରିଛନ୍ତି ।

# ଭୁବନ ଏନ୍‌ଏସିର ଦଶମ ସାଧାରଣ ବୈଠକ



ଭୁବନ(ଭାସ୍କର ନ୍ୟୁଜ): ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ୧୦ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏନ୍‌ଏସି ସଭାଗୃହରେ ମୁଖ୍ୟ ଅତିଥି କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା ଓ ସମ୍ମାନିତ ଅତିଥି ସାଂସଦ ରୁଦ୍ର ନାରାୟଣ ପାଣିଙ୍କ ପ୍ରତିନିଧି ଭବାନୀ ଶଙ୍କର ବେହେରା ଯୋଗଦେଇଥିଲେ । କାର୍ଯ୍ୟ ନିର୍ବାହୀ ଅଧିକାରୀ ଲୋକନାଥ ବେଜ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଧାର୍ଯ୍ୟ ସମୟ ପୂର୍ବରୁ ଆକ୍ସନ ପ୍ଲାନ୍ ସହ ଆୟ ବ୍ୟୟ ଅଟକଳ ପ୍ରସ୍ତୁତ ପାଇଁ ପରିଷଦ ବୈଠକରେ ପ୍ରସ୍ତାବ ପାରିତ ହୋଇଥିଲା । ଆସନ୍ତା ରଥଯାତ୍ରା ପୂର୍ବରୁ ରଥ ରୁଟ ମରାମତି ସହ ଇଲେକ୍ଟ୍ରି ଖୁଣ୍ଟ ସ୍ଥାନାନ୍ତର, ବିଦ୍ୟୁତ ତାର ଓ ମାର୍କେଟିଂ ଇନ୍ସପେକ୍ଟର ସପ୍ତାହରେ ୨ଦିନ ଏନ୍‌ଏସିରେ କାର୍ଯ୍ୟ କରିବାକୁ ନଗରପାଳ ନିର୍ଦ୍ଦେଶ ଦେଇଥିଲେ । ଅସମ୍ପୂର୍ଣ୍ଣ ପୂର୍ବ କାର୍ଯ୍ୟ ତୁରନ୍ତ ଶେଷ କରାନଗଲେ ଟେଣ୍ଡର ବାତିଲ କରାଯିବାକୁ ନିର୍ଦ୍ଦେଶ ଦେଇଥିଲେ । କାଉନସିଲର ପାନୀୟ ଜଳ ଓ ବିଦ୍ୟୁତ୍ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ । ଏନ୍‌ଏସି ଉପାଧ୍ୟକ୍ଷା ମାନିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦିବଙ୍ଗତ ତିନି ଅଧ୍ୟାପକଙ୍କୁ ଶ୍ରଦ୍ଧାଞ୍ଜଳି



ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ସ୍ଥାନୀୟ ଟେକ୍ସଟାଇଲ ଟେକ୍ନୋଲୋଜି ପ୍ରତିଷ୍ଠାନର ଉଚ୍ଚ ମାଧ୍ୟମିକ ଶିକ୍ଷାନୁଷ୍ଠାନ ପୁରାତନ ଛାତ୍ର ସଂସଦ ପକ୍ଷରୁ ଦିବଙ୍ଗତ ୩ ଅଧ୍ୟାପକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ର ସଂସଦ ସଦସ୍ୟ ମେଜର ସଚ୍ଚିଦାନନ୍ଦ ମହାନ୍ତିଙ୍କ ପୌରୋହିତ୍ୟରେ ହିନ୍ଦ୍ ସେବକ ସଂଘ ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ଶିକ୍ଷାବିତ୍ ବିଦ୍ୟାସାଗର, ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ କାହ୍ନୁଚରଣ ଦାସ ପ୍ରମୁଖ ଅତିଥି ଯୋଗଦେଇ ପୂର୍ବତନ ଅଧ୍ୟାପକ ସ୍ୱର୍ଗତ ଡ. ଗୌରଗୋପାଳ ମହାନ୍ତି, ସ୍ୱର୍ଗତ ଅଜୟ ନନ୍ଦ ଓ ସ୍ୱର୍ଗତ ଶରତ ମହାପାତ୍ରଙ୍କ ସ୍ମୃତି ଚାରଣ ସହ ସେମାନଙ୍କ ଭିତରେ ଥିବା ବିଦ୍‌ବତ୍ତା, ନୀତିନିଷ୍ଠା, ଛାତ୍ର ବତ୍ସଳତା ଓ ସେବାଭାବ ପାଇଁ ସମସ୍ତଙ୍କ ଅତିପ୍ରିୟ ହୋଇପାରିଥିଲେ ବୋଲି କହିଥିଲେ । ବାଣୀପ୍ରଭା ମହାନ୍ତି, ଧୀର ଷଡ଼ଙ୍ଗୀ, ସ୍ତମ୍ଭକାର ଗୁରୁ କଲ୍ୟାଣ ମହାପାତ୍ର, ଭୈରବ ମାହାନ୍ତି, ଇଂ ପ୍ରଦ୍ୟୁମ୍ନ କାନୁନଗୋ, ବ୍ରଜେନ୍ଦ୍ର ଦାସ, କର୍ଣ୍ଣେଲ ସୌମିତ୍ର ଦାସ, ଦିବେଶ ସ୍ୱାଇଁ, ଇଂ ଅଜୟ କୁମାର ସ୍ୱାଇଁ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପ୍ରଭୁକଲ୍ୟାଣ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ରଘୁନାଥପୁର ୨ନଂ ଜୋନ୍ ବିଜେପିର ନୂତନ କାର୍ଯ୍ୟକର୍ତ୍ତା

ରଘୁନାଥପୁର(ଭାସ୍କର ନ୍ୟୁଜ): ରଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ଜୟପୁର ମଣ୍ଡଳର ବିଜେପିର ନୂତନ କର୍ମକର୍ତ୍ତା ଅନୁମୋଦନ କରାଯାଇଛି। ଜିଲ୍ଲା ସଭାପତି ପ୍ରତାପ ମିଶ୍ର ଓ ଜଇପୁର ମଣ୍ଡଳ ସଭାପତି ବନୋଜ ନାୟକଙ୍କ ଅନୁମୋଦନରେ ମଣ୍ଡଳର ୨୧ଜଣିଆ ଟିମ୍ ଘୋଷଣା କରାଯାଇଛି। ଟିମରେ ସଭାପତିଙ୍କ ସହ ୨ ସାଧାରଣ ସମ୍ପାଦକ ଯଥାକ୍ରମେ ସଚ୍ଚିକାନ୍ତ ବାରିକ ଓ ଶଶାଙ୍କ ଶେଖର ମହାନ୍ତି, ୬ ଉପସଭାପତି, ୬ ସଂପାଦକ ଓ ୬ ମୋର୍ଚ୍ଚାର ସଭାପତି ଯଥାକ୍ରମେ ଯୁବମୋର୍ଚ୍ଚା ଇଂ ସ୍ମିତି ରଞ୍ଜନ ବେହେରା, ମହିଳା ମୋର୍ଚ୍ଚା ସଭାନେତ୍ରୀ ମଧୁସ୍ମିତା ଭୋଇ, କୃଷକ ମୋର୍ଚ୍ଚା ସଭାପତି ସୁକାନ୍ତ କୁମାର ଦ୍ୱିବେଦୀ, ଓବିସି ମୋର୍ଚ୍ଚା ସଭାପତି ଦୀପ୍ତି ରଞ୍ଜନ ମହାପାତ୍ର, ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ସେଶଦେବ ସେଠୀ, ଜନଜାତି ମୋର୍ଚ୍ଚା ସଭାପତି ଭାସ୍କର ପ୍ରଧାନ ଭାବେ ଦାୟିତ୍ୱ ଘୋଷଣା କରାଯାଇଛି। ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ରାଜକିଶୋର ବେହେରା, ଯୁବନେତା ଡକ୍ଟର ପ୍ରକାଶ ଚନ୍ଦ୍ର ଦଳାଇ, ପୂର୍ବତନ ଜିଲ୍ଲା ବିଜେପି ଉପସଭାପତି ସତ୍ୟବ୍ରତ ପଣ୍ଡା, ପୂର୍ବତନ ଯୁବମୋର୍ଚ୍ଚା ଜିଲ୍ଲା ସମ୍ପାଦକ ତଥା ଯୁବ ସମାଜସେବୀ ବଳରାମ ଦଳାଇ, ମଣ୍ଡଳର ବରିଷ୍ଠ ବିଜେପି ନେତା ସତ୍ୟବ୍ରତ ତ୍ରିପାଠୀ ଶୁଭକାମନା ଓ ଶୁଭେଚ୍ଛା ଜଣାଇଛନ୍ତି। ନୂତନ ଟିମ୍‌ରେ ବରିଷ୍ଠ, ଯୁବକ, ମହିଳା ସମସ୍ତ ବର୍ଗକୁ ନେଇ ଗଠିତ । ଜୋନ ୨ ଅନ୍ତର୍ଗତ ୧୦ ପଞ୍ଚାୟତରେ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ, ସମିତିସଭ୍ୟ ପ୍ରାର୍ଥୀଙ୍କ ସଫଳତା ସହ ଜିଲ୍ଲାପରିଷଦ ପାର୍ଥୀ ବିଜୟଲାଭ କରିବ ବୋଲି ମଣ୍ଡଳ ସଭାପତି ଶ୍ରୀ ନାୟକ ସୂଚନା ଦେଇଛନ୍ତି ।

# ବଡ଼ଗଡ଼ ହାଇସ୍କୁଲର ସମୀକ୍ଷା କଲେ ଭୁବନେଶ୍ୱର ସାଂସଦ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସାଂସଦ ଅପରାଜିତା ଷଡ଼ଙ୍ଗୀ ବଡ଼ଗଡ଼ସ୍ଥିତ ଓ୍ୱାର୍ଡ ନଂ ୪୪ରେ ଥିବା ହାଇସ୍କୁଲ ପରିଦର୍ଶନ କରିଛନ୍ତି। ସ୍ଥାନୀୟ ବୁଦ୍ଧିଜୀବିଙ୍କ ଅନୁରୋଧକ୍ରମେ ୧୦୬ ବର୍ଷର ଏହି ପୁରୁଣା ସ୍କୁଲକୁ ଯାଇ ଏହାର ସମସ୍ୟା ବୁଝିବା ସହ ଓ ଉନ୍ନତି ନେଇ ସମୀକ୍ଷା କରିଥିଲେ। ଅନେକ ଦିନ ଧରି ବଡ଼ଗଡ଼ ଗ୍ରାମବାସୀଙ୍କ ଏହି ବିଦ୍ୟାଳୟର ସମସ୍ୟା ସମାଧାନ ପାଇଁ ଦାବି ରହିଆସିଥିଲା । ଏହାର ଉନ୍ନତିକରଣ ପାଇଁ ସ୍ଥାନୀୟ ଲୋକମାନେ ଭୁବନେଶ୍ୱର ସାଂସଦଙ୍କୁ ଏକାଧିକ ଥର ନିବେଦନ କରିଥିଲେ । ଏହି ଅନୁରୋଧ ରକ୍ଷା କରି ଭୁବନେଶ୍ୱର ସାଂସଦ ଏହି ପୁରାତନ ଶତାବ୍ଦୀ ବିଦ୍ୟାଳୟକୁ ଗସ୍ତ କରିଥିଲେ । ସ୍କୁଲରେ ରହିଛି ଅନେକ ସମସ୍ୟା । ସ୍କୁଲ ପରିସରରେ ସାଇକେଲ ରଖିବାକୁ ଷ୍ଟାଣ୍ଡ ନାହିଁ। ଏଥିପାଇଁ ସେମାନେ ବହୁ ସମସ୍ୟା ଭୋଗୁଛନ୍ତି। ବହୁତ ଛାତ୍ରଛାତ୍ରୀ ଏଠାରେ ପାଠ ପଢୁଛନ୍ତି। ସେମାନଙ୍କ ଭିତରୁ ଅନେକ ଖେଳରେ ଆଗ୍ରହ ରଖୁଛନ୍ତି। ଟିମ କରି କ୍ରିକେଟ, ଫୁଟବଲ ଓ ଖୋ ଖୋ ଭଳି ଅନେକ ଖେଳ ଖେଳୁଛନ୍ତି। ଅନେକ ଛାତ୍ରଛାତ୍ରୀ ଖୋ ଖୋ ସମେତ ଅନ୍ୟ ଖେଳରେ ଜାତୀୟସ୍ତରରେ ପ୍ରତିନିଧିତ୍ୱ କରିଛନ୍ତି। କିନ୍ତୁ ଖେଳପଡିଆ ନଥିବାରୁ ସୁବିଧାରେ ଖେଳିପାରୁନାହାନ୍ତି। ଖେଳପଡ଼ିଆର ବିକାଶ ପାଇଁ ବିଡିଏ ପାଖରେ ପ୍ରସ୍ତାବ ଅଛି, କିନ୍ତୁ ଏହା ଆଗେଇ ପାରୁନି। ୨୦୨୧ରେ ବିଡିଏ ଏଥିପାଇଁ ପୋଲିସ ହାଉସିଂ ବୋର୍ଡ କର୍ପୋରେସନକୁ ୪କୋଟି ଟଙ୍କା ଦେଇଥିଲା । ଏଥିରେ ବହୁମୁଖୀ ଖେଳପଡ଼ିଆ ସହ ସାଇକେଲ ଷ୍ଟାଣ୍ଡ ଓ ନୂଆ ଶ୍ରେଣୀଗୃହ ତିଆରି ପ୍ରସ୍ତାବ ଥିଲା। ବିଭିନ୍ନ କାରଣ ପାଇଁ ଏହା ହୋଇପାରୁନଥିଲା। ବଡ଼ଗଡ଼ ଗାଁ କମିଟି ସାଂସଦଙ୍କୁ ଭେଟି ଏଥିପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ । ସାଂସଦ ତତ୍କାଳ ପୋଲିସ ହାଉସିଂ ବୋର୍ଡ ଅଧ୍ୟକ୍ଷ ଓ ଭୁବନେଶ୍ୱର ତହସିଲଦାରଙ୍କ ସହ ଏ ପ୍ରସଙ୍ଗରେ କଥା ହୋଇଥିଲେ। ଏପ୍ରିଲ ୨ରୁ ପ୍ରସ୍ତାବରେ ଥିବା ଉନ୍ନତିକରଣ କାମ ଆରମ୍ଭ ହେବ ବୋଲି ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଓ ବଡ଼ଗଡ଼ ଗାଁ କମିଟିର ସଦସ୍ୟଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସ୍କୁଲ ପାଇଁ ବହୁମୁଖୀ ଖେଳପଡ଼ିଆ ବିକାଶ କରାଯିବ । ତିନି ମାସ ଭିତରେ କାମ ସାରିବାକୁ ସମସ୍ତ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ପରିଦର୍ଶନ ସମୟରେ ସ୍ଥାନୀୟ କର୍ପୋରେଟର ଅଜିତ ବେହେରା, ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ମନୋଜା ମଞ୍ଜରୀ ସାହୁ, ସ୍କୁଲ ପୁରାତନ ଛାତ୍ର ସଙ୍ଘ ସଭାପତି ମାନସ ମହାନ୍ତି ଓ ଗାଁ କମିଟିର ସଭାପତି, ସମ୍ପାଦକ ଓ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ପାରାଦୀପରେ ସହିଦ ଦିବସ ପାଳିତ



ପାରାଦୀପ(ଭାସ୍କର ନ୍ୟୁଜ): ପ୍ରତିବର୍ଷ ମାର୍ଚ୍ଚ ୨୩ ତାରିଖରେ ସମଗ୍ର ଦେଶରେ ସହିଦ ଦିବସ ପାଳିତ ହୋଇଥାଏ । ରବିବାର ସକାଳ ସମୟରେ ପାରାଦୀପ ମହାବିଦ୍ୟାଳୟ ପରିସରରେ ମହାବିଦ୍ୟାଳୟ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଓ ମହାବିଦ୍ୟାଳୟ ଏନ୍‌ସିସି ଆଲୁମନୀ ଆସୋସିଏସନ୍ ପକ୍ଷରୁ ସହିଦ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ପ୍ରାଧିକରଣର ମୁଖ୍ୟ ଅର୍ଥ ପରାମର୍ଶଦାତା ଡି.ଏନ୍. ସୋଧୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ, ସହିଦ ଦିବସର ସ୍ମୃତିଚାରଣ କରିଥିଲେ। ଅନ୍ୟତମ ଅତିଥି ଭାବେ କ୍ୟାପଟେନ ସୂର୍ଯ୍ୟେନ୍ଦୁ ପାଣିଗ୍ରାହୀ ଏକ ଭାବାତ୍ମକ ବାର୍ତ୍ତା ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ସସ୍ମିତା ଶତପଥୀ ଭାରତ ମାତାର ବରପୁତ୍ର ସହିଦ ଭଗତ ସିଂ, ଶିବରାମ ରାଜଗୁରୁ ଓ ଶୁକଦେବ ଥାପର ମାନଙ୍କର ବଳିଦାନ ସମ୍ପର୍କରେ ଆଲୋଚନା କରିଥିଲେ । ବରିଷ୍ଠ ଅଧ୍ୟାପକ ଗଣେଶ୍ୱର ପାତ୍ର ଦିବସର ମହତ୍ତ୍ୱ ବିଷୟରେ କିଛି ତଥ୍ୟ ଉପସ୍ଥାପନା କରିଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ମହାବିଦ୍ୟାଳୟର ଏନ୍‌ସିସି ଅଧିକାରୀ ଲେଫ୍ଟନାଣ୍ଟ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ର । କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ପୁରାତନ କ୍ୟାଡେଟ, ବର୍ତ୍ତମାନର କ୍ୟାଡେଟ ଓ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଯୋଗ ଦେଇଥିଲେ । ଶେଷରେ ଅଲୁମ୍ନି ଆସୋସିଏସନ୍ ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।

# ସୋରଡ଼ାରେ ଯୁବତୀଙ୍କୁ ହତ୍ୟା କରି ପୋଡି ଦେଲେ

ସୋରଡ଼ା(ଭାସ୍କର ନ୍ୟୁଜ): ସୋରଡ଼ା ଥାନା ଅନ୍ତର୍ଗତ ଗାଜଲବାଡି ଗ୍ରାମ ପଞ୍ଚାୟତର କୋଟମାଣି ପାହାଡ ନିକଟରୁ ନର କଙ୍କାଳ ଠାବ ହୋଇଥିବା ପୋଲିସ ସୂତ୍ରରୁ ପ୍ରକାଶ । କଙ୍କାଳଟି ପ୍ରାୟ ୨୨ ବର୍ଷରୁ ୨୮ ବର୍ଷ ମଧ୍ୟର ଓ ଯୁବତୀ କଙ୍କାଳ ଅଟେ । ସୂଚନା ମୁତାବକ ଶନିବାର ସକାଳ ସ୍ଥାନୀୟ ଲୋକେ ପାହାଡକୁ ଜାଳେଣି କାଠ ଆଣିବାକୁ ଯାଇଥିବା ବେଳେ କଙ୍କାଳଟିକୁ ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ । ଏହି ଘଟଣାର ପ୍ରକୃତ କାରଣ ଜଣାପଡି ନଥିବା ବେଳେ ମଧ୍ୟ ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଜଣାପଡୁଛି । ଜଣେ ଯୁବତୀଙ୍କୁ ହତ୍ୟା କରିବା ପରେ ପ୍ରଣାମ ନଷ୍ଟ କରିବା ପାଇଁ ପେଟ୍ରୋଲ ଢାଳି ପୋଡି ଦିଆ ଯାଇଥିବା ଅନୁମାନ କରାଯାଉଛି । ଖବର ପାଇ ସୋରଡ଼ା ଭାରପ୍ରାପ୍ତ ଥାନା ଅଧିକାରୀ ସୁଧୀର ସାହୁ ତଦନ୍ତ ବେଳେ ପହଞ୍ଚି ଏକ ଅପ ମୃତ୍ୟୁ ମାମଲା ରଜୁ କରି ତଦନ୍ତ କରିଥିଲେ । କଙ୍କାଳଠାରୁ ୨ଗୋଟି ଦରପୋଡା ମୋବାଇଲ, ପ୍ୟାଣ୍ଟ, ସାର୍ଟ, ଛୁରୀ ଇତ୍ୟାଦି ଜବତ କରାଯାଇଛି । ପରେ ଆସ୍କା ଏସଡିପିଓ ସନ୍ତୋଷ ଜେନା ଘଟଣା ସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛନ୍ତି ।

# ଟାଙ୍ଗଣାପଲି, ଚମାଖଣ୍ଡିରେ ବିଜେପିର ମିଶ୍ରଣ ପର୍ବ



ଛତ୍ରପୁର(ଭାସ୍କର ନ୍ୟୁଜ): ଛତ୍ରପୁର ବିଜେପି ପକ୍ଷରୁ ରବିବାର ଟାଙ୍ଗଣାପଲି ଓ ଚମାଖଣ୍ଡି ପଂଚାୟତରେ ମିଶ୍ରଣ ପର୍ବ ଆୟୋଜିତ ହୋଇଯାଇଛି । ଏଥିରେ ଟାଙ୍ଗଣାପଲି ସରପଞ୍ଚ ବି. ସୁଦାମ, ସମତି ସଭ୍ୟକ୍ଷ ମୀନା କୁମାରୀ ସାହୁଙ୍କ ସମେତ ବିଜେଡ଼ି, କଂଗ୍ରେସ ଓ ସିପିଆଇରୁ ଶତାଧିକ ନେତା ଓ କର୍ମୀ, ବିଜେଡ଼ି ସମର୍ଥିତ ସରପଞ୍ଚ, ସମିତିସଭ୍ୟ, ଓ୍ୱାର୍ଡ଼ ମେମ୍ବର, ଯୁବ ସଂଗଠନ, ମହିଳା ସଙ୍ଘ ସଦସ୍ୟା ବିଜେପିରେ ମିଶି ପ୍ରାଥମିକ ସଦସ୍ୟ ଗ୍ରହଣ କରିଥିଲେ । ଭାରତୀୟ ଜନତା ପାର୍ଟିର ନୀତି ଆଦର୍ଶ ଏବଂ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବଳିଷ୍ଠ ନେତୃତ୍ୱରେ ଅନୁପ୍ରାଣିତ ହୋଇ ନିର୍ବାଚନ ମଣ୍ଡଳୀର ଛତ୍ରପୁର ବ୍ଲକର ଚମାଖଣ୍ଡି ଓ ଟାଙ୍ଗଣାପଲି ଗ୍ରାମ ପଞ୍ଚାୟତର ବହୁ ବିଜେଡି, କଂଗ୍ରେସ ଏବଂ ସିପିଆଇ ଦଳ ପରିତ୍ୟାଗ କରି ବରିଷ୍ଠ କର୍ମକର୍ତ୍ତା ଭାଜପାରେ ମିଶଥିବା ଏମାନେ କହିଛନ୍ତି । ଚମାଖଣ୍ଡି ସ୍ଥିତ କଲ୍ୟାଣମଣ୍ଡପଠାରେ ଏବଂ ଟାଙ୍ଗଣାପଲି ଠାରେ ଆୟୋଜିତ ମିଶ୍ରଣ ପର୍ବ ରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ସମସଙ୍କୁ ସ୍ୱାଗତ କରିବା ସହ ଦଳୀୟ ଉତରିୟ ଓ ଟୋପି ପିନ୍ଧାଇଥିଲେ । ସେମାନଙ୍କର ଯୋଗଦାନ ତୃଣମୂଳସ୍ତରରେ ଭାଜପା ଦଳର ସଂଗଠନକୁ ଆହୁରି ମଜବୁତ କରିବ ବୋଲି ବିଧାୟକ କହିଛନ୍ତି । ଭାଜପା ପକ୍ଷରୁ ସଶକ୍ତ ଭାଜପା, ସମୃଦ୍ଧ ଭାଜପା ବିକଶିତ ଓଡ଼ିଶା, ବିକଶିତ ଛତ୍ରପୁର ନାରା ଦିଆଯାଇଥିଲା । ମଣ୍ଡଳ ସଭାପତି ସମ୍ପଦ ନାହାକ ଏଥିରେ ଅଧ୍ୟକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷା ଏସ.ସାରଦା ରେଡ୍ଡି, ପଦ୍ମଚରଣ ସାହୁ, ଜ୍ୟୋତି ରଞ୍ଜନ ସାହୁ, ଏସ.କିଶୋର ରେଡ୍ଡି, ଶଙ୍କର ରେଡ୍ଡି, ବ୍ରହ୍ମପୁର ଏମପି ପ୍ରତିନଧି ସନ୍ତୋଷ ରେଡ୍ଡି ପ୍ରମୁଖ ଉପସ୍ଥିତ ଥିଲେ ।

# ମହାନ ବିପ୍ଳବୀ ଶହୀଦ ଭଗତ ସିଂଙ୍କ ୯୪ତମ ଫାଶୀ ଦିବସ ପାଳିତ



ବ୍ୟାସନଗର(ଭାସ୍କର ନ୍ୟୁଜ): ମହାନ ବିପ୍ଳବୀ ଶହୀଦ ଭଗତ ସିଂ, ସୁଖଦେବ, ରାଜଗୁରୁଙ୍କୁ ଆଜିର ଦିନରେ ୧୯୩୧ ମସିହା ମାର୍ଚ୍ଚ ୨୩ତାରିଖରେ ଫାସୀ ଦିଆଯାଇଥିଲା । ଏହି ପରିପ୍ରେକ୍ଷୀରେ ଭଗତ ସିଂ ସ୍ମୃତି ସଂସଦ ପକ୍ଷରୁ ସଂସଦର ସଭାପତି ତଥା ଶ୍ରମିକ ନେତା ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ଭଗତ ସିଂ ଓ ଯୁବ ଶକ୍ତି ଶୀର୍ଷକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ଆଲୋଚନା ସଭାକୁ ଅତିଥି ମାନେ ଉଦଘାଟନ କରିଥିଲେ । ଏହି ଆଲୋଚନା ସଭାରେ ବରିଷ୍ଠ ଆଇନିଜୀବୀ ଗୋକୁଳାନନ୍ଦ ମହାନ୍ତି, ଶିକ୍ଷକ ନେତା ଦୁଷ୍ମନ୍ତ କୁମାର ନାୟକ, ଯାଜପୁର ଜିଲ୍ଲା ଟ୍ୟାକ୍ସବାର ଆସୋସିଏସନର ସଭାପତି ବିବେକାନନ୍ଦ ମହାନ୍ତି, ପୂର୍ବତନ ନଗରପାଳିକା ସବିତା ରାଉତ, ବ୍ୟାସନଗର କଲେଜର ପୂର୍ବତନ ଅଧ୍ୟକ୍ଷ କୁଶ ଚନ୍ଦ୍ର ପ୍ରଧାନ, ଆମ୍ବେଦକର ସ୍ମୃତି ସଂସଦର ସମ୍ପାଦକ ବାବୁଲାଲ ଗୁରୁ, ଶିକ୍ଷାବିତ ଅଶ୍ୱିନ ଦାସ, ପ୍ରଧାନ ଶିକ୍ଷୟତ୍ରୀ ମିନତୀ ସିଂ ସାମ୍ବାଦିକ ପବିତ୍ର ରଞ୍ଜନ ମହାନ୍ତି, ପ୍ରମୁଖ ଆଲୋଚନା ସଭାରେ ନିଜ ନିଜର ବକ୍ତବ୍ୟ ଉପସ୍ଥାପନା କରିବାସହ ଭଗତ ସିଂଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏଥିରେ ପୂର୍ବତନ ନଗରପାଳ ରସାନନ୍ଦ ମହାନ୍ତି ମଧ୍ୟ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ । ସଂସଦର ସମ୍ପାଦକ ବିକାଶ ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ତ୍ରିଲୋଚନ ରାଉତ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ । ବକ୍ତୃତା, ସଂଗୀତ, ନୃତ୍ୟ, କୁଇଜ ପ୍ରତିଯୋଗିତା ରେ କୃତି ପ୍ରତିଯୋଗୀ ଚନ୍ଦନ ଦାସ, ସୌମ୍ୟରଞ୍ଜନ ପଲେଇ, ଦିବ୍ୟାନି ପ୍ରିୟଦର୍ଶିନୀ, ସୁମନ ପାତ୍ର, ପ୍ରିୟାଂଶି ପ୍ରିୟଦର୍ଶିନୀ ମାନଙ୍କୁ ଉତ୍ତରୀୟ ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲ । ଉକ୍ତ କାର୍ଯ୍ୟକ୍ରମରେ ସନ୍ତୋଷ ବରାଳ, ମନ୍ମଥ ରାୟ, ପାନୀ କିସ୍କୁ, ମାଳତୀ ହାଁସଦା, ରାଜେନ୍ଦ୍ର ସ୍ୱାଇଁ ପ୍ରଦୀପ ମହାନ୍ତି ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ । ସଭାପତି ଶ୍ରୀ ନାୟକ ଶେଷରେ କହିଲେ କି ଭଗତ ସିଂ ଫାସୀ ପୂର୍ବରୁ କହିଥିଲେ ମତେ ଫାସୀ ନ ଦେଇ ଗୁଳି କରି ମାର ଏବଂ ୧୯୧୭ ମସିହାରେ ସୋଭିଏତ ରୁଷରେ କମ୍ୟୁନିଷ୍ଟ ପାର୍ଟି ସରକାରକୁ ଆସିବା ପରେ କାର୍ଲମାର୍କ୍ସଙ୍କ ଦାସକ୍ୟାପିଟାଲ ପଢି କମ୍ୟୁନିଷ୍ଟ ପ୍ରତି ଆକୃଷ୍ଟ ହୋଇଥିଲେ ଏବଂ ଶୋଷଣ ମୁକ୍ତ ସମାଜ ଗଠନ ପାଇଁ ଆହ୍ୱାନ କରିଥିଲେ ।

# ଜିଲ୍ଲା ସାମ୍ବାଦିକ ସଂଘ(ଡିୟୁଜେ)ର ଚତୁର୍ଥ ବାର୍ଷିକ ସାଙ୍ଗଠନିକ ସମିଳନୀ



ଜଗତସିଂହପୁର(ଭାସ୍କର ନ୍ୟୁଜ): ମହାନ ବିପ୍ଳବୀ ସହିଦ ଭଗତ ସିଂ ଙ୍କ ସ୍ମରଣ ଦିବସ ଏବଂ ରାଜ୍ୟ ସାମ୍ବାଦିକ ସଂଘ (ଏସ ୟୁ ଜେ) ଓଡିଶା ସହବନ୍ଧିତ ଜ଼ିଲ୍ଲା ସାମ୍ବାଦିକ ସଂଘ(ଡିୟୁଜେ) ଜଗତସିଂହପୁର ର ଚତୁର୍ଥ ବାର୍ଷିକ ସାଙ୍ଗଠନିକ ସମ୍ମିଳନୀ ସ୍ଥାନୀୟ ନିମାଇଁ ଭବନ ପରିସରରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଜ଼ିଲ୍ଲା ସାମ୍ବାଦିକ ସଂଘ ସଭାପତି ପ୍ରଶାନ୍ତ କୁମାର ରାଉତଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥିଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ଯୋଗଦେଇ ପ୍ରଦୀପ୍ ପ୍ରଜ୍ୱଳନ କରି ଜଗନ୍ନାଥ ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରି ଚତୁର୍ଥ ବାର୍ଷିକ ଉତ୍ସବକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ମୁଖ୍ୟ ବକ୍ତାଭାବେ ରାଜ୍ୟ ସମ୍ବାଦିକ ସଂଘ (ଏସୟୁଜେ)ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ନାୟକ । ସ୍ୱତନ୍ତ୍ର ଅତିଥିଭାବେ ରାଜ୍ୟ ସାମ୍ବାଦିକ କଲ୍ୟାଣ ପଣ୍ଡି ଅଧ୍ୟକ୍ଷ୍ୟ ଗଗନ ବିହାରୀ ସାହୁ । ବିଶିଷ୍ଟ ଅତିଥିଭାବେ ଜ଼ିଲ୍ଲା ପରିଷଦ ଅଧ୍ୟକ୍ଷ୍ୟ ମନୋଜ କୁମାର ଭୋଇ । ସମ୍ମାନିତ ବକ୍ତା ଭାବେ ରାଜ୍ୟ ସାମ୍ବାଦିକ ସଂଘ କାର୍ଯ୍ୟକାରୀ ସଭାପତି କୀର୍ତ୍ତି ଚନ୍ଦ୍ର ସାହୁ । ସଂମ୍ମାନିତ ଅତିଥି ଭାବେ ଜଗତସିଂହପୁର ପୌର ପରିଷଦ ଅଧକ୍ଷା ଅର୍ଚ୍ଚନା ସିଂ । ବିଶେଷ ଅତିଥି ଭାବେ ରାଜ୍ୟ ସାମ୍ବାଦିକ ସଙ୍ଘ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ପାଢୀ । ସଂମ୍ମାନିତ ଅତିଥିଭାବେ ରାଜ୍ୟ ସାମ୍ବାଦିକ ସଂଘ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଚିନ୍ତାମଣି ପାଢୀ । କଟକ ଜ଼ିଲ୍ଲା ସାମ୍ବାଦିକ ସଂଘ ସଭାପତି ରମେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଏହା ପରେ କ୍ରିଷ୍ଣା କଲଚରାଲ ଗ୍ରୁପ ଦ୍ୱାରା ସ୍ୱାଗତ ସଂଗୀତ ପାରିବେଷିତ ହୋଇଥିଲା । ଜଗତସିଂହପୁର ଜ଼ିଲ୍ଲା ରେ ଦିବଂଗତ ସାମ୍ବାଦିକ ମାନଙ୍କ ପାଇଁ ଦୁଇ ମିନିଟ ନିରବ ପ୍ରାଥନା କରାଯାଇଥିଲା । ବରିଷ୍ଠ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ଜ଼ିଲ୍ଲା ସାମ୍ବାଦିକ ସଂଘ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ପରିଡା ବାର୍ଷିକ ବିବରଣୀ ପ୍ରଦାନ କରିବା ପରେ ମଞ୍ଚାସିନ ଅତିଥି ଏବଂ ଉପଦେଷ୍ଟା ମଣ୍ଡଳୀ କର୍ମକର୍ତାଙ୍କୁ ପୁଷ୍ପ ଗୁଚ୍ଛ, ଉତ୍ତରୀୟ, ସ୍ମୃତି ଫଳକ ପ୍ରଦାନ କରାଯାଇଥିଲା । ଜ଼ିଲ୍ଲା ସାମ୍ବାଦିକ ସଂଘର ସମସ୍ତ ସଦସ୍ୟ ମାନଙ୍କୁ ମୁଖ୍ୟ ଅତିଥି ପୁଷ୍ପ ଗୁଚ୍ଛ, ଉତ୍ତରୀୟ, ସହିତ ସଂଘର ପରିଚୟପତ୍ର ପ୍ରଦାନ କରିଥିଲେ । ରାଜ୍ୟ ସାମ୍ବାଦିକ ସଂଘ ସଭାପତି କୈଳାସ ଚନ୍ଦ୍ର ନାୟକ କାର୍ଯ୍ୟରତ ସମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କ ରେ ଉଦବୋଧନ ଦେଇଥିଲେ । ଶେଷରେ ଜ଼ିଲ୍ଲା ସାମ୍ବାଦିକ ସଂଘ ଜଗତସିଂହପୁର ପକ୍ଷରୁ ସମାଜ ରେ ଉଲେଖନୀୟ କାର୍ଯ୍ୟ ପାଇଁ ପୂର୍ବତନ ପୌର ପରିଷଦ ଅଧ୍ୟକ୍ଷ୍ୟ ମଧୁ ସୁଦନ ସାହୁ, କ୍ରିଷ୍ଣା ଦତ୍ତ, ସୋମ୍ୟ ରଞ୍ଜନ ନାୟକ ଙ୍କୁ ଜ଼ିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଜ଼ିଲ୍ଲା ସାମ୍ବାଦିକ ସଂଘ (ଡି ୟୁଜେ)ର କାର୍ଯ୍ୟକାରୀ ସଭାପତି ତପନ କୁମାର ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ । ଜ଼ିଲ୍ଲା ର ସମସ୍ତ ବ୍ଲକ ରୁ ଶତାଧିକ ସାମ୍ବାଦିକ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

## ଜାତୀୟ ନାଟ୍ୟ ମହୋତ୍ସବ କ୍ୟାନ୍‌ଫେଷ୍ଟ-୨୦୨୫ର ଚତୁର୍ଥ ସନ୍ଧ୍ୟା

# ‘ଦି ବୋଟ୍ ବୟ ଏବଂ ରଙ୍ଗଭୂମି’ ନାଟକ ମଞ୍ଚସ୍ଥ



ପାରାଦୀପ(ଭାସ୍କର ନ୍ୟୁଜ): ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ କ୍ୟାନମାସ ଦ୍ୱାରା ପାରାଦୀପରେ ଆୟୋଜିତ କ୍ୟାନଫେଷ୍ଟ-୨୦୨୫ର ଚତୁର୍ଥ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଛି ଦୁଇଟି ସ୍ୱର୍ଣ୍ଣକାତର ନାଟକ । ଦକ୍ଷିଣ ଭାରତ ଓ ପଶ୍ଚିମ ଓଡ଼ିଶାର ଦୁଇଟି ନାଟକକୁ ସ୍ଥାନୀୟ ଜୟଦେବ ସଦନଠାରେ ଦର୍ଶକମାନେ ବେଶ ଉପଭୋଗ କରିଥିଲେ । କେରଳର କୋଚିରୁ ଆସିଥିବା ଲୋକଧର୍ମୀ ନାଟକ ସଂସ୍ଥାର ନିର୍ଦ୍ଦେଶକ ଡକ୍ଟର ଚନ୍ଦ୍ରଦାଶନଙ୍କ ନିର୍ଦ୍ଦେଶିତ ମାଲାୟାଲାମ ଭାଷୀ ନାଟକ ଦି ବୋଟ ବୟ ସ୍ୱାଧୀନତା ସଂଗ୍ରାମୀ ସହିଦ ବାଜି ରାଉତଙ୍କ ଉପରେ ଆଧାରିତ । ବାଜି ରାଉତ ହେଉଛନ୍ତି ସବୁଠାରୁ କମ ବୟସ୍କ ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଏବଂ ସହିଦ । ରାତ୍ର ସମୟରେ ଇଂରେଜମାନେ ଯେତେବେଳେ ତାଙ୍କୁ ନୌକା ମାଧ୍ୟମରେ ବ୍ରାହ୍ମଣୀ ନଦୀ ପାରି କରିଦେବା ପାଇଁ ଆଦେଶ ଦେଇଥିଲେ, ସେତେବେଳେ ୧୨ ବର୍ଷର ବାଜି ରାଉତ ସାହସିକତାର ସହିତ ସେମାନଙ୍କୁ ମନା କରିଦେଇଥିଲେ, ଯାହାଦ୍ୱାରା ଖୁବ କମ ବୟସରୁ ତାଙ୍କୁ ନିଜର ମାତୃଭୂମି ପାଇଁ ଇଂରେଜ ମାନଙ୍କ ବନ୍ଧୁକ ଗୁଳିରେ ନିଜ ଜୀବନ ହରାଇବାକୁ ପଡିଥିଲା । ୧୨ ବର୍ଷର ଏହି କୁନି ସହିଦର ଜୀବନ କାହାଣୀକୁ ଅତି ସୁନ୍ଦର ଭାବେ ଲୋକଧର୍ମୀ ଅନୁଷ୍ଠାନର ଶିଶୁକଳାକାରମାନେ ନିଜର ବଳିଷ୍ଠ ଅଭିନୟ ଦ୍ୱାରା ଦର୍ଶକଙ୍କ ନିକଟରେ ପହଞ୍ଚାଇ ପାରିଥିଲେ ଓ ପ୍ରମାଣିତ କରିଥିଲେ କି ସେତେବେଳେ ଯଦି ଏପରି ସ୍ୱାଧୀନଚେତା ବ୍ୟକ୍ତି ବିଶେଷ ନଥାନ୍ତେ ହୁଏତ ଆମ ଦେଶ ସ୍ୱାଧୀନତାର ସ୍ୱାଦ ଚାଖି ପରି ନଥାନ୍ତା । ସେହିପରି ଚତୁର୍ଥ ସଂଧ୍ୟାର ଦ୍ୱିତୀୟ ନାଟକ ଭାବେ ଦି ଲୁ, ପଦମପୁର, ଓଡିଶାରୁ ଆସିଥିବା ସମ୍ବଲପୁରୀ ନାଟକ ରଙ୍ଗଭୂମି ମହୋତ୍ସବର ଅନ୍ୟ ଏକ ଆକର୍ଷଣ ଥିଲା । ନିର୍ଦ୍ଦେଶକ ଜଗନ୍ନାଥ ସେଠଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ନାଟକଟି ଅନ୍ଧ ସୂର ଦାସଙ୍କ ଜୀବନୀ ଉପରେ ପର୍ଯ୍ୟବେସିତ ହୋଇଥିଲା । କାହାଣୀଟି ଶକ୍ତିଶାଳୀ ବ୍ୟକ୍ତିବିଶେଷଙ୍କ ସହିତ ସୂର ଦାସଙ୍କ ମୁକାବିଲାକୁ ପ୍ରକାଶ କରେ, ଯେଉଁମାନେ ପ୍ରଗତିକୁ ଆଗେଇ ନେଉଥିବା ଏବଂ ପାରମ୍ପରିକ ମୂଲ୍ୟବୋଧକୁ ଆବଦ୍ଧ କରୁଥିବା ଦ୍ୱନ୍ଦପୂର୍ଣ୍ଣ ବ୍ୟକ୍ତିତ୍ୱଙ୍କୁ ପ୍ରତିନିଧିତ୍ୱ କରନ୍ତି । ଏହି ନାଟକଟି ନୈତିକ, ସଚ୍ଚୋଟତା, ନ୍ୟାୟ ଏବଂ ମାନବ ଇଚ୍ଛାର ଜଟିଳତାକୁ ଅନୁସନ୍ଧାନ କରେ । ଅନୁଷ୍ଠାନର ସମସ୍ତ କଳାକାରମାନଙ୍କ ଅଭିନୟ ପାରିଦର୍ଶିତାକୁ ଉପସ୍ଥିତ ସମସ୍ତ ଦର୍ଶକ ଭୂୟଶୀ ପ୍ରଶଂସା କରିଥିଲେ। କ୍ୟାନଫେଷ୍ଟର ଏହି ସଂଧାରେ ସମ୍ମାନିତ ଅତିଥି ଭାବେ ପାରାଦ୍ୱୀପ ବନ୍ଦର ପ୍ରାଧିକରଣର ଡେପୁଟି କଂଜରଭେଟର କ୍ୟାପଟେନ ଅଲେଖ ସାହୁଏବଂ ପାରାଦ୍ୱୀପ ବନ୍ଦର ଲେଡ଼ିଜ କ୍ଲବର ଉପସଭାପତି ବର୍ଣ୍ଣାଳି ଚେଟିଆ ଯୋଗ ଦେଇ କ୍ୟାନମାସର ଉନ୍ନତି କାମନା କରିବା ସହିତ କଳାକାରମାନଙ୍କ ଅଭିନୟକୁ ପ୍ରସଂଶା କରିଥିଲେ ।



କୋରାପୁଟ, (ଭାସ୍କର ନ୍ୟୁଜ) : କୋରାପୁଟସ୍ଥିତ ସର୍ବୋଦୟ ସମିତି ପରିସରରରେ ଭାରତୀୟ ଆଦିମଜାତି ସେବକ ସଂଘର ୭୭ତମ ଦୁଇ ଦିନିଆ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଅର୍ଜୁନ ମୁଣ୍ଡା କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଭାରତୀୟ ଆଦିମ ଜାତି ସେବକ ସଂଘର ସଭାପତି ନୟନଚାନ୍ଦ ହେମ୍ରମଙ୍କ ଅଧ୍ୟକ୍ଷତାରେ ସମ୍ମାନିତ ଅତିଥି ପଦ୍ମଶ୍ରୀ ତୁଳସୀ ମୁଣ୍ଡା ଓ କୋରାପୁଟ ଜିଲ୍ଲାର ସାମାଜିକ କର୍ମୀ କୃଷ୍ଣ ସିଂ ଯୋଗଦେଇଥିଲେ। ଆଦିବାସୀ ଅଧୁଷିତ ଅଞ୍ଚଳରେ ଶିକ୍ଷା ଓ ଆଦିବାସୀ ଜନଜାତିଙ୍କ ବିକାଶ ହେବା ନେଇ କହିଥିଲେ। ଏଥିରେ ଭାରତର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଜନଜାତି ସାମିଲ ହୋଇଥିଲେ। ସର୍ବଭାରତୀୟ ଜନଜାତୀ ସେବକ ସଂଘ ବୈଠକ ସହ ଆଦିମ ଜାତିଙ୍କ ଉନ୍ନତି ନେଇ ବିଭିନ୍ନ ଆଲୋଚନା ହେବ। କାର୍ଯ୍ୟକ୍ରମରେ ଆଦିମ ଜାତି ସେବକ ସଂଘର ଉପାଧ୍ୟକ୍ଷ ନରସିଂଖେଲେ, ସାଧାରଣ ସମ୍ପାଦକ ଏ.କେ. ରୁବେ ଓ ସମ୍ପାଦକ ଆର.କେ. ମାଲବିୟ ପ୍ରମୁଖ ଉପସ୍ଥିତ ଥିଲେ। କୋରାପୁଟ ସର୍ବୋଦୟ ସମିତିର ସମ୍ପାଦକ ପ୍ରଦୀପ କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

# ବେଆଇନ ଗୋ'ଚାଲାଣରେ ୨ଗିରଫ



ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ବେଆଇନ ଗୋ' ଚାଲାଣ ଅଭିଯୋଗରେ ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ପୋଲିସ୍ ୨ ଚାଲାଣକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଆନ୍ଧ୍ରପ୍ରଦେଶର ପଦ୍ମ ଖେମୁଡୁ ଓ ସାତେ ପାଙ୍ଗି। ସେମାନଙ୍କ ପାଖରୁ ୯ଟି ଗୋରୁ ଉଦ୍ଧାର କରାଯାଇଛି। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ୍ କହିଛି। ପୋଲିସ୍ ସୂଚନା ଅନୁଯାୟୀ, ଚିତ୍ରକୋଣ୍ଡା ଦେଇ ଉପରୋକ୍ତ ୨ ଜଣ ୯ଟି ଗାଈକୁ ଚଲାଇ ଚଲାଇ ଆନ୍ଧ୍ର ନେଉଥିଲେ। ସ୍ଥାନୀୟ ଅପରେଟର କଲୋନି ନିକଟରେ କେତେକ ଗ୍ରାମବସୀ ସେମାନଙ୍କୁ ଅଟକାଇଥିଲେ। ପରେ ସେମାନେ ଥାନାକୁ ଖବର ଦେଇଥିଲେ। ପୋଲିସ୍ ଗାଁରେ ପହଞ୍ଚି ଗୋରୁଙ୍କୁ ଉଦ୍ଧାର କରିବା ସହ ପଦ୍ମ ଓ ସାତେଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ଏ ସମ୍ପର୍କରେ ଥାନାରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ୍ କହିଛି। ଅନ୍ୟପକ୍ଷରେ କଲୋନିବାସୀ କହିଛନ୍ତି, ପ୍ରତିଦିନ ଚିତ୍ରକୋଣ୍ଡା ଦେଇ ୨୦ରୁ ୩୦ଟି ଗୋରୁ ବେଆଇନ ଚାଲାଣ କରାଯାଉଛି। ଚିତ୍ରକୋଣ୍ଡାରୁ ଆନ୍ଧ୍ର ପ୍ରଦେଶ ସୀମାନ୍ତକୁ ନେଇ ସେଠାରୁ ବଡ ବଡ଼ ଗାଡିରେ ଚାଲାଣ କରୁଛନ୍ତି। ତେଣୁ ବେଆଇନ ଗୋ ଚାଲାଣକୁ ରୋକିବା ପାଇଁ ପୋଲିସ୍ ଓ ପ୍ରଶାସନ ତରଫରୁ ତୁରନ୍ତ ଗମ୍ଭୀରତାର ସହ ବିଚାରକୁ ନେଇ ଗୋ ଚାଲାଣକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ସନ୍ତାନହୀନ ଦମ୍ପତି ନିଶୁଳ୍କ ସ୍ୱାସ୍ଥ୍ୟ ଶିବିରରେ ସାମିଲ

କଣ୍ଟାବାଞ୍ଜି/ମୁରିବାହାଲ, (ଭାସ୍କର ନ୍ୟୁଜ) : ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଆୟୁବ ଖାଁ ମଲ୍ଟି ସ୍ପେଶାଲିଷ୍ଟ ହସ୍ପିଟାଲ ପରିସରରେ ପ୍ରେସ କ୍ଲବ କଣ୍ଟାବାଞ୍ଜି ପକ୍ଷରୁ ଫ୍ୟୁଚର ଫର୍ଟିଲିଟି ଆଇଭିଏଫ ସେଣ୍ଟର ଭୁବନେଶ୍ୱର ସହଯୋଗରେ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଆୟୁବ ଖାଁ ଯୋଗ ଦେଇ ଶିବିର ଉଦଘାଟନ କରିଥିଲେ। ଶିବିରର ମୁଖ୍ୟ ଉଦ୍ଦେଶ୍ୟ ନିଃସନ୍ତାନ ଦମ୍ପତିଙ୍କ ଆଶା ପୂରଣ କରିବା। ଯେଉଁଥିରେ ଫ୍ୟୁଚର ଫର୍ଟିଲିଟି ଆଇଭିଏଫ ସେଣ୍ଟରର ମୁଖ୍ୟ ପ୍ରଫେସର ଡାକ୍ତର ବବିତା ପଣ୍ଡା ନିଶୁଳ୍କ ଅନ୍ତରାଷ୍ଟ୍ରୀୟ ଅଗ୍ରୱାଲ ସମ୍ମେଳନ ସଭାନେତ୍ରୀ ଦୀପା ଜୈନ, ଆଶା ମାଁ ସଙ୍ଗଠନ ସମ୍ପାଦିକା ସରସ୍ୱତୀ ଦୀପ ପ୍ରମୁଖ ମଞ୍ଚାସିନ ଥିଲେ। ସମ୍ପାଦକ ସୂରଦାସ ବାଗ ମଞ୍ଚ ପରିଚାଳନା କରିଥିଲେ। ବଲାଙ୍ଗିର ଜିଲ୍ଲାରେ ପ୍ରଥମେ ଏପରି ଆୟୋଜନ ପ୍ରେସ କ୍ଲବକୁ ଧନ୍ୟବାଦ ଦେଇଥିଲେ ଓ ପ୍ରେସ କ୍ଲବ୍ ସେବା କାର୍ଯ୍ୟକୁ ପ୍ରଶଂସା କରିଥିଲେ ମୁଖ୍ୟ ଅତିଥି। ଆୟୁବ ଖାଁ ମଲ୍ଟି ସ୍ପେଶାଲିଟି ହସ୍ପିଟାଲ ଡାଇରେକ୍ଟର ଡାକ୍ତର ଅମତୁଲ ଖାଁ, ମହିଳା ସମ୍ମେଳନର ଡୋଲି ଜୈନ, ସୋୟଲ ଜିନ୍ଦଲ, ବିଜେତା ଅଗ୍ରୱାଲ, ସାରିକା ଜୈନ, ମୋନିକା ଗୁପ୍ତା, ଫ୍ୟୁଚର ଫର୍ଟିଲିଟି



ପରାମର୍ଶ ଦେଇଥିଲେ। ୧୦୦ରୁ ଅଧିକ ନିଃସନ୍ତାନ ଦମ୍ପତି ଏହି ଶିବିରର ଲାଭ ଉଠାଇଥିଲେ। ଏଭଳି ଶିବିରରେ ସମ୍ମାନିତ ଅତିଥି ଭାବେ ଆୟୁବ ଖାଁ ମଲ୍ଟି ସ୍ପେଶାଲିଷ୍ଟ ହସ୍ପିଟାଲ ଏମଡି ଡାକ୍ତର ଅମଜଦ ଖାଁ, ପ୍ରେସ କ୍ଲବ ସଭାପତି ପ୍ରଭଜିତ ସିଂ ସାଲୁଜା, ଶିବିର ସଂଯୋଜକ ତଥା ପ୍ରେସ କ୍ଲବ ପରାମର୍ଶଦାତା ଆଶିଷ ଖଇତାନ, ଆଇଭିଏଫ ସେଣ୍ଟରର ମାରକେଟିଂ ମ୍ୟାନେଜର କମଳାକାନ୍ତ ଟାକରି, ସଦସ୍ୟ ଅବନିକା ବେଉରା, ପ୍ରେସ କ୍ଲବ କୋଷାଧକ୍ଷ ହନି ସିଂ, ଅଫିସ ସଂପାଦକ ବିଶିକେଶନ ମାଝୀ, ଉପସଭାପତି ସୁବ୍ରତ ମହାକୁର, ପରାମର୍ଶଦାତା ଦୁର୍ଗାପ୍ରସାଦ ଗୁପ୍ତା, ଆଇନ ପରାମର୍ଶଦାତା ବିବେକ ଶର୍ମା, ସଦସ୍ୟ କେଦାର ବଡ଼ଜେନା ପ୍ରମୁଖ ସହଯୋଗ କରିଥିଲେ।

# ବଜାରରେ କେନ୍ଦୁ ବିକ୍ରି, ବନବାସୀଙ୍କୁ ମିଳୁନି ଉଚିତ ମୂଲ୍ୟ



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝର ଜିଲ୍ଲାର ବିଭିନ୍ନ ପାହାଡିଆ ଅଞ୍ଚଳରେ ସୁସ୍ୱାଦୁ ଫଳ ଭାବରେ ପରିଚୟ ହାସଲ କରିଥିବା କେନ୍ଦୁ ଏବେ ସାଧାରଣ ଲୋକଙ୍କ ପାଇଁ ଏକ ପ୍ରିୟ ଦ୍ରବ୍ୟ ହୋଇଥିବାବେଳେ ଏହାକୁ କିଣିବା ପାଇଁ ଲୋକଙ୍କ ନିକଟରେ ଦେଖା ଦେଇଥାଏ ସ୍ୱତଃ ଆଗ୍ରହ। ବିଶେଷ କରି ମାର୍ଚ୍ଚ ମାସ ଶେଷ ସପ୍ତାହରୁ ମେ ମାସ ଶେଷ ପର୍ଯ୍ୟନ୍ତ ଏହି କେନ୍ଦୁ ସହର ବଜାରମାନଙ୍କରେ ବିକ୍ରି ହୁଏ। ଜିଲ୍ଲା ବାହାର ଏବଂ ରାଜ୍ୟ ବାହାର ଲୋକ କୌଣସି କାମରେ କେନ୍ଦୁଝର ଆସିଲେ କେନ୍ଦୁ ଖାଇବାକୁ ଭୁଲନ୍ତି ନାହିଁ। କେନ୍ଦୁଝର ସହରର ରାସ୍ତା କଡରେ ପ୍ରବଳ ଖରାରେ ଘଣ୍ଟା ଘଣ୍ଟା ଧରି ଆଦିବାସୀ ମହିଳାମାନେ କେନ୍ଦୁ ବିକ୍ରି କରିବାକୁ ଆସିଥାନ୍ତି। କେନ୍ଦୁ ଭାଗ ୨୦ ଟଙ୍କାରେ ବିକ୍ରି ହେଉଥିବାବେଳେ ଅନେକ ବନବାସୀ ପରିଶ୍ରମ ମୁତାବକ ମୂଲ୍ୟ ପାଇ ପାରୁନଥିବା କଥା ଜଣାପଡିଛି। ବାଂଶପାଳ ଏବଂ ତେଲକୋଇ ଅଞ୍ଚଳରୁ ମହିଳା ବନବାସୀମାନେ ଜଙ୍ଗଲରୁ କେନ୍ଦୁ ସଂଗ୍ରହ କରି ସକାଳ ସମୟରେ ବିକ୍ରି କରିବାକୁ କେନ୍ଦୁଝର ଆସିଥାନ୍ତି। ଅନେକ ବନବାସୀ ଖରାରେ ବିକ୍ରି ନ କରିପାରି ବେପାରୀ ମାନଙ୍କୁ କମ୍ ମୂଲ୍ୟରେ ବିକି ଚାଲିଯାଆନ୍ତି। ଜଣେ ଜଣେ ଦୈନିକ ୨୦୦ରୁ୩୦୦ ଟଙ୍କା କେନ୍ଦୁ ବିକ୍ରି କରି ଆୟ କରନ୍ତି। କେନ୍ଦୁଝର ଜିଲ୍ଲାର ବାଂଶପାଳ, ତେଲକୋଇ ଆଦି ଘଞ୍ଚ ଜଙ୍ଗଲରେ ଥିବା କେନ୍ଦୁ ଗଛମାନଙ୍କରେ ଏହି ଫଳ ସାଧାରଣତଃ ଖରାଦିନରେ ପାଚିଥାଏ। ଆଦିବାସୀ ବିଶେଷ କରି ଜୁଆଙ୍ଗ ଓ ଭୂୟାଁ ସଂପ୍ରଦାୟର ସ୍ତ୍ରୀ ଲୋକମାନେ ଏହି କେନ୍ଦୁକୁ ବିକ୍ରି କରିବା ପାଇଁ କେନ୍ଦୁଝର ସହରକୁ ଆସିଥାନ୍ତି। ଜାତୀୟ ରାଜପଥ ୪୯ କଡରେ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ କେନ୍ଦୁର ପସରା ଧରି ଗ୍ରାହକଙ୍କୁ ଅପେକ୍ଷା କରି ରହୁଥିବାବେଳେ ପ୍ରକୃତ ପକ୍ଷେ ଖୁବ୍ କମ୍ ଦାମରେ କେନ୍ଦୁ ବିକ୍ରି ହୋଇଥାଏ। ଗୋଟିଏ ଠୋଲାର ମୂଲ୍ୟ ୨୦ ଟଙ୍କା ହୋଇଥିବାବେଳେ ପାଚିଲା କେନ୍ଦୁ ୨ଦିନରୁ ଅଧିକ ସମୟ ରହେ ନାହିଁ। କେନ୍ଦୁ ବିକ୍ରି କରୁଥିବା ପାହାଡିଆ ଆଦିବାସୀମାନଙ୍କ ପାଇଁ ସେପରି କୌଣସି ସ୍ୱତନ୍ତ୍ର ବଜାର ବ୍ୟବସ୍ଥା ନଥିବାବେଳେ ଏହାକୁ ଦୀର୍ଘ ଦିନ ଧରି ସାଇତି ରଖିବା ପାଇଁ ଆବଶ୍ୟକୀୟ ଗୋଦାମର ମଧ୍ୟ ବ୍ୟବସ୍ଥା ନାହିଁ। କେନ୍ଦୁଝର ଜିଲ୍ଲାରେ କେନ୍ଦୁକୁ ନେଇ ଅନେକ ରୋଚକ କାହାଣୀ ମାନ ଥିବାବେଳେ କେନ୍ଦୁ ଗଛମୂଳେ ଝରଣା ପ୍ରବାହିତ ହେଉଥିବାରୁ ଏହି ପ୍ରାଚୀନ ଭୂଖଣ୍ଡର ନାମ କେନ୍ଦୁଝର ହୋଇଥିବା କଥା ଲୋକ ମୁଖରୁ ଶୁଣାଯାଏ। କ୍ରମାଗତ ଭାବରେ ଜଙ୍ଗଲ ଧ୍ୱଂସ ହେବା କାରଣରୁ କେନ୍ଦୁ ଗଛ ଧିରେ ଧିରେ ଲୋପ ପାଇବାକୁ ବସିଲାଣି। ଫଳରେ ଖରାଦିନରେ କେନ୍ଦୁ ବିକ୍ରି କରି ଚଳୁଥିବାବେଳେ କେନ୍ଦୁ ଗଛ ଦିନକୁ ଦିନ ହ୍ରାସ ପାଉଥିବାରୁ ବନବାସୀଙ୍କ ଜୀବନ ଜୀବିକା ପ୍ରଭାବିତ ହେଉଛି। ସରକାରଙ୍କ ପକ୍ଷରୁ ବିଶେଷ କରି ଟ୍ରାଇଫେଡ ପକ୍ଷରୁ ଏହି କେନ୍ଦୁ ବିକ୍ରି କରିବାକୁ ଆସୁଥିବା ମହିଳାଙ୍କ ସମେତ ଜଙ୍ଗଲ ଜାତ ଦ୍ରବ୍ୟ ବିକ୍ରି ହେବା ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର ବଜାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

# ଜିଲ୍ଲାସ୍ତରୀୟ ବିଶ୍ୱ ବନ ଦିବସ ପାଳିତ

କୋରାପୁଟ, (ଭାସ୍କର ନ୍ୟୁଜ) : କୋରାପୁଟ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ବିଶ୍ୱ ବନ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ କୋରାପୁଟ ବନଖଣ୍ଡ ଅଧୀନରେ ଥିବା ଲମତାପୁଟ, ବାଲଡା, ସେମିଳିଗୁଡା, କୋରାପୁଟ ଓ ଲକ୍ଷ୍ମୀପୁର ଓ ନାରାୟଣପାଟଣା ଆଦିରେ ୧୪ ନର୍ସରି ଓ କର୍ମଚାରୀଙ୍କୁ ଅତିଥି ସମ୍ମାନିତ କରିଥିଲେ। କୋରାପୁଟ ବନଖଣ୍ଡ ଅଧିକାରୀ ଭାସ୍କର ରାଓଙ୍କ ଅଧ୍ୟକ୍ଷତାରେ ଗୋପବନ୍ଧୁ ସେବା ସମିତିର ଅଧ୍ୟକ୍ଷ ଭବାନୀ ଶଙ୍କର ମିଶ୍ର, ବରିଷ୍ଠ ସାମ୍ବାଦିକ ସିଏଚ ସା'ାକାର, ପରିବେଶବିତ ରାମ ସାହୁ ଓ ଜୟପୁର ବନଖଣ୍ଡ ଅଧିକାରୀ ପ୍ରତାପ ବେହେରା ଯୋଗଦେଇଥିଲେ। ବୃକ୍ଷ ଓ ପଶୁ ପକ୍ଷୀଙ୍କର ସୁରକ୍ଷା ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଜଙ୍ଗଲଜାତ ବିଭିନ୍ନ ଖାଦ୍ୟର ଉନ୍ନତିକରଣ ଓ ତାର ସୁରକ୍ଷା ଉପରେ ଧ୍ୟାନ ଦେବାକୁ କହିଥିଲେ। ଉତ୍ସବରେ ଜିଲ୍ଲାର ବିଭିନ୍ନ ରେର ଅଧିକାରୀ ଓ କର୍ମଚାରୀ ଜଙ୍ଗଲ ସୁରକ୍ଷା ସମିତି ସାମିଲ ହୋଇଥିଲେ। ଜଙ୍ଗଲ ସୁରକ୍ଷା ପାଇଁ କାର୍ଯ୍ୟ କରିଥିବା ବନ ଅଧିବାସୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ଅଗ୍ନିକାଣ୍ଡରେ ବିପନ୍ନଙ୍କୁ ସାମାଜିକ କର୍ମୀଙ୍କ ସହାୟତା ଓ ନୂତନ ଘରର ପ୍ରତିଶ୍ରୁତ



ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ ଅନ୍ତର୍ଗତ ମାଲାଭରମ୍ ପଞ୍ଚାୟତର ଦୁପେନକୋଣ୍ଡା ଗ୍ରାମରେ ୨୨ତାରିଖ ଅପରାହ୍ନରେ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟି ବୀରା କାଟାମଙ୍କ ଘର ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଛି। ଏହି ଦୁଃଖଦ ଘଟଣାର ପରଦିନ ସମାଜସେବୀ ଜୟନ୍ତ କୁମାର ମଜୁମଦାରଙ୍କ ଆହ୍ୱାନରେ ସାମାଜିକ କର୍ମୀମାନେ ଗ୍ରାମରେ ଉପସ୍ଥିତ ହୋଇ ପୀଡ଼ିତ ପରିବାରକୁ ସାହାଯ୍ୟର ହାତ ବଢ଼ାଇଛନ୍ତି। ସାମାଜିକ କର୍ମୀମାନେ ପରିବାରର ସଦସ୍ୟଙ୍କ ସହ ଆଲୋଚନା କରି ସେମାନଙ୍କ କଷ୍ଟ ବୁଝିବା ସହ ଖାଦ୍ୟ ସାମଗ୍ରୀ, ବସ୍ତ୍ର ଏବଂ କିଛି ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ଏଥିସହ ସରକାରଙ୍କ ପକ୍ଷରୁ ପୀଡ଼ିତ ପରିବାରକୁ ଏକ ନୂତନ ଘର ଯୋଗାଇବା ପାଇ ବ୍ୟବସ୍ଥା କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ସମୟରେ ସମାଜସେବୀ ବିଜୟ ମଣ୍ଡଳ, ଦୀପକ ବିଶ୍ୱାସ, ସୁଶାନ୍ତ ସାନା ଏବଂ ରବିନ୍ଦ୍ର କୁମାର ମଣ୍ଡଳ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଗ୍ରାମବାସୀଙ୍କ ମତରେ, ଏହା ପୂର୍ବରୁ ମଧ୍ୟ ଏଭଳି ଅଗ୍ନିକାଣ୍ଡ ଘଟିଥିବାରୁ ଏହାର ମୂଳ କାରଣ ଅନୁସନ୍ଧାନ କରିବା ଓ ଲୋକଙ୍କୁ ସଚେତନ କରିବା ଅତ୍ୟନ୍ତ ଜରୁରୀ। ଆଦିବାସୀ ଅଧୁଷିତ ଏହି ଅଞ୍ଚଳରେ ଖରାଦିନେ ଜଙ୍ଗଲରୁ ନିଆଁ ଲାଗି ବ୍ୟାପିବା ଏକ ସମ୍ଭାବ୍ୟ କାରଣ ହୋଇପାରେ ବୋଲି ଅନୁମାନ କରାଯାଉଛି।

# ବନ୍ୟପ୍ରାଣୀ ସୁରକ୍ଷାରେ ଡିଏଫ୍‌ଓଙ୍କୁ ପ୍ରଶଂସାପତ୍ର



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଚଳିତବର୍ଷ ବିଶ୍ୱ ବନ ଦିବସ ୨୦୨୫ ଭୁବନେଶ୍ୱରସ୍ଥିତ ଲୋକସେବା ଭବନ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଷ ରାମ ସିଂ ଖୁଣ୍ଟିଆ ମୁଖ୍ୟ ଅତିଥିଭାବେ ଯୋଗ ଦେଇ କେନ୍ଦୁଝର ଡିଏଫ୍‌ଓ ଧନରାଜ ଏଚ ଡିଙ୍କୁ ଜଙ୍ଗଲ ସୁରକ୍ଷା ଓ ସଂରକ୍ଷଣ ଏବଂ ବନ୍ୟପ୍ରାଣୀ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରଶଂସାପତ୍ର ପ୍ରଦାନ କରିଛନ୍ତି। ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ସୁରେଶ ପନ୍ଥ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାଧାରକ ପ୍ରେମ କୁମାର ଝା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଡିଏଫ୍‌ଓଙ୍କୁ ଏହି ପ୍ରଶଂସାପତ୍ର ମିଳିବା ପରେ ବନଖଣ୍ଡର ବିଭିନ୍ନ ଅଧିକାରୀ ଏବଂ କର୍ମଚାରୀ ତଥା ସଂଲଗ୍ନ କର୍ମଚାରୀ ମାନେ ଉତ୍ସାହିତ ହୋଇଛନ୍ତି।

# କୋଟିଏ ଟଙ୍କାର ଗଞ୍ଜେଇ ଜବତ, ଗାଡ଼ି ସହ ୨ ଚାଳକ ଗିରଫ

ଟାଙ୍ଗୀ, (ଭାସ୍କର ନ୍ୟୁଜ୍ ) : ଗଞ୍ଜେଇ ଚାଲାଣ ବେଳେ ମାଡ଼ି ବସିଲା ଅବକାରୀ ପୋଲିସ। ସ୍ପଷ୍ଟ ଦିବାଲୋକରେ ତାହା ପୁଣି ଜାତୀୟ ରାଜପଥରେ ହେଉଥିଲା ଗଞ୍ଜେଇ ଚାଲାଣ। ଗଜପତିରୁ ପୁରୀ ଯାଉଥିଲା ଗଞ୍ଜେଇ ବୋଝେଇ ଟାଟା-ଇଉ ଗାଡ଼ି ଏବଂ ଗୋଟିଏ ବାଇକ୍, ଆଉ ଶେଷରେ ଧରାପଡିଲା। ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ କୋଟିଏ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ବିଶେଷ ସୂତ୍ରରୁ ଖବର ପାଇ ଟାଙ୍ଗୀ ଓ ବାଲୁଗାଁ ଅବକାରୀ ପୋଲିସ ସହିତ ଜିଲ୍ଲାର ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ନାକାବନ୍ଦୀ କରି ଚେକିଂ କରିବା ବେଳେ ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ନିକଟସ୍ଥ ଚଣ୍ଡେଶ୍ୱର ଛକ ଜାତୀୟ ରାଜପଥରେ ଧରିଛି ଏହି ଗଞ୍ଜେଇ ବୋଝେଇ ୨ଟି ଗାଡ଼ିକୁ। ଜବତ ହୋଇଥିବା ଗାଡ଼ିର ଡ୍ରାଇଭର ଦୁଇ ଜଣଙ୍କୁ ଗିରଫ କରିବା ପରେ ଏହି କାରବାରରେ ଆଉ କେଉଁମାନେ ସଂପୃକ୍ତ ଅଛନ୍ତି ତାହାର ଖୋଳତାଡ଼ ଆରମ୍ଭ କରାଯାଇଛି ବୋଲି ଟାଙ୍ଗୀ ଅବକାରୀ ଥାନା ନିରୀକ୍ଷକ ରାଧାକାନ୍ତ ଭୋଇ ସୂଚନା ଦେଇଛନ୍ତି। ଗିରଫ ଦୁଇ ଡ୍ରାଇଭର ହେଲେ ଜିତୁ ନାୟକ (ମୋହନା , ଗଜପତି ) ଏବଂ ବସନ୍ତ ପାତ୍ର ( ଓଡଗାଁ , ନୂଆଗଡ଼ ) ବୋଲି ଜଣାପଡିଛି। ଜାଲି ନମ୍ବର ପ୍ଲେଟ ଲଗାଇ ଗଞ୍ଜେଇ ଚାଲାଣ କରାଯାଉଥିଲା ବୋଲି ତଦନ୍ତ ବେଳେ ଜଣାପଡିଛି ବୋଲି ସୁମତୀ ତ୍ରିପାଠୀ ( ଅବକାରୀ ବିଭାଗର ଖୋର୍ଦ୍ଧା ଏସ୍.ପି) କହିଛନ୍ତି।

# ୫ମ କେନ୍ଦ୍ରାପଡା ସାହିତ୍ୟ ଉତ୍ସବ ଆରମ୍ଭ



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍ ) : ୫ମ କେନ୍ଦ୍ରାପଡ଼ା ସାହିତ୍ୟ ଉତ୍ସବ-୨୦୨୫ ଶନିବାର ଠାରୁ ଜିଲ୍ଲା ସଂସ୍କୃତି ଭବନରେ ଆରମ୍ଭ ହେଇଛି। କେନ୍ଦ୍ରାପଡ଼ା ଡେଭଲପମେଣ୍ଟ ଫାଉଣ୍ଡେସନ୍ ପକ୍ଷରୁ କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର୍ସ ସହଯୋଗରେ ଆୟୋଜିତ ଏହି ଉତ୍ସବ ଦୁଇ ଦିନ ଧରି ଚାଲିବ। ଉଦ୍‌ଘାଟନୀ ଉତ୍ସବରେ ବରେଣ୍ୟ ଅତିଥି ଭାବେ ବିଶିଷ୍ଟ ଲେଖକ ଡ. ରାମଚନ୍ଦ୍ର ବେହେରା, ଅଧ୍ୟାପକ ବିଶ୍ୱରଞ୍ଜନ ଓ ଡ. ଜୟନ୍ତ କୁମାର ବିଶ୍ୱାଳ ଯୋଗ ଦେଇଥିଲେ। କେମର ସଭାପତି ଅକ୍ଷୟ ପାଣି ସଭାକୁ ସଂଯୋଜନା କରିଥିଲେ। କେନ୍ଦ୍ରାପଡ଼ା ଡେଭଲପମେଣ୍ଟ ଫାଉଣ୍ଡେସନ ଟ୍ରଷ୍ଟି ପ୍ରଶାନ୍ତ ସାମନ୍ତରାୟ ମଞ୍ଚାସିନ ଥିଲେ। ଅଧ୍ୟାପକ ଶ୍ରୀଧର ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବ ପରେ 'ଶ୍ରୀରାଧାର କବି' ଶୀର୍ଷକ ବିଷୟବସ୍ତୁ ଉପରେ ହୋଇଥିବା ଆଲୋଚନାରେ କବି ଅପର୍ଣ୍ଣା ମହାନ୍ତି ଓ ସଙ୍ଗୀତ ନିର୍ଦ୍ଦେଶକ ଶରତ ନାୟକ ଯୋଗ ଦେଇଥିଲେ। ଅପରାହ୍ନରେ 'ଦାମ୍ପତ୍ୟର ଗଣିତ ଓ ସୃଜନର ଗୁଣୁଗୁଣୁ', 'କବିର ଆଖିରେ କବିତାର ମୁହଁ' ଶୀର୍ଷକକୁ ନେଇ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କବିତା ଆସର ଓ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦଘାଟନୀ ଉତ୍ସବ ପୂର୍ବରୁ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାହିତ୍ୟ କୁଇଜ୍ ଅନୁଷ୍ଠିତ ହୋଇଥିଲା। ଏହାକୁ ଅଧ୍ୟାପକ ଡ. ରାଜେଶ ସେଠୀ, ସୁକାନ୍ତ କୁମାର ପ୍ରଧାନ, ଡ. ଆଶୁତୋଷ ରାଉତ, ଡ. ଗିରିଜାକାନ୍ତ ଦାସ, ଡ. ଅଜିତ କୁମାର ଦାସ ଓ ପ୍ରତିଭାମୟୀ ଦାସ ପ୍ରମୁଖ ପରିଚାଳନା କରିଥିଲେ। କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର୍ସର ଉପଦେଷ୍ଟା ତଥା ଜଣାଶୁଣା କଥାକାର ଡ. ବିରଜା ରାଉତରାୟ ଓ କେନ୍ଦ୍ରାପଡ଼ା ଡେଭଲପମେ□ ଫାଉଣ୍ଡେସନର ଆବାହକ ଚୌଧୁରୀ ଅମିତାଭ ଦାସ ଉପସ୍ଥିତ ଥିଲେ। କେନ୍ଦ୍ରାପଡ଼ା ଡେଭଲପମେ□ ଫାଉଣ୍ଡେସନ୍ ଟ୍ରଷ୍ଟି ବିଶ୍ୱରଞ୍ଜନ ଦାଶ, କେମ୍‌ର ସମ୍ପାଦକ ମହମ୍ମଦ ଜାହିଦ ଖାନ, ସଦସ୍ୟ ପ୍ରତାପ ସ୍ୱାଇଁ ଉତ୍ସବକୁ ପରିଚାଳନା କରିଥିଲେ।

# 'ସତା ସାହିତ୍ୟ ସଂସଦ'ର ଶ୍ରଦ୍ଧାଞ୍ଜଳି ସଭା



କୋରାପୁଟ, (ଭାସ୍କର ନ୍ୟୁଜ) : କୋରାପୁଟସ୍ଥିତ ସ୍ଥାନିୟ ଗୁରୁକୁଳ ପ୍ଲେ ସ୍କୁଲ ଠାରେ ସତା ସାହିତ୍ୟ ସଂସଦ, କୋରାପୁଟ ତରଫରୁ ପଦ୍ମ ଭୂଷଣ ସ୍ୱର୍ଗତ ରମାକାନ୍ତ ରଥଙ୍କ ସ୍ମୃତିରେ ଏକ ଶ୍ରଦ୍ଧାଞ୍ଜଳି ସଭା କବି ଜଳଧର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଗାଳ୍ପିକ ନାରାୟଣ ପଣ୍ଡା, ଡ. ଜଗବନ୍ଧୁ ସାମଲ, କବି ରବି ଶତପଥି, ପ୍ରଫେସର ଶିବ ପ୍ରସାଦ ଗନ୍ତାୟତ, ପ୍ରଫେସର ଜୟନ୍ତ କୁମାର ମହାନ୍ତି, ଅନୁବାଦକ ବିଜୟ କୁମାର ପ୍ରଧାନ, କବି ଅରୁଣ କୁମାର ସାହୁ, କବି ତଥା ସାମ୍ବାଦିକ ସିଏଚ ସାନ୍ତାକାର, କବି ଧୀରବର୍ତ୍ତ ପାତ୍ର ଓ ପଦ୍ମା ଶାତ୍ରୀ, ସାମ୍ବାଦିକ ଦେବାଶ୍ରିତ ପଟ୍ଟନାୟକ, କବି ପ୍ରଶାନ୍ତ କୁମାର ସ୍ୱାଇଁ, ଅଧ୍ୟାପକ କମଳା କୁମାର ମାହୁନ୍ତ , ଅଧ୍ୟାପିକା ଲୋପମୁଦ୍ରା ସ୍ୱାଇଁ, ସୁଚିତ୍ର ରାଣୀ ପଣ୍ଡା, କେ ତପସ୍ୱିନୀ ପଟ୍ଟନାୟକ, ମୋନାଲିସା ସାମଲ, ନିଧି କୁମାରୀ ପ୍ରସାଦ, ପି ପ୍ରମିଳା ଦେବୀ, ସୌମେନ୍ଦ୍ର କୁମାର ସ୍ୱାଇଁ, ମିର ମୁସ୍ତାକିମ୍ ଅଲ୍ଲୀ ପ୍ରମୁଖ ଯୋଗଦେଇ କବିଙ୍କ ସ୍ମୃତଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଆଲୋଚକମାନେ କବିଙ୍କର ବିଭିନ୍ନ କାବ୍ୟ କୃତି ଉପେର ବିସ୍ତୃତ ଆଲୋଚନା କରିଥିଲେ। କେତେ ଜଣ କବିଙ୍କ ସ୍ମୃତିରେ ସ୍ୱରିଚତ କବିତା ପାଠ କରିଥିଲେ।

# ଭଣ୍ଡାରିପୋଖରୀ ବ୍ଲକରେ ୯୮% ଖରିଫ ଧାନକ୍ରୟ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍ ) : ଭଣ୍ଡାରିପୋଖରୀ ବ୍ଲକରେ ମାର୍ଚ୍ଚ ୨୨ ତାରିଖ ସୁଦ୍ଧା ଚଳିତ ଖରିଫ ଧାନକ୍ରୟ ୯୮ ପ୍ରତିଶତ ହୋଇଛି। ଜିଲ୍ଲା ଯୋଗାଣ ବିଭାଗରୁ ପ୍ରାପ୍ତ ସୂଚନା ଅନୁଯାୟୀ ବ୍ଲକର ୧୬ଟି ଅନୁମୋଦିତ ମଣ୍ଡି ପାଇଁ ଧାନକ୍ରୟ ଲକ୍ଷ୍ୟ ୪ଲକ୍ଷ ୮୯ ହଜାର ୫୫୪ କ୍ୱିଣ୍ଟାଲ ଧାର୍ଯ୍ୟ ହୋଇଥିଲା। ସେଥିମଧ୍ୟରୁ ଆଜି ସୁଦ୍ଧା ୯ ହଜାର ୫୧୮ ଜଣ ପଞ୍ଜିକୃତ କୃଷକଙ୍କ ଠାରୁ ୪ ଲକ୍ଷ ୭୯ ହଜାର ୪୯୪.୪୯ କ୍ୱିଣ୍ଟାଲ ଧାନକ୍ରୟ ହୋଇସାରିଛି। କ୍ରୟ ଧାନ ପରିମାଣ ମଧ୍ୟରୁ ୪ ଲକ୍ଷ ୬୫ ହଜାର ୧୧୮.୩୧କ୍ୱିଣ୍ଟାଲ ଧାନ ମିଲରମାନେ ମଣ୍ଡିରୁ ପରିବହନ କରିସାରିଛନ୍ତି। ଅବଶିଷ୍ଟ ୧୪ହଜାର ୩୭୬.୧୮ କ୍ୱିଣ୍ଟାଲ ଧାନ ମଣ୍ଡିରେ ଗଛିତ ରହିଛି। ବ୍ଲକର ୧୬ଟି ମଣ୍ଡି ମଧ୍ୟରୁ ଜଳମଣ୍ଡୁଆ ପାକ୍ସ ମଣ୍ଡି ସର୍ବାଧିକ ୪୯ ହଜାର ୫୩୯.୬୪ କ୍ୱିଣ୍ଟାଲ ଧାନକ୍ରୟ କରିଛି। ରହଣିଆ ପାକ୍ସ ମଣ୍ଡି ୨ୟ ସର୍ବାଧିକ ୪୬ ହଜାର ୪୩୯.୮୭ କ୍ୱିଣ୍ଟାଲ ଧାନ କ୍ରୟ କରିଥିବା ଜଣାଯାଇଛି। ନାଆମୀ ପାକ୍ସ ମଣ୍ଡି ୪୨ ହଜାର ୮୧୪.୫୯କ୍ୱିଣ୍ଟାଲ ଧାନକ୍ରୟ କରି ୩ୟ ସ୍ଥାନରେ ରହିଛି। ୮ଟି ଏସ.ଏସ.ଜି. ମଣ୍ଡି ମଧ୍ୟରୁ ସିରିଡି ସାଇ ମଣ୍ଡି ସର୍ବାଧିକ ୩୪ ହଜାର ୩୦.୨୪କ୍ୱିଣ୍ଟାଲ ଧାନ କ୍ରୟ କରିଥିବା ଜଣାଯାଇଛି। ପଡିଆ ଓ ଅଣଚାଷ ଜମି, ଅଣଚାଷୀ ପଞ୍ଜିକରଣ ଆଦି ଗଳାବାଟର ସୁଯୋଗ ନେଇ ହାତଗଣତି କେତେକ ବେପାରୀ ଚଳିତବର୍ଷ ବିପୁଳ ମୁନାଫା ଉଠାଇଥିବା ଚର୍ଚ୍ଚା ହେଉଛି। ଚାଷୀମାନେ ଧାନ ବିକ୍ରୟ ସାରିଦେଇଥିବାରୁ ଏବେ ଅବଶିଷ୍ଟ ଧାନକ୍ରୟ ବେପାରୀମାନଙ୍କ ଦ୍ୱାରା ହେବା ଥୟ।

# କାଳବୈଶାଖୀ ପ୍ରଭାବ, ଘର ଉପରେ ପଡ଼ିଲା ଗଛ, ଅଳ୍ପକେ ବଞ୍ଚିଲା ପରିବାର



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ପୂର୍ବରୁ ସୂଚନା ଥିଲା କି ଉତ୍ତର ଓଡ଼ିଶାରେ କାଳ ବୈଶାଖୀ ଅନୁଭୂତ ହେବ। ଏହାର ପ୍ରଭାବରେ କେନ୍ଦୁଝର ଜିଲ୍ଲା ସାରା ମେଘୁଆ ପାଗ ଥିଲା। ଚମ୍ପୁଆ, ଯୋଡ଼ା, ଝୁମ୍ପୁରା ବ୍ଲକ୍ ଅଞ୍ଚଳରେ ପ୍ରବଳ ବର୍ଷା ସହ କୁଆ ପଥର ମାଡ଼ ହୋଇଛି। ପାଟଣା ଅଞ୍ଚଳରେ କିନ୍ତୁ ବର୍ଷା ସହ କାଳ ବୈଶାଖୀ ତାଣ୍ଡବ ରଚିଛି। ବଡ଼ ବଡ଼ ଗଛ ଭାଙ୍ଗି ଦେଇଥିବା ଖବର ଆସିଛି। ଗଛ ଭାଙ୍ଗି ରାସ୍ତାରେ ପଡ଼ିଛି ବିଦ୍ୟୁତ ତାର ବିଚ୍ଛିନ୍ନ ହୋଇଥିବାରୁ ବିଜୁଳି କଟି ଯାଇଛି। ଡେଣୁଆଁ ଗ୍ରାମରେ ପ୍ରବଳ ପବନ ବହି ବର୍ଷା ହେବାରୁ କୃଷ୍ଣ ଚନ୍ଦ୍ର ସାହୁଙ୍କ ଘର ଉପରେ ରାତିରେ ଏକ ବିରାଟ ଗଛ ଭାଙ୍ଗି ପଡ଼ିଥିଲା। ଘରେ ସମସ୍ତେ ଶୋଇଥିଲେ ମଧ୍ୟ ଅଳ୍ପକେ ଉଦ୍ଧାର ପାଇଯାଇଛନ୍ତି। କିନ୍ତୁ ଘର ସଂପୂର୍ଣ୍ଣ ଭାଙ୍ଗି ଯାଇଛି। ସକାଳେ କୃଷ୍ଣ ଚନ୍ଦ୍ର ଦମକଳ ବାହୀନିକୁ ଖବର ଦେବାରୁ ସେମାନେ ଆସି ଗଛ କାଟି ବାହାର କରିଥିଲେ। ତେବେ ଏହି ପରିବାରକୁ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# ଶ୍ରେଣୀଗୃହ ଅଭାବ, ଶିକ୍ଷାଦାନ ବାଧାପ୍ରାପ୍ତ

- ବିପଦସଂକୁଳ କୋଠାରେ ପଢୁଛନ୍ତି ଛାତ୍ରଛାତ୍ରୀ
- ଠିକାଦାର ଅପେକ୍ଷାରେ ନିର୍ମାଣ କାର୍ଯ୍ୟ ଅଟକିଛି



କୋରୁକୋଣ୍ଡା, (ଭାସ୍କର ନ୍ୟୁଜ୍ ) : ଅନୁସୂଚିତ ଜାତି ଓ ଜନଜାତି ଅଧୁଷିତ ଅଞ୍ଚଳରେ ବସବାସ କରୁଥିବା ପିଲାଙ୍କର ଶିକ୍ଷାର ବିକାଶ ନିମନ୍ତେ ସରକାର ଯୋଜନା ଉପରେ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ପିଲାମାନଙ୍କ ପାଇଁ ଏହି ଟଙ୍କାରେ ବିଭିନ୍ନ ଗ୍ରାମରେ ବିଦ୍ୟାଳୟ ଗୃହ ସହିତ, ରୋଷଇ ଘର, ସୁରକ୍ଷା ପାଚେରୀ, ଶୌଚାଳୟ ସାଙ୍ଗକୁ ବହି ଖାତା, ପୋଷାକ, ମଧ୍ୟାହ୍ନ ଭୋଜନ ଠାରୁ ଆରମ୍ଭ କରି ସମସ୍ତ ପ୍ରକାର ଅନୁସଙ୍ଗିକ ବ୍ୟବସ୍ଥା କରୁଛନ୍ତି। କିନ୍ତୁ ଏହି ବିଭାଗରେ ଦାୟିତ୍ୱରେ ଥିବା ଅଧିକାରୀ ଓ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଦାୟିତ୍ୱହୀନତା ଓ ଅପାରଗତା ଯୋଗୁଁ ସରକାରଙ୍କ ଯୋଜନାର ଲକ୍ଷ୍ୟ ପୂରଣ ଠାରୁ ବହୁ ଦୂରରେ। ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସୋମନାଥପୁର ଗ୍ରାମ ପଞ୍ଚାୟତ ଅଧିନସ୍ତ କୁମ୍ଭାରଗୁଡା ପ୍ରାଥମିକ ବିଦ୍ୟାଳୟରେ। ଏଠାରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇପଡିଛି। ପରିଚାଳନାଗତ ତ୍ରୁଟି ଯୋଗୁଁ ଏହି ବିଦ୍ୟାଳୟ ଘୋର ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି। ଏ ନେଇ ଅଭିଭାବକ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି। ସରକାରଙ୍କ ପକ୍ଷରୁ ଗତ ୨୦୦୦ ମସିହାରେ କୁମ୍ଭାରଗୁଡା ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରାଯାଇଥିଲା। ଏହି ବିଦ୍ୟାଳୟରେ ପ୍ରଥମରୁ ୫ମ ଶ୍ରେଣୀରେ ମୋଟ ୨୨ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏଠାରେ ପ୍ରଧାନ ଶିକ୍ଷୟତ୍ରୀ ସିପ୍ରା ମିସ୍ତ୍ରୀଙ୍କ ସହ ଚମ୍ପା ବିଶ୍ୱାସ ନାମକ ଜଣେ ସହକାରୀ ଶିକ୍ଷୟତ୍ରୀ ଅଛନ୍ତି। ଏହି ବିଦ୍ୟାଳୟରେ ପ୍ରଥମରୁ ୫ମ ପର୍ଯ୍ୟନ୍ତ ମୋଟ ୫ଟି ଶ୍ରେଣୀ ଗୃହ ଥିବାବେଳେ ଶିକ୍ଷାଦାନ ପାଇଁ କେବଳ ଗୋଟିଏ ଶ୍ରେଣୀଗୃହ ରହିଛି। ବିଭାଗ ପକ୍ଷରୁ ସ୍କୁଲ ଗୃହର ଉପଯୁକ୍ତ ରକ୍ଷଣା ବେକ୍ଷଣ ଅଭାବରୁ ଉକ୍ତ ଗୃହର ବିଭିନ୍ନ କାନ୍ଥ ଫାଟି ଆଁ କରିଛି। ବର୍ଷା ଦିନେ ଛାତରୁ ପାଣି ଗଳୁଛି। ଖାଲି ଏତିକିରେ ସରିନି ବିଦ୍ୟାଳୟର ସମସ୍ୟା। ପିଲାଙ୍କ ପାଇଁ ଶୌଚାଳୟ ଟେ ନିର୍ମାଣ ହୋଇଥିଲା, କିନ୍ତୁ ପାଣିର ସୁବିଧା ନଥିବା କାରଣରୁ ଶୌଚାଳୟ ମଧ୍ୟ ବ୍ୟବହାର ଯୋଗ୍ୟ ହୋଇ ପାରୁନାହିଁ। ଶିକ୍ଷକ ଶିକ୍ଷୟତ୍ରୀଙ୍କ ପାଇଁ ଅଫିସ ଗୃହ ରହିଥିବା ବେଳେ ତାହାର କାନ୍ଥ ଗୁଡିକ ଫାଟି ଆଁ କରିସାରିଲାଣି ଯାହାକି ବ୍ୟବହାର ଯୋଗ୍ୟ ନୁହଁ। ସ୍କୁଲ ଚତୁଃପାର୍ଶ୍ୱରେ ସୁରକ୍ଷା ପାଚେରୀ ନିର୍ମାଣ କରାଯାଇନାହିଁ। ତେବେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ସ୍କୁଲ କୋଠାର ଗୋଟିଏ ଶ୍ରେଣୀ ଗୃହାରେ ପିଲାମାନେ ବିପଦ ସଂକୁଳ ଅବସ୍ଥାରେ ବସି ପାଠ ପଢୁଛନ୍ତି। ଉପରୋକ୍ତ ସମସ୍ୟା ଗୁଡିକ ସମ୍ପର୍କରେ ସ୍କୁଲ କର୍ତ୍ତୃପକ୍ଷ ଓ ସ୍ଥାନୀୟ ଅଞ୍ଚଳବାସୀ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ବାହୁବହାର ଅଭିଯୋଗ କରିବା ପରେ ଉକ୍ତ ବିଦ୍ୟାଳୟ ପରିସରରେ ଏକ ନୂତନ କୋଠା ପ୍ରାୟ ୧୧ ଲକ୍ଷ୍ୟ ଟଙ୍କା ବ୍ୟୟରେ ନିର୍ମାଣ ନିମନ୍ତେ ଗତ କିଛିମାସ ପୂର୍ବେ କୋରୁକୋଣ୍ଡା ବ୍ଲକ ପ୍ରଶାସନ ପକ୍ଷରୁ ଡିପିଇପି ବିଭାଗର କାର୍ଯ୍ୟକୁ ଟେଣ୍ଡର କରାଯାଇଥିଲା। ଏହି ବିଦ୍ୟାଳୟର ନୂତନ କୋଠା ନିର୍ମାଣ ଦାୟିତ୍ୱ ବିଷ୍ଣୁ ପ୍ରସାଦ ପାତ୍ର ନାମକ ଜଣେ ଠିକାଦାରଙ୍କୁ ବିଭାଗ ପକ୍ଷରୁ ଦାୟିତ୍ୱ ପ୍ରଦାନ କରାଯାଇଛି ବୋଲି ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ ରୂପକ ସିଂ ସାମନ୍ତରା କହିଛନ୍ତି। ଗୃହ ନିର୍ମାଣ ନିମନ୍ତେ ପ୍ରାୟ ଏକ ମାସ ପୂର୍ବେ କନିଷ୍ଠଯନ୍ତ୍ରୀ ଲେଆଉଟ ଦେଇଥିଲେ। ଠିକାଦାର ସେଠାରେ ଗୃହ ନିର୍ମାଣ ନିମନ୍ତେ ବଡ଼ ବଡ଼ ଗାତ ଖୋଳି ଦେଇ ଛାଡି ଦେଇଛନ୍ତି। ଦୀର୍ଘ ଦିନ ବିତି ଯାଇଥିଲେ ମଧ୍ୟ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରୁନାହାନ୍ତି ଠିକାଦାର। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ସବୁ ଜାଣି ବିଭାଗୀୟ କର୍ତ୍ତୃପକ୍ଷ ଏବଂ କାର୍ଯ୍ୟର ତଦାରଖ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।ଏ ସମ୍ପର୍କରେ କୋରୁକୋଣ୍ଡା ବ୍ଲକର ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ସ୍ୱାଇଁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଏହି କାର୍ଯ୍ୟର ତଦାରଖ ଡିପିଇପି ବିଭାଗ କରୁଛି ବୋଲି କହିଥିଲେ। ତେବେ ତୁରନ୍ତ ନୂତନ କୋଠା ନିର୍ମାଣ କରିବା ସହ ସ୍କୁଲର ପୁରୁଣା କୋଠାର ମରାମତି, ସୁରକ୍ଷା ପାଚେରୀ ସମେତ ଆବଶ୍ୟକୀୟ ସମସ୍ତ ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।




କେନ୍ଦୁଝର (ଭାସ୍କର ନ୍ୟୁଜ) : କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ଅନ୍ତର୍ଗତ ବଡ଼ଡୁମୁରିଆରେ ରାଷ୍ଟ୍ରୀୟ ଗ୍ରାମୀଣ ଜନ ବିକାଶ ସଂସ୍ଥା ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସଂସ୍ଥାର ଷ୍ଟେଟ ପ୍ରୋଜେକ୍ଟ ଡାଇରେକ୍ଟର ଓ ଷ୍ଟେଟ ପ୍ରୋଜେକ୍ଟ ଅପରେସନ ମୁଖ୍ୟ ଶ୍ରୀଯୁକ୍ତ ସଞ୍ଜୟ କୁମାର ନାୟକ, ସିନିଅର ଡିଜାଇନ ତତ୍ତ୍ୱାବଧାନରେ ବଡ ଡୁମୁରିଆ ସମେତ ସ୍ଥାନୀୟ ଅଞ୍ଚଳରୁ ୫୦୦ ରୋଗୀ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଝୁମ୍ପୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଡାକ୍ତରୀ ଦଳ ଡା. ରବି କୁମାରଙ୍କ ନେତୃତ୍ୱରେ ଫାର୍ମାସିଷ୍ଟ କୈଳାସ ଚନ୍ଦ୍ର ମହାନ୍ତ, ଏଏନ୍ଏମ୍ ହାରାମଣି ମହାନ୍ତ, ଏଲଟି ନମିତା ମହାନ୍ତ, କମ୍ୟୁନିଟି ମୋବିଲାଇଜର ସବିତା ନାଏକ, ସିପିଏଚ୍ ଗୋପୀନାଥ ମହାପାତ୍ର, ଷ୍ଟାଫର୍ସ ଭଟିଶ୍ରୀ ସାହୁ ଓ ଡା. ଏଲିନା ରାଉତଙ୍କ ସହଯୋଗରେ ରୋଗୀ ଚିହ୍ନଟ କରି ଆବଶ୍ୟକ ପରୀକ୍ଷା ଏବଂ ଔଷଧ ମାଗଣାରେ ବଣ୍ଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂସ୍ଥାର ଜୋନାଲ ମ୍ୟାନେଜର ମନୋରଞ୍ଜନ ପାତ୍ର, ଡିଷ୍ଟ୍ରିକ୍ଟ ଇନ୍‌ଚାର୍ଜ ରବୀନ୍ଦ୍ରନାଥ ମହାନ୍ତ, ଡିଷ୍ଟ୍ରିକ୍ଟ ମ୍ୟାନେଜର ଧିରେଜ ନଳିନୀ ମହାନ୍ତ, ବ୍ଲକ କୋଡିନେଟର ଅଭିଜିତ ନାଏକ, ମିଥୁନ ଚକ୍ରବର୍ତ୍ତୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



## ମୋ ଉପକାରୀ ବଗିଚା ବିଫଳ

# ବଜାରରେ ଲେମ୍ବୁ ଗୋଟାକୁ ୫ଟଙ୍କା



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ) : ଗ୍ରୀଷ୍ମଋତୁରେ ଲେମ୍ବୁର ଆବଶ୍ୟକତା ସ୍ୱାଭାବିକ ଭାବେ ଅଧିକ ହୋଇଥିବାରୁ ଏହାର ଚାହିଦା ଅଧିକ ରହିଛି । ପୁରୀ ଜିଲ୍ଲା ଅସ୍ତରଙ୍ଗ ବଜାରରେ ଯୋଗାଣ କମ୍ ଓ ଚାହିଦା ଅଧିକ କାରଣରୁ ଲେମ୍ବୁ ଗୋଟା ପ୍ରତି ୫ଟଙ୍କା ଦରରେ ବିକ୍ରି ହେଉଛି । ଏବେ ଯେଉଁ ଲେମ୍ବୁ ବଜାର ମିଳୁଛି ତାହାର ଗୁଣାତ୍ମକ ମାନ ଓ ସୌଗନ୍ଧଯୁକ୍ତ ହୋଇଥିବାରୁ ଏହାର ଦାମ୍ ୬ରୁ ୮ଟଙ୍କାରେ ବିକ୍ରି ହେଉଛି । ଲେମ୍ବୁ ସହ କଦଳୀ, ସଜନା ଛୁଇଁ, ଅମୃତଭଣ୍ଡା ପ୍ରତ୍ୟେକ ପରିବାର ପାଇଁ ପ୍ରାଥମିକ ଆବଶ୍ୟକତା । ଏହି ଆବଶ୍ୟକତା ପୂରଣ ପାଇଁ ରାଜ୍ୟ ସରକାର 'ମୋ ଉପକାରୀ ବଗିଚା' ଯୋଜନା କାର୍ଯ୍ୟକାରୀ କରି ହଜାର ହଜାର ପରିବାରକୁ ଆର୍ଥିକ ଓ ବୈଷୟିକ ସମନ୍ୱୟରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଇଥିଲା । ଏଥିପାଇଁ ସ୍ୱୟଂ ସହାୟିକା ଗୋଷ୍ଠୀମାନେ ଉନ୍ନତ କିସମ ଲେମ୍ବୁ, କଦଳୀ, ସଜନା ଛୁଇଁ ଓ ଅମୃତଭଣ୍ଡା ଚାରା ଉତ୍ପାଦନ କରି ହିତାଧିକାରୀମାନଙ୍କୁ ଯୋଗାଇ ଦେଇଥିଲେ । ଯୋଜନା ୬ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟକାରୀ ହୋଇଛି । ରୋପଣ କରାଯାଇଥିବା ଚାରାଗଛଙ୍କୁ ସଂପନ ଉପାଦ ହେବା କଥା । ମାତ୍ର ପୁରୀ ଜିଲ୍ଲା ଅସ୍ତରଙ୍ଗ ବଜାରରେ ଲେମ୍ବୁ ଅନ୍ୟାନ୍ୟ ଜିଲ୍ଲା ଏପରିକି ପଡ଼ୋଶୀ ରାଜ୍ୟ ଆନ୍ଧ୍ରରୁ ଆସୁଛି । କଦଳୀ ଓ ସଜନା ଛୁଇଁ ପାଇଁ ମଧ୍ୟ ଆନ୍ଧ୍ର ଉପରେ ଆମେ ନିର୍ଭରଶୀଳ । ହିତାଧିକାରୀ ପରିବାର ପନିପରିବା ଆବଶ୍ୟକତା ପାଇଁ ବଜାର ଉପରେ ନିର୍ଭରଶୀଳତା ହ୍ରାସ ପାଇଁ ମଧ୍ୟ ଏହି ଯୋଜନା ପ୍ରଣୟନ କରାଯାଇଥିଲା । ମାତ୍ର ଯୋଜନା ପ୍ରଣୟନ ପୂର୍ବରୁ ବଜାର ଅବସ୍ଥା ଯାହା ଥିଲା ଏବେ ମଧ୍ୟ ସେହି ଅବସ୍ଥା । ରୋପଣ ହୋଇଥିବା ଚାରା ଗଛ ସବୁ ଗଲା କୁଆଡେ ତାହା କାହାରିକୁ ଜଣାନାହିଁ ।

# କାଳ ସାଜିଲା କାଳବୈଶାଖୀ, ଜନଜୀବନ ଅସ୍ତବ୍ୟସ୍ତ






ପରଜଙ୍ଗ (ଭାସ୍କର ନ୍ୟୁଜ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଅଞ୍ଚଳରେ ତିନିଦିନ ଧରି ଜାରି ରହିଛି କାଳ ବୈଶାଖୀ ବର୍ଷା ଓ ପବନ । ଗତ ଶୁକ୍ରବାର ରାତି ସାଢେ ଆଠଟା ସମୟରେ ବଜ୍ରପାତ, ଘଡ଼ଘଡ଼ି, ବିଜୁଳି ସାଙ୍ଗକୁ ପବନ ତୀବ୍ର ଅନୁଭୂତ ହୋଇଥିବା ବେଳେ ଶନିବାର ସକାଳ ସମୟରେ ଅସରାଏ ବର୍ଷା ହୋଇଥିଲା ଫଳରେ କିଛି ଗ୍ରାମରେ ଦୋଳ ଯାନିଯାତ୍ରା ଫିକା ପଡିଥିଲା । ଆଜକୁ ୩ ଦିନ ଧରି ଆକାଶ ମେଘାଛନ୍ନ ରହିଥିବାର ଦୃଶ୍ୟ ଦେଖିବାକୁ ମିଳିଥିବା ବେଳେ ଶନିବାର ସନ୍ଧ୍ୟା ସାଢ଼େ ୭ଟା ବେଳକୁ ପବନ ବିଜୁଳି, ଘଡଘଡି ସହିତ ବର୍ଷାର ରୂପ ଦେଖିବାକୁ ମିଳିଥିଲା । ଏହାର ପ୍ରଭାବରେ ବଡ଼ ବଡ଼ ଗଛ ଭାଙ୍ଗିବା ଫଳରେ ଶନିବାର ରାତି ପ୍ରାୟ ଆଠଟାରେ ପାଖରେ ଥିବା ଗଛ ପରଜଙ୍ଗ ଟିକି ପାତ୍ରଙ୍କ ଆଜବେଷ୍ଟ ଛପର ଘର ଉପରେ ପଡିବାରୁ ଘର ଭାଙ୍ଗି ଅଟୋ ଗାଡ଼ି ଚୂରମାର୍ ହୋଇ ଯାଇଥିବା ଦୃଶ୍ୟ ଦେଖିବାକୁ ମିଳିଛି । ଜନ ଜୀବନ କ୍ଷତି ହୋଇନଥିବା ବେଳେ ଅଟୋ ରହିଥିବା ଛପର ଘରେ ଅନ୍ୟ ଆସବାବ ପତ୍ର ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି । ଟିକି ପାତ୍ର ଦୈନିକ ଅଟୋ ଗାଡ଼ି ଚଳାଇ ପରିବାର ପ୍ରତିପୋଷଣ କରି ଆସୁଥିବା ବେଳେ ଆଜି ଟିକିଙ୍କ ପରିବାର ପାଇଁ କାଳ ବୈଶାଖୀ କଷଣ ସାଜିଛି । ତୁରନ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାହିର ବସ୍ତିବାସିନ୍ଦା ଓ ପରିବାର ଦାବି କରିଛନ୍ତି । ସେହିପରି କାଳବୈଶାଖୀ ବର୍ଷାରେ ରାସ୍ତାଘାଟରେ କାଦୁଅପାଣି ଦେଖିବାକୁ ମିଳିଥିବା ବେଳେ ପୂର୍ତ୍ତ ବିଭାଗ ରାସ୍ତାକୁ ଲାଗି ଡିହଡୋଳ ଗ୍ରାମରେ ରହିଥିବା ଷ୍ଟେଟବ୍ୟାଙ୍କ ସମ୍ମୁଖରେ କୃତ୍ରିମ ପାଣିର ବନ୍ୟା ଦୃଶ୍ୟ ଦେଖିବାକୁ ମିଳିଛି । ପୂର୍ତ୍ତ ବିଭାଗର ଚରମ ଅବହେଳା ଯୋଗୁଁ ଅଧାପନ୍ତରିଆ ହୋଇ ପଡିରହିଥିବା ରାସ୍ତାରୁ କୃତ୍ରିମ ପାଣି ନିଷ୍କାସନ ହୋଇ ନପାରିବାରୁ ବ୍ୟାଙ୍କକୁ ଆସୁଥିବା ଗ୍ରାହକ, ପୂର୍ତ୍ତ ବିଭାଗ ରାସ୍ତାରେ ଉଭୟ ଦିଗକୁ ଯାତାୟତ କରୁଥିବା ପଥଚାରୀଙ୍କ ସମେତ ଡିହଡୋଳ ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି । ଏହା ସମେତ ଶନିବାର ବିଳମ୍ବିତ ରାତିରେ ପରଜଙ୍ଗ ଅଞ୍ଚଳର କେତେକ ଗ୍ରାମରେ ବଡ ବଡ କୁଆପଥର ବୃଷ୍ଟି ହେବା ଫଳରେ ପନିପରିବା ଫସଲ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି । ରବିବାର ସକାଳ ସମୟରେ ଅସରାଏ ବଡ଼ଧରଣର ବର୍ଷା ହେବା ଦ୍ୱାରା ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ଆକାଶ ମେଘାଚ୍ଛନ୍ନ ସାଙ୍ଗକୁ ଝିପି ଝିପି ବର୍ଷା ଜାରି ରହିଥିଲା । ଅଞ୍ଚଳରେ କାଳ ବୈଶାଖୀ ପ୍ରଭାବରେ କୋହଲା ପାଗ ସାଙ୍ଗକୁ ତାପମାତ୍ରା ହ୍ରାସ ପାଇଛି ।

# ଜୀବଜନ୍ତୁଙ୍କ ପାଇଁ ଜଳକୁଣ୍ଡ ସ୍ଥାପନ

ବୋଲଗଡ (ଭାସ୍କର ନ୍ୟୁଜ): ବୋଲଗଡ ବଜରଙ୍ଗ ଦଳ ପ୍ରଖଣ୍ଡ ଦ୍ୱାରା ସଂଯୋଜକ ଇତେଶ ବେହେରାଙ୍କ ନେତୃତ୍ୱରେ ଗୋରକ୍ଷା ପ୍ରମୁଖ ତରୁଣ ସାହୁଙ୍କ ତତ୍ତ୍ୱାବଧାନରେ ଚଳିତ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଗୋମାତା ଓ ଅନ୍ୟାନ୍ୟ ଜୀବଜନ୍ତୁଙ୍କ ଉଦ୍ଦେଶ୍ୟରେ ବୋଲଗଡର ବିଭିନ୍ନ ସ୍ଥାନରେ ଜଳକୁଣ୍ଡ ସ୍ଥାପନ କରାଯାଇଛି । ଆଗାମୀ ଦିନରେ ପ୍ରଖଣ୍ଡର ଜଳ ସୁବିଧା ନଥିବା ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଦଳ ଦ୍ୱାରା ଜଳକୁଣ୍ଡ ରଖିବାର ସଂକଳ୍ପ



କରାଯାଇଛି । ଏହି ଅବସରରେ ବଜରଙ୍ଗଦଳର ଶ୍ରୀତମ ପ୍ରଧାନ, ସୁମନ୍ତ ମହାରଣା, ଉପେନ୍ଦ୍ର ସାହୁ, ରାକେଶ ସାହୁ, ସଞ୍ଜୟ ବେହେରା, ସଞ୍ଜୟ ଦେଓ, ମାନସ ବୈରୀଗଞ୍ଜନ, ରଘୁନାଥ ମଲ୍ଲିକ, ସଂଗ୍ରାମ ନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଏ ଭଳି ନିଆରା ସେବା ପାଇଁ ସାଧାରଣରେ ପ୍ରଶଂସା କରାଯାଉଛି ।

# ଶ୍ରୀରାମ ନବମୀ ପାଳନ ନିମନ୍ତେ ପ୍ରସ୍ତୁତି

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ) : ଆସନ୍ତା ଏପ୍ରିଲ ୬ତାରିଖ ଦିନ ଓଡିଶା ପ୍ରସିଦ୍ଧ ନିଶ୍ଚିନ୍ତକୋଇଲି ବ୍ଲକ କେଂଟାଲୋ ଗ୍ରାମପଞ୍ଚାୟତ ମଲ୍ଲିପୁରସ୍ଥିତ ଅସୁରେଶ୍ୱରର ଶ୍ରୀଶ୍ରୀ ରଘୁନାଥ ଜୀୟୁଙ୍କ ଶ୍ରୀରାମ ନବମୀ ଉତ୍ସବ ପାଳନ କରାଯିବ । ଏହି ଅବସରରେ ମନ୍ଦିର ପରିଚାଳନା କମିଟି ତରଫରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ପ୍ରସ୍ତତି ବୈଠକରେ ମନ୍ଦିର ପରିଚାଳନା କମିଟିର ମ୍ୟାନେଜିଂ ଟ୍ରଷ୍ଟି ତଥା ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସମ୍ପାଦକ ପ୍ରଭାତ କୁମାର ରଥ ସମ୍ପାଦକୀୟ ବିବରଣୀପାଠ କରିବା ସହ ଆସନ୍ତା ୬ତାରିଖ ଦିନ ଅସୁରେଶ୍ୱରର ପ୍ରସିଦ୍ଧ ଶ୍ରୀ ଶ୍ରୀ ରଘୁନାଥ ଜୀୟୁଙ୍କ ଶ୍ରୀରାମ ନବମୀ ଉତ୍ସବ ଶାନ୍ତି




ଶୃଙ୍ଖଳାର ସହ ପାଳନ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଥିବାର ପ୍ରକାଶ କରିଥିଲେ । ତେବେ ଏହି ଉତ୍ସବ କିପରି ଶାନ୍ତି ଶୃଙ୍ଖଳାର ସହ ସମାପନ ହେବ ଏଥିନିମନ୍ତେ ମ୍ୟାନେଜିଂ ଟ୍ରଷ୍ଟି ଶ୍ରୀ ସାହୁ ଦଳମତ ନିର୍ବିଶେଷରେ ସମସ୍ତେ ସହଯୋଗର ହାତ ବଢାଇବା ସହ ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବାକୁ ନିବେଦନ କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅସୁରେଶ୍ୱର ସରପଞ୍ଚଙ୍କ ପ୍ରତିନିଧି ଅନନ୍ତ ଦାସ, ଶିକ୍ଷାବିତ୍ ପୁରସ୍ତମ ଦାସ, ମନୋରଞ୍ଜନ ଭୂୟାଁ, ଗୟାଧର ସ୍ୱାଇଁ, ଅସୁରେଶ୍ୱର ବଜାର ବ୍ୟବସାୟୀ ସଙ୍ଘର ସଭାପତି ରଘୁନାଥ ନାୟକ, ବିଭୂତି ଭୂଷଣ ପାତ୍ର, ଗୋବିନ୍ଦଚନ୍ଦ୍ର ବେହେରା, ସୁରେନ୍ଦ୍ର କୁମାର ସାହୁ, ଧରଣୀଧର ବେହେରା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗାଦାନ କରି ବିଭିନ୍ନ ସମସ୍ୟା ଓ ଏହାର କିପରି ସମାଧାନ କରାଯାଇ ପାରିବ ସେ ସମ୍ପର୍କରେ ଆଲୋଚନା ଓ ପର୍ଯ୍ୟାଲୋଚନା କରିଥିଲେ । ତେବେ ଏହି ବୈଠକ ପୂର୍ବରୁ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳର ଆଶଙ୍କା ଥିବାରୁ ନିଶ୍ଚିନ୍ତକୋଇଲି ଥାନା ପୋଲିସ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା କାରଣରୁ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନଥିଲା ।

## ଏଜୁକେଶନ କମ୍ପ୍ଲେକ୍ସଟି କାହା ସ୍ୱାର୍ଥରେ !

# ହସ୍ତାନ୍ତରର ବର୍ଷେ ନପୂରୁଣୁ ଅବସ୍ଥା ଶୋଚନୀୟ

ମାଲକାନଗିରି (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ବଡ଼ପଡ଼ା ଠାରେ ନବନିର୍ମିତ ଏଜୁକେସନ କମ୍ପ୍ଲେକ୍ସଟି ହସ୍ତାନ୍ତର ହେବାର ବର୍ଷେ ନପୁରୁଣୁ ଏହାର ଅବସ୍ଥା ଶୋଚନୀୟ ହୋଇପଡ଼ିଥିବା ଅଭିଯୋଗ ହୋଇଛି । ଆଦିବାସୀ ଅଧ୍ୟୁଷିତ ସ୍ୱାଭିମାନ ଅଞ୍ଚଳରେ ଶିକ୍ଷାର ବିକାଶ ନିମନ୍ତେ ବଡ଼ପଡ଼ା ଠାରେ ନିର୍ମିତ ହୋଇଛି ଏକ ଅତ୍ୟାଧୁନିକ ଏଜୁକେସନ କମ୍ପ୍ଲେକ୍ସ । ଏହି କମ୍ପ୍ଲେକ୍ସ ଭିତରେ ପ୍ରବେଶ କରିବା ରାସ୍ତାଟି କେବଳ ନାମକୁ ମାତ୍ର ପିଚୁରାସ୍ତା କରାଯାଇଛି କିନ୍ତୁ ପିଚୁର ପରିମାଣ ଏତେ ନିମ୍ନମାନର ଯେ ରାସ୍ତାରୁ ବଜୁରି ଉଠିଯାଇଥିବାରୁ ଚାଲି ଯିବା ପାଇଁ କଷ୍ଟଦାୟକ ହେଉଛି । ପ୍ରାୟ ସମସ୍ତ ଘରର କାନ୍ଥଗୁଡ଼ିକ ଫାଟି ଗଲାଣି । ପାଣି ସମସ୍ୟା ସବୁବେଳେ ଲାଗି ରହୁଥିବାରୁ ଛାତ୍ରଛାତ୍ରୀଙ୍କୁ କମ୍ପ୍ଲେକ୍ସ ବାହାରକୁ ଯାଇ ନାଳ ପାଣିରେ ଶୌଚ ଏବଂ ଗାଧୋଇବାକୁ ପଡୁଛି । ଡ୍ରେନେଜ ବ୍ୟବସ୍ଥା କରାଯାଇ ନଥିବାବେଳେ ଅପରିଷ୍କାର ପାଣି ଜମା



ହୋଇ ଦୂଷିତ ପରିବେଶ ସୃଷ୍ଟି କରୁଛି । ପାଣି ଟାଙ୍କିଟି ଅଚଳ ଅବସ୍ଥାରେ ପଡ଼ିରହିଛି ହଷ୍ଟେଲ ବାଲ୍‌କୋନୀର ସୁରକ୍ଷା କାନ୍ଥ ବହୁତ ଛୋଟ ହୋଇଥିବାବେଳେ ଜାଲି ମଧ୍ୟ ଲଗାଯାଇ ନାହିଁ । ତେଣୁ ଛାତ୍ରଛାତ୍ରୀ ପଡ଼ିଯିବାର ଭୟ ମଧ୍ୟ ରହୁଛି । ଅନ୍ୟ ହଷ୍ଟେଲର ପାଇଖାନାଗୁଡ଼ିକରେ ପାଇପ ସଂଯୋଗ ଓ ପାଣିର ବ୍ୟବସ୍ଥା ନଥିବାରୁ ତାହା ବ୍ୟବହାରରେ ଲାଗିପାରୁନାହିଁ । ଦୀର୍ଘଦିନ ହେବ ଇନଭର୍ଟର କାମରେ ଲାଗିପାରୁ ନାହିଁ । ଫଳରେ ବିଦ୍ୟୁତ କାଟ୍ ହେଲେ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେବା ସହ ହିଂସ୍ରଜନ୍ତୁଙ୍କ ଭୟ ମଧ ରହୁଛି । ନିର୍ବାଚନକୁ ଆଖି ଆଗରେ ରଖି ଏହି କମ୍ପ୍ଲେକ୍ସଟିକୁ ତରବରିଆ ଭାବେ ଉଦ୍‌ଘାଟନ କରାଇଥିବା ଅଭିଯୋଗ ହୋଇଛି । ଏଣୁ ସରକାରୀ ଅର୍ଥକୁ ଆତ୍ମସାତ୍ କରି ଖାଲି ବାଃ ବାଃ ନେବାରେ ଏହି କମ୍ପ୍ଲେକ୍ସଟି କାହା ସ୍ୱାର୍ଥରେ ନିର୍ମିତ ହୋଇଛି ଏବଂ ଏଠାରେ ଛାତ୍ରଛାତ୍ରୀ କେତେ ସୁରକ୍ଷିତ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ମା'ଧାକୁଲେଇ ଯାତ୍ରା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ଫୁଲନଖରା (ଭାସ୍କର ନ୍ୟୁଜ) : କଟକ ସଦର ଥାନା ଅନ୍ତର୍ଗତ ପ୍ରତାପ ନଗରୀ ଗ୍ରାମର ମା'ଧାକୁଲେଇ ଯାତ୍ରା ମହୋତ୍ସବ ଆସନ୍ତା ମାସ ୧୨ରୁ ୧୮ ତାରିଖ ପର୍ଯ୍ୟନ୍ତ ସାତଦିନ ବ୍ୟାପି ଏହି ମହୋତ୍ସବ ଅନୁଷ୍ଠିତ ହେବ । ଏହା କିପରି ସରସ ସୁନ୍ଦର ଓ ଶାନ୍ତି ଶୃଙ୍ଖଳାର ସହ ପାଳନ କରାଯିବ ଏହି ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ସଭାପତି ପ୍ରମୋଦ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ୨୩ ତାରିଖ ଦିନ ୧୧ଟାବେଳେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ଇଂ ପ୍ରକାଶ ସେଠି ଜୋର ଦେଇ କହିଥିଲେ କି ଏହି ଯାତ୍ରା ମହୋତ୍ସବକୁ ଅତି ସରସ ସୁନ୍ଦର କରାଯିବ ଓ ସରକାରୀ ସ୍ତରରେ ଯାହା ଅବଶ୍ୟକତା ଅଛି ଖୁବଶୀଘ୍ର ଯାତ୍ରା ପୂର୍ବରୁ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ । ଏହି ଧାକୁଲେଇ କ୍ଷେତ୍ରକୁ ପର୍ଯ୍ୟଟନ ସ୍ଥଳୀ ଯେଉଁ ମାନ୍ୟତା ମିଳିଥିଲା ମୁଖ୍ୟମନ୍ତ୍ରୀ ୨ କୋଟି ଟଙ୍କା ମଞ୍ଜୁର କରିଛନ୍ତି ବୋଲି ସେ ଘୋଷଣା କରିଥିଲେ । କମିସନରଟେ ପୋଲିସର ଜୋନ-୪ର ଏସିପି ଅମିତାଭ ମହାପାତ୍ର ଉପସ୍ଥିତ ରହି ଯାତ୍ରା ମହୋତ୍ସବ ପାଇଁ ରହିଥିବା ପୋଲିସର ନୀତିନିୟମ ଅବଗତ କରିଥିବା ବେଳେ ଟ୍ରାଫିକ ଏସିପି ଜୟନ୍ତ କୁମାର ଡୋରା ଟ୍ରାଫିକ ଜାମ ଉପରେ ସମସ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସ୍ଥାନୀୟ କର୍ପୋରେଟର ଜନାର୍ଦ୍ଦନ ପରିଡା କଟକ ମ୍ୟୁନିସିପାଲଟି ପକ୍ଷରୁ ଯାହା କରାଯିବ କଥା ତାହା ପଦକ୍ଷେପ ନିଆଯାଇଛି ବୋଲି କହିଥିଲେ । ୪୮ ମଣ୍ଡଳ ମହନ୍ତ ବନମାଳୀ ଦାସ ପରମ୍ପରା ଅନୁସାରେ ଓଡିଶୀ ସଂକୀର୍ତ୍ତନକୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମହୋତ୍ସବରେ ପରିବେଷଣ ହେବ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ । ଏହି ପ୍ରସ୍ତୁତି ବୈଠକରେ କଟକ ସଦର ଥାନା ଆଇଆଇସି ଓମ୍ ପ୍ରକାଶ ମହାନ୍ତି, ଟ୍ରାଫିକ ଥାନା ଆଇଆଇସି ଦୁର୍ଗା ପ୍ରସାଦ ଜେନା, କର୍ପୋରେଟର ଲିପ୍ସା ନାୟକ, ପୂର୍ବତନ କର୍ପୋରେଟର କୌଶିକୀ ଜେନା, କଟକ ସଦର ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ବରିଷ୍ଠ ନାଗରିକ ପୀତବାସ ମହାପାତ୍ର, ସମାଜସେବୀ ସ୍ୱାଧୀନଚେତା ମହାନ୍ତି, ନିହାର ରଞ୍ଜନ ପଣ୍ଡା, ସୁରେନ୍ଦ୍ର ମହାପାତ୍ର ଓ ଶ୍ରୀଚରଣ ବେହେରା ପ୍ରମୁଖ ଯୋଗଦେଇଥିଲେ । ପ୍ରଥମ ଦିବସରେ ଆତଶବାଜୀ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଅନ୍ୟ ଦିବସ ମାନଙ୍କରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସଂକୀର୍ତ୍ତନ ଓ ଅଞ୍ଚଳର ମୁରବିମାନଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ କରାଯିବାର ସ୍ଥିର କରାଯାଇଛି । ପ୍ରତିବର୍ଷ ଭଳି ୪୦୦/୫୦୦ ଛୋଟ ବଡ଼ ଦୋକାନମାନ ଅନୁଷ୍ଠିତ ହେବ ଏଥିରେ ଲକ୍ଷାଧିକ ଲୋକଙ୍କ ସମାଗମ ହେବ ବୋଲି ସୂଚନା ଦେଇଥିଲେ । ମଞ୍ଚ ପରିଚାଳନା କରିଥିଲେ ଗ୍ରାମ୍ୟ କମିଟି ସମ୍ପାଦକ ପ୍ରମୋଦ ବେହେରା ଓ ଶେଷରେ ଧନ୍ୟବାଦ ଦେଇଥିଲେ କମିଟିର ବରିଷ୍ଠ ସଦସ୍ୟ ବାଦଲ ଜେନା ।

# ସମିଆଁ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

କାକଟପୁର (ଭାସ୍କର ନ୍ୟୁଜ): କାକଟପୁର ବ୍ଲକ କଟକଣା ପଞ୍ଚାୟତ ସମିଆଁ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ପଣ୍ଡାଙ୍କ ସଭାନେତୃତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ କାକଟପୁର ବାଳିକା ସଂଯୁକ୍ତ ଉଚ୍ଚବିଦ୍ୟାଳୟର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦୁର୍ଗାପ୍ରସାଦ ଦାଶ, ମୁଖ୍ୟବକ୍ତା କାକଟପୁର ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିଷ୍ଣୁଚରଣ ସୁବୁଦ୍ଧି, ସମ୍ମାନିତ ଅତିଥି ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତଥା ବିଶିଷ୍ଟ ଶିକ୍ଷାବିତ ଶେଖ ରାହିତ, ପରିଚାଳନା କମିଟିର ସଭ୍ୟ ଶେଖ ଆଶିକ, ରମେଶ କାଣ୍ଡି, ନନ୍ଦିନୀ କାଣ୍ଡି, ଚିନ୍ମୟୀ କାଣ୍ଡି, ଲିଜା କାଣ୍ଡି, ହାପିଜା ଖାତୁନ ପ୍ରମୁଖ ଉପସ୍ଥିତ ରହି ଦେଶ ଏବଂ ଜାତି ଗଠନ ରେ ଶିକ୍ଷାର ପ୍ରସଙ୍ଗିକତା ଉପରେ ମତ ରଖିଥିଲେ । ବିଦ୍ୟାଳୟରେ ଅନୁଷ୍ଠିତ ପ୍ରଥମ ଅର୍ଦ୍ଧବାର୍ଷିକ ପରୀକ୍ଷାରେ ପାଞ୍ଚଟି ଶ୍ରେଣୀରେ ପ୍ରଥମ ତିନିଟି ସ୍ଥାନ ଅଧିକାର କରି ଥିବା କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା ।

# ପିଏମ୍ ଆବାସ ପାଇଁ ବହୁ ଥିଲାବାଲାଙ୍କ ଆବେଦନ

ସୋରଡ଼ା (ଭାସ୍କର ନ୍ୟୁଜ) : ସୋରଡ଼ା ସହରର ଏନ୍‌ଏସି ଅଞ୍ଚଳରେ ୧୧ଟି ୱାର୍ଡ ଅବସ୍ଥିତ ପ୍ରତ୍ୟକ ୱାର୍ଡର ବେସାହାରା ଶତାଧିକ ପରିବାର ବସବାସ କରୁଥିବା ଗରିବ, ହରିଜନ, ସବର୍ଣ୍ଣ, ଶ୍ରମିକ ପରିବାର ମୁଣ୍ଡ ଉପରେ ଛାତଟିଏ ଯୋଗାଇ ଦେବାକୁ ବର୍ତ୍ତମାନର ବିଜେପି ସରକାର ନିଷ୍ପତି ଗ୍ରହଣ କରିଛନ୍ତି । କେବଳ ସହରାଞ୍ଚଳ ନୁହେଁ ବ୍ଲକ ଅଞ୍ଚଳରେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତର ଗ୍ରାମାଞ୍ଚଳରେ ବସବାସ କରୁଥିବା ଗରିବ, ଶ୍ରମିକଶ୍ରେଣୀ, ଅଣସଂଗଠିତ ଶ୍ରମିକଶ୍ରେଣୀ, ହରିଜନ, ଆଦିବାସୀ, ସବର୍ଣ୍ଣ, ଦାଦନ ଶ୍ରମିକମାନଙ୍କୁ ବାସହୀନ, ବେସାହାରା ହଜାର ହଜାର ପରିବାରକୁ ମୁଣ୍ଡ ଗୁଞ୍ଜିବା ପାଇଁ ନିଷ୍ପତି ଗ୍ରହଣ କରି ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗର ଜାଗା ମିଳନ ଓ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଗରିବ ଓ ବେସାହାରା ପରିବାରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାନାରେ ସାମିଲ କରିବା ଲାଗି ପ୍ରକ୍ରିୟା ଆରମ୍ଭ କରାଯାଇଛି । ଯାହାଫଳରେ ଏନ୍‌ଏସି ଅଞ୍ଚଳରେ ଏବଂ ପ୍ରତି ଗାଁ, ବ୍ଲକ ଓ ପଞ୍ଚାୟତସ୍ତରରେ ଅଧିକାରୀମାନେ ଟିମ୍ ଗଠନ କରି ସର୍ଭେ ଆରମ୍ଭ କରିଛନ୍ତି । ଆସନ୍ତା ମାସ ୧ ତାରିଖ ଠାରୁ ସମାଜର ନିର୍ଦ୍ଦିଷ୍ଟ ବର୍ଗର ଲୋକଙ୍କ ପାଇଁ ଅନ୍ତ୍ୟୋଦୟ ଯୋଜନା ମଧ୍ୟ ଆରମ୍ଭ ହେବାକୁ ଯାଉଛି ଏସବୁ ସତ୍ତ୍ୱେ କିଛି ନିର୍ଦ୍ଦିଷ୍ଟ ଗରିବ ପରିବାର ଲୋକ ସଚେତନତା ଅଭାବରୁ ଏଥିରେ ସାମିଲ ହୋଇପାରୁ ନାହାନ୍ତି । ଏହାର ଉଦାହରଣ ଦେଖିବାକୁ ମିଳିଛି ସୋରଡ଼ା ଏନ୍‌ଏସିର ଅଧିକାଂଶ ହରିଜନ ସାହି ତଥା ୱାର୍ଡଗୁଡ଼ିକରେ । ସେଗୁଡିକ ମଧ୍ୟରେ ୱାର୍ଡର ଖଦଳା ସାହି, ଧୋବାସାହି, ହରିଜନସାହି, ୨ ୱାର୍ଡର ହରିଜନସାହି, ବଡପାଣସାହି, ୩ ୱାର୍ଡର ନୁଆଁସାହି, ୪ନଂ ୱାର୍ଡର ଧୋବା ସାହି, ବ୍ରାହ୍ମଣସାହି, ୱାର୍ଡ ନଂ-୫ର ବଡହରିଜନ ଶଙ୍ଖ ସାହି, ୱାର୍ଡ ନଂ ୬ର ବଡଖଦାଳ ସାହି, ମଠ ସାହି, ୭ନଂ -ୱାର୍ଡର ଅଧିକାଂଶ ସବର୍ଣ୍ଣ ଗରିବ ଶ୍ରମିକ ଶ୍ରେଣୀର ସାରୁଆ ସାହି ବାସିନ୍ଦା, ୮-ନଂ ୱାର୍ଡର କେଉଟ ସାହି, ୯-ନଂ ୱାର୍ଡର ହରିଜନସାହି, କେଉଟ ସାହି, ୧୦-ୱାର୍ଡର ବଡ ଖଦାଳ ସାହି, ସାନ ଖଦାଳ ସାହି, କେଉଟ ସାହି, ୧୧ ୱାର୍ଡର ସାନପାଣସା ସାହି, ନିଗମାନନ୍ଦସାହି, ବରାଡି ଇତ୍ୟାଦିରେ । ଗରିବ ପରିବାରର ମୁଣ୍ଡ ଉପରେ ଛାତଟିଏ ଯୋଗାଇ ଦେବାକୁ ଯୋଜନା କରୁଥିବା ବେଳେ ଅଧିକାଂଶ ବେସାହାରା ପରିବାରର ଘର କରିବା ପାଇଁ ଜାଗା ଖଣ୍ଡେ ମଧ ନାହିଁ । ତା'ର ଦାୟିତ୍ୱ ଯାଗା ମିଶନ ବିଭାଗ ପକ୍ଷରୁ ସୁରକ୍ଷା ସର୍ଭେ କରି ଜମିପଟ୍ଟା ଯୋଗାଯୋଗ ସହିତ ଘର ମଧ ଯୋଗାଇବା ଦାୟିତ୍ୱ ନେଇଥିବା ବେଳେ ସର୍ଭେ ସରି ଜାଗା ଚିହ୍ନଟ ହୋଇଥିଲେ ମଧ ଏନ୍‌ଏସି ସୋରଡ଼ା ପକ୍ଷରୁ ପଟ୍ଟା ପ୍ରଦାନ କରାଯାଇ ନଥିବା ଏବଂ ଘର ଯୋଗାଇ ଦିଆଯାଇ ନଥିବାରୁ ଘର ଯୋଗାଇ ଦେବା ପାଇଁ ଦାବି କରି ଅନ୍‌ଲାଇନ୍‌ରେ ବିଭାଗକୁ ଆବେଦନ କରାଯାଇଥିବା ଗରିବ ପରିବାର ଆମ ପ୍ରତିନିଧିଙ୍କ ଠାରେ ପ୍ରକାଶ କରିଛନ୍ତି । ଜଣେ ସମ୍ପୂର୍ଣ୍ଣ ବେସାହାର ପରିବାର ଲକ୍ଷ୍ମୀ ନାୟକ ଓ ତାଙ୍କ ସ୍ୱାମୀ ଆଜି ସୁଦ୍ଧା ହାଟପଦାରେ ପାଲତଳେ ଘର କରି ଆଜି ପର୍ଯ୍ୟନ୍ତ ରହୁଛନ୍ତି । ଯାହା ତଦନ୍ତ କଲେ ଜଣା ପଡ଼ିବ । ସେହିପରି ଗ୍ରାମାଞ୍ଚଳରେ ମଧ ହଜାର ହଜାର ପରିବାର ବେସାହାର ହୋଇ ଘର ଖଣ୍ଡେ ପାଇବା ପାଇଁ ଆଶା ବାନ୍ଧି ବସିଛନ୍ତି । ଚାଲିଥିବା ଏହି ପ୍ରକ୍ରିୟାରେ ବହୁ ଥିଲାବାଲାମାନେ ଆପ୍ଲାଏ କରିଥିବାରୁ ହୁଏତ ବହୁ ଗରିବ ତଥା ଯୋଗ୍ୟ ହିତାଧିକାରୀ ବଞ୍ଚିତ ହୋଇଯାଇ ପାରନ୍ତି । ତେଣୁ ବିଭାଗୀୟ ଅଧିକାରୀମାନେ ନିରପେକ୍ଷ ଭାବେ ସର୍ଭେ କାର୍ଯ୍ୟ ଶେଷ କରି ଯୋଗ୍ୟ ହିତାଧିକାରୀଙ୍କୁ ପିଏମ୍ ଆବାସ ପ୍ରଦାନ କରାଯାଉ ବୋଲି ଗରିବ ହିତାଧିକାରୀମାନେ ଦାବି କରିଛନ୍ତି । ତେବେ ଦେଖିବାକୁ ବାକି ରହିଲା ପିଏମ୍ ଆବାସ ଯୋଜନାରେ କେତେଜଣ ବେସାହାରା ପରିବାର ଛାତ ତଳେ ମୁଣ୍ଡ ଗୁଞ୍ଜୁଛନ୍ତି ।

# ଜମି ଜାଲିଆତି ନେଇ ତହସିଲଦାରଙ୍କ ନିକଟରେ ଅଭିଯୋଗ

ରଘୁନାଥପୁର (ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ତହସିଲ ଅଧିନ ଦେଉଳି ଗ୍ରାମର ସ୍ୱର୍ଗତ ଭୋବନି ଭୋଇଙ୍କ ଜମିଜମା ଭାଗବଣ୍ଟା ବିବାଦ ନେଇ ଭାଇମାନଙ୍କ ମଧ୍ୟରେ ଅଦାଲତରେ ମକଦମା ଚାଲୁ ରହିଛି । ହେଲେ ତାଙ୍କ ସାନଭାଇ ଜମିଗୁଡିକୁ ନିଜ ନାମରେ ଜାଲିଆତି କରି ନେବା ପାଇଁ ଏହି ମକଦ୍ଦମାକୁ ନମାନି ୱାରସ ସଂଶୋଧନ ପାଇଁ ରଘୁନାଥପୁର ତହସିଲରେ ଆବେଦନ କରିଛନ୍ତି । ଏହାକୁ ସ୍ଥଗିତ ରଖି ଅଦାଲତଙ୍କ ଫଇସଲାକୁ ଅପେକ୍ଷା କରିବା ପାଇଁ ଅନ୍ୟ ଭାଇମାନେ ବଂଶୀଧର ଭୋଇ, ଗୋପିନାଥ ଭୋଇ, କୁନୁ ଭୋଇ ରଘୁନାଥପୁର ତହସିଲଦାରଙ୍କ ନିକଟରେ ଏକ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି ।


# ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ୟୁଥ ପାର୍ଲିଆମେଣ୍ଟ କାର୍ଯ୍ୟକ୍ରମ




ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଗୁଆଲସିଂ ପଞ୍ଚାୟତ ଅନ୍ତର୍ଗତ କେନ୍ଦ୍ରାପଡ଼ା ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ୟୁଥ୍ ପାର୍ଲିଆମେଣ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷା ଆଦ୍ୟାରଶ୍ମି ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ କେନ୍ଦ୍ରାପଡ଼ାର ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ପ୍ରଫେସର ନନ୍ଦ କିଶୋର ପରିଡ଼ା, ସମ୍ମାନିତ ଅତିଥିଭାବରେ ଜିଲ୍ଲା ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରିଣୀ ପଦ୍ମଜା କବି ଶତପଥି, ନେହେରୁ ଯୁବ କେନ୍ଦ୍ରର ଯୁବ ଅଧିକାରୀ ଗୋଲି ତିରୁପତି ରେଡ୍ଡି ଓ ପ୍ରାକ୍ତନ ଜିଲ୍ଲା ଏନ୍‌ଏସ୍‌ଏସ୍ ଅଧିକାରୀ ଅଧ୍ୟାପକ ଶିଶିରକାନ୍ତ ମହାପାତ୍ର ପ୍ରମୁଖ ଯୋଗ ଦେଇ ଯୁବକମାନଙ୍କ ଠାରେ ପାର୍ଲିଆମେଣ୍ଟ ସମ୍ପର୍କରେ ଏକ ସ୍ୱଷ୍ଟ ଧାରଣା ଦେବା ସହିତ ସାମାଜିକ ଘଟଣାବଳୀ ଗୁଡ଼ିକୁ ଲୋକସଭାରେ କିପରି ଉପସ୍ଥାପିତ କରାଯାଏ ସେ ବିଷୟରେ ଉଦ୍‌ବୋଧନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ୨୦ଟି ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ମକ୍ ପାର୍ଲିଆମେଣ୍ଟରେ ବିଚାରକ ମଣ୍ଡଳୀ ଭାବରେ ବିରାଜନନ୍ଦ ପତି, ଡକ୍ଟର ମନୋରଞ୍ଜନ ରାଉତ, ବିଶ୍ୱଜିତ ସାହୁ, ଇଦ୍ରିଶ ଅଲ୍ଲି ପ୍ରମୁଖ ଦାୟିତ୍ୱ ନିର୍ବାହ କରି ୫ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ମନୋନିତ କରିଥିଲେ । କୃତୀ ଛାତ୍ରଛାତ୍ରୀ ଆଫ୍ରିନ୍ ଜଲିଲ୍, ଅଂଶୁଜା ପାଣି, ଫରିନ୍ ଜଲିଲ୍, ଅଭିଜିତ ସାମଲ, ଶୁଭ୍ରାଂଶୁ ମହାପାତ୍ର ପ୍ରମୁଖଙ୍କୁ ପୁରସ୍କୃତ କରିବା ସହ ରାଜ୍ୟସ୍ତରକୁ ମନୋନିତ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା ଅଧିକାରୀ ତଥା ନୋଡାଲ ଅଫିସର ମୃତ୍ୟୁଞ୍ଜୟ ମହାନ୍ତି ସଂଯୋଜନା କରିବା ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଏନ୍‌ୱାଇକେର କର୍ମକର୍ତା ଲକ୍ଷ୍ମୀ କାନ୍ତ ଜେନା ଏବଂ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ ।

## ରାଶିଫଳ


**ସୋମବାର, ୨୪ ମାର୍ଚ୍ଚ ୨୦୨୫**




**ମେଷ:** ବିଶେଷ କିଛି ଅସୁବିଧା ନହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ । ସମସ୍ତ କାମ ଠିକ୍ ଭାବରେ ଚାଲିବ କିନ୍ତୁ ଝିନ୍‌ଝଟ୍ ମଧ୍ୟରେ ସମ୍ପୂର୍ଣ୍ଣ ହେବ । ସବୁ ସୁବିଧା ଥିଲେ ମଧ୍ୟ ବିଚଳିତ ରହିବା କାରଣରୁ ଅଶାନ୍ତି ଅନୁଭବ କରିବେ । କଳା, ସାହିତ୍ୟ ଓ କ୍ରୀଡ଼ା କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ ।




**ବୃଷ:** କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଓ ପ୍ରାଧାନ୍ୟ ଦେଇ ପ୍ରଶଂସିତ ହେବେ । ଉଚ୍ଚ ଚିନ୍ତା କରିବେ, ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ । ଏକାଧିକ କାମ ହାତକୁ ନେଇ ବ୍ୟସ୍ତବିବ୍ରତ ହୋଇପାରନ୍ତି । ପାରିବାରିକ କ୍ଷେତ୍ରରେ ସେପରି କିଛି ବିଶେଷ ଅସୁବିଧା ହେବନାହିଁ ।



**ମିଥୁନ:** ପ୍ରତ୍ୟେକ କ୍ଷେତ୍ରରେ କୌଶଳରେ କାର୍ଯ୍ୟ ହାସଲ କରିବେ । ଚେଷ୍ଟା ସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିପାରନ୍ତି । ମନ ଦେଇ କାମ କଲେ ସମସ୍ୟାର ସରଳ ସମାଧାନ ହେବ । ସାମାଜିକ ସ୍ତରରେ ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ ।




**କର୍କଟ:** ପ୍ରତ୍ୟେକ ପରିସ୍ଥିତିରେ ଦୃଢ଼ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରିନେବେ । ସାଙ୍ଗଠନିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି । ଯେକୌଣସି କାମରେ ହେଉନା କାହିଁକି ତରବରିଆ ପଦକ୍ଷେପ ନେଲେ ବେଶି ହଇରାଣ ହେବେ । ଭଲ କାମ କଲେ ମଧ ଆତ୍ମୀୟଙ୍କ କଟୁ ସମାଲୋଚନାର ପାତ୍ର ହେବେ ।




**ସିଂହ:** ଆଜି ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ । ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ବିଳମ୍ବ ଘଟିବ । ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବାର ଆଶଙ୍କା ରହିଛି ।




**କନ୍ୟା:** ଆଜି ଦୂରସ୍ଥାନକୁ ଯାତ୍ରା କରିବା ସମୟରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ ଏବଂ ଯଥାସମ୍ଭବ କମ୍ କଥାବାର୍ତ୍ତା କଲେ କଳହରୁ ଦୂରେଇ ରହିବାରେ ସମର୍ଥ ହେବେ । ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି । ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ ।



**ତୁଳା:** ପରିବାର ହେଉ କିମ୍ବା କର୍ମକ୍ଷେତ୍ର ହେଉ ଯାହା ଓ ଯେମିତି କଲେ ମଧ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ । ନିକଟ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ । ଦାମ୍ପତ୍ୟ ଜୀବନରେ ଅସହିଷ୍ଣୁତା ଅଶାନ୍ତିର କାରଣ ହୋଇପାରେ ।




**ବିଛା:** ଆଜି ଏକାଧାରରେ ଅର୍ଥ ଓ ସମ୍ମାନ ପାଇବେ, ମାତ୍ର ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ । ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣକରି ଉଚ୍ଚ ପ୍ରଶଂସିତ ହେବେ । ଦୀର୍ଘଦିନର ଆଶା ଫଳବତୀ ହେବ ଓ ନୂତନ ସମ୍ପର୍କ ସ୍ଥାପିତ ହୋଇପାରେ । ପରିବାର ସହ ଆଜିର ଭ୍ରମଣ ବେଶ୍ ଆନନ୍ଦଦାୟକ ହେବ ।




**ଧନୁ:** ଛୋଟ ଛୋଟ କଥାକୁ ଧରି ବସିଲେ ନିଜେ ହିଁ ଅସୁବିଧାର ସମ୍ମୁଖୀନ ହେବେ । ଆର୍ଥିକ ଦୁଃସ୍ଥିତି ମାନସିକ ସ୍ତରକୁ ସଂକୁଚିତ କରି ରଖିବ । ସବୁ କାମରେ ପଛୁଆ ହେତୁ ମନରେ ନିଜକୁ ଅପାରଗ ମନେକରିପାରନ୍ତି । ଯେତେ ପାଇଲେ ମଧ ମନରେ ସନ୍ତୋଷ ଆସିବ ନାହିଁ ।




**ମକର:** ସାମାଜିକସ୍ତରରେ ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ । ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ । ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ଚେଷ୍ଟାକଲେ ଉପକୃତ ହେବେ । ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ । ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ ।



**କୁମ୍ଭ:** ବିଭିନ୍ନ ପ୍ରକାର ଅସୁବିଧା ଓ ପ୍ରତିବନ୍ଧକ ଭିତରେ ଚଳିବାକୁ ପଡ଼ିବ । ବନ୍ଧୁଙ୍କ ମନରେ ବିଶ୍ୱାସ ହେଲାଭଳି କାମକରି ସଫଳତା ହାସଲ କରିବେ । ଛୋଟକଥାକୁ ବଡ଼ ଆକାରରେ ଚିନ୍ତାକରି ଅସ୍ଥିରତା ଅନୁଭବ କରିପାରନ୍ତି । ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ ।



**ମୀନ:** ଆଜି ଶିଳ୍ପ, ବାଣିଜ୍ୟ, ରାଜନୀତି ଓ କୂଟନୈତିକ ଆଲୋଚନା କ୍ଷେତ୍ରରେ ସଫଳତା ହାସଲ କରିବେ । କାର୍ଯ୍ୟ କ୍ଷେତ୍ରରେ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ । ଅନ୍ୟମାନଙ୍କ ଭଲ ସକାଶେ ନିଜକୁ ଉତ୍ତରଦାୟୀ ହେବାକୁ ପଡ଼ିବ । ଆଶା ଓ ବିଶ୍ୱାସ ନେଇ ଆଗକୁ ମାଡ଼ିଚାଲନ୍ତୁ ଅବଶ୍ୟ ଉପକୃତ ହେବେ ।



ଶ୍ରୀପତି ଉବାଚ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ଉମରକୋଟ(ଭାସ୍କର ନ୍ୟୁଜ) : ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ସିଇଏସ୍ ଭୁବନେଶ୍ୱର ଓ ଇକୋ କ୍ଲବ ତରଫରୁ ଔଷଧୀୟ ସାମର୍ଥ୍ୟ ବୃଦ୍ଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଅନୁଷ୍ଠାନର ଅଧକ୍ଷ ଘନଶ୍ୟାମ ମାଝୀଙ୍କ ପ୍ରେରଣାରେ, ଇକୋ କ୍ଲବ ମୁଖ୍ୟ ଡକ୍ଟର ପ୍ରଦୀପ କୁମାର ମିଶ୍ରଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ, ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଡା. ସୁରେନ୍ଦ୍ରନାଥ ଦାଶ ଯୋଗଦେଇ ଔଷଧୀୟ ବନସ୍ପତିର ମହତ୍ତ୍ୱ ବିଷୟରେ କହିଥିଲେ। ମୁଖ୍ୟବକ୍ତା ଭାବେ ସ୍ୱାମୀନାଥନ ଗବେଷଣା କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡକ୍ଟର କାର୍ତ୍ତିକ ଚରଣ ଲେଙ୍କା ଯୋଗଦେଇ ଔଷଧୀୟ ବୃକ୍ଷଲତା ଚିହ୍ନି ବୃକ୍ଷର କୌଶଳ ଓ ଉପକାରୀତା ବିଷୟରେ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ସଭାପତି କର୍ଣ୍ଣଦାସ ଗୌଡ଼, ପ୍ରଫୁଲ କୁମାର ରାଉତ, କାର୍ତ୍ତିକ ମଲ୍ଲିକ୍, ଶ୍ରୀ ଟୁବାନ ସାହୁ, ପବନ କୁମାର ବିଶ୍ୱାସ ଉପସ୍ଥିତ ଥିଲେ ।ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପୁରୁଷୋତ୍ତମ ମାଝୀ, ଦେବେନ୍ଦ୍ର କୁମାର ବାଘ, ଯୋଗଦେଇ ତାଲିମର ମହତ୍ତ୍ୱବିଷୟରେ କହିଥିଲେ। ଅତିଥିମାନେ ବଗିଚାରେ ଔଷଧୀୟ ଗଛ ଲଗାଇବା ସହ ତାର ଯତ୍ନନେବାକୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଅଭିନ୍ନ ଦାଶ, ଆଲୋକ କୁମାର ଷଣ୍ଡ, ଜିତେନ୍ଦ୍ର ସେଠି, ରମାକାନ୍ତ ମହାରଣା, ଶିକ୍ଷୟିତ୍ରୀ ସୋନାଲି ବାରିକ, ଅନିନ୍ଦିତା ରାୟ, ସଂଯୁକ୍ତା କାମଡ଼ି, ଶୈଳବାଳା ସାହୁ,ଅସ୍ମିତା ସାହୁ, ମୀନକେତନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପୁରସ୍କାର ବିତରଣ ସହ ଧନ୍ୟବାଦ ଅର୍ପଣ କରାଯାଇଥିଲା।

## ବର୍ଷାରେ ବେହାଲ ଉମରକୋଟ



ଉମରକୋଟ(ଭାସ୍କର ନ୍ୟୁଜ) : ବର୍ଷାରେ ପୁଣି ବେହାଲ ହୋଇଛି ଉମରକୋଟ ସହରର ବହୁ ଅଞ୍ଚଳ। ଗତକାଲି ରାତିରେ ମାତ୍ର ଅଳ୍ପ ସମୟ ବର୍ଷାରେ ସହରର ଅନେକ ଅଞ୍ଚଳ ଜଳାର୍ଣ୍ଣବ ହୋଇଥିବା ଦେଖିବାକୁ ମିଳିଥିଲା। ରାସ୍ତା ଉପରେ ପ୍ରାୟ ୨ ଫୁଟ ଉଚ୍ଚର ବର୍ଷାଜଳ ସହ ଡ୍ରେନ୍‌ଗୁଡିକର ଜଳ ପ୍ରବାହିତ ହୋଇଥିବା ବେଳେ ଅନେକ ଅଞ୍ଚଳରେ ନାଳପାଣି ଲୋକଙ୍କ ଘରେ ପଶିଯାଇଛି ପୂର୍ବରୁ ଡ୍ରେନ୍ ସଫା ଦିଗରେ ପୌର ପରିଷଦର ଅବହେଳା ଯୋଗୁଁ ଏପରି ହୋଇଛି। ଅଦିନିଆ ବର୍ଷାଦିନକୁ ଦୃଷ୍ଟିରେ ରଖି ଡ୍ରେନ୍ ସଫା ଓ ଜଳ ନିଷ୍କାସନ ଦିଗରେ ପଦକ୍ଷେପ ନିଆ ଯାଉନଥିବା ଫଳରେ ବେଳେ ଅନେକ ଅଞ୍ଚଳରେ ଡ୍ରେନ୍‌ର ବର୍ଷାଜଳ ନିଷ୍କାସନ ବାଧାପ୍ରାପ୍ତ ଯୋଗୁଁ ଏଭଳି କୃତ୍ରିମ ବନ୍ୟା ପରିସ୍ଥିତି ଉପୁଜିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବର୍ଷାରେ ସହରର ଗଜପତି ଛକ, ରାଇଘର ରୋଡ଼ ଭଳି କେତେକ ଅଞ୍ଚଳ ଜଳମଗ୍ନ ହୋଇଥିଲା। କିଛି ଲୋକଙ୍କ ଘରେ ନର୍ଦ୍ଦମା ମିଶା ବର୍ଷାଜଳ ଜମି ରହିଥିଲାବେଳେ ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ସାହି ଗଳିରେ ଡ୍ରେନ୍ ଅଧାରୁ ପୋତି ହୋଇଯାଇଥିବା ଓ ଏହାର ପୁନରୁଦ୍ଧାର ଦିଗରେ ପଦକ୍ଷେପ ନିଆଯାଇନାହିଁ। ଫଳରେ ବର୍ଷାଜଳ ନିଷ୍କାସନ ପ୍ରଭାବିତ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ତୁରନ୍ତ ଯଦି କିଛି ପ୍ରତିକାର ବ୍ୟବସ୍ଥା କରାନଯାଏ ଆଗାମୀ ମୌସୁମୀ ବର୍ଷା ବେଳେ ପରିସ୍ଥିତି ଆଉ ଭୟଙ୍କର ହେବାନେଇ ପ୍ରାରମ୍ଭିକ ସୂଚନା ମିଳିଛି।

## ମନମୁଖୀରେ ଚାଲିଛି ଫୁଲବାଣୀ ପୌରପରିଷଦ

କନ୍ଧମାଳ(ଭାସ୍କର ନ୍ୟୁଜ):କନ୍ଧମାଳ ଜିଲ୍ଲା ଫୁଲବାଣୀ ପୌରପରିଷଦରେ ଏମିତି ମନମୁଖୀ କାର୍ଯ୍ୟ ହେଉଛି ଯେ ଜନସାଧାରଣ ନାହିଁ ନ ଥିବା ହଇରାଣର ଶିକାର ହେଉଛନ୍ତି। କିଛି ଦିନ ହେଲାଣି ଦାୟିତ୍ୱରେ ଥିବା ସଫେଇ ସଂସ୍ଥା ଓ ଏହାକୁ ସହଯୋଗ କରୁଥିବା ଅଧିକାରୀ, କର୍ମଚାରୀମାନେ ୧୩ ଗୋଟି ଓ୍ୱାର୍ଡ ଓ ରାସ୍ତା ଗୁଡିକ ସଫା ସୁତରା, ଝାଡୁ ନକରିବା ଫଳରେ ସମସ୍ତ ରାସ୍ତା,

**ସଫା ସୁତୁରା ବନ୍ଦ**

ଅଫିସ କାର୍ଯ୍ୟାଳୟ ସମ୍ମୁଖରେ କୁଢ଼ କୁଢ଼ ଅଳିଆ ଆବର୍ଜନା ପଡି ରହିଥିବାର ଦେଖାଯାଉଛି। ଏହି କାର୍ଯ୍ୟ ପାଇଁ ପୌରପରିଷଦ ର ସୁପର ଭାଇଜର ସମସ୍ତ ଦେଖି ସଫାସୁତରା କାର୍ଯ୍ୟକୁ ଠିକ ଭାବରେ ସମ୍ପାଦନ ନ କରି ଠକୁଥିବାର ଚର୍ଚ୍ଚା ହେଉଛି। ତେଣୁ ଦୀର୍ଘ ଦିନ ହେଲାଣି ସାହି ରାସ୍ତା ଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟାଳୟ ସମ୍ମୁଖରେ କୁଢ଼ କୁଢ଼ ଆବର୍ଜନା ପଡିରହିଛି। କିନ୍ତୁ ପୌରପରିଷଦ ଅଧିକାରୀ ଜାଣି ଚୁପ ମାରି ବସି ନଦେଖିଲା ଭଳି ରହୁଛନ୍ତି।କନ୍ଧମାଳ ଜିଲ୍ଲାପାଳ,ବିଧାୟକ ଉକ୍ତ ସଫେଇ ସଂସ୍ଥା ଓ ପୌରପରିଷଦ ଅଧିକାରୀଙ୍କ ଉପରେ ଦୃଢ଼ ପଦକ୍ଷେପ ନେଲେ ଫୁଲବାଣୀ ସରସ ସୁନ୍ଦର ଓ ସଫାସୁତରା ପ୍ରତିଦିନ ଠିକ ହୋଇପାରିବ ବୋଲି ଜନସାଧାରଣ ଦାବି କରିଛନ୍ତି।

## ଉଠିଲା ଚୈତ୍ର ଦଣ୍ଡ: ଆଜିଠୁ ତେର ଭୋକ୍ତାଙ୍କ କଠୋର ନିୟମ



ବୌଦ୍ଧ(ଭାସ୍କର ନ୍ୟୁଜ) : ବୌଦ୍ଧ ଜିଲ୍ଲାରେ ପବିତ୍ର ଚୈତ୍ର ମାସରେ ଗାଁ ଗାଁ ରେ ଶୋଭା ପାଇଥାଏ ଦଣ୍ଡଯାତ୍ରା । ଶିବ ଶକ୍ତିଙ୍କ ଗ୍ରାମେ ଗ୍ରାମେ ହୋଇଥାଏ ଭ୍ରମଣ ଓ ଷୋଳ ସୁଆଙ୍ଗ ଦଣ୍ଡନାଚ, ମଣି ଡାକରେ ଶୋଭା ପାଇଥାଏ ଗାଁ ଦାଣ୍ଡ। ଚାରିଆଡ଼େ ଭକ୍ତିମୟ ପରିବେଶ। ବର୍ତ୍ତମାନ ଜିଲ୍ଲାର ବହୁ ଶୈବ ପୀଠରୁ ଦଣ୍ଡ ଉଠିଥିବା ବେଳେ ଜିଲ୍ଲାର ସର୍ବପୁରାତନ ତଥା ଶହ ଶହ ବର୍ଷର ଐତିହାସିକ ଗନ୍ଧରାଡ଼ି (ଚାରିଶମ୍ଭୁ) ପୀଠର ଶୀଧେଶ୍ୱର ମନ୍ଦିରରୁ ଦଣ୍ଡ ନୀତି ନିୟମ ଅନୁଯାୟୀ ଶୁକ୍ରବାର ରାତିରେ ଉଠିଥିବା ଜଣାପଡ଼ିଛି । ୪୦ ବର୍ଷରୁ ଅଧିକ ପୁରାତନ ଦଣ୍ଡରେ ଶହ ଶହ ମାନସିକ ଧାରୀ ଭୋକ୍ତା, ୧୩ ଭୋକ୍ତା ନିଶାର୍ଦ୍ଧରେ ମାନସିକ ବ୍ରତ କରି ମହାନଦୀ ଘାଟରେ ଦଣ୍ଡ ଜିଆଇଁଆନ୍ତି ଓ ବାବା ସିଦ୍ଧେଶ୍ୱର ଶୈବ ପୀଠରୁ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରି ବାବାଙ୍କୁ ବରଣ କରାଯାଏ ଓ ପରେ ସେଠାରୁ କାମନା ଗୁଡ଼ିକୁ ଆଣିଥିଲେ। ଚଳିତ ବର୍ଷ ଚାରିଶମ୍ଭୁ ଦଣ୍ଡ ଉଠିଥିବା ବେଳେ ଏହି ଦଣ୍ଡ ପୁଣି ପଣା ସଂକ୍ରାନ୍ତି ବା ବିଷୁବ ସଂକ୍ରାନ୍ତି ଦିନ ଉଦ୍‌ଯାପିତ ହେବା ନେଇ ଦଣ୍ଡର ପାଟଭୋକ୍ତା ସୂଚନା ଦେଇଛନ୍ତି। ଚତୁର୍ଭୁଜ ଖମାରୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସୁବାଷ ଖମାରି, ଫାଲଗୁନି ଗୁରୁ, ଅବିନାଶ ଖମାରି ପ୍ରମୁଖ ତେର ଭୋକ୍ତା ଭାବେ ଉପାସନା ଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଚଣ୍ଡିତଲ, ଚଣ୍ଡିଗଡ, ଦାମୋଦରପୁର, ଗୋଛାପଡା, କୃଷ୍ଣପାଲି, ଖଲିଆପାଲି, ଗମ୍ଭାରୀ ପଦର, ବଢ଼ିଗାଁ, ପଲାଶ, ବନ୍ଧାପଥର, ଆଦି ଗ୍ରାମ ଗୁଡ଼ିକରେ ଦଣ୍ଡ ଉଠିଥିବା ଜଣାପଡ଼ିଛି।

## ବାପା ନିଖୋଜକୁ ମାସେ ପୁରିଲା...
## ଖୋଜି ଆଣିବାକୁ ପୋଲିସକୁ ଝିଅର ଗୁହାରି

ସଇଁତଲା(ଭାସ୍କର ନ୍ୟୁଜ୍): ବଲାଙ୍ଗିର ଜିଲ୍ଲା ସଇଁତଲା ଥାନା ବେଲଗାଁର ବାବୁଲାଲ ତିୱାରୀ ଦୀର୍ଘ ଏକ ମାସ ହେବ ନିଖୋଜ ରହିଛନ୍ତି । ଏନେଇ ବେଲଗାଁ ଫାଣ୍ଡିରେ ଅଭିଯୋଗ ହୋଇଥିବାବେଳେ ନିଖୋଜ ବାପାଙ୍କୁ ଖୋଜିଆଣିବାକୁ ଝିଅ ପୁଣି ଫାଣ୍ଡି ପୋଲିସ ପାଖରେ ନିବେଦନ କରିଛନ୍ତି । ସୂଚନାଯୋଗ୍ୟ ଯେ, ଗତ ଡ଼ିସେମ୍ବର ମାସ ରାତିରେ ଖାଇ ସାରିବା ପରେ ପରିବାରବର୍ଗ ସମସ୍ତେ ଶୋଇବାକୁ ଯାଇଥିଲେ। ହେଲେ ଭୋରରୁ ଦେଖିବା ବେଳକୁ ବାବୁଲାଲ ନଥିବା ବେଳେ ପରିବାର ଲୋକେ ଖୋଜାଖୋଜି କରିବା ପରେ ମଧ ପାଇନଥିଲେ । ଶେଷରେ ତାଙ୍କ ଝିଅ ସ୍ନେହା ତିୱାରୀ ବେଲଗାଁ ଫାଣ୍ଡିରେ ଅଭିଯୋଗ କରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ କୌଣସି ଖୋଜଖବର ମିଳିନାହିଁ । ତେଣୁ ଝିଅ ସ୍ନେହା ତାଙ୍କ ବାପାଙ୍କୁ ଖୋଜିଆଣିବା ପାଇଁ ପୋଲିସକୁ ନିବେଦନ କରିଛନ୍ତି । ଏନେଇ ବେଲଗାଁ ଫାଣ୍ଡି ଏଏସ୍‌ଆଇ ଜୀବର୍ଦ୍ଧନ ମେହେରଙ୍କୁ ପଚାରିବାରୁ ଏଯାଁଏ ଜଣାପଡି ନାହିଁ । ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଜାରି ରହିଥିବା କହିଥିଲେ ।

## ଦୁଇ ରାଜ୍ୟର ପ୍ରଭାରୀ ହେଲେ ହାରାବତୀ



ଉମରକୋଟ(ଭାସ୍କର ନ୍ୟୁଜ୍): ଭାରତୀୟ ଜାତୀୟ କଂଗ୍ରେସ ତରଫରୁ ଦେଶର ବିଭନ୍ନ ପ୍ରଦେଶ ଗୁଡିକରେ ପ୍ରଭାରୀ ଦାୟିତ୍ୱ ଦିଆଯାଇଛି। ଏହି ପ୍ରଭାରୀ ଦାୟିତ୍ୱ ବଣ୍ଟନ ସମୟରେ ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଏକମ୍ବା ଗ୍ରାମର କଂଗ୍ରେସ ବିଧାୟକ ପ୍ରାର୍ଥୀନୀ ହାରାବତୀ ଗଣ୍ଡଙ୍କୁ ଦାୟିତ୍ୱ ଦିଆଯାଇଛି। ଆଜିଠାରୁ ହାରାବତୀ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ଏହି ଦୁଇଟି ରାଜ୍ୟର ସହପ୍ରଭାରୀ ଦାୟିତ୍ୱ ତୁଲାଇବେ। ଏହି ଖବର ପତ୍ର ମାଧ୍ୟମରେ ଜିଲ୍ଲା କଂଗ୍ରେସ କମିଟିକୁ ରାଜ୍ୟ କଂଗ୍ରେସ କମିଟି ପ୍ରଦାନ କରିଛନ୍ତି। ଏହି ଖବର ଶୁଣି ହାରାବତୀ ଗଣ୍ଡଙ୍କୁ ସବୁ ଦିଗରୁ ଶୁଭେଚ୍ଛାର ସୁଅ ଛୁଟୁଛି।

## ବିଶ୍ୱ ବନ ଦିବସ ପାଳିତ





ମାଲକାନଗିରି (ଭାସ୍କର ନ୍ୟୁଜ୍): ସତୀଗୁଡା ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ ସଭା ଗୃହରେ ଖଣ୍ଡୀୟ ବନାଧିକାରୀ ପ୍ରତାପ କତାପାଲିଙ୍କ ଅଧକ୍ଷତାରେ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ପୁଷ୍ଟିକର ଖାଦ୍ୟ ଜଙ୍ଗଲରୁ ହିଁ ଉତ୍ପତ୍ତି ବୋଲି ବିଶ୍ୱ ବନ ଦିବସରେ ବିଭିନ୍ନ ଅତିଥିଙ୍କ ବକ୍ତବ୍ୟ ରଖିଛନ୍ତି। ମାନବ ସମାଜ ବଂଚିବା ପାଇଁ ବ୍ୟବହାର କରୁଥିବା ପ୍ରତ୍ୟେକ ଖାଦ୍ୟ ପଦାର୍ଥ ଜଙ୍ଗଲରୁ ହିଁ ଉତ୍ପାଦନ ହୁଏ। ତେଣୁ ଜଙ୍ଗଲ ସୁରକ୍ଷା ସମସ୍ତ ଜନ ସମାଜର ମୁଖ୍ୟ କର୍ତ୍ତବ୍ୟ। ପୂର୍ବକାଳର ଲୋକମାନେ ଜଙ୍ଗଲ ଜାତ ଦ୍ରବ୍ୟ ଖାଇବା ସହ ଜଙ୍ଗଲ, ପାହାଡ ପର୍ବତରୁ ଆସୁଥିବା ଜଳକୁ ସଂରକ୍ଷଣ କରି ତାହା ବ୍ୟବହାର ସହ ଚାଷ କାର୍ଯ୍ୟରେ ଲଗାଇବା ଓ ଉର୍ବର ମୃତ୍ତିକା ଥିବା ଯୋଗୁଁ ବର୍ତ୍ତମାନ ସେହି ପୂର୍ବ କାଳର ଲୋକମାନେ ୧୦୦ ବର୍ଷ ପର୍ଯ୍ୟନ୍ତ ସୁସ୍ଥ ସବଳ ଭାବେ ବଞ୍ଚିରହିଛନ୍ତି। ସୁସ୍ଥ ପରିବେଶ, ସୁସ୍ଥ ଜଳବାୟୁ ଜଙ୍ଗଲ ଦ୍ୱାରା ସୃଷ୍ଟି ହେଉଥିବାରୁ ଚାଷୀମାନେ ଉନ୍ନତମାନର ଚାଷ ପାରମ୍ପରିକ ବିହନ, ପାରମ୍ପରିକ ଖତ ବ୍ୟବହାର କରିଥାନ୍ତି। କିନ୍ତୁ ବର୍ତ୍ତମାନ ବିଭିନ୍ନ କଳକାରଖାନା, ରାସ୍ତା ନିର୍ମାଣ, ବିଦ୍ୟୁତ୍ ଲାଇନ, ବୃହତ ଜଳଭଣ୍ଡାର, କୋଠାଘର ନିର୍ମାଣ, ଏବଂ ଜନସଂଖ୍ୟା ବୃଦ୍ଧି ଯୋଗୁଁ ନୂତନ ସ୍ଥାପନ ପାଇଁ ଜଙ୍ଗଲ ନଷ୍ଟ ଇତ୍ୟାଦି ଦ୍ୱାରା ଜଙ୍ଗଲ ଆସ୍ତେ ଆସ୍ତେ କ୍ଷୟ ହେବାରେ ଲାଗିଛି। ଅନ୍ୟପକ୍ଷରେ ଜଙ୍ଗଲରେ ନିଆଁ ଲଗାଇବା, ଅବାଧରେ ବନ୍ୟଜନ୍ତୁ ଶିକାର କରିବା ଦ୍ୱାରା ଆଜି ପ୍ରାକୃତିକ ଜଙ୍ଗଲ ପୂର୍ବାବସ୍ଥା ନାହିଁ, ଏଥିସହ ନିୟମିତ ଋତୁ, ନିୟମିତ ବୃଷ୍ଟିରେ ଅନିୟମିତତା ଦେଖା ଦେଇଛି। ତେଣୁ ଆଜିର ଦିବସରେ ଜଙ୍ଗଲ ସୁରକ୍ଷା କରିବା, ଜଙ୍ଗଲରେ ନିଆଁ ନଲଗାଇବା, ବୃକ୍ଷରୋପଣ କରିବା, ଜଙ୍ଗଲ ବୃଦ୍ଧି କରିବା ନିମନ୍ତେ ସମସ୍ତେ ଶପଥ ପାଠ କରିବା ଉଚିତ ବୋଲି ବିଶ୍ୱ ବନ ଦିବସ ଉପଲକ୍ଷେ ଖଣ୍ଡୀୟ ବନାଧିକାରୀ ପ୍ରତାପ କତାପାଲୀ ପ୍ରକାଶ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ବନ ସଂରକ୍ଷକ ସୁଶ୍ରୀ ପ୍ରିୟଙ୍କା ମହୁକା, ବରିଷ୍ଠ ସାମ୍ବାଦିକ ଦେବପ୍ରସାଦ ଦାସ, ସବୁଜ ବାହିନୀ ପ୍ରଶିକ୍ଷକ ଦୁର୍ଯ୍ୟୋଧନ ପାତ୍ର ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ଜିଲ୍ଲାରେ ଶେରପାଲ୍ଲୀ ଉଚ୍ଚ ବିଦ୍ୟାଳୟ ଜଙ୍ଗଲ ସୁରକ୍ଷା , ବୃକ୍ଷରୋପଣ ଓ ଜଙ୍ଗଲ ସମ୍ବନ୍ଧୀୟ ସଚେତନ ସୃଷ୍ଟି କରିଥିବାରୁ ଜିଲ୍ଲାର ଶ୍ରେଷ୍ଠ ବିଦ୍ୟାଳୟ ଭାବେ ରାଜ୍ୟ ସରକାରଙ୍କ ତରଫରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନନିଗୋପାଳ ଦାସଙ୍କୁ ୧୦ ହଜାର ଟଙ୍କାର ଚେକ, ମାନପତ୍ର ଏବଂ ଉତ୍ତରୀୟ ଦେଇ ସମ୍ମାନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବନ ସଂରକ୍ଷଣ ସମିତି ସଭାପତି, ବିଦ୍ୟାଳୟର ଛାତ୍ରୀମାନେ ଉପସ୍ଥିତ ଥିଲେ। ସମସ୍ତ ବନାଞ୍ଚଳ ଅଧିକାରୀମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବେଳେ ଏହି କାର୍ଯ୍ୟକ୍ରମକୁ ମାଲକାନଗିରି ବନାଞ୍ଚଳ ଅଧିକାରୀ ରମେଶ ଚନ୍ଦ୍ର ରାଉତ ପରିଚାଳନା କରିଥିଲେ।

## ଶିଶୁବାଟିକାରେ ନାମଲେଖା ପାଇଁ ଜିଲ୍ଲାପାଳଙ୍କ ନିମନ୍ତ୍ରଣପତ୍ର ବଣ୍ଟନ



ମାଲକାନଗିରି (ଭାସ୍କର ନ୍ୟୁଜ୍): ଜାତୀୟ ଶିକ୍ଷା ନୀତି -୨୦୨୦ ଅନୁଯାୟୀ ରାଜ୍ୟରେ ପ୍ରଥମ ଥର ପାଇଁ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ଆରମ୍ଭ ହେବାକୁ ଯାଉଛି । ଆସନ୍ତା ଏପ୍ରିଲ ୨ ତାରିଖରେ ବିଦ୍ୟାଳୟ ସ୍ତରରେ ପ୍ରବେଶ ଉତ୍ସବ ଓ ଖଡିଛୁଆଁ ଉତ୍ସବ ଅନୁଷ୍ଠିତ ହେବ । ଏହି ସହ ଶିଶୁବାଟିକାର ମଧ ଶୁଭାରମ୍ଭ କରାଯିବ । ତେଣୁ ଶିଶୁବାଟିକା ଓ ପ୍ରଥମ ଶ୍ରେଣୀରେ ନାମ ଲେଖାଇବାକୁ ଥିବା ଯୋଗ୍ୟ ବିବେଚିତ ପିଲାଙ୍କ ପରିବାରକୁ ଜିଲ୍ଲାପ୍ରଶାସନ ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କ ସ୍ୱାକ୍ଷରିତ ନିମନ୍ତ୍ରଣ ପତ୍ରବଣ୍ଟନ ର ଶୁଭାରମ୍ଭ କରାଗଲା । ଏହି କାର୍ଯ୍ୟକ୍ରମରେ ଆଶିଷ ଈଶ୍ୱର ପାଟି ?, ଜିଲ୍ଲାପାଳ, ମାଲକାନଗିରି ଓ ଉମା ପ୍ରସାଦ ଦାସ, ଜିଲ୍ଲା ଶିକ୍ଷା ଅଧ ?କାରୀ ତ ?ଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ ସମଗ୍ର ଶିକ୍ଷା, ମାଲକାନଗିରି, ଗୌରାଙ୍ଗ ସଜ୍ଜନ , ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ମାଲକାନଗିରିଙ୍କ ଦ୍ୱାରା ସ୍ଥାନୀୟ ବୁଟିଗୁଡ଼ା ଠାରେ ଛାତ୍ରଛାତ୍ରୀମାନଙ୍କ ପିତାମାତାଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରଦତ୍ତ ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ । ଆସନ୍ତା ୨୮ ତାରିଖ ସୁଦ୍ଧା ସମସ୍ତ ଯୋଗ୍ୟ ବିବେଚିତ ପିଲାଙ୍କ ପରିବାର ନିକଟରେ ପହଞ୍ଚିବାକୁ ଜିଲ୍ଲା ପ୍ରଶାସନ ତରଫରୁ ବ୍ଲକ ଶିକ୍ଷା ଅଧିକାରୀ ଓ ପ୍ରଧାନଶିକ୍ଷକ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସମଗ୍ର ଶିକ୍ଷା, ମାଲକାନଗିରିର ଶୈକ୍ଷିକ ସଂଯୋଜକ ଶେଷ ଶଙ୍କର ମହାଳିକ, ଶୈକ୍ଷିକ ପରାମର୍ଶଦାତା ସୀତାରାମ ଗୌଡ, ସରୋଜ କୁମାର ସାମନ୍ତରାୟ ସହକାରୀ ଯନ୍ତ୍ରୀ, ସତ୍ୟବ୍ରତ ମିଶ୍ର ପ୍ରୋଗ୍ରାମର, ବୁଟିଗୁଡା ସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୂର୍ଣ୍ଣଚନ୍ଦ୍ର ଖଣ୍ଡପାଣି, ଆଞ୍ଚଳିକ ସାଧାନ କେନ୍ଦ୍ର ସଂଯୋଜକ, ମାଲକାନଗିରି ପୌରପାଳିକା ଏବଂ ସଭାପତି, ବିଦ୍ୟାଳୟ ପରିଚାଳନା କମିଟି, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବୁଡିଗୁଡା ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ସହ ?ଯୋଗ କରିଥିଲେ ।

## ମା'ଇଙ୍ଗଲା ଦେବୀଙ୍କ ଧୋଡ୍ରା ମଣ୍ଡେଇ ଆରମ୍ଭ



ଉମରକୋଟ(ଭାସ୍କର ନ୍ୟୁଜ୍): ଆରମ୍ଭ ହୋଇଯାଇଛି ଧୋଡ୍ରା ମଣ୍ଡେଇ। ନବରଙ୍ଗପୁର ଜିଲ୍ଲା ଝରୀଗାଁ ବ୍ଲକ ଅନ୍ତର୍ଗତ ଉମରକୋଟ ଥାନା ଅଧୀନରେ ଥିବା ଧୋଡ୍ରା ଠାରେ ବହୁ ପୁରାତନ ମା' ଇଙ୍ଗଲା ଦେବୀଙ୍କ ମଣ୍ଡେଇ ପ୍ରତିବର୍ଷ ହୋଲିର ଠିକ ଏକ ସପ୍ତାହ ପରେ ଆରମ୍ଭ ହୁଏ ମଣ୍ଡେଇ ଯାତ୍ରା ।ବହୁ ପୁରାତନ କାଳରୁ ଚାଲି ଆସିଛି ଏହି ମଣ୍ଡେଇ। ରାଜା ମହାରାଜାଙ୍କ ଅମଳରୁ ଚାଲିଛି ଏହି ମଣ୍ଡେଇ। ତିନି ଦିନ ଧରି ଚାଲିଥାଏ ଏହି ମଣ୍ଡେଇ ।ଉକ୍ତ ମଣ୍ଡେଇରେ ଅଞ୍ଚଳର ଅନେକ ଗ୍ରାମରୁ ଲାଠି, ପାଲକି, ସିରା ଆସି ପୂଜା କରିଥାନ୍ତ। ଶନିବାର ଠାରୁ ଆରମ୍ଭ ହୋଇ ସୋମବାର ଦିନ ବଉଳାଣି ଯାତ୍ରା ଅର୍ଥାତ ମା'ଙ୍କୁ ପାଛୋଟି ନିଅନ୍ତି ଉକ୍ତ ଦିନରେ। ଏହି ମଣ୍ଡେଇ କୁ ଉପଭୋଗ କରିବା ପାଇଁ ବହୁ ଦୂର ଦୂରାନ୍ତରରୁ ଶ୍ରଦ୍ଧାଳୁ, ଦର୍ଶକ ଆସିଥାନ୍ତି। ଲୋକଙ୍କ ମନୋରଞ୍ଜନ ନିମନ୍ତେ ବିଭିନ୍ନ ପ୍ରକାର ଦୋକାନ ବଜାର, ଖେଳନା ଦୋକାନ, ମିନାବଜାର ବସିଥାଏ। ଏହି ମଣ୍ଡେଇକୁ କମିଟି ସଭାପତି ମହେନ୍ଦ୍ର ଭତ୍ରା, ଉପସଭାପତି ଅରୁଣ ପନକା, ସମ୍ପାଦକ ରାକେଶ ଜେନା , କୋଷାଧ୍ୟକ୍ଷ ସୁରେନ୍ଦ୍ର ପନକା, ଉପଦେଷ୍ଟା କେଦାରସ୍ୱର, ବାବୁଲା ସୁନାନୀ, ମାଧବ ପୂଜାରୀ, ମହେଶ୍ୱର ହରିଜନ, ହେମନ୍ତ ପଲେଇ,ଭଗବାନ ପୂଜାରୀ, ଶୁକ୍ର ପୂଜାରୀ, ମାଧବ ପୂଜାରୀ, ଦେବସିଂ ପୂଜାରୀ, ସମାରୁ ପୂଜାରୀ, ଭାଦୁ ସିରା, ଲାଇବନ ସିରା ଏବଂ ସଦସ୍ୟଙ୍କ ସହଯୋଗରେ ସଫଳ କରିଥାନ୍ତି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଲହୁଣୀପଡ଼ା (ଭାସ୍କର ନ୍ୟୁଜ) : ଲହୁଣିପଡା ବ୍ଲକ ଖୁଟୁଗାଁ ପଞ୍ଚାୟତ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଲହୁଣିପଡା ବ୍ଲକ ବିଡ଼ିଓ ଅନୁରାଗ ମିଶ୍ର, ଖୁଟୁଗାଁ ସରପଞ୍ଚ ସୁମିତ୍ରା ଚାରଦିଆ ଏସଏସଓ ଅଜୟ କୁମାର ସାହୁ, ସିଡିପିଓ ପୁଷ୍ପାଲତା ନାୟକ, ବିଏସଏସ ଓ ଜାହ୍ନବୀ ମାହାନ୍ତ, ଏପିଓ ବିଷ୍ଣୁ ମୋହନ ନାୟକ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଶାରୀରିକ ଅକ୍ଷମ, ମୂକ ଓ ବଧିର,ଦୃଷ୍ଟି ହୀନତା,ମାନସିକ ଅନଗ୍ରସର,ବିଭାଗ ରେ ମୋଟ ୨୫୧ ଜଣ ନାମ ପଞ୍ଜିକୃତ ହୋଇଥିବା ବେଳେ ୨୪୫



ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ସହ ମୂଲ୍ୟାଙ୍କନ ହୋଇଥିଲା ଏବଂ ୬ ଜଣଙ୍କୁ ରାଉରକେଲା ଆରଜିଏଚକୁ ପରୀକ୍ଷା ପାଇଁ ରେଫର କରାଯାଇଛି। ଡଃ ଏସ କେ ନାୟକ, ଡଃ ସମିର ପାତ୍ର,ଡଃ ଏମ କେ ପାଣିଗ୍ରାହୀ, ଡଃ ଦୁଖୀଆ ମୁର୍ମୁ ପ୍ରମୁଖ ସହଯୋଗୀଙ୍କ ସହିତ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ସମ୍ପୃକ୍ତ ବିଭାଗକୁ ପରାମର୍ଶ ଦେଇଥିବା ଜଣାପଡିଛି। ବିଏସଏସଓ ଜାହ୍ନବୀ ମାହାନ୍ତ, ତତ୍ତ୍ୱାବଧାନରେ ବ୍ଲକ ଆଇସିଡିଏସ, ମିଶନ ଶକ୍ତି,ବିଇଓ ସମ୍ପୃକ୍ତ ବିଭାଗ ସହ ରଜିତ ସାହୁ, ଶ୍ରୀକାନ୍ତ ସାହୁ ଦେବରାଜ ମାହାନ୍ତ, ରାଜକିଶୋର କିଷାନ,ପିଇଓ ଏଡି ଇଓଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବୋଲି ଜଣାପଡ଼ିଛି।

## ସ୍ୱର୍ଗତଃ ସମରା ଓରାମଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ



ଲହୁଣୀପଡା(ଭାସ୍କର ନ୍ୟୁଜ): କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ୬୪ ତମ ଜନ୍ମ ଦିନ ଅବସରରେ ତାଙ୍କ ପୈତୃକ ଗ୍ରାମ କେନ୍ଦୁଡିହି ସ୍ଥିତ ସମରା ଓରାମ ଚେରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଓରାମ ଙ୍କ ଅଜା ସ୍ୱର୍ଗତଃ ସମରା ଓରାମଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇ ଯାଇଛି। ପ୍ରତିମୂର୍ତ୍ତି ଅନାବରଣ କାର୍ଯ୍ୟକ୍ରମ ରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଓରାମ ଯୋଗଦେଇ ଚଳିତ ବର୍ଷ ତାଙ୍କ ଜନ୍ମଦିନ ଅତ୍ୟନ୍ତ ନିରାଡମ୍ବର ଭାବେ ପାଳିତ ହେଉଥିବା କହିଥିଲେ। କାରଣ କିଛି ଦିନ ପୂର୍ବରୁ ତାଙ୍କ ସହଧର୍ମିଣି ଝିଙ୍ଗିଆ ଓରାମ ଙ୍କ ପରଲୋକ ହୋଇଥିବାରୁ ମନ୍ତ୍ରୀ ଜନ ସମାବେଶକୁ ସମ୍ବୋଧନ ସମୟରେ ତାଙ୍କ ଧର୍ମପତ୍ନୀ ଙ୍କ ସ୍ମୃତିଚାରଣ କରି ଭାବ ବିହ୍ୱଳ ହୋଇ ଯାଇଥିଲେ। ଏହି ଅବସର ରେ ମନ୍ତ୍ରୀ ସମରା ଓରାମ ଏଜୁକେସନ ଟ୍ରଷ୍ଟକୁ ସମାଜର ହାତ ପାଇଁ ଉତ୍ସର୍ଗ କରିଥିଲେ। ଜନସଭା ପୂର୍ବରୁ କେନ୍ଦ୍ରମନ୍ତ୍ରୀ ବଣାଇର ଆରାଧ ବାବା ବାଣେଶ୍ୱରଙ୍କ ଦର୍ଶନ କରିବା ସହ ଲୋକଙ୍କୁ ଛତା ବଣ୍ଟନ କରିଥିଲେ। ଏହାପରେ ଯୁବ ମୋର୍ଚ୍ଚା ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରରେ ଯୋଗଦେଇ ବଣାଇଁ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ବଣାଇଁ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଙ୍କ ସହ ବଣାଇଁ ରାଜା ସାହେବ ବୀର କେଶରୀ ଇନ୍ଦ୍ର ଦେଓ ଦେବ ଉପସ୍ଥିତ ଥିବା ବେଳେ କେନ୍ଦୁଡ଼ିହି ଠାରେ ଆୟୋଜିତ ପ୍ରତିମୂର୍ତ୍ତି ଅନାବରଣ ସମାବେଶରେ ମନ୍ତ୍ରୀ ଙ୍କ ସହ ତଳସରା ବିଧାୟକ ତଥା ଓଡିଶା ବିଧାନ ସଭାର ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ, ବଣାଇଁ ରାଜ କୁମାର ପି. ଭ୍ରିଗରାଜ ଦେଓ,ଶିଳ୍ପପତି ପଦ୍ମିନୀ ପାଣିଗ୍ରାହୀ, ବିଜେପି ରାଜ୍ୟ ଉପ ସଭାପତି ସୁକେଶୀ ଓରାମ, ଲହୁଣୀ ପଡା ମଣ୍ଡଳ ସଭାପତି ପୂର୍ଣ୍ଣ ଚନ୍ଦ୍ର ଓରାମ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ର ଅନାଦି ମାହାନ୍ତ ଓରାମ ସମାଜ ବୁଢ଼ୀପାଲି ଡ଼ାଳି ପାଢ଼ା ର ବେଲ୍ ଧୁନ୍ଦୁରୁ ଓରାମ, ଦେୱାନ୍ ମାଦୀ ଓରାମ, ଓରାମ ସମାଜର ପଦାଧିକାରୀ ବଲୁ ଓରାମ, ଏତୁଆ ଓରାମ, ରାମ ଓରାମ, ଲୁଥାର୍ ଓରାମ, ଦମୟନ୍ତୀ ଓରାମ, ପାତ୍ରାସ ଏକ୍କା, ରଞ୍ଜନ ଓରାମ ବୁଦ୍ଧୁରାମ ଓରାମ, ଶାନ୍ତି ଓରାମ ପ୍ରମୁଖ ଓ ଓରାମ ସମାଜର ଭାଇ ଭଉଣୀ ତଥା ଭାରତୀୟ ଜନତା ପାର୍ଟିର ନେତୃମଣ୍ଡଳୀ, କାର୍ଯ୍ୟକର୍ତ୍ତା ତଥା କେନ୍ଦ୍ର ମନ୍ତ୍ରୀ ଙ୍କ ପରିବାର ର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଆୟୋଜନ ଗୁରୁଚରଣ ଓରାମ ଓ ମନୋଜ ଓରାମ ଙ୍କ ତତ୍ତ୍ୱାବଧାନ ରେ ଅନୁଷ୍ଠିତ ହୋଇ ଥିଲା।

## ବୁଥ୍‌ସ୍ତରୀୟ ସମସ୍ୟାର ସମାଧାନ ପାଇଁ ସର୍ବଦଳୀୟ ବୈଠକ

ମାଲକାନଗିରି(ଭାସ୍କର ନ୍ୟୁଜ): ଦେଶବ୍ୟାପୀ ୪,୧୨୩ ଜଣ ନିର୍ବାଚନ ରେଜିଷ୍ଟ୍ରେସନ ଅଧିକାରୀ ସେମାନଙ୍କ ନିଜ ନିଜ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଯେକୌଣସି ବିଚାରାଧୀନ ପୋଲିଂ ବୁଥ୍ ସ୍ତରୀୟ ସମସ୍ୟାର ସମାଧାନ ପାଇଁ ସର୍ବଦଳୀୟ ବୈଠକ କରୁଛନ୍ତି। ସେହିପରି, ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶ ସ୍ତରରେ ସମସ୍ତ ୨୮ ରାଜ୍ୟ ଏବଂ ୮ କେନ୍ଦ୍ରଶାସିତ ପ୍ରଦେଶର ସମସ୍ତ ୭୮୮ ଜଣ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ୩୬ ଜଣ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଜନପ୍ରତିନିଧି ଆଇନ ୧୯୫୦ ଏବଂ ୧୯୫୧, ନିର୍ବାଚନ ପଞ୍ଜୀକରଣ ନିୟମ ୧୯୬୦, ନିର୍ବାଚନ ଆଚରଣ ନିୟମ ୧୯୬୧ ଏବଂ ସମୟ ସମୟରେ ଭାରତୀୟ ନିର୍ବାଚନ କମିଶନ ଦ୍ୱାରା ଜାରି ନିର୍ବାଚନ ପୁସ୍ତିକା, ମାର୍ଗଦର୍ଶିକା ଏବଂ ନିର୍ଦ୍ଦେଶାବଳୀର ଆଇନଗତ ଢାଞ୍ଚା ମଧ୍ୟରେ ଯଥାକ୍ରମେ ଜିଲ୍ଲା ଏବଂ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶ ସ୍ତରରେ ଯେକୌଣସି ପଡ଼ିରହିଥିବା ସମସ୍ୟାର ସମାଧାନ ପାଇଁ ଏପରି ବୈଠକ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ବୈଠକଗୁଡ଼ିକ ଜାତୀୟ/ରାଜ୍ୟସ୍ତରୀୟ ରାଜନୈତିକ ଦଳଗୁଡ଼ିକର ସକ୍ରିୟ ଅଂଶଗ୍ରହଣ କରିଛନ୍ତି। ସମଗ୍ର ଦେଶରେ ପ୍ରତ୍ୟେକ ବିଧାନସଭା ନିର୍ବାଚନମଣ୍ଡଳୀ, ଜିଲ୍ଲା ଏବଂ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳରେ ଏପରି ସମସ୍ତ ବୈଠକ ୩୧ ମାର୍ଚ୍ଚ, ୨୦୨୫ ସୁଦ୍ଧା ସମାପ୍ତ କରିବାକୁ ପଡ଼ିବ । ଏହା ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ନେତୃତ୍ୱରେ ନିର୍ବାଚନ କମିଶନର ଡ. ସୁଖବୀର ସିଂ ସାନ୍ଧୁ ଓ ଡ ବିବେକ ଯୋଶୀଙ୍କ ଉପସ୍ଥିତିରେ ୪ ମାର୍ଚ୍ଚ, ୨୦୨୫ରେ ନୂଆଦିଲ୍ଲୀର ଇଣ୍ଡେମ୍ ଠାରେ ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶର ମୁଖ୍ୟ ନିର୍ବାଚନ ଅଧିକାରୀ ଏବଂ ପ୍ରତ୍ୟେକ ରାଜ୍ୟରୁ ଜଣେ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ନିର୍ବାଚନ ରେଜିଷ୍ଟ୍ରେସନ ଅଧିକାରୀଙ୍କ ସମ୍ମିଳନୀରେ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ସ୍ଥିରୀକୃତ ହୋଇଥିଲା ।

## ଗରିବ ଯୁବକଙ୍କ ଚିକିତ୍ସା ପାଇଁ ସହାୟତାର ହାତ ବଢାଇଲେ ବିଧାୟକ



ମାଲକାନଗିରି (ଭାସ୍କର ନ୍ୟୁଜ) : ମାଲକାନଗିରିର ଅସୁସ୍ଥ ଯୁବକ ଭୁବନେଶ୍ୱର ସମ୍ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ରହିଥିବା ବେଳେ ତାଙ୍କୁ ସହାୟତାର ହାତ ବଢାଇବା ପାଇଁ ଆଗକୁ ଆସିଛନ୍ତି ମାଲକାନଗିରି ଓ ଚିତ୍ରକୋଣ୍ଡା ବିଧାୟକ। ସୂଚନା ଅନୁଯାୟୀ ହୋଲି ଦିନ ମାଲକାନଗିରି ସଦର ଆଶୀର୍ବାଦ କଲୋନୀର ଯୁବକ ଚିତ୍ରସେନ ପଲେଇ କେନାଲକୁ ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ଖସି ଗୁରୁତର ହୋଇଥିଲେ। ତୁରନ୍ତ ସେଠାରେ ଉପସ୍ଥିତ ଥିବା କିଛି ସାମ୍ବାଦିକ ଓ ଯୁବକମାନେ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇ ଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ସମ ହସ୍ପିଟାଲକୁ ପଠା ଯାଇଥିଲା। ତେବେ ସେଠାରେ ଚିତ୍ରଙ୍କ ଚିକିତ୍ସା ଜାରି ରହିଥିବା ବେଳେ 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା' ମାଧ୍ୟମରେ ତାଙ୍କର ସଫଳ ଅସ୍ତ୍ରପୋଚାର ହୋଇଛି। ହେଲେ ଚିତ୍ରଙ୍କୁ ଆହୁରି କିଛିଦିନ ସେଠାରେ ଚିକିତ୍ସା ହେବାକୁ ଡାକ୍ତର ପରାମର୍ଶ ଦେଇଥିବା ବେଳେ ତାଙ୍କ ନିକଟରେ ଅର୍ଥ ଅଭାବ ଥିବାରୁ ପରିବାର ଲୋକେ ଚିନ୍ତିତ ହୋଇପଡିଥିଲେ। ଏପରି ସମୟରେ ଖବର ପାଇ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ପ୍ରମୁଖ ତାଙ୍କ ନିକଟରେ ପହଂଚି ସହାୟତା ପାଇଁ ଆଶ୍ୱାସନ ଦେଇଛନ୍ତି। ଏହା ସହ ଶ୍ରୀ ମାଡକାମୀ ଚିତ୍ରସେନଙ୍କୁ ସହୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହ ଭେଟି ସିଏମ ରିଲିଫ ପାଣ୍ଠିରୁ ସାହାଯ୍ୟ ଯୋଗାଇବାକୁ ଆଲୋଚନା କରିଛନ୍ତି। ସୂଚନା ଥାଉକି ଚିତ୍ର ଜଣେ ଚାହା ଦୋକାନୀ ହୋଇଥିବା ବେଳେ ସ୍ୱଳ୍ପ ରୋଜଗାର ମଧ୍ୟରେ ସେ ନିଜର ପରିବାର ଚଳାଉ ଥିଲେ। ଏହି ଦୁର୍ଘଟଣା ତାଙ୍କ ପାଇଁ ଅନେକ ସମସ୍ୟା ଆଣି ଦେଇଥିବା ବେଳେ ତାଙ୍କୁ ଜିଲ୍ଲାର ବିଭିନ୍ନ ସଙ୍ଗଠନ ପକ୍ଷରୁ ସହାୟତାର ହାତ ବଢାଇବାକୁ ଆଗକୁ ଆସିଥିବା ଜଣାପଡ଼ିଛି।

## ଦୁର୍ଘଟଣାରେ ଭାଇ-ଭଉଣୀ ଆହତ



ମାଲକାନଗିରି(ଭାସ୍କର ନ୍ୟୁଜ) : ଟିପର ସହିତ ବାଇକ ଧକ୍କା ହୋଇ ଦୁର୍ଘଟଣାରେ ଭାଇ ଭଉଣୀ ଆହତ । ଦୁର୍ଘଟଣା ଘଟାଇଥିବା ଗାଡି ଚାଳକ ଥାନାରେ ଆତ୍ମ ସମର୍ପଣ କରିଛି। ସୂଚନା ଅନୁଯାୟୀ ମାଲକାନଗିରି ଜୟପୁର ୩୨୬ନମ୍ବର ଜାତୀୟ ରାଜପଥ ମାଲକାନଗିରି ସିନ୍ଧ୍ରିମାଳ ପଂଚାୟତ ବନ୍ଧଗୁଡା ବୁଲାଣି ନିକଟରେ ଏକ ଟିପରକୁ ବିପରୀତ ଦିଗରୁ ଆସୁଥିବା ଏକ ବାଇକ ମୁହାଁମୁହିଁ ଧକ୍କା ହୋଇ ଦୁର୍ଘଟଣା ଘଟିଥିଲା। ତେବେ ଏହି ଦୁର୍ଘଟଣାରେ ବାଇକ ଚଳାଉଥିବା ଉଡୁପା ଗ୍ରାମର ଜଗନ୍ନାଥ କବାସୀ ଓ ବାଇକରେ ବସିଥିବା ତାଙ୍କ ଭଉଣୀ ହୀରାମଣି କବାସୀ ଗୁରୁତର ଆହତ ହୋଇଥିଲେ। ତୁରନ୍ତ ଟିପର ଚାଳକ ଓ ସ୍ଥାନୀୟ ଗ୍ରାମବାସୀ ଆହତ ଦୁଇଜଣଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇ ଥିବା ବେଳେ ଟିପର ଚାଳକ ନିଜେ ମାଲକାନଗିରି ଆଦର୍ଶ ଥାନରେ ଆତ୍ମସମର୍ପଣ କରିଛି। ଘଟଣା ସ୍ଥଳରେ ପୋଲିସ ପହଁଚି ଏସମ୍ପର୍କରେ ତଦନ୍ତ ଚଳାଇଥିବା କହିଛନ୍ତି ଆଦର୍ଶ ଥାନା ଅଧିକାରୀ ରୀଗାନ କିଣ୍ଡୋ ।



ବେଗୁନିଆ,୨୩/୩(ଭାସ୍କର ): ଜିଲ୍ଲା ଅବକାରୀ ବିଭାଗ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶରେ ମିଳିତ ଭାବେ ସଦର ରେଞ୍ଜ ଅତିରିକ୍ତ ଅଧିକାରୀ ରାଧାକାନ୍ତ ଭୋଇ ଓ ଭ୍ରାମ୍ୟମାଣ ଅବକାରୀ ଅଧିକାରୀ ଥାର୍ପା ମାରାଣ୍ଡିଙ୍କ ନେତୃତ୍ୱରେ ବେଗୁନିଆ ଅବକାରୀ ଥାନା ସହଯୋଗରେ ୬୩୦ ଲିଟର ଦେଶୀ ମଦ ଓ ୮୪ ଶହ ଲିଟର ପୋଚ ଜବତ କରାଯାଇଛି । ସୂଚନା ଅନୁଯାୟୀ ବେଗୁନିଆ ଅବକାରୀ ଥାନା ଅନ୍ତର୍ଗତ ବରପଦା ଜଙ୍ଗଲରେ ତିନୋଟି ସ୍ଥାନରେ ଚଢାଉ କରି ୬୩୦ ଲିଟର ଦେଶୀ ମଦ,୮୪ ଶହ ଲିଟର ପୋଚ ସହ ଆବଶ୍ୟକୀୟ ବ୍ୟବହୃତ ସରଞ୍ଜାମ ଜବତ କରିଥିଲେ। ତେବେ ଅଭିଯୁକ୍ତ ମାନେ କୌଣସି ସୂତ୍ରରୁ ଖବର ପାଇ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଛନ୍ତି । ସେହିପରି ଗତକାଲି ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ଅଧିକାରୀ ଥାର୍ପା ମାରାଣ୍ଡି ବେଗୁନିଆ ଅବକାରୀ ଥାନା ଅନ୍ତର୍ଗତ ଗେଡିଆପଲ୍ଲୀ ଗ୍ରାମର ଚନ୍ଦ୍ରମଣି ନାୟକ, ବ୍ରଜବନ୍ଧୁ ଦେହୁରୀ ଓ ବୈକୁଣ୍ଠ ନାୟକଙ୍କ ଠାରୁ ୩୨ ଲିଟର ଦେଶୀ ମଦ ଜବତ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ।



# ଭୀମପଡା ରାଜସ୍ୱ ମୌଜାର ରୌପ୍ୟ ଜୟନ୍ତୀ ପାଳିତ



ବୋଲଗଡ (ଭାସ୍କର ନ୍ୟୁଜ): ବୋଲଗଡ ବ୍ଲକ ଫାସୀଓଦା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଭୀମପଡା ରାଜସ୍ୱ ମୌଜାର ରୌପ୍ୟ ଜୟନ୍ତୀ ଉତ୍ସବ ଭୀମପଡା ଗ୍ରାମବାସୀ ମାନଙ୍କ ମିଳିତ ଉଦ୍ୟମରେ ଓ ଗ୍ରାମର ସଭାପତି ତଥା ଶିକ୍ଷାବିତ୍ ପର୍ଶୁରାମ ମୁଦୁଲିଙ୍କ ସଭାପତିତ୍ୱରେ ରବିବାରଦିନ ମହାଆଡ଼ମ୍ବରସହକାରେ ପାଳିତ ହୋଇଯାଇଛି । ଏହି ରୌପ୍ୟ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ, ମୁଖ୍ୟ ବକ୍ତାଭାବେ ବରିଷ୍ଠ ଆଇନଜୀବୀ ଲୋତକ ବିନ୍ଦୁ ପଟ୍ଟନାୟକ ଓ ସମ୍ମାନିତ ଅତିଥିଭାବେ ସରପଞ୍ଚ ପୁଷ୍ପଲତା ଭଞ୍ଜ, ବରିଷ୍ଠ ସାମ୍ବାଦିକ ପାଣ୍ଡୁ ସାହୁ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ମଦନ ମୋହନ ପୃଷ୍ଟି, ପ୍ରଧାନ ଶିକ୍ଷକ ବାନାମ୍ବର ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ । ସମସ୍ତ ନିମନ୍ତ୍ରିତ ଅତିଥିମାନେ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ଫୁଲ ଚନ୍ଦନ, ଧୂପ ଦୀପ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଶୁଭଉଦଘାଟନ କରିଥିଲେ । ଉତ୍ସବର ପ୍ରାରମ୍ଭରେ ଗ୍ରାମର ଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ସଭାପତି ପର୍ଶୁରାମ ମୁଦୁଲି ସ୍ୱାଗତ ଭାଷଣ ଦେଇ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଗ୍ରାମ୍ୟ ସମ୍ପାଦକ ଗୟାଧର ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଏହି ରୌପ୍ୟ ଜୟନ୍ତୀ ଉତ୍ସବ ଉପଲକ୍ଷେ ଗ୍ରାମବାସୀମାନେ ମନଆନ୍ଦରେ ଘର ସମ୍ମୁଖରେ ଝୋଟିକାଟି ପୂର୍ଣ୍ଣ କଳସ ଥୋଇ ପ୍ରଦୀପ ପ୍ରଜ୍ୱଳନ କରି ହରିବୋଲ ହୁଳହୁଳି ଦେଇ ଏହାକୁ ଶୁଭ ମନାସୀଥିଲେ । ଏହି କାର୍ଯ୍ୟକ୍ରମ ଉପଲକ୍ଷେ ଭୀମପଡା ଗ୍ରାମର ଆବାଳ ବୃଦ୍ଧ ବନିତା ମିଳିତ ଭାବେ ପତାକା ଉତ୍ତୋଳନ କରି ଏକ ଗଣ ଦୌଡ ସହିତ ଝୋଟି ପ୍ରତିଯୋଗିତା ମାନ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ରବୀନ୍ଦ୍ର କୁମାର ବେହେରା ସଯୋଜନା କରିଥିବା ବେଳେ ସମାଜ ସେବୀ ସାରଥ ମୁଦୁଲି, ସୁରେନ୍ଦ୍ର କୁମାର ରାଉତ, ମଧୁସୂଦନ ବେହେରା ପ୍ରମୁଖ ସହଯୋଗ କରି ପରିଚାଳନା କରିଥିଲେ । କୃତୀ ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥି ବିଧାୟକ ପ୍ରଦୀପ କୁମାର ସାହୁ ମାନପତ୍ର ସହିତ ଟ୍ରଫି ପ୍ରଦାନ କରିଥିଲେ । ଗତ ୨୩ ମାର୍ଚ୍ଚ ୨୦୦୦ମସିହାରେ ଭୀମପଡା ମୌଜା ଦିବ୍ୟସିଂହପୁର ମୌଜା ଠାରୁ ବିଚ୍ଛିନ୍ନ ହୋଇ ରାଜସ୍ୱ ମୌଜାର ମାନ୍ୟତା ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗ ଦ୍ୱାରା ମାନ୍ୟତା ପାଇଥିଲା । ଭୀମପଡା ଗ୍ରାମବାସୀ ଓ ଯୁବଗୋଷ୍ଠୀ ମାନଙ୍କ ମିଳିତ କଠିନ ତଥା ନିଷ୍ଠା ସାଧନା ଦ୍ୱାରା ରାଜସ୍ୱ ମୌଜାର ମାନ୍ୟତା ପାଇଥିବାରୁ ମୁଖ୍ୟ ଅତିଥି ଶ୍ରୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ତଥା କୃତଜ୍ଞତା ଜଣାଇଥିଲେ । ଭୀମପଡା ଗ୍ରାମବାସୀ ମାନେ ମିଳିତଭାବେ ଏକତା ରକ୍ଷା କରି ଗ୍ରାମର ବିକାଶ ଓ ଉନ୍ନତି କରିବାକୁ ସମସ୍ତ ନିମନ୍ତ୍ରିତ ଆତିଥିମାନେ ପରାମର୍ଶ ଦେଇଥିଲେ । ଏହି ଉତ୍ସବ ଉପଲକ୍ଷେ କୁନି କୁନି ପିଲାମାନଙ୍କ ଦ୍ୱାରା ମନୋରଞ୍ଜନ ଧର୍ମୀ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମମାନ ଓ ସାମାଜିକ ନାଟକ 'ଆଖି ପାଖେ ଲୁହ ବନ୍ଧାପଡ଼ିଛି' ପରିବେଷଣ କରାଯାଇଥିଲା । ପରିଶେଷରେ ସମାଜ ସେବୀ ବିନୋଦ କୁମାର ମହାରଣା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଛତିଶଗଡ଼ ଓ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ମହାନଦୀକୁ ନେଇ ଆଲୋଚନାକୁ କଟାକ୍ଷ କଲା ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଛତିଶଗଡ଼ ଓ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ମହାନଦୀକୁ ନେଇ ଆଲୋଚନାକୁ କଟାକ୍ଷ କରିଛି ବିଜେଡି । ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ, ଆମେ ସମସ୍ତେ ମହାନଦୀ ବିବାଦର ସମାଧାନ ଚାହୁଁଛୁ। ପୂର୍ବରୁ ଅନେକ ଥର ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଥିଲା ବେଳେ ଉଦ୍ୟମ ହୋଇଛି। ବାରମ୍ବାର କେନ୍ଦ୍ର ଓ ଛତିଶଗଡ଼ ସହ ଆଲୋଚନା ହୋଇଛି। ଏକାଧିକ ଥର ତ୍ରିପାକ୍ଷିକ ଆଲୋଚନା ହୋଇଛି। ହେଲେ ଛତିଶଗଡ଼ର ଜିଦଖୋର ମନ ଭାବ ପାଇଁ ସମାଧାନ ହୋଇପାରିନି। ତେଣୁ ଯଦି ଉଭୟ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି ତାହା ସ୍ୱାଗତଯୋଗ୍ୟ। ହେଲେ କେବଳ ଚା କପ ଉପରେ ଆଲୋଚନା ନ କରି ଯଦି ସମାଧାନର ଇଚ୍ଛା ଅଛି ଛତିଶଗଡ଼ ନିର୍ମାଣ କରୁଥିବା ବ୍ୟାରେଜ କାମ ବାକି ବନ୍ଦ କରନ୍ତୁ। ଅନେକ ବ୍ୟାରେଜ କାମ ସାରି ସାରିଲାଣି। ଅନେକ କାମ ବହୁତ ଆଗକୁ ଗଲାଣି। ଟ୍ରିପଲ ଇଞ୍ଜିନ ସରକାର କାମ ବନ୍ଦ କରି ସମାଧାନର ରାସ୍ତା ବାହାର କରନ୍ତୁ। କେବଳ ଟେବୁଲରେ ଆଲୋଚନା କରି, କାମ ଚାଲୁ ରହିଲେ ଏହାର କୌଣସି ଲାଭ ନାହିଁ। ଯଦି ଉଭୟ ସରକାର ଫଳପ୍ରଦ ଆଲୋଚନା ଚାହୁଁଛନ୍ତି, ଘଟଣାର ଆପୋଷ ସାମଧାନ ଚାହୁଁଛନ୍ତି ତାହାଲେ କାମ ପ୍ରଥମେ ବନ୍ଦ କରି ଆଲୋଚନା କରନ୍ତୁ। ଏମିତି କି ମାମଲା ଟ୍ରିବ୍ୟୁନାଲରେ ଅଛି। ତେଣୁ ଉଭୟ ସରକାର ଆପୋଷ ସମାଧାନ ପାରିବ କି ନାହିଁ ସେକଥା ଦେଖନ୍ତୁ। ନୂଆ ସରକାର ସବୁବେଳେ ପୂର୍ବ ସରକାର ପୂର୍ବ ସରକାର କହି ଦୋଷ ଦେଉଛନ୍ତି। ଏବେ ବିଜେପି ସରକାର ଅଛନ୍ତି। ତେଣୁ ତୁରନ୍ତ ସମାଧାନ ର ରାସ୍ତା ବାହାର କରିବାକୁ ବିଜେପି ସରକାରଙ୍କୁ ଆହ୍ୱାନ ଦେଲା ବିଜେଡି ।

# ବିପୁଳ ପରିମାଣର ମହୁଲ ପୋଚ ସହିତ ମହୁଲି ମଦ ନଷ୍ଟ



କରଞ୍ଜିଆ(ଭାସ୍କର ନ୍ୟୁଜ): କରଞ୍ଜିଆ ବ୍ଲକର ବିଭିନ୍ନ ସ୍ଥାନରେ ବେଆଇନ ମହୁଲି ମଦ କାରବାର ବୃଦ୍ଧି ପାଉଥିବାବେଳେ ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରଶାନ୍ତ କୁମାର କହଁର ଓ ଉପଖଣ୍ଡ ପୋଲିସ ଅଧିକାରୀ ନବକୃଷ୍ଣ ନାଏକଙ୍କ ନିର୍ଦ୍ଦେଶ କ୍ରମେ ଆଜି କରଞ୍ଜିଆ ଥାନା ଅଧିକାରୀ ଶରତ ଚନ୍ଦ୍ର ମହାଳିକ,ଅବକାରୀ ଇନ୍ସପେକ୍ଟର ସଂଜୟ କୁମାର କାଣ୍ଡୀଙ୍କ କରଞ୍ଜିଆ ଅବକାରୀ ଓଆଇସି ରଶ୍ମି ରଂଜନ ନାୟକ, ଠାକୁରମୁଣ୍ଡା ଅବକାରୀ ଓଆଇସି ଭାରତୀ ନାୟକ,ଯଶୀପୁର ଅବକାରୀ ଓଆଇସି ସୂର୍ଯ୍ୟକାନ୍ତ ମଲ୍ଲିକ,ସୁକୃଳି ଅବକାରୀ ଓଆଇସିଙ୍କ ସହିତ ପୋଲିସ ଓ ଅବକାରୀ ବିଭାଗର ଏକ ମିଳିତ ଦଳ ଦିନ ତମାମ ଜରାସାହି ଓ ଝାଡବେଦା ଗ୍ରାମ ନିକଟରେ ଚଢାଉ କରି ୧୧ ହଜାର ଲିଟର ମହୁଲ ପୋଚ ସହିତ ୬୦୦ ଲିଟର ମହୁଲି ମଦ ଜବତ ପରେ ନଷ୍ଟ କରିଛନ୍ତି। ସେହିପରି କରଞ୍ଜିଆରୁ ୨ ଜଣଙ୍କୁ ଗିରଫ କରାଯାଇଥିବା କରଞ୍ଜିଆ ଅବକାରୀ ଓଆଇସି ଶ୍ରୀ ନାୟକ ସୂଚନା ଦେଇଛନ୍ତି।

# ସରକାରୀ କର୍ମଚାରୀଙ୍କୁ ମିଳୁ କ୍ୟାସ୍‌ଲେସ୍ ହେଲ୍‌ଥ୍ କାର୍ଡ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କ୍ୟାସ୍‌ଲେସ୍ ହେଲ୍‌ଥ୍ କାର୍ଡ ବା ସ୍ୱାସ୍ଥ୍ୟବୀମା ସବୁ ସରକାରୀ କର୍ମଚାରୀମାନଙ୍କ କ୍ଷେତ୍ରରେ ଲାଗୁ କରିବାକୁ ଆଜି ଓଡ଼ିଶା ସରକାରୀ ମିଳିତ କର୍ମଚାରୀ ମହାସଂଘ ଆନୁକୂଲ୍ୟରେ ଭୁବନେଶ୍ୱରଠାରେ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ରାଜ୍ୟ ସରକାର ଯୁଗାନ୍ତକାରୀ ନିଷ୍ପତିକ୍ରମେ ଆୟୁଷ୍ମାନ୍ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମିଳିତଭାବେ ଲାଗୁ କରିବା ପାଇଁ ଯାଉଛନ୍ତି । ଏଥିରେ ରାଜ୍ୟର ୩ କୋଟି ୪୬ ଲକ୍ଷ ଲୋକ ଦେଶର ୨୯ ହଜାର ଘରୋଇ ଓ ସରକାରୀ ହସ୍ପିଟାଲ୍‌ରେ ଚିକିତ୍ସା ଉପକୃତ ହେବେ । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଓଡ଼ିଶାରେ କାମ କରୁଥିବା ବିଭିନ୍ନ ବିଭାଗରେ ହଜାର ହଜାର ସରକାରୀ କର୍ମଚାରୀ ଏହି ଯୋଜନାରୁ ବାଦ୍ ପଡୁଛନ୍ତି । ସରକାରଙ୍କର ସବୁ ଯୋଜନାକୁ ସଫଳ ରୂପାୟନ କରୁଥିବା ଓ ବିକଶିତ ଓଡ଼ିଶାକୁ ଆଗକୁ ନେଉଥିବା ଏହି ଅସହାୟ କର୍ମଚାରୀଙ୍କ ପାଇଁ ଏହି ସଫଳ ଯୋଜନାକୁ ଲାଗୁ କରିବା ପାଇଁ ମହାସଂଘ ଦାବି କରିଛି। ସଂଘର ନିଷ୍ପ☐ ଅନୁଯାୟୀ ସମସ୍ତ ମନ୍ତ୍ରୀ, ବିଧାୟକ, ସଚିବ ଓ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯିବ। ଯଦି ରାଜ୍ୟ ସରକାର ଏକ ମାସ ଭିତରେ କ୍ୟାସ୍‌ଲେସ୍ ହେଲଥ୍‌କାର୍ଡ କର୍ମଚାରୀମାନଙ୍କ କ୍ଷେତ୍ରରେ ଲାଗୁ ନ କରନ୍ତି, ଏକ ବୃହତ୍ ଆନ୍ଦୋଳନ ପଞ୍ଚାୟତଠାରୁ ଲୋକସେବା ଭବନ ପର୍ଯ୍ୟନ୍ତ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଗଲା । ତା'ସହିତ ଡିଜିଟାଲ୍ ଆନ୍ଦୋଳନ, ବ୍ଲାକ୍ ବ୍ୟାଚ୍, ପରିଧାନ କରି କର୍ମଚାରୀମାନେ ନିଜ କର୍ମ କ୍ଷେତ୍ରରେ ରାଜ୍ୟ ସରକାରଙ୍କୁ ଅସନ୍ତୋଷ ଜାହିର୍ କରିବେ । ଆଜିର ସାମ୍ବାଦିକ ସମ୍ମିଳନୀରେ ମହାସଂଘର ଅବାହକ ବିଜୟ ମଲ୍ଲ, ପ୍ରଭାତ ମହାନ୍ତି, ଅଶ୍ୱିନୀ ଦାସ, ପ୍ରଦୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଛତୁଆ ନେଲା ୨ ଶିଶୁକନ୍ୟାଙ୍କ ଜୀବନ

ମୋହନା (ଭାସ୍କର ନ୍ୟୁଜ): ଅଙ୍ଗନୱାଡ଼ି ଛତୁଆ ଖାଇ ଦୁଇ ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ଜଣକର ବୟସ ୩ ବର୍ଷ ହୋଇଥିବାବେଳେ ଆଉ ଜଣକର ବୟସ ୬ ବର୍ଷ। ଏହି ଘଟଣା ଗଜପତି ଜିଲ୍ଲାର ଆର.ଉଦୟଗିରି ବ୍ଲକ ରାମଗିରି ଗାଁରେ ଘଟିଛି। ପରିବାରର ଅନ୍ୟ ଦୁଇଜଣ ଗୁରୁତର ହେବାପରେ ସେମାନଙ୍କୁ ବ୍ରହ୍ମପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# କାଳବୈଶାଖୀ କ୍ଷୟକ୍ଷତି ଅନୁଧ୍ୟାନ ପାଇଁ ତଥ୍ୟ ଅନୁଧ୍ୟାନ କମିଟି ଗଠନ କଲା କଂଗ୍ରେସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନିକଟରେ ରାଜ୍ୟରେ ବହୁ ଜିଲ୍ଲାରେ କାଳବୈଶାଖୀ ଜନିତ ଅଦିନିଆ ବର୍ଷା ଓ କୁଆପଥର ବୃଷ୍ଟି ଫଳରେ ବହୁ ଲୋକ ଆହତ ହୋଇଛନ୍ତି ଏବଂ ଧନସମ୍ପତି କ୍ଷୟକ୍ଷତି ହୋଇଛି। ଏହା ଦ୍ୱାରା ବହୁ ଚାଷୀଙ୍କର ଚାଷ ଓ ପନିପରିବା ଫସଲ ନଷ୍ଟ ହୋଇଛି। ଏସବୁ କ୍ଷୟକ୍ଷତିକୁ ଅନୁଧ୍ୟାନ କରିବାପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଏକ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରିଛନ୍ତି। ଉକ୍ତ କମିଟିରେ ନବଜ୍ୟୋତି ପଟ୍ଟନାୟକ ଅଧ୍ୟକ୍ଷ ରହିଥିବା ବେଳେ ସତ୍ୟଶିବ ଦାସ ଆବାହକ ରହିଛନ୍ତି ସେହିପରି ଯଶୋବନ୍ତ ସିଂହ ଲାଗୁରୀ, ବନ୍ଦିତା ପରିଡ଼ା, ଅଶିତ ପଟ୍ଟନାୟକ,ଗିରିବାଳା ବେହେରା ଓ ଯୋଗୋଶ ଅଗ୍ରୱାଲ ସଭ୍ୟଭାବରେ ରହିଛନ୍ତି। ଉକ୍ତ କମିଟି ଖୁବଶୀଘ୍ର କ୍ଷତିଗ୍ରସ୍ତ ଜିଲ୍ଲାକୁ ଗସ୍ତ କରିବେ ଏବଂ କ୍ଷୟକ୍ଷତିର ଅନୁଧ୍ୟାନ କରି ଏକ ରିପୋର୍ଟ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଦାଖଲ କରିବେ ବୋଲି ପିସିସି ସଭାପତି ଶ୍ରୀ ଦାସ ନିର୍ଦ୍ଦେଶ ଦେଇଛନ୍ତି।

# ଗାନ୍ଧିଜୀଙ୍କ ଓଡିଶା ଆଗମନ ସ୍ମାରକୀ ଦିବସ

କଟକ(ଭାସ୍କର ନ୍ୟୁଜ): ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କ ୧୦୪ ତମ ଓଡ଼ିଶା ଆଗମନ ସ୍ମାରକୀ ଦିବସ କଟକ ବେଲିଭିଉ ଛକସ୍ଥିତ ଗାନ୍ଧୀପାର୍କ ପରିସରରେ ପାଳିତ ହୋଇଯାଇଛି । ଓଡ଼ିଶାକୁ ସ୍ୱତନ୍ତ୍ର ପରିଚୟ ଦେବା ନିମନ୍ତେ ନାଗପୁର କଂଗ୍ରେସ ଅଧିବେଶନରେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟିକୁ ୧୯୨୦ ଡିସେମ୍ବର ୨୭ ତାରିଖ ଦିନ ପ୍ରସ୍ତାବିତ କରି ମହାତ୍ମା ଗାନ୍ଧୀ ୧୯୨୧ ମସିହା ଆଜିର ଦିନରେ ଓଡିଶା ଆସି କଟକଠାରେ ପହଁଚିଥିଲେ । ଭାରତର ସେବା କରିବାକୁ ଇଛା ଥିଲେ ଓଡିଶାର ସେବା କଲେ ତାହା ହୋଇପାରିବ ବୋଲି ଗାନ୍ଧୀଜୀ କହୁଥିଲେ । ଏଥିରୁ ତାଙ୍କର ଓଡିଶା ପ୍ରତି ଭଲ ପାଇବା ବୁଝା ପଡେ । ଆଜି ସକାଳ ୮ ଘଟିକା ସମୟରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଆହ୍ୱାନରେ ଉତ୍କଳ ଗାନ୍ଧୀ ସ୍ମାରକ ନିଧି, ସରଳା ଦେବୀ-ଭାଗୀରଥୀ ମହାପାତ୍ର ଟ୍ରଷ୍ଟ, ଉତ୍କଳ ସର୍ବୋଦୟ ମଣ୍ଡଳ, ସଂଗ୍ରାମୀ ଫୋରମ, ରାଷ୍ଟ୍ରୀୟ ଯୁବା ସଂଗଠନ, ଲୋହିଆ ଏକାଡେମୀ ଆଦି ସଙ୍ଗଠନମାନଙ୍କର ମିଳିତ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ୟକ୍ତିମାନେ ସର୍ବ ଧର୍ମ ପ୍ରାର୍ଥନା ଗାନ କରିବା ସହିତ ରାମଧୁନ ଓ ଅନ୍ୟ ଦେଶାତ୍ମବୋଧ ସଙ୍ଗୀତ ଗାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜଷ୍ଟିସ ମନୋରନ ମହାନ୍ତି, ଡା ବିଶ୍ୱଜିତ, ଦେବ ପ୍ରସାଦ ରାୟ, ହରିହର ସେନ, ପ୍ରଶାନ୍ତ ଦାସ, ମିହିର ପ୍ରତାପ ଦାସ, ଅନିମା ରାୟ, ରାମଚନ୍ଦ୍ର ଶୁକ୍ଳା, ସୁରଜୀତ ସିଂହ, ବିଶ୍ୱଜିତ ପାଣି, ସେକ ଅବଦୁଲ୍ଲା, ସଞ୍ଜୟ କୁମାର ପରିଜା, ତପନ ବେହେରା, ବିଜୟ କୁମାର ବାରିକ, ବନମାଳି ଶୁକ୍ଳା, ଉମାଶଙ୍କର ମିଶ୍ର, ରେଶମା ଖାତୁନ, କିଶୋର କୁମାର ସ୍ୱାଇଁ, ବି ନିର୍ମଳା,ନୀତା ଦାସବର୍ମା, ଅମିତ କୁମାର ସାମାନ୍ତରାୟ, ଅନନ୍ତ ନାରାୟଣ ସିଂହ, ଅର୍ଚ୍ଚନା ରାଣୀ ଭୂୟାଁ, ନନ୍ଦ କିଶୋର ଦାସ, ଶଙ୍କର୍ଷଣ ମଲ୍ଲିକ, କୁନି ସ୍ୱାଇଁ, ଜୟୀ ମୁଖୀ, ପ୍ରଦୀପ କୁମାର ସାମଲ, ମାନସ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଖୁବ୍‌ଶୀଘ୍ର କ୍ଷୟକ୍ଷତି...

ହୋଇଛନ୍ତି। ଏହି କାଳବୈଶାଖୀରେ ୩୫୦ଟି କଚ୍ଚାଘର ସଂପୂର୍ଣ୍ଣ ନଷ୍ଟ ହୋଇଥିବାବେଳେ ୧୧ଟି କଚ୍ଚାଘର ଗୁରୁତର କ୍ଷତିଗ୍ରସ୍ତ ହୋଇଛି। ୨୯୫ଟି କଚ୍ଚାଘରର ଆଂଶିକ କ୍ଷତି ଘଟିଛି। ୪ଟି ଗାଈ ଗୁହାଳ ମଧ୍ୟ ନଷ୍ଟ ହୋଇଯାଇଛି। ଏହି କୁଆପଥର ଝଡ଼ରେ ବିଦ୍ୟୁତ ଯୋଗାଣ, ଜଳଯୋଗାଣ ଓ ଗମନାଗମନ ଭିତ୍ତିଭୂମି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଏହି ପରିପ୍ରେକ୍ଷୀରେ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ରିଲିଫ କେନ୍ଦ୍ର ଖୋଲାଯାଇ ଲୋକମାନଙ୍କୁ ରଖାଯାଇଛି ଓ ସେମାନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ମନ୍ତ୍ରୀ ଶ୍ରୀ ପୂଜାରୀ ମଧ୍ୟ ଆଶ୍ରୟ କେନ୍ଦ୍ରକୁ ଯାଇ ରୋଷେଇ ପରଖିବା ସହ ନିଜେ ଖାଇଥିଲେ। ଘର ଭାଙ୍ଗିଥିବା ଲୋକଙ୍କୁ ୧୨୭ଟି ପଲିଥିନ ରୋଲ ଯୋଗାଇ ଦିଆଯାଇଛି। ଆଶୁ ଚିକିତ୍ସାପାଇଁ ୫ଟି ମେଡ଼ିକାଲ ଟିମ୍ ନିୟୋଜିତ ହୋଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ କ୍ଷୟକ୍ଷତି ଆକଳନ ଶେଷ ହୋଇଛି ଏବଂ ଖୁବ୍‌ଶୀଘ୍ର ସହାୟତା ରାଶି ଯୋଗାଇ ଦିଆଯିବ। ଅନ୍ୟପକ୍ଷରେ ରାଜସ୍ୱମନ୍ତ୍ରୀ ଶ୍ରୀ ପୂଜାରୀ ଏବଂ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ବାଙ୍ଗିରିପୋଷିରେ କାଳବୈଶାଖୀ କ୍ଷୟକ୍ଷତି ସମୀକ୍ଷା କରୁଥିବାବେଳେ ଉତ୍ତ୍ୟକ୍ତ ଲୋକେ ତାଙ୍କ ଗାଡ଼ି ଉପରକୁ ପଥରମାଡ଼ କରିଥିଲେ। ତେବେ ପୋଲିସ କହିଛି, ଏହି ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଆଜି ଓଡ଼ିଶା...

ଶବରରାଜା ବିଶ୍ୱାବସୁ ଓ ଲଳିତାଙ୍କ ଜନ୍ମମାଟି ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗସ୍ତକୁ ନଜରରେ ରଖି ନୀଳମାଧବଙ୍କ ମନ୍ଦିରରେ ବ୍ୟାପକ ପ୍ରସ୍ତୁତି କରାଯିବା ସହ କାଳିଆପଲ୍ଲୀ ଗାଁରେ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପଶ୍ଚିମ ଦ୍ୱାର ଦେଇ ପ୍ରଭୁ ନୀଳମାଧବଙ୍କ ଦର୍ଶନ କରିବେ ମହାମହିମ। ସେଥିପାଇଁ ମନ୍ଦିରରେ ରଙ୍ଗ ଦିଆଯାଇଛି। ପଶ୍ଚିମଦ୍ୱାର ସଂଲଗ୍ନ ରାସ୍ତାକୁ ନୂଆରୂପ ଦିଆଯାଉଛି। ଲିଫ୍ଟକୁ କାର୍ଯ୍ୟକ୍ଷମ କରାଯାଇଛି। ସେବାୟତଙ୍କ ନିମନ୍ତ୍ରଣ ରକ୍ଷାକରି ପ୍ରଥମ ଥର ନୀଳମାଧବ ମନ୍ଦିରକୁ ରାଷ୍ଟ୍ରପତି ଆସୁଥିବାରୁ ମନ୍ଦିର ପୂଜକ ସମାଜ ଉତ୍ସାହିତ ଅଛନ୍ତି। ଅନ୍ୟପକ୍ଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ୍ୟ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯାଇଛି। ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଏବଂ ଏସ୍‌ପି ଏସ.ସୁଶ୍ରୀ ସମସ୍ତ ବ୍ୟବସ୍ଥାର ଯାଞ୍ଚ କରିଛନ୍ତି। ହେଲିପ୍ୟାଡ୍, ନୀଳମାଧବ ମନ୍ଦିର ଓ ସମାବେଶ ସ୍ଥଳକୁ ଯାଇ ତନ୍ନତନ୍ନ ଯାଞ୍ଚ ମଧ୍ୟ କରିଛନ୍ତି। ତେବେ ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ବିମାନବନ୍ଦରଠାରୁ ରାଜଭବନ ପର୍ଯ୍ୟନ୍ତ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ୩ଜଣ ଡିଏସ୍‌ପି, ୨୪ଜଣ ଏସିପି, ୨୮ ଆଇଆଇସି ଓ ୧୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି ବୋଲି ଡିସିପି ସୂଚନା ଦେଇଛନ୍ତି।

### ଆତ୍ମସମର୍ପଣ କର...

ମାଓବାଦୀଙ୍କୁ ଡବଲ ଝଟକା ଲାଗିଥିଲା। ଏଥିରେ ୩୦ଜଣ ମାଓବାଦୀ ନିହତ ହୋଇଥିଲେ। ତେବେ ଏହି ଏନକାଉଣ୍ଟରରେ ଜଣେ ଡିଆରଜି ଯବାନ ମଧ୍ୟ ସହିଦ ହୋଇଛନ୍ତି। ଏଥିପୂର୍ବରୁ ଗତ ଫେବୃଆରୀ ୯ରେ ବିଜାପୁର ଜିଲ୍ଲା ଇନ୍ଦ୍ରାବତୀ ଜାତୀୟ ଉଦ୍ୟାନରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୩୧ ମାଓବାଦୀ ନିହତ ହୋଇଥିଲେ। ଅନ୍ୟପକ୍ଷରେ ଛତିଶଗଡ଼ର ସୁକମା ଜିଲ୍ଲାରେ ପୋଲିସକୁ ଏକ ବଡ଼ ସଫଳତା ମିଳିଛି। ମରକନଗୁଡ଼ା ଏବଂ ମେଟାଗୁଡ଼ା ଜଙ୍ଗଲରେ ମାଓବାଦୀମାନେ ଲୁଚାଇ ରଖିଥିବା ବିପୁଳପରିମାଣର ଅସ୍ତ୍ରଶସ୍ତ୍ରକୁ ସୁରକ୍ଷାକର୍ମୀ ଜବତ କରିଛନ୍ତି। ଜବତ ଅସ୍ତ୍ରଶସ୍ତ୍ର ମଧ୍ୟରେ ୬ଟି ଦେଶୀ ବନ୍ଧୁକ, ୧୮ଟି ବିଜିଏସ୍ ସେଲ, ଡିଟୋନେଟର, ଲୁହା ସ୍ଲାଇଟ୍ ବିସ୍ଫୋରକ, ଗନ୍ ପାଉଡର, ବୋମା, ଗୁଳି, ଷ୍ଟିଲ ପାଇପ୍ ଇତ୍ୟାଦି ରହିଛି। ମାଓବାଦୀମାନେ ସୁରକ୍ଷା କର୍ମୀଙ୍କୁ ଟାର୍ଗେଟ କରିବା ପାଇଁ ମାଓ ଡମ୍ପରେ ଏହିସବୁ ଅସ୍ତ୍ରଶସ୍ତ୍ର ଲୁଚାଇ ରଖିଥିଲେ।

### ଯାହା କରିବ...

ଦିଆଯାଇଥିଲା। ଛତିଶଗଡ଼ ସରକାରଙ୍କ ସହ ଆଲୋଚନା ପାଇଁ ମଧ୍ୟ ବିଜେଡି ସରକାର ଆଗ୍ରହ ପ୍ରକାଶ କରିନଥିଲେ। ତେଣୁ ଏହି ବିବାଦର ସମାଧାନ ପାଇଁ ତାଙ୍କ ସରକାର ପ୍ରୟାସ କରିବେ ବୋଲି ଶ୍ରୀ ହରିଚନ୍ଦନ କହିଥିଲେ।

### ୨୭ରେ...

ପାଖାପାଖି ୪୫ ହଜାର ରୁ ଅଧିକ ମହିଳା ଓ ଶିଶୁ ନିଖୋଜ ଅଛନ୍ତି। ବିଜେପି ସରକାରର ୯ ମାସ ମଧ୍ୟରେ ୧୨.୯ ପ୍ରତିଶତ ମହିଳା ବିଭିନ୍ନ ଅତ୍ୟାଚାରର ଶିକାର ହୋଇଛନ୍ତି। ବିଭିନ୍ନ ଥାନାରେ ୧୬୦୦ କେସ ପଞ୍ଜିକୃତ ହୋଇଛି। ନାରୀ ନିର୍ଯାତନାରେ ମହାମହିମ ରାଷ୍ଟ୍ରପତିଙ୍କ ଗାଁ ମଧ ବାଦ୍ ପଡିନି ।ରାଜ୍ୟ ସରକାର ମହିଳାଙ୍କୁ ସଶକ୍ତ କରିବା କଥା କହୁଛନ୍ତି କିନ୍ତୁ ସ୍କୁଲ ପିଲା ଗର୍ଭବତୀ ହେବା କଣ ନାରୀ ସୁରକ୍ଷା ବୋଲି ପ୍ରଶ୍ନ କରିଛନ୍ତି ଡ଼ ପଟ୍ଟନାୟକ। ସବୁବେଳେ କଂଗ୍ରେସ ନାରି ଙ୍କୁ ସମ୍ମାନ ଦେବା ସହ ସୁରକ୍ଷା ନେଇ କାର୍ଯ୍ୟ କରିଆସୁଛି ।ତେଣୁ ରାଜ୍ୟରେ ନାରୀଙ୍କ ସୁରକ୍ଷା ଓ ନ୍ୟାୟ ଦାବିରେ ରାଜରାସ୍ତାକୁ ଓହ୍ଲାଇବ ଓ ଜୋରଦାର ଲଢେଇ କରିବ। ଯେ ପର୍ଯ୍ୟନ୍ତ ନାରୀଙ୍କୁ ଉପଯୁକ୍ତ ସମ୍ମାନ ଏବଂ ନ୍ୟାୟ ନ ମିଳିଛି ସେ ପର୍ଯ୍ୟନ୍ତ କଂଗ୍ରେସ ଦଳ ଲଢେଇ ଜାରି ରଖିବ ବୋଲି ଡ଼ ପଟ୍ଟନାୟକ ସରକାରଙ୍କୁ ଚେତେଇ ଦେଇଛନ୍ତି। ତେଣୁ ନାରିଙ୍କୁ ସୁରକ୍ଷା ଯୋଗାଇବାରେ ବିଫଳ ସରକାର ବିରୁଦ୍ଧରେ ପିସିସି ସଭାପତି ଭକ୍ତ ଚରଣ ଦାସ ଙ୍କ ଆହ୍ୱାନରେ ଏବଂ ନେତୃତ୍ୱରେ ଆସନ୍ତା ୨୭ ତାରିଖ ଦିନ ବିଧାନସଭା ଘେରାଉ କରାଯିବ ।ରାଜ୍ୟର ସମସ୍ତ ଜିଲ୍ଲାରୁ ବହୁ କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ସାମିଲ ହେବେ ।ଏଥିନେଇ ରାଜ୍ୟର ସମସ୍ତ ଜିଲ୍ଲା ପ୍ରସ୍ତୁତି ବୈଠକ କରାଯାଇଛି ।ଏହି ଅବସରରେ ରାଜ୍ୟର ଜନସାଧାରଣ ବିଧାନସଭା ଘେରାଉ କାର୍ଯ୍ୟକ୍ରମ ରେ ବିପୁଳ ସଂଖ୍ୟାରେ ସାମିଲ ହୋଇ ମହିଳା ନ୍ୟାୟ ଦେବାପାଇଁ ଆଗେଇ ଆସିବା ପାଇଁ ଡ ପଟ୍ଟନାୟକ ଅନୁରୋଧ କରିଥିଲେ। ଅନୁରୂପ ଭାବେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶ କହିଥିଲେ କି ବିଧାନସଭା ଘେରାଉ ନେଇ ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା ପ୍ରଭାରୀ ମହମ୍ମଦ ଇମଦାଦଙ୍କ ଉପସ୍ଥିତିରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକ ରେ ଭୁବନେଶ୍ୱରର ବହୁ କଂଗ୍ରେସ କର୍ମୀ,ନେତୃବୃନ୍ଦ,ଶୁଭେଚ୍ଛୁ ଯୋଗଦେଇ ବିଧାନସଭା ଘେରାଉ କାର୍ଯ୍ୟକ୍ରମ ବାବଦରେ ହୋଇଥିବା ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ଦେଇଥିଲେ। ସାମ୍ବାଦିକ ସମ୍ମିଳନୀ ଏବଂ ପ୍ରସ୍ତୁତି ବୈଠକରେ ଡ଼ ଦେବାଶିଷ ପଟ୍ଟନାୟକ,ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶ ଙ୍କ ସମେତ ଜିଲ୍ଲା ପ୍ରଭାରୀ ମହମ୍ମଦ ଇମଦାଦ, ବରିଷ୍ଠ କଂଗ୍ରେସ ନେତ୍ରୀ ପ୍ରଣତି ମିଶ୍ର,ବେଣୁଧର ପାତ୍ର,ବିଧାୟକ ପାର୍ଥ ଅଶୋକ ଦାଶ,ପ୍ରଶାନ୍ତ ଚମ୍ପତି,ପ୍ରକାଶ ଜେନା,ପିସିସି ମୁଖପାତ୍ର ରଜନି କୁମାର ମହାନ୍ତି ,ସୁବ୍ରତ ମହାପାତ୍ର, ଶ୍ରିୟାସ୍ମିତା ପଣ୍ଡା, ଆଶିଷ ମଲ୍ଲିକ,ମିହିର ଆଚାର୍ଯ୍ୟ,ଅକ୍ଷୟ ଦାଶ,ପତିଆ ଜେନା,ଜ୍ୟୋତି ମହାନ୍ତି,ପ୍ରମୁଖ ବହୁ କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ଜନସଂଖ୍ୟା ଆଧାରରେ ଡିଲିମିଟେସନ ହେଲେ ଅର୍ଥ କମିଶନରେ ଅର୍ଥ କମ୍ ମିଳିବ: ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଡିଲିମିଟେସନ ପ୍ରସଙ୍ଗରେ ବୈଠକ ସାରି ଫେରିବା ପରେ ବିଜେଡି ପ୍ରତିକ୍ରିୟା ରଖିଛି । ବିଜେଡିର ପୂର୍ବତନ ସାଂସଦ ଅମର ପଟ୍ଟନାୟକ କହିଛନ୍ତି ଯେ, ବିଜେପି ଓଡ଼ିଶାରେ ସରକାର କରିଛି । ଓଡ଼ିଶାର କ୍ଷତି ହେବାକୁ ଯାଉଛି । ରାଜନୈତିକ ପ୍ରତିନିଧିତ୍ୱ କମିବାକୁ ଯାଉଛି । ଏପରିକି ଜନସଂଖ୍ୟା ଆଧାରରେ ଡିଲିମିଟେସନ ହେଲେ ଅର୍ଥ କମିଶନରେ ଅର୍ଥ କମ ମିଳିବ। କିନ୍ତୁ ବିଜେପି ସରକାର ଚୁପ ହୋଇ ବସିଛନ୍ତି । ପାର୍ଟି ଠୁ ବଡ଼ ମାଟି । କିନ୍ତୁ ବିଜେପି ମାଟି କଥା ନ ଭାବି ଯଦି ଏ ପ୍ରସଙ୍ଗକୁ ରାଜନୈତିକ ରଙ୍ଗ ଦେବ କେମିତି ହେବ। ନବୀନ ସବୁବେଳେ ମାଟି କଥା ଭାବୁଛନ୍ତି। ସେଥିପାଇଁ ତାମିଲନାଡୁ ବୈଠକକୁ ବିଜେଡିକୁ ପଠାଇଥିଲେ। ଓଡ଼ିଶାରେ ଶାସକ ଦଳ ହୋଇ ବି ଓଡ଼ିଶାର ସ୍ୱାର୍ଥ କଥା ନ ଭାବି ଚୁପ ରହିବା ଓ ଉପରୁ ନିର୍ଦ୍ଦେଶ ଆସୁ ନାହିଁ ବୋଲି ମୁହଁ ବନ୍ଦ ଅଛି । କିନ୍ତୁ ଓଡିଶାବାସୀଙ୍କ ସ୍ୱାର୍ଥ କଥା ତ ଭାବିବା ଦରକାର। ବିଜେପିର ଓଡ଼ିଶା ନେତା ତ କିଛି କହିବାର ଥିଲା। ତେଣୁ ଏ ପ୍ରସଙ୍ଗରେ କିଛି ନ କହିବା ହାସ୍ୟାସ୍ପଦ କଥା ବୋଲି କହି କଟାକ୍ଷ କରିଛନ୍ତି ବରିଷ୍ଠ ବିଜେଡି ନେତା ଅମର ପଟ୍ଟନାୟକ। ଫେୟାର ଡିଲିମିଟେସନ ପାଇଁ ବୈଠକ ଥିଲା । ଯଥାର୍ଥ ଡିଲିମିଟେସନ ହେବା ହିଁ ଉଦେଶ୍ୟ। ଓଡ଼ିଶାର ଗ୍ରୋଥ ପପୁଲେସନ କମି କମି ଚାଲିଛି। ଟୋଟାଲ ଫର୍ଟିଲିଟି ରେଟ ମଧ୍ୟ କମିଛି। ଜନସଂଖ୍ୟା କମି କମି ଚାଲିଛି। ତେଣୁ ଓଡ଼ିଶାର ସ୍ୱାର୍ଥ କଥା ନ ଭାବି ରାଜନୈତିକ ରଙ୍ଗ ଦିଆଯିବ ତାହେଲେ ରାଜ୍ୟର କ୍ଷତି ହେବ। ଯେଉଁ ରାଜ୍ୟ ଭଲ କରିଛନ୍ତି ସେମାନଙ୍କୁ ପୁରସ୍କୃତ କରାଯିବା କଥା ବୋଲି ଅମର ପଟ୍ଟନାୟକ କହିଛନ୍ତି ।

# ଟିପିଡବ୍ଲ୍ୟୁଓଡିଏଲର ଭୁକ୍ତା ଜେଇ ଏବଂ ଅନ୍ୟ କର୍ମଚାରୀଙ୍କୁ ଆକ୍ରମଣ

ବୁର୍ଲା/ବରଗଡ଼ (ଭାସ୍କର ନ୍ୟୁଜ): ଗତ ୨୧ ତାରିଖ ଦିନ ବରଗଡ଼ ଜିଲ୍ଲା ଅନ୍ତର୍ଗତ ଅମ୍ବାବନା ଥାନାରେ ପଞ୍ଜିକୃତ ହୋଇଥିବା ଏଫ୍‌ଆଇଆର୍ ସଂଖ୍ୟା- ୫୭ ଅନୁସାରେ ଟିପିଡବ୍ଲ୍ୟୁଓଡିଏଲର ସେକ୍ସନ ଅଫିସର ଶ୍ରୀ ଗଜେନ୍ଦ୍ର ରାଉତଙ୍କୁ ଇଷାନ ଚନ୍ଦ୍ର ଭୋଇ ଗାଳିଗୁଲଜ ତଥା ମାଡ଼ ମାରିବା ଘଟଣା ଦାୟିତ୍ୱବାନ ପୋଲିସ ଅଧିକାରୀଙ୍କ ଦ୍ୱାରା ଅନୁସନ୍ଧାନ କରାଯାଉଅଛି । ଏହି ଘଟଣାର ଅନୁସନ୍ଧାନ ଏବଂ ପାରିପାର୍ଶ୍ୱିକ ପ୍ରମାଣ ଆଧାରରେ ପୋଲିସ୍ ଅଧିକାରୀଙ୍କ ଦ୍ୱାରା ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆମର ସମ୍ପୂର୍ଣ୍ଣ ବିଶ୍ୱାସ ରହିଅଛି । ଜୈନିକ ବିଦ୍ୟୁତ୍ ଗ୍ରାହକ ଜାରିମୁଲି ଗ୍ରାମର ଶ୍ରୀ ସୌଦାଗର କୁଅଁର ( ଗ୍ରାହକ କ୍ରମାଙ୍କ - ୫୧୨୪୨୨୦୨୦୨୪୭) ଙ୍କ ଆଜି ସୁଦ୍ଧା ୯୧ ହଜାର ୫୫୦ ଟଙ୍କା ବିଦ୍ୟୁତ୍ ବିଲ୍ ବକେୟା ରହିଅଛି । ଯାହା ମଧ୍ୟରୁ ତା. ୦୧.୦୧.୨୦୨୧ ରିଖ ପରଠାରୁ ୪୩ ହଜାର ୭୮୨ ଟଙ୍କା ବିଦ୍ୟୁତ୍ ବିଲ୍ ବକେୟା ରହିଅଛି । ଚଳିତ ଆର୍ଥିକ ବର୍ଷରେ ସେ ମାତ୍ର ଦୁଇଥରରେ ମୋଟ୍ ୭୩୭ ଟଙ୍କା ବିଦ୍ୟୁତ୍ ବିଲ୍ ପୈଠ କରିଛନ୍ତି । ତେଣୁ ଉକ୍ତ ବିଦ୍ୟୁତ୍ ଗ୍ରାହକ ଜଣଙ୍କ ବିଦ୍ୟୁତ୍ ବିଲ୍ ପରିଶୋଧ ନ କରିବା ହେତୁ ମାନ୍ୟବର ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ପ୍ରଚଳିତ ନିୟମ ଅନୁଯାଇ ବିଦ୍ୟୁତ୍ ବିତରକ ସଂସ୍ଥା ଦ୍ୱାରା ତାଙ୍କ ବିଦ୍ୟୁତ୍ ସେବାକୁ ବିଚ୍ଛିନ୍ନ କରାଯାଇଥିଲା । ଏହି ଖବର ବିଭିନ୍ନ ଗଣମାଧ୍ୟମରେ ବିଭ୍ରାନ୍ତିକର ଭାବରେ ପ୍ରକାଶ କରାଯାଇଅଛି । ଏଣୁ ଆମେ ଆମର ସମସ୍ତ ଗ୍ରାହକ ତଥା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରିବାକୁ ଚାହୁଁଅଛୁ ଯେ, ଯଦିଓ ଏହା ଅନୁସନ୍ଧାନ ସାପେକ୍ଷ, ତଥାପି ଆମର ହସ୍ତଗତ ହୋଇଥିବା ଆଭ୍ୟନ୍ତରୀଣ ଖବର ଅନୁଯାୟୀ ବୁଙ୍ଗାପଲି ଗ୍ରାମର ଇଷାନ ଚନ୍ଦ୍ର ଭୋଇ, ରାମଖୋଲ ଗ୍ରାମଠାରେ ଟିପିଡବ୍ଲ୍ୟୁଓଡିଏଲର ସେକ୍ସନ ଅଫିସର୍ ତଥା ଅନ୍ୟାନ୍ୟ ରକ୍ଷଣାବେକ୍ଷଣ କର୍ମଚାରୀଙ୍କ ଗାଡ଼ି ଅଟକାଇ ଗାଳି ଗୁଲଜ କରିବା ଏକ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା । ଏହାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ ଏହା ଯେ, ଶ୍ରୀ ଇଷାନ ଭୋଇ ଗାଡ଼ିରେ ଉପସ୍ଥିତ ଥିବା ସମସ୍ତ କର୍ମଚାରୀଙ୍କୁ ମାଡ଼ ମାରିବା ନିଶ୍ଚିତ ରୂପେ ଗ୍ରହଣୀୟ ନୁହେଁ । ବିଦ୍ୟୁତ୍ ଗ୍ରାହକମାନ ଯଦି ମାସ ମାସ ଧରି ବିଦ୍ୟୁତ୍ ବିଲ୍ ପ୍ରଦାନ ନ କରିବେ ଏବଂ ହଜାର ହଜାର ଟଙ୍କା ବିଦ୍ୟୁତ୍ ବିଲ୍ ବକେୟା ରଖିବା ପରେ, ଯଦି ସେମାନଙ୍କ ବିଦ୍ୟୁତ୍ ସେବା ବିଚ୍ଛିନ୍ନ କରାଯାଏ, ତେବେ ଅନ୍ୟମାନଙ୍କ ଦ୍ୱାରା ବିଦ୍ୟୁତ୍ ସେବା ପ୍ରଦାନକାରୀ ସଂସ୍ଥାର କର୍ମଚାରୀମାନଙ୍କୁ ରାସ୍ତାରେ ଅଟକାଇ ଗାଳି ଗୁଲଜ କରିବା ତଥା ମାଡ଼ ମାରିବା ନିଶ୍ଚିତ ଭାବେ ସେହି ଅଞ୍ଚଳର ବୁଦ୍ଧିଜୀବୀମାନଙ୍କୁ ଗ୍ରହଣୀୟ ହେବ ନାହିଁ । କମ୍ପାନୀ ତରଫରୁ ପୁଣିଥରେ ସମସ୍ତ ବିଦ୍ୟୁତ୍ ଗ୍ରାହକ ତଥା ଜନସାଧାରଣଙ୍କୁ ବିନିତ ଅନୁରୋଧ କରାଯାଉଅଛି, ଦୟାକରି ବକେୟା ବିଦ୍ୟୁତ୍ ବିଲ୍ ଉପଲବ୍ଧ ମାଧ୍ୟମରେ ସମୟସୀମା ମଧ୍ୟରେ ପ୍ରଦାନ କରନ୍ତୁ ଏବଂ ବିଦ୍ୟୁତ୍ ସେବା ବିଚ୍ଛିନ୍ନ ଭଳି ପରିସ୍ଥିତିକୁ ଏଡ଼ାନ୍ତୁ । ଟିପିଡବ୍ଲ୍ୟୁଓଡିଏଲର ସମସ୍ତ ପ୍ରତ୍ୟେକ୍ଷ ତଥା ପରୋକ୍ଷ କର୍ମଚାରୀଙ୍କୁ ଗ୍ରାହକମାନଙ୍କ ସହିତ ସମ୍ମାନ ପୂର୍ବକ ବ୍ୟବହାର କରିବା ପାଇଁ କମ୍ପାନୀ ପକ୍ଷରୁ ଶକ୍ତ ନିର୍ଦ୍ଦେଶ ରହିଛି ।


**AFFIDAVIT**

By virtue of an affidavit sworn before the Executive Magistrate, Nimapara dated 20.03.2025, I Bharat Swain, Address: village-Dahijanga, PO- Ratilo, PS- Nimapara, Dist- Puri, PIN-752114, declare that I have changed my son's name from Akash Swain to Bishal Swain. Henceforth he shall be known as Bishal Swain for all purposes.

**Sd/- Bharat Swain**

**NOTICE**

By virtue of an affidavit sworn before Executive Magistrate, Nimapara dated 13.03.2025, I Gurei Dei, W/o: Sidheswar Mukhi of Banamlipur-samili-Bhakarsahi, PO: Banamalipur, PS: Balipatana, Dist-Khordha, declare that I have changed my name from Gurei Mukhi to Gurei Dei. Henceforth I shall be known as Gurei Dei for all purpose.

**AFFIDAVIT**

By virtue of an affidavit sworn before the Notary Public Bhawanipatna on Dated 29 Oct.2024, I, Kasturi Behera, D/O-Raghunath Behera Address At/Po-Basantapada, Ps-Lanjigarh, Dist- Kalahandi, PIN-766027, Odisha, have changed my name from Kasturi Nag to Kasturi Behera. Henceforth I shall be known as Kasturi Behera for all purposes.

**Sd/- Kasturi Behera**

**AFFIDAVIT**

By virtue of an affidavit sworn before the Notary Public Bhawanipatna on Dated 29 Oct.2024, I, Narendra Behera, S/o-Raghunath Behera, Address At/Po-Basantapada, PS-Lanjigarh, Dist- Kalahandi, PIN- 766027, Odisha, have changed my name from Narendra Nag to Narendra Behera. Henceforth I shall be konwn as Narendra Behera for all purpose.

**Sd/ Narendra Behera**

**AFFIDAVIT**

By virtue of an affidavit sworn before the Notary Public Bhawanipatna on Dated 29 Oct.2024, I, Mrs. Pramila Debi, Address At/PO-Basantapada, PS-Lanjigarh, Dist- Kalahandi, PIN-766027, Odisha have changed my name from Pramila Nag to Pramila Debi. Henceforth, I shall be known as Pramila Debi for all purposes.

**Sd/- Pramila Debi**

**AFFIDAVIT**

By virtue of an affidavit sworn before the Notary Public Bhawanipatna on Dated 29 Oct.2024, I, Mr. Raghunath Behera, Address- At/Po-Basantapada, PS-Lanjigarh, Dist- Kalahandi, PIN-766027,Odisha have changed my name from Raghunath Nag to Raghunath Behera. Henceforth I shall be known as Raghunath Behera for all purposes.

**Sd/- Raghunath Behera**

**PUBLIC NOTICE**

NOTICE is hereby given that the below mentioned Authorised Person is no longer affiliated as Authorised Person of Kotak Securities Limited.

| Authorised Person Name | Trade Name | Exchange Registration Numbers of Authorised Person | Address of Authorised Person |
|---|---|---|---|
| Chandan Kumar Brahma | Chandan Kumar Brahma | NSE- AP0291565601 | Plot No 2298 Nirmalya Signature 3rd Floor Jaydev Vihar Bhubaneswar Bolangir 751013 |

Please note that above mention Authorised Person (AP) is no longer associated with us. Any person henceforth dealing with above mention AP should do so, at their own risk. Kotak Securities Ltd. shall not be liable for any such dealing. In case of any queries for the transactions till date, Investors are requested to inform Kotak Securities Ltd. within 15 days from the date of this notification, failing which it shall be deemed that there exists no queries against the above mentioned AP.

kotak Kotak Securities Kotak Securities Limited. Registered Office: 27 BKC, C 27, G Block, Bandra Kurla Complex, Bandra (E), Mumbai 400051. CIN: U99999MH1994PLC134051, Telephone No.: +22 43360000, Fax No.: +22 67132430. Website: www.kotak.com / www.kotaksecurities.com. Correspondence Address: Infinity IT Park, Bldg. No 21, Opp. Film City Road, A K Vaidya Marg, Malad (East), Mumbai 400097. Telephone No: 42856825. SEBI Registration No: INZ000200137(Member of NSE, BSE, MSE, MCX & NCDEX) , AMFI ARN 0164, PMS INP000000258 and Research Analyst INH000000586. NSDL/CDSL: : IN-DP-629-2021. Compliance Officer Details: Mr. Hiren Thakkar Call: 022-42858484,or Email: ks.compliance@kotak.com

**PUBLIC NOTICE**

NOTICE is hereby given that the below mentioned Authorised Person is no longer affiliated as Authorised Person of Kotak Securities Limited.

| Authorised Person Name | Trade Name | Exchange Registration Numbers of Authorised Person | Address of Authorised Person |
|---|---|---|---|
| Babu Basantia | Babu Basantia | NSE- AP0291567391 | House No 91 Ratnakar Bagh Lane 1 Radhika Tower Tankapani Road Badagarh Brit Colony Bhubaneswar 751018 |

Please note that above mention Authorised Person (AP) is no longer associated with us. Any person henceforth dealing with above mention AP should do so, at their own risk. Kotak Securities Ltd. shall not be liable for any such dealing. In case of any queries for the transactions till date, Investors are requested to inform Kotak Securities Ltd. within 15 days from the date of this notification, failing which it shall be deemed that there exists no queries against the above mentioned AP.

kotak Kotak Securities Kotak Securities Limited. Registered Office: 27 BKC, C 27, G Block, Bandra Kurla Complex, Bandra (E), Mumbai 400051. CIN: U99999MH1994PLC134051, Telephone No.: +22 43360000, Fax No.: +22 67132430. Website: www.kotak.com / www.kotaksecurities.com. Correspondence Address: Infinity IT Park, Bldg. No 21, Opp. Film City Road, A K Vaidya Marg, Malad (East), Mumbai 400097. Telephone No: 42856825. SEBI Registration No: INZ000200137(Member of NSE, BSE, MSE, MCX & NCDEX) , AMFI ARN 0164, PMS INP000000258 and Research Analyst INH000000586. NSDL/CDSL: : IN-DP-629-2021. Compliance Officer Details: Mr. Hiren Thakkar Call: 022-42858484,or Email: ks.compliance@kotak.com



ମୁମ୍ବାଇ: ସୁଶାନ୍ତ ସିଂହ ରାଜପୁତଙ୍କ ମୃତ୍ୟୁ ମାମଲାରେ ସିବିଆଇ ଏକ କ୍ଲୋଜର ରିପୋର୍ଟ ଦାଖଲ କରିଛି। ଏହି ରିପୋର୍ଟକୁ ନେଇ ଦିଶା ସାଲିଆନଙ୍କ ପିତାଙ୍କ ଓକିଲ କହିଛନ୍ତି ଯେ ଆଇନ ପାଖରେ ଏସବୁର କୌଣସି ମୂଲ୍ୟ ନାହିଁ। କାରଣ କୋର୍ଟ ଚାହିଁଲେ ଏହି ମାମଲାର ତଦନ୍ତ ପାଇଁ ଆଗକୁ ନିର୍ଦ୍ଦେଶ ଦେଇପାରିବେ। ତେବେ ଦାଶା ସାଲିଆନଙ୍କ ପିତାଙ୍କ ଆଇନଜୀବୀ ନିଲେଶ ସି ଓଝା କହିଛନ୍ତି ଯେ କାହାକୁ କ୍ଲିନ୍ ଚିଟ୍ ମିଳିନାହିଁ ଓ ସପ୍ତାହରେ ମିଥ୍ୟା କଥା ପ୍ରଚାର ହେଉଛି। କ୍ଲୋଜର ରିପୋର୍ଟ ମିଳିଲା ପରେ ମଧ କୋର୍ଟ ହତ୍ୟା ମାମଲାର ବିଚାର କରି ଏହାର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇପାରିବେ। ଏପରିକି ଗିରଫ ପରୱାନା ମଧ୍ୟ ଜାରି କରିପାରିବେ। ଯେପରି ଆରୁଷି ତଲୱାର ମାମଲାରେ ଘଟିଥିଲା। ତେବେ ଦିଶାଙ୍କ ପିତା ତାଙ୍କ ଝିଅର ମୃତ୍ୟୁର ସାନି ତଦନ୍ତ ଏବଂ ଉଦ୍ଧବ ଠାକରେ ଙ୍କ ଶିବସେନା (ୟୁବିଟି) ନେତା ଆଦିତ୍ୟ ଠାକରେଙ୍କ ହାତ ଥିବା ଅଭିଯୋଗ କରି ତଦନ୍ତ କରିବାକୁ ଦାବି କରିଛନ୍ତି। ଦିଶା ସାଲିଆନଙ୍କ ମୃତ୍ୟୁ ମାମଲାର ଶୁଣାଣି ପାଇଁ ବମ୍ବେ ହାଇକୋର୍ଟ ଏପ୍ରିଲ ୨ ତାରିଖକୁ ଧାର୍ଯ୍ୟ କରିଛନ୍ତି।

## ନାଗପୁରରୁ ହଟିଲା କର୍ଫ୍ୟୁ, ୩୦ରେ ଯିବେ ପ୍ରଧାନମନ୍ତ୍ରୀ



ନାଗପୁର: ନାଗପୁରରେ ହୋଇଥିବା ସାମ୍ପ୍ରଦାୟିକ ହିଂସାର ୬ ଦିନ ପରେ ରବିବାର ସହରର ସବୁ ସ୍ଥାନରୁ କର୍ଫ୍ୟୁ ହଟାଇ ଦିଆଯାଇଛି। ତେବେ ପ୍ରଶାସନ ପକ୍ଷରୁ କୌଣସି ପ୍ରକାରର ଅପ୍ରିତିକର ପରିସ୍ଥିତି ନିମନ୍ତେ କଡ଼ା ନଜର ରଖାଯାଇଛି। ଗୁଡ଼ିପଡ଼ୱା ଉତ୍ସବ ପାଇଁ ମାର୍ଚ୍ଚ ୩୦ ତାରିଖରେ ପ୍ରଧାନମନ୍ତ୍ରୀ ନାଗପୁର ଗସ୍ତ କରିବେ। ଏଣୁ ସହରର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ ରହିବ। ପ୍ରଧାନମନ୍ତ୍ରୀ ଏହି ଗସ୍ତକାଳରେ ଆରଏସଏସ ମୁଖ୍ୟାଳୟକୁ ଯିବା ସହ ସଂଘ ମୁଖ୍ୟ ମୋହନ ଭାଗବତଙ୍କୁ ଭେଟି ପାରନ୍ତି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ତଥା ଗୃହମନ୍ତ୍ରୀ ଦେବେନ୍ଦ୍ର ଫଡନବୀଶ ଲଗାତାର ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କରୁଛନ୍ତି। ଗତ ସପ୍ତାହେ ହେଲା ଦଙ୍ଗାକୁ ନେଇ ଅନେକ ଏଫଆଇଆର ରୁଜୁ ହେଲାଣି ଓ ୧୦୦ରୁ ଅଧିକ ଲୋକ ଗିରଫ ମଧ ହେଣେଣି। ୧୭ ମାର୍ଚ୍ଚ ହିଂସା ପରେ ସହର ପୋଲିସ ମୁଖ୍ୟ ଡା. ରବିନ୍ଦର ସିଂଘଲ କୌତବାଲୀ, ଗଣେଶ ପେଠ, ତହସିଲ, ଲକଡଗଞ୍ଜ, ପଚପାବଲୀ, ଶାନ୍ତିନଗର, ଶକ୍କରଦରା, ନନ୍ଦନବନ, ଇମାମବାଡା, ଯଶୋଧାରା ନଗର ଓ କପିଲ ନଗର ଥାନା ଅଞ୍ଚଳରେ କର୍ଫ୍ୟୁ ଜାରି କରିବାକୁ ଆଦେଶ ଦେଇଥିଲେ। ତେବେ ମାର୍ଚ୍ଚ ୨୦ ତାରିଖରେ ନନ୍ଦନବନ ଓ କପିଲ ନଗର ଥାନା ଅଞ୍ଚଳରୁ ତଥା ମାର୍ଚ୍ଚ ୨୨ ତାରିଖରେ ପଚପାବଲୀ, ଶାନ୍ତିନଗର, ଲକଡଗଞ୍ଜ, ଶକ୍କରଦରା ଓ ଇମାମବାଡା କ୍ଷେତ୍ରରୁ କର୍ଫ୍ୟୁ ହଟାଇ ଦିଆଯାଇଥିଲା। ଏଥିରେ ୨୩ ମାର୍ଚ୍ଚ ରବିବାର କୌତବାଲୀ, ତହସିଲ, ଗଣେଶପେଠ ଓ ଯଶୋଧାରା ନଗର ଅଞ୍ଚଳରୁ କର୍ଫ୍ୟୁ ହଟିଛି। ଫଳରେ ସହରର ସବୁସ୍ଥାନରୁ ଏବେ କର୍ଫ୍ୟୁ ହଟି ଯାଇଛି। ଶନିବାର ୩୮ ବର୍ଷ ବୟସ୍କ ୱେଲ୍ଡର ଇର୍ଫାନ ଅଂସାରୀ ଯିଏ ସୋମବାର ସାମ୍ପ୍ରଦାୟିକ ଦଙ୍ଗା କାଳରେ ଆହତ ହୋଇ ମୃତ୍ୟୁବରଣ କରିଥିଲେ।

## ବାଂଲାଦେଶ ପ୍ରଧାନମନ୍ତ୍ରୀ ଭାବେ ଫେରିବେ ଶେଖ ହସିନା



ନୂଆଦିଲ୍ଲୀ: ଶେଖ ହସିନା ପୁଣିଥରେ ବାଂଲାଦେଶୀ ପ୍ରଧାନମନ୍ତ୍ରୀ ଭାବରେ ନିଜ ଦେଶକୁ ଫେରିବେ। ତେଣୁ ବର୍ତ୍ତମାନ ବାଂଲାଦେଶ ଉପଦେଷ୍ଟା (ମହମ୍ମଦ ୟୁନୁସ) ସାଜିଥିବା ବ୍ୟକ୍ତି ଯେଉଁଠାରୁ ଆସିଥିଲେ ସେହିଠାକୁ ଚାଲି ଯାଆନ୍ତୁ। ଏକଥା କହିଛନ୍ତି ଆମେରିକା ଆୱାମୀ ଲିଗ୍ ଉପାଧ୍ୟକ୍ଷ ଡକ୍ଟର ରବି ଆଲାମ। କେବଳ ସେତିକି ନୁହେଁ ଶେଖ ହସିନାଙ୍କୁ ଆଶ୍ରୟ ଦେଇଥିବାରୁ ସେ ଭାରତକୁ ଧନ୍ୟବାଦ ଦେଇଛନ୍ତି। ସୂଚନା ଥାଉକି ରବି ଆଲାମ ହସିନାଙ୍କର ଘନିଷ୍ଠ ସହଯୋଗୀ। ଏଏନଆଇକୁ ପ୍ରତିକ୍ରିୟା ଦେଇ ଡ. ଆଲମ କହିଛନ୍ତି "ଆମେ ବାଂଲାଦେଶ ପରାମର୍ଶଦାତାଙ୍କୁ ପଦ ଛାଡିବାକୁ ଏବଂ ଯେଉଁଠାରୁ ଆସିଥିଲେ ସେଠାକୁ ଫେରିଯାଆନ୍ତୁ ବୋଲି କହିବାକୁ ଚାହୁଁଛୁ। କାରଣ ଶେଖ ହସିନା ପ୍ରଧାନମନ୍ତ୍ରୀ ଭାବରେ ପୁଣିଥରେ ଫେରି ଆସୁଛନ୍ତି। ଦେଶର ଯୁବ ପିଢ଼ି ଭୁଲ କରିଛନ୍ତି, କିନ୍ତୁ ଏହା ସେମାନଙ୍କ ଦୋଷ ନୁହେଁ; ସେମାନଙ୍କୁ ବିଭ୍ରାନ୍ତ କରାଯାଇଥିଲା।" ଦିର୍ଘଦିନ ଧରି ଚାଲିଥିବା ଛାତ୍ର ଆନ୍ଦୋଳନ ପ୍ରତିବାଦ ଓ ସଂଘର୍ଷ ପରେ ଗତବର୍ଷ ଅଗଷ୍ଟ ୫ ତାରିଖରେ ବାଂଲାଦେଶର ପ୍ରଧାନମନ୍ତ୍ରୀ ଶେଖ ହସିନା ଦେଶ ଛାଡି ଭାରତ ଚାଲି ଆସିଥିଲେ। ଏହି ସଂଘର୍ଷରେ ୬୦୦ ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। ଫଳରେ ୭୭ ବର୍ଷୀୟା ଶେଖ ହସିନାଙ୍କୁ ଭାରତରେ ଶରଣ ନେବାକୁ ପଡ଼ିଥିଲା। ସେବେଠାରୁ ନୋବେଲ ପୁରସ୍କାର ବିଜେତା ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ଏକ ମଧ୍ୟବର୍ତ୍ତୀକାଳୀନ ସରକାର ଗଠନ କରାଯାଇଥିଲା। ଯାହା ଏବେ ମଧ ବଳବତ୍ତର ରହିଛି।

## ଯକ୍ଷ୍ମା ବିରୋଧରେ ସଚେତନତା ସୃଷ୍ଟି ପାଇଁ ବିଷ୍ଣୁଦେବଙ୍କ ଆହ୍ୱାନ



ରାୟପୁର : ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ରବିବାର ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ସଚେତନତା ସୃଷ୍ଟି କରିବାପାଇଁ ଛତିଶଗଡବାସୀଙ୍କୁ ଅନୁରୋଧ କରିଛନ୍ତି। ଟିବି ଭଳି ଏକ ସଂକ୍ରମକ ରୋଗକୁ ସମୂଳେ ନିପାତ ପାଇଁ ସମସ୍ତେ ଏକଜୁଟ ହୋଇ କାମ କରିବାକୁ ସେ ଅପିଲ କରିଛନ୍ତି। ଶ୍ରୀ ସାଏ କହିଥିଲେ ଯକ୍ଷ୍ମା କେବଳ ଏକ ବେମାରୀ ନୁହେଁ ବରଂ ଏହା ସାମାଜିକ ଏବଂ ଆର୍ଥିକ ବିକାଶ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରୁଛି। ସେ କହିଥିଲେ ଏହା ଏକ ସଂକ୍ରମକ ରୋଗ ଯାହାକି ଅନ୍ୟମାନଙ୍କୁ ଖୁବ୍ ଶୀଘ୍ର ପ୍ରଭାବିତ କରିଥାଏ। ସାରା ବିଶ୍ୱରେ ଲକ୍ଷଲକ୍ଷ ଲୋକ ଏହି ରୋଗରେ ଆକ୍ରାନ୍ତ ହେଉଛନ୍ତି ତେଣୁ ଏହାର ଲକ୍ଷଣ ଯାଞ୍ଚ କରି ଏହାର ଉପଚାର କରିପାରିଲେ ଏହା ସମୂଳେ ବିନାଶ ହୋଇପାରିବ ବୋଲି ସେ କହିଥିଲେ। ସେ କହିଥିଲେ ପ୍ରତିବର୍ଷ ୨୪ମାର୍ଚ୍ଚକୁ ବିଶ୍ୱ ଯକ୍ଷ୍ମା ଦିବସଭାବେ ପାଳନ କରାଯାଉଥିବା ବେଳେ ଏହା ବିରୋଧରେ ସାରା ବିଶ୍ୱ ଲଢ଼େଇ କରିବାକୁ ସେ ପରାମର୍ଶ ଦେଇଥିଲେ। ଛତିଶଗଡ ସରକାର ତାଙ୍କ ରାଜ୍ୟରେ ଯକ୍ଷ୍ମା ରୋକିବା ପାଇଁ ସମସ୍ତ ବ୍ୟବସ୍ଥା କରାଇଛନ୍ତି। ସମସ୍ତ ସରକାରୀ ହସ୍ପିଟାଲରେ ମାଗଣାରେ ଯକ୍ଷ୍ମା ରୋଗର ଯାଞ୍ଚ କରାଯିବା ସହ ସମାଜର ସବୁ ବର୍ଗର ଲୋକଙ୍କୁ ସହାୟତା ଯୋଗାଇ ଦିଆଯାଉଛି। ଲଗାତାର କାଶ, ଜ୍ୱର, ଓଜନ କମିବା ଏହି ରୋଗର ଲକ୍ଷଣ। ତେଣୁ ତୁରନ୍ତ ଏସବୁ ଦେଖା ଦେଲେ ଡାକ୍ତରଙ୍କ ପାଖକୁ ଯାଇ ପରାମର୍ଶ ନେବା ପାଇଁ ସେ କହିଥିଲେ।

## ପାକିସ୍ତାନରେ ଚିନି କିଲୋ ୧୮୦ ଟଙ୍କା

ଇସଲାମାବାଦ : ପାକିସ୍ତାନରେ ଚିନି ମୂଲ୍ୟ ନିୟମିତ ବ୍ୟବଧାନରେ ବଢିଚାଲିଛି। ଚିନିର ବିକ୍ରି ମୂଲ୍ୟ ଉପରେ ସରକାର କଟକଣା ଲାଗୁ କରିଥିଲେ ସୁଦ୍ଧା ଏହା ପ୍ରଭାବଶୂନ୍ୟ ପ୍ରମାଣିତ ହୋଇଛି। ଖୋଲା ବଜାରରେ ଚିନି କିଲୋ ପିଛା ସର୍ବାଧିକ ୧୩୦ ଟଙ୍କାରେ ବିକ୍ରି କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଥିଲା। ବର୍ତ୍ତମାନ ପାକିସ୍ତାନ ମାର୍କେଟରେ ଏହା କିଲୋ ପିଛା ୧୮୦ ଟଙ୍କାରେ ବିକ୍ରି କରାଯାଉଥିବା ଜଣାପଡିଛି। ମାର୍ଚ୍ଚ ପ୍ରଥମ ସପ୍ତାହରେ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଚିନିର ବିକ୍ରି ମୂଲ୍ୟ ଉପରେ କଟକଣା ଲାଗୁ କରିବା ଫଳରେ ଏହା କିଲୋ ପିଛା ୧୬୮ରୁ ୧୫୮ ଟଙ୍କାକୁ ହ୍ରାସ ପାଇଥିଲା। ତେବେ ରମଜାନ ମାସ ଆରମ୍ଭ ହେବାପରେ ଏହା ପୁଣି ୧୮୦ ଟଙ୍କାକୁ ବୃଦ୍ଧି ପାଇଛି।

## ସପ୍ତାହକୁ ୭୦ ଘଣ୍ଟା କାମକୁ ନେଇ ସୁଧା ମୂର୍ତ୍ତିଙ୍କ ପ୍ରତିକ୍ରିୟା



ନୂଆଦିଲ୍ଲୀ: ଦେଶର ପ୍ରମୁଖ ଆଇଟି କମ୍ପାନୀ ଇନଫୋସିସର ସହ-ପ୍ରତିଷ୍ଠାତା ନାରାୟଣ ମୂର୍ତ୍ତିଙ୍କ ୭୦ ଘଣ୍ଟା କାମ କରିବା ମନ୍ତବ୍ୟ ଉପରେ ପ୍ରଥମ ଥର ପାଇଁ ପ୍ରତିକ୍ରିୟା ଦେଇଛନ୍ତି ପତ୍ନୀ ସୁଧା ମୂର୍ତ୍ତି। ରାଜ୍ୟସଭା ସାଂସଦ ସୁଧା ମୂର୍ତ୍ତି କହିଛନ୍ତି ଯେ ସଫଳତା ପାଇଁ କୌଣସି ଯାଦୁ ବାଡ଼ି ନାହିଁ, ଯାହାକୁ ହଲାଇ ଦେଲେ ସଫଳତା ଆପେଆପେ ମିଳିଯିବ। ବରଂ ଏଥିପାଇଁ କଠିନ ପରିଶ୍ରମ, ସମୟ ଏବଂ ସମର୍ପଣଭାବ ଆବଶ୍ୟକ। ଏକ ସାକ୍ଷାତକାରରେ ସେ କହିଛନ୍ତି, ଯେତେବେଳେ ଜଣେ ବ୍ୟକ୍ତି ତାଙ୍କ କାମ ପ୍ରତି ଅତ୍ୟନ୍ତ ଉତ୍ସାହୀ ଥାଆନ୍ତି ସେତେବେଳେ ସମୟର କୌଣସି ମୂଲ୍ୟ ନଥାଏ। ଇନଫୋସିସର ସଫଳତା କେବଳ ତାଙ୍କ ସ୍ୱାମୀଙ୍କ କଠିନ ପରିଶ୍ରମ ଯୋଗୁଁ ନୁହେଁ ବରଂ ସମଗ୍ର ପରିବାର ଏବଂ ତାଙ୍କ ଟିମର ଅବଦାନ ଯୋଗୁଁ ସମ୍ଭବ ହୋଇପାରିଛି। ଆହୁରି ଇନଫୋସିସର ପ୍ରାରମ୍ଭିକ ଦିନଗୁଡ଼ିକୁ ମନେ ପକାଇ ସୁଧା ମୂର୍ତ୍ତି କହିଛନ୍ତି, ମୋ ସ୍ୱାମୀ ଏବଂ ତାଙ୍କ ଟିମ୍ ଦିନକୁ ୭୦ ଘଣ୍ଟାରୁ ଅଧିକ ସମୟ କାମ କରୁଥିଲେ। କାରଣ ସେମାନଙ୍କ ପାଖରେ ଅଧିକ ଆର୍ଥିକ ସହାୟତା କିମ୍ବା କୌଣସି ପ୍ରମୁଖ ସୁବିଧା ମଧ୍ୟ ନ ଥିଲା।ଇନଫୋସିସକୁ ଏତେ ବଡ଼ କରିବା ପଛରେ କୌଣସି ଯାଦୁ ନଥିଲା। ଏହା କେବଳ କଠିନ ପରିଶ୍ରମ, ସଠିକ୍ ସମୟ ଏବଂ ଭାଗ୍ୟର ଫଳାଫଳ ଥିଲା। ସେ ଏହା ମଧ କହିଛନ୍ତି ଯେ କେବଳ ଆଇଟି କ୍ଷେତ୍ରରେ ନୁହେଁ ବରଂ ଡାକ୍ତର, ସାମ୍ବାଦିକ ଏବଂ ଅନ୍ୟାନ୍ୟ ବୃତ୍ତି କ୍ଷେତ୍ରରେ ମଧ ଲୋକମାନେ ୯୦-୯୦ ଘଣ୍ଟା କାମ କରିଥାନ୍ତି।

## ଜାମା ମସଜିଦ୍ ମୁଖ୍ୟ ଗିରଫ

ସମ୍ଭଲ : ଗତବର୍ଷ ନଭେମ୍ବର ମାସରେ ହୋଇଥିବା ସମ୍ଭଲ ହିଂସା ମାମଲାରେ ସ୍ୱନ୍ତ୍ର ତଦନ୍ତକାରୀ ଦଳ (ଏସଆଇଟି) ରବିବାର ବଡ଼ କାର୍ଯ୍ୟାନୁଷ୍ଠାନ କରିଛି। ଏସଆଇଟି ପଚରା ଉଚରା ପରେ ଜାମା ମସଜିଦ୍ ମୁଖ୍ୟ (ସଦର) ଜଫର ଅଲୀଙ୍କୁ ଗିରଫ କରିଛି। ଏହା ପୂର୍ବରୁ ଜଫର ଅଲୀଙ୍କୁ ଅନେକବାର ନୋଟିସ୍ ପଠାଇ ଡକା ଯାଇଥିଲା। ତେବେ ଜଫର ଅଲୀ ହାଜର ହେଉ ନଥିଲେ। ଏସଆଇଟି ରବିବାର ତଦନ୍ତ ପାଇଁ ସମ୍ଭଲ ପହଞ୍ଚିଥିଲା ଓ ଜଫର ଅଲୀଙ୍କୁ କଷ୍ଟଡିକୁ ନେଇ ଥାନାରେ ପଚରା ଉଚରା କରିଛି। ଏହି ପଚରା ଉଚରା ପରେ ଜଫର ଅଲୀଙ୍କୁ ଗିରଫ କରାଯାଇଛି। ମାମଲାରେ ଏସଆଇଟି ଗହନ ତଦନ୍ତ କରୁଛି। ଏଏସପି ଶ୍ରୀଶ୍ଚନ୍ଦ୍ର ଜଫର ଅଲୀଙ୍କ ଗିରଫକୁ ପୁଷ୍ଟି କରିଛନ୍ତି। ଜାମା ମସଜିଦ କମିଟି ସଦର ଜଫର ଅଲୀଙ୍କୁ ଭେଟିବା ପାଇଁ ବଡ଼ ଭାଇ ତାହିର ଅଲୀ ଥାନାକୁ ପହଞ୍ଚିଥିଲେ। ଜଫର ଅଲୀଙ୍କୁ ଭେଟିବା ପରେ ତାହିର ଅଲୀ କହିଛନ୍ତି ଯେ ସୋମବାର ଜଫର ଅଲୀ ଜୁଡିସିଆଲ କମିଶନରେ ତାଙ୍କ ବୟାନ ଦେବେ। ତେବେ ପୋଲିସ ଚାହୁଁଛି ସେ ବୟାନ ନ ଦିଅନ୍ତୁ। କିନ୍ତୁ ଜଫର ଅଲୀ ସେହି ବୟାନ ଦେବେ ଯାହା ସେ ପୂର୍ବରୁ ଦେଇଥିଲେ। ଜଫର ଅଲୀ କହିଥିଲେ ଯେ ହିଂସା କାଳରେ ପୋଲିସ ପ୍ରଥମେ ଗୁଳି ଚଳାଇଥିଲା। ତାହିର ଅଲୀ କହିଛନ୍ତି ଯେ ଜଫର ଅଲୀ ଚାହାନ୍ତି ସମ୍ଭଲରେ ଶାନ୍ତି ରହୁ, ହେଲେ ପୋଲିସ ଏହା ଚାହେଁନି। ପୋଲିସ ଜଫର ଅଲୀଙ୍କୁ ଜେଲ ପଠାଇବାକୁ ଚାହୁଁଛି। ଶାହୀ ଜାମା ମସଜିଦରେ ୨୪ ନଭେମ୍ବର ୨୦୨୪ରେ ହୋଇଥିବା ହିଂସାର ଯାଞ୍ଚ କରୁଥିବା ୩ ସଦସୀୟ ବିଚାର ବିଭାଗୀୟ ତଦନ୍ତ ଆୟୋଗ ଏ ପର୍ଯ୍ୟନ୍ତ ୪ଟି ପର୍ଯ୍ୟାୟରେ ୧୬୦ ଜଣଙ୍କ ବୟାନ ରେକର୍ଡ କରିଛନ୍ତି।

## କଶ୍ମୀରରେ ଏନ୍କାଉଣ୍ଟର: ଆତଙ୍କବାଦୀଙ୍କୁ ଘେରିଲେ ସୁରକ୍ଷା ବାହିନୀ

ଶ୍ରୀନଗର: ଜମ୍ମୁ ଓ କାଶ୍ମୀରର କଠୁଆ ଜିଲ୍ଲାରେ ରବିବାର ସଂଧ୍ୟାରେ ଆତଙ୍କବାଦୀ ଏବଂ ସୁରକ୍ଷା ବାହିନୀ ମଧ୍ୟରେ ଏକ ଏନକାଉଣ୍ଟର ହୋଇଛି। କଠୁଆ ଜିଲ୍ଲାର ହୀରାନଗରରେ ଆତଙ୍କବାଦୀଙ୍କ ଉପସ୍ଥିତି ବିଷୟରେ ସୁରକ୍ଷା ବାହିନୀକୁ ସୂଚନା ମିଳିଥିଲା, ଯାହା ପରେ ଏଠାରେ ଏକ ବଡ଼ ଧରଣର ସର୍ଚ୍ଚ ଅପରେସନ୍ କରାଯାଉଥିଲା। ଏହି ସମୟରେ ସୁରକ୍ଷା ବାହିନୀ ତିନିରୁ ଚାରି ଜଣ ଆତଙ୍କବାଦୀଙ୍କୁ ଦେଖିଥିଲେ ଏବଂ ତା'ପରେ ଏନକାଉଣ୍ଟର ଆରମ୍ଭ ହୋଇଥିଲା। ଭାରତ-ପାକିସ୍ତାନ ଅନ୍ତର୍ଜାତୀୟ ସୀମା ସଂଲଗ୍ନ ଅଞ୍ଚଳରେ ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଦେଖିବା ପରେ ସୁରକ୍ଷା ବାହିନୀ ଏହି ଅପରେସନ ଆରମ୍ଭ କରିଥିଲେ। ସୁରକ୍ଷା ବାହିନୀ ସନ୍ଦେହ କରୁଥିଲେ ଯେ ଏହି ଅଞ୍ଚଳରେ ଆତଙ୍କବାଦୀମାନେ ଲୁଚି ରହିପାରନ୍ତି। ହରିନଗର ଅଞ୍ଚଳର ସାନିଆଲ ଗାଁର ଏକ ଦମ୍ପତି କାଠ ସଂଗ୍ରହ କରିବାକୁ ଜଙ୍ଗଲ ଅଞ୍ଚଳକୁ ଯାଇଥିଲେ। ଜଙ୍ଗଲରୁ ଝିଅମାନଙ୍କୁ ନେଇ ଯାଉଥିବା ସମୟରେ, ଦମ୍ପତିଙ୍କୁ ପ୍ରାୟ ପାଞ୍ଚ ଜଣ ଆତଙ୍କବାଦୀ ଘେରି ଯାଇଥିଲେ। ଆତଙ୍କବାଦୀଙ୍କ କବଳରେ ଫସି ରହିଥିବା ଏହି ଦମ୍ପତି କୌଣସି ପ୍ରକାରେ ନିଜ ଜୀବନ ବଞ୍ଚାଇଥିଲେ। ଆତଙ୍କବାଦୀଙ୍କ କବଳରୁ ଖସି ଆସିବା ପରେ, ଦମ୍ପତି ସାନିଆଲ ଗାଁରେ ପହଞ୍ଚି ଜଙ୍ଗଲରେ ଆତଙ୍କବାଦୀଙ୍କ ଉପସ୍ଥିତି ବିଷୟରେ ସୁରକ୍ଷା ବାହିନୀକୁ ସୂଚନା ଦେଇଥିଲେ।

# ବାଣିଜ୍ୟ



ନୂଆଦିଲ୍ଲୀ: ଭାରତର ଅଭିବୃଦ୍ଧିରେ କେବଳ ଭାରତ ନୁହେଁ ସାରା ବିଶ୍ୱର ଉପକାର ହେବ ବୋଲି ଆମେରିକା ଶିଳ୍ପପତି ମାଇକ୍ରୋସଫ୍ଟର ସହ-ପ୍ରତିଷ୍ଠାତା ବିଲ୍ ଗେଟ୍ସ କହିଛନ୍ତି। ଗୁରୁବାର ମୁମ୍ବାଇରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ବିଲ୍ ଗେଟ୍ସ ଏପରି କହିଛନ୍ତି। କେବଳ ଏତିକି ନୁହେଁ, ସେ ଭାରତରେ ଦ୍ରୁତ ନବସୃଜନ (ଇନୋଭେସନ)କୁ ମଧ ପ୍ରଶଂସା କରିଛନ୍ତି। ବିଲ୍ ଗେଟ୍ସ କହିଛନ୍ତି ଯେ ୨୦୪୭ ସୁଦ୍ଧା ଦେଶ ଏକ ବିକଶିତ ରାଷ୍ଟ୍ର ଭାବରେ ଉଭା ହେବା କେବଳ ଭାରତକୁ ପରିବର୍ତ୍ତନ କରିବ ନାହିଁ ବରଂ ବିଶ୍ୱ ଉପରେ ମଧ ଏହାର ସକାରାତ୍ମକ ପ୍ରଭାବ ପଡ଼ିବ। 'ଭାରତରେ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକୁ ପ୍ରାଥମିକତା ଦିଆଯିବା ଏକ ଅତ୍ୟନ୍ତ ସକାରାତ୍ମକ ଗତି ସୃଷ୍ଟି କରିଛି ବୋଲି ସେ କହିଛନ୍ତି। ଭାରତର ଆର୍ଥିକ ଅଭିବୃଦ୍ଧି ସମ୍ଭାବନାକୁ ଆଶାଜନକ ବୋଲି ବର୍ଣ୍ଣନା କରି ଗେଟ୍ସ କହିଛନ୍ତି, ଅଭିବୃଦ୍ଧି ହାର ୫% ହେବ କି ୧୦% ହେବ ସେ ବିଷୟରେ ବିତର୍କ ଚାଲିଛି ଏହା ଏକ ଭଲ କଥା। ତେବେ ଅଭିବୃଦ୍ଧି ହାର ୧୦% ପର୍ଯ୍ୟନ୍ତ ପହଞ୍ଚିବ ବୋଲି ମୁଁ ଭାବୁନାହିଁ, କିନ୍ତୁ ଏହା ୫% ତଳକୁ ମଧ ଯିବ ନାହିଁ। ବିଲ୍ ଗେଟ୍ସ କହିଛନ୍ତି ଯେ ଆର୍ଥିକ ବିସ୍ତାର ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷାରେ ଅଧିକ ସରକାରୀ ନିବେଶକୁ ସକ୍ଷମ କରିବ, ଯାହା ଫଳରେ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ସୃଷ୍ଟି ହେବ।

## ହଟ୍ସନ୍ ଏଗ୍ରୋ ପ୍ରଡକ୍ଟର ହାପ୍ ଦୈନିକ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ




ନୂଆଦିଲ୍ଲୀ : ଭାରତର ଅଗ୍ରଣୀ ଘରୋଇ ଦୁଗ୍ଧ କମ୍ପାନୀହଟ୍ସନ୍ ଏଗ୍ରୋ ପ୍ରଡକ୍ଟ ଲିମିଟେଡ ଆଜି ଆନ୍ଧ୍ରପ୍ରଦେଶର ଭୀମାଭରମରେ ଏହାର ୪୦୦୦ତମ ହାପ୍ ଦୈନିକ ବିକ୍ରୟ କେନ୍ଦ୍ର ଉଦଘାଟନ କରିଛି। ଏହି ମାଇଲଖୁଟ ସିଧାସଳଖ ଗ୍ରାହକଙ୍କୁ ସତେଜ ଏବଂ ଉଚ୍ଚମାନର ଦୁଗ୍ଧଜାତ ଦ୍ରବ୍ୟ ପ୍ରଦାନ କରିବା ଲାଗି କମ୍ପାନୀର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ହାପ୍ ଦୈନିକ ଏକ୍ସକ୍ଲୁସିଭ୍ ଷ୍ଟୋର୍ କମ୍ପାନୀର ଖୁଚୁରା ବିକ୍ରୟ କେନ୍ଦ୍ର ସମ୍ପ୍ରସାରଣ ରଣନୀତିର ଏକ ଅଂଶବିଶେଷ, ଯାହା ଅରୁଣ ଆଇସ୍କ୍ରିମ୍, ଆରୋକ୍ୟା, ହଟ୍ସନ୍ଏବଂ ହାନୋବାର ସମେତ ଅନେକ ବ୍ରାଣ୍ଡ ସାମଗ୍ରୀ ଯୋଗାଇ ଦେଇଥାଏ। ଏହି ଷ୍ଟୋରଗୁଡ଼ିକ ଖୁଚୁରା ଆଇସକ୍ରିମ, ତାଜା କ୍ଷୀର, ଦହି, ବଟରମିଲ୍କ, ପନିର, ଦହି, ଜୁସ୍, ଚକୋଲେଟ୍ ଏବଂ ଆହୁରି ଅନେକ ଜିନିଷ ବିକ୍ରି କରିବେ। ହଟ୍ସନ୍ ଏଗ୍ରୋର ଉପସ୍ଥିତି ମହାରାଷ୍ଟ୍ର, କେରଳ, ଓଡ଼ିଶା, ମଧ୍ୟପ୍ରଦେଶ, ବିହାର, ଝାଡ଼ଖଣ୍ଡ, ଛତିଶଗଡ଼, ଗୁଜରାଟ ଏବଂ ଆଣ୍ଡାମାନ ନିକୋବର ଦ୍ୱୀପପୁ, ତାମିଲନାଡୁ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ପୁଡୁଚେରୀ ଏବଂ ଗୋଆରେ ଏହାର ଉପସ୍ଥିତିକୁ ଆହୁରି ଗଭୀର କରିଛି। ୪୦୦୦ତମ ହାପ୍ ଦୈନିକ ବିକ୍ରି କେନ୍ଦ୍ର ସମ୍ପର୍କରେ ମତବ୍ୟକ୍ତ କରି ହଟ୍ସନ୍ ଏଗ୍ରୋ ପ୍ରଡକ୍ଟ ଲିଃର ଅଧକ୍ଷ ଶ୍ରୀ ଆର. ଜି. ଚନ୍ଦ୍ରମୋଗାନ କହିଛନ୍ତି, ଆନ୍ଧ୍ର ପ୍ରଦେଶର ଭୀମାଭରମରେ ଆମର ୪୦୦୦ତମ ଦୈନିକ ହାପ୍ ଏକ୍ସକ୍ଲୁସିଭ୍ ଷ୍ଟୋର ଉଦଘାଟନ, କମ୍ପାନୀର ତାଜା, ଉଚ୍ଚମାନର ଦୁଗ୍ଧଜାତ ଦ୍ରବ୍ୟକୁ ଗ୍ରାହକଙ୍କ ଅଧିକ ନିକଟତର କରିବା ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଟ। ଦୁଗ୍ଧ ଚାଷୀ ଏବଂ ଫ୍ରାଚାଇଜି ଅଂଶୀଦାରମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବା ସହିତ ନବସୃଜନ, ଗୁଣବତା ଏବଂ ସମାନ ଉତ୍ପାଦ ଉପଲବ୍ଧତା ସୁନିଶ୍ଚିତ କରିବା ଉପରେ ହଟ୍ସନ୍ ଏଗ୍ରୋ ସର୍ବଦା ଧ୍ୟାନ ଦେଇଥାଏ। ଆମର ଲକ୍ଷ୍ୟ ହେଉଛି ଆମର ବଜାର ପ୍ରଭାବ ବିସ୍ତାର କରିବା, ଆମର ବିତରଣ ନେଟୱାର୍କକୁ ମଜବୁତ କରିବା ଏବଂ ଏହିପରି ଭାବେ ଆଧୁନିକ ଖୁଚୁରା ଫର୍ମାଟ୍ ମାଧ୍ୟମରେ ଗ୍ରାହକ ଅଭିଜ୍ଞତାକୁ ବୃଦ୍ଧି କରିବା।

## ସେଲ କର୍ପୋରେଟ୍ ଉତ୍କର୍ଷତା ପୁରସ୍କାର
## ଆର୍ଏସ୍ପିକୁ ସଂଖ୍ୟାଧିକ ପୁରସ୍କାର

ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ ରାଉରକେଲା ଇସ୍ପାତ କାରଖାନାର ଅଧିକାରୀଙ୍କ ସମେତ କର୍ମଚାରୀମାନେ ୨୦୨୨-୨୩ ଓ ୨୦୨୩-୨୪ ବର୍ଷ ପାଇଁ ସେଲ କର୍ପୋରେଟ୍ ଉତ୍କର୍ଷତା ପୁରସ୍କାର-୨୦୨୪ରେ ସଂଖ୍ୟାଧିକ ପୁରସ୍କାର ହାସଲ କରି ପୁଣି ଥରେ ସେମାନଙ୍କର ଉତ୍କୃଷ୍ଟ ପ୍ରଦର୍ଶନ ଦୋହରାଇଛନ୍ତି। ବିଭିନ୍ନ ବର୍ଗରେ ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ସହିତ ଏହି ପୁରସ୍କାରଗୁଡ଼ିକ ଆରଏସପିର କର୍ମଚାରୀଙ୍କ ନେତୃତ୍ୱ, ନବସୃଜନ ଏବଂ ଉତ୍ସର୍ଗତାକୁ ପ୍ରତିପାଦିତ କରୁଛି। ୨୦୨୨-୨୦୨୩ ବର୍ଷ ପାଇଁ ଘୋଷିତ ପୁରସ୍କାରରେ, ଗୁଣବତ୍ତା ବିଭାଗର ସିଜିଏମ ରାମକୃଷ୍ଣ ପାତ୍ର, ତାଙ୍କର ଦକ୍ଷତା ଏବଂ ନବସୃଜନତା ପ୍ରୟାସକୁ ସ୍ୱୀକୃତି ଦେଇ ଉତ୍ପାଦକତାରେ ଅଭିଜ୍ଞ ବ୍ୟକ୍ତି ଭାବରେ ପୁରସ୍କାର ଲାଭ କରିଛନ୍ତି। ସେହିଭଳି ବରିଷ୍ଠ ଅପେରେଟିଭ ଏସ୍ କେ ଭଞ୍ଜଦେଓଙ୍କୁ ମଧ ସେଲ୍ କର୍ମବୀର ପୁରସ୍କାର ପାଇଁ ମନୋନୀତ କରାଯାଇଛି ଯାହା କାର୍ଯ୍ୟକ୍ଷମ ଉତ୍କର୍ଷତାକୁ ସୁନିଶ୍ଚିତ କରିବାରେ ତାଙ୍କ ଉତ୍ସର୍ଗୀକୃତ ପ୍ରୟାସ ଏବଂ କଠିନ ପରିଶ୍ରମକୁ ପ୍ରତିପାଦିତ କରୁଛି। ସେହିଭଳି ୨୦୨୩-୨୪ ବର୍ଷ ପାଇଁ ପିପିସି ବିଭାଗର ସିଜିଏମ ସୁଶ୍ରୀ ସୁନିତା ସିଂହ, କାରଖାନାରେ ତାଙ୍କର ଅସାଧାରଣ ଅବଦାନ ଏବଂ ଇସ୍ପାତ ଶିଳ୍ପରେ ମହିଳାମାନଙ୍କୁ ସଶକ୍ତ କରିବାରେ ତାଙ୍କର ଭୂମିକା ପାଇଁ ମହିଳା ଟ୍ରେଲବ୍ଲେଜର ପୁରସ୍କାର ଲାଭ କରିଛନ୍ତି। ବିତ୍ତ ଓ ଲେଖା ବିଭାଗର ଜିଏମ ନେରେଲା କାମେଶ୍ୱର ରାଓ ତାଙ୍କ ଅସାଧାରଣ ଆର୍ଥିକ ବୁଦ୍ଧିମତା ଏବଂ ମୂଲ୍ୟ ପରିଚାଳନା ରଣନୀତିର ସ୍ୱୀକୃତି ସ୍ୱରୂପ କଷ୍ଟ୍ ଚାମ୍ପିୟାନ୍ ଏବଂ ଫାଇନାନ୍ସ ୱିଜାର୍ଡ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ଦିବ୍ୟାଙ୍ଗଜନଙ୍କ ପାଇଁ ରୋଲ୍ ମଡେଲ୍ ପୁରସ୍କାର (ଦିବ୍ୟାଙ୍ଗଜନ ବର୍ଗ)ରେ ପ୍ରକଳ୍ପ ଏବଂ ଆଧୁନିକୀକରଣ ବିଭାଗର ସିନିୟର ମ୍ୟାନେଜର ପ୍ରଦୀପ କୁମାର ମହାପାତ୍ର, ତାଙ୍କର ପ୍ରେରଣାଦାୟକ ଅବଦାନ ଏବଂ କର୍ମକ୍ଷେତ୍ର ଅନ୍ତର୍ଭୁକ୍ତି ପ୍ରତି ଅଟଳ ପ୍ରତିବଦ୍ଧତା ପାଇଁ ପୁରସ୍କାର ଲାଭ କରିଛନ୍ତି।

## ଟାଟା ଏଆଇଏ ପକ୍ଷରୁ ଶୁଭ ଫ୍ଲେକ୍ସି ଇନକମ ପ୍ଲାନର ଶୁଭାରମ୍ଭ

TATA AIA
LIFE INSURANCE

ନୂଆଦିଲ୍ଲୀ : ଟାଟା ଏଆଇଏ ଲାଇଫ୍ ଇନସ୍ୟୁରାନ୍ସ କମ୍ପାନି ଲିମିଟେଡ (ଟାଟା ଏଆଇଏ) ଟାଟା ଏଆଇଏ ଶୁଭ ଫ୍ଲେକ୍ସି ଇନକମ୍ ଯୋଜନା ଆରମ୍ଭ କରିଛି। ଯାହା ଆର୍ଥିକ ନିରାପତା ଏବଂ ସମ୍ପତି ସୃଷ୍ଟି ଦିଗରେ ଏକ ଗ୍ରାହକ କୈନ୍ଦ୍ରୀକ ଆଭିମୁଖ୍ୟ ପ୍ରଦାନ କରୁଥିବା ଏକ ଅଭିନବ ଜୀବନ ବୀମା ସଞ୍ଚୟ ସମାଧାନ। ଆପଣଙ୍କ ଆର୍ଥିକ ଲକ୍ଷ୍ୟ ପୂରଣ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଶୁଭ ଫ୍ଲେକ୍ସି ଇନକମ ଯୋଜନା ହେଉଛି ଏକ ଅଣ-ଲିଙ୍କ୍, ଅଂଶଗ୍ରହଣକାରୀ ଜୀବନ ବୀମା ସଂଚୟ ଯୋଜନା ଯାହା ଆପଣଙ୍କୁ ଆପଣଙ୍କ ଆବଶ୍ୟକତା ଆଧାରରେ ଆପଣଙ୍କ ଆର୍ଥିକ ଯୋଜନାକୁ ପ୍ରସ୍ତୁତ କରିବାକୁ ସଶକ୍ତ କରିବ। ପ୍ରାରମ୍ଭରୁ ଗ୍ରାହାକ କୈନ୍ଦ୍ରୀକ ଆଭିମୁଖ୍ୟ ପ୍ରଦାନ କରି ଏହି ଯୋଜନା ତିନିଟି ଉପଯୁକ୍ତ ବିକଳ୍ପ ପ୍ରଦାନ କରୁଛି। ପ୍ରତ୍ୟେକ ବିକଳ୍ପକୁ ନିର୍ଦ୍ଦିଷ୍ଟ ଆର୍ଥିକ ଲକ୍ଷ୍ୟ ପୂରଣ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଏଣ୍ଡାଓମେଣ୍ଟ ବିକଳ୍ପ, ପ୍ରାରମ୍ଭିକ ଆୟ ବିକଳ୍ପ, ସ୍ଥଗିତ ଆୟ ବିକଳ୍ପ। ଏହି ଯୋଜନାର ମୂଳ ଫାଇଦା ହେଉଛି ଏହାର ଗ୍ରାହାକ କୈନ୍ଦ୍ରୀକ ଆଭିମୁଖ୍ୟ । ଉପଭୋକ୍ତାଙ୍କୁ ସେମାନଙ୍କ ପରିସ୍ଥିତି ବିକଶିତ ହେବା ସହିତ ସେମାନଙ୍କର ଆର୍ଥିକ ଆଭିମୁଖ୍ୟକୁ ସ୍ୱଷ୍ଟ କରିବାକୁ ଅନୁମତି ଦେଉଛି। କେବଳ ସଂଚୟଠାରୁ ଅଧିକ-ମାନସିକ ଶାନ୍ତି ପାଇଁ ନିର୍ମିତ ସୁରକ୍ଷା ଶୁଭ ଫ୍ଲେକ୍ସି ଇନକମ ଯୋଜନା କେବଳ ସମ୍ପତି ସୃଷ୍ଟିର ଏକ ମାର୍ଗ ପ୍ରଦାନ କରେ ନାହିଁ ବରଂ ଆର୍ଥିକ ନିରାପତା ସୁନିଶ୍ଚିତ କରିବା ପାଇଁ ଅତ୍ୟାବଶ୍ୟକ ସୁରକ୍ଷା ବୈଶିଷ୍ଟ୍ୟ ମଧ ଅନ୍ତର୍ଭୁକ୍ତ କରେ। ଟାଟା ଏଆଇଏ ଲାଇଫର କାର୍ଯ୍ୟକାରୀ ଉପାଧକ୍ଷ, ପ୍ରଡକ୍ଟସ, ବିଜନେସ୍ ମିଡ୍ ଅଫିସ ଏବଂ ଡିଜିଟାଲ ମାର୍କେଟିଂ ମୁଖ୍ୟ ସୁଜିତ୍ କୋଥାରେ କହିଛନ୍ତି ଯେ, 'ଟାଟା ଏଆଇଏ ଲାଇଫରେ ଆମେ ବିଶ୍ୱାସ କରୁଛୁ ଯେ ନିରାପତା ସୁନିଶ୍ଚିତ କରିବା ପାଇଁ ଅତ୍ୟାବଶ୍ୟକ ସୁରକ୍ଷାରେ କୌଣସି ହେଳା କରିବା ଉଚିତ ନୁହେଁ। ଗ୍ରାହକମାନେ ଆଜି ସେମାନଙ୍କ ସହିତ ବଢୁଥିବା ଆବଶ୍ୟକତା ଗୁଡ଼ିକ ପାଇଁ ସମାଧାନ ଖୋଜୁଛନ୍ତି ଯାହା ଉଭୟ ମାନସିକ ଶାନ୍ତି ଏବଂ ସମ୍ପତି ସୃଷ୍ଟି ପାଇଁ ସୁଯୋଗ ପ୍ରଦାନ କରୁଛି ।

## ନିରୁଦ୍ଦିଷ୍ଟ



ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି କି, ନଫଳ ଅଲ୍ଲୀ, ପିତା: ଅବୁଲ ଅଲ୍ଲୀ, ସା:ରାନା , ପୋ: କୁଲ୍ଟିଗୋରି, ଥାନା- ସାମପୁର, ଜିଲ୍ଲା:ହାୱାଡା ନିମାପଡାରେ ରହି ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିଲେ। ଗତ ୧୪ ତାରିଖ ପୁରୀରେ କାମ କରିବାକୁ ଯାଇଥିବା ବେଳେ କେଉଁଆଡେ ହଜିଯାଇଛନ୍ତି। ଏହି ବ୍ୟକ୍ତି ଜଣକ କଥା କହିପାରୁନାହାନ୍ତି। କୌଣସି ସହୃଦୟ ବ୍ୟକ୍ତି ଏହି ଲୋକର ସନ୍ଧାନ ପାଇଲେ ମୋବାଇଲ ନଂ-୮୯୧୭୫୨୭୨୬୪ରେ ଯୋଗାଯୋଗ କରିବାକୁ ଅନୁରୋଧ

## ଓଡ଼ିଶାରେ ହୋମ ବ୍ରଡ଼ବ୍ୟାଣ୍ଡ କ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିଛି ଜିଓ




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ସାରା ରାଜ୍ୟରେ ଉପଲବ୍ଧ ନିର୍ଭରଯୋଗ୍ୟ ହାଇ-ସ୍ପିଡ୍ ବ୍ରଡବ୍ୟାଣ୍ଡ ସେବା, ଜିଓ ଫାଇବର ଏବଂ ଜିଓ ଏୟାରଫାଇବରର ଅସୀମ ଲୋକପ୍ରିୟତା ବଳରେ ରିଲାଏନ୍ସ ଜିଓ ଓଡ଼ିଶାରେ ହୋମ ବ୍ରଡ଼ବ୍ୟାଣ୍ଡ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଓଡ଼ିଶାରେ ୪ ଲକ୍ଷରୁ ଅଧିକ ଜିଓ ଫାଇବର ଏବଂ ଜିଓ ଏୟାରଫାଇବର ଗ୍ରାହକ ହାସଲ କରି ଜିଓ ୱାୟାରଲାଇନ୍ ବା ଘରୋଇ ବ୍ରଡବ୍ୟାଣ୍ଡ କ୍ଷେତ୍ରରେ ରାଜ୍ୟରେ ନିଜର ଏକ ନମ୍ବର ସ୍ଥାନକୁ ଆହୁରି ସୁଦୃଢ଼ କରିଛି। ଟ୍ରାଇ ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଉପଭୋକ୍ତା ତଥ୍ୟ ଅନୁଯାୟୀ, ୨୦୨୪ ଡିସେମ୍ବର ମାସରେ ରିଲାଏନ୍ସ ଜିଓ ଓଡ଼ିଶାରେ ୧୬୬୦୦ ରୁ ଅଧିକ ନୂତନ ଜିଓ ଫାଇବର ଓ ଏୟାରଫାଇବର ଗ୍ରାହକ ଯୋଡିଛି। ଏହା ସହିତ, ଜିଓ ଓଡ଼ିଶାରେ ୱାୟାରଲାଇନ୍ କ୍ଷେତ୍ରରେ ସର୍ବାଧିକ ୬୫ ପ୍ରତିଶତ ଗ୍ରାହକ ବଜାର ଅଂଶ ହାସଲ କରିଛି। ଜିଓ ରାଜ୍ୟରେ ଏକମାତ୍ର ସେବା ପ୍ରଦାନକାରୀ ହୋଇଛି ଯାହାର ୱାୟାରଲାଇନ୍ ଗ୍ରାହକ ସଂଖ୍ୟା ୪ ଲକ୍ଷ ଅତିକ୍ରମ କରିଛି, ଯାହା ଏହାର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତୁଳନାରେ ତିନି ଗୁଣରୁ ଅଧିକ। ଟ୍ରାଇ ତଥ୍ୟ ଅନୁସାରେ ଡିସେମ୍ବର ୩୧, ୨୦୨୪ ସୁଦ୍ଧା, ଜିଓର ରାଜ୍ୟରେ ୪୦୦୯୨୫ ଜିଓଫାଇବର ଏବଂ ଜିଓ ଏୟାରଫାଇବର ଗ୍ରାହକ ରହିଛନ୍ତି। ଏହି ଗ୍ରାହକମାନେ ସର୍ବଶ୍ରେଷ୍ଠ ବିଶ୍ୱସ୍ତରୀୟ ହୋମ ଏଣ୍ଟରଟେନମେଣ୍ଟ (ଗୃହ ମନୋରନ), ଅସୀମିତ ୱାଇଫାଇ ଏବଂ ନିରବଚ୍ଛିନ୍ନ ହାଇସ୍ପିଡ୍ ବ୍ରଡବ୍ୟାଣ୍ଡ ସେବା ଉପଭୋଗ କରୁଛନ୍ତି। ସର୍ବାଧିକ ଲୋକପ୍ରିୟ ରହିଥିବା ଜିଓ ଏୟାରଫାଇବର ସେବା ବାସ୍ତବରେ ଡିଜିଟାଲ ଅନ୍ତର୍ଭୁକ୍ତିକରଣକୁ ସମ୍ପ୍ରସାରିତ କରିଛି କାରଣ ଏହା ବିଶେଷକରି ଗ୍ରାମାଞ୍ଚଳ ଏବଂ ସହର ଉପକଣ୍ଠ ଅଂଚଳରେ ତଥା ଭୌଗଳିକ ଦୃଷ୍ଟିରୁ ଆହ୍ୱାନପୂର୍ଣ୍ଣ ସ୍ଥାନଗୁଡିକରେ ଶେଷ ମାଇଲ୍ ଅପ୍ଟିକାଲ-ଫାଇବର ବିସ୍ତାରରେ ରହିଥିବା କଠିନତାକୁ ଦୂର କରିଛି, ଯେଉଁଠାରେ ପୂର୍ବରୁ ଏହା ଏକରକମ ଅସମ୍ଭବ ସ୍ୱପ୍ନ ଭଳି ରହିଥିଲା। ବ୍ରଡବ୍ୟାଣ୍ଡ ସଂଯୋଗର ଅଭାବ ଜନିତ ସମସ୍ୟାକୁ ଦୂର କରି ଏହା ପ୍ରତ୍ୟେକ ଘର ଏବଂ ଛୋଟ ବ୍ୟବସାୟକୁ ହାଇସ୍ପିଡ଼ ବ୍ରଡ଼ବ୍ୟାଣ୍ଡ ଏବଂ ଗୁଣାତ୍ମକ ଗୃହ ମନୋରନ ସହିତ ସଂଯୁକ୍ତ କରଛି। ଜିଓ ଏୟାରଫାଇବର ୮୦୦ ରୁ ଅଧିକ ଡିଜିଟାଲ ଟିଭି ଚ୍ୟାନେଲ, ୧୧ ରୁ ଅଧିକ ଓଟିଟି ଆପ୍, ସ୍ମାର୍ଟ ହୋମ୍ ସେବା, ଅସୀମିତ ୱାଇଫାଇ ଏବଂ ନିରବଚ୍ଛିନ୍ନ ହାଇ ସ୍ପିଡ୍ ବ୍ରଡବ୍ୟାଣ୍ଡ ସହିତ ବିଶ୍ୱ ସ୍ତରୀୟ ସର୍ବାଧୁନିକ ଗୃହ ମନୋରନ ବା ହୋମ ଏଣ୍ଟରଟେନମେଣ୍ଟ ସେବା ପ୍ରଦାନ କରୁଛି। ଏହାଦ୍ୱାରା ବିବିଧ ପୃଷ୍ଠଭୂମିର ତଥା ବିଭିନ୍ନ ବୟସବର୍ଗର ଏବଂ ବିବିଧ ଭୌଗଳିକ ଅଂଚଳର ଗ୍ରାହକମାନେ ଡିଜିଟାଲ୍ କ୍ରାନ୍ତିର ପ୍ରକୃତ ଲାଭ ପାଇବାକୁ ସକ୍ଷମ ହୋଇଛନ୍ତି, କାରଣ ସେମାନେ ଏବେ ଜିଓ ଏୟାରଫାଇବର ବଳରେ ନିରବଚ୍ଛିନ୍ନ ହାଇ ସ୍ପିଡ୍ ବ୍ରଡବ୍ୟାଣ୍ଡ, ୱାଇଫାଇ ଏବଂ ସର୍ବଶ୍ରେଷ୍ଠ ଗୃହ ମନୋରନର ଆନନ୍ଦ ନେଇପାରୁଛନ୍ତି । ଜିଓ ଏୟାରଫାଇବର ଓଡ଼ିଶାର ଶହ ଶହ ଛୋଟ ବଡ଼ ସହର ଏବଂ ହଜାର ହଜାର ଗାଁରେ ଡିଜିଟାଲ୍ ଲାଇଫ୍‌ଲାଇନ୍ ପାଲଟିଛି ଏବଂ ସବୁଠାରୁ ନିର୍ଭରଯୋଗ୍ୟ ହାଇ-ସ୍ପିଡ୍ ବ୍ରଡବ୍ୟାଣ୍ଡ ସେବା ପ୍ରଦାନକାରୀ ହୋଇପାରିଛି। ସାରା ଓଡ଼ିଶାରେ ପ୍ରତ୍ୟେକ ଦିନ ଅଧିକରୁ ଅଧିକ ଘର, ହୋଟେଲ, ରେଷ୍ଟୁରାଣ୍ଟ, ଛୋଟ ବଡ ବ୍ୟବସାୟ, ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ, ବ୍ୟାଙ୍କ ଏବଂ ଅନ୍ୟାନ୍ୟ ବାଣିଜ୍ୟିକ ପ୍ରତିଷ୍ଠାନ ଜିଓ ଏୟାରଫାଇବର ଚୟନ କରୁଛନ୍ତି ଏବଂ ବିଶ୍ୱ ସ୍ତରୀୟ ଘରୋଇ ମନୋରନ, ବ୍ରଡବ୍ୟାଣ୍ଡ ଏବଂ ଡିଜିଟାଲ ସେବାକୁ ଉପଭୋଗ କରୁଛନ୍ତି।

## ଭାରତର ୪ ସହରରେ କାର୍ଯ୍ୟକ୍ରମ କରିବ ଆଲାନ୍ ୱାକର୍

ନୂଆଦିଲ୍ଲୀ: ଅକ୍ଟୋବର ୨୦୨୪ରେ ୯ ଟି ସହର ବିଶିଷ୍ଟ ୱାକରୱାର୍ଲଡ ଟୁର୍ ପରେ ଗ୍ଲୋବାଲ ଇଲେକ୍ଟ୍ରୋନିକ୍ ମ୍ୟୁଜିକ୍ ପାୱାରହାଉସ୍ ଆଲାନ୍ ୱାକର୍ ସ୍ପେସ୍‌ବାଉଣ୍ଡ୍ ସହିତ ଭାରତ ଫେରିବାକୁ ଯାଉଛନ୍ତି ଏବଂ ଚଳିତ ଏପ୍ରିଲ ୨୦୨୫ରେ ଭାରତର ୪ଟି ଅତିରିକ୍ତ ସହରକୁ ତାଙ୍କ ଦସ୍ତଖତ ଶବ୍ଦ ଏବଂ ବିଜୁଳି ଶକ୍ତି ଆଣିଛନ୍ତି, ଯେଉଁଠାରେ ସେ ପ୍ରଥମ ଥର ପାଇଁ ବଜାଯିବେ। ୧,୬୦,୦୦୦ରୁ ଅଧିକ ପ୍ରଶଂସକ ଥିବା ୱାକରୱାର୍ଲ୍ଡ ଟୁର୍ ଜରିଆରେ ରେକର୍ଡ ଭାଙ୍ଗିବା ପରେ ୱାକର ଏବେ ଏକ ଅବିସ୍ମରଣୀୟ ଲାଇଭ୍ ଅନୁଭୂତି ପାଇଁ ଗୌହାଟୀ, ଭୁବନେଶ୍ୱର, ହାଇଦ୍ରାବାଦ ଏବଂ ଜୟପୁରକୁ ଅକ୍ତିଆର କରିବାକୁ ପ୍ରସ୍ତୁତ ହେଉଛନ୍ତି। ଆଲାନ୍ ୱାକର: ୱାକର ୱାର୍ଲ୍ଡ ଇଣ୍ଡିଆ ଟୁର ଏପ୍ରିଲ ୧୭, ୨୦୨୫ରେ ଗୌହାଟୀରେ, ହାଇଦ୍ରାବାଦ ୧୮ ଏପ୍ରିଲ, ଭୁବନେଶ୍ୱର ୧୯ ଏପ୍ରିଲ ଏବଂ ୨୦୨୫ ଏପ୍ରିଲ ୨୦ରେ ଜୟପୁରରେ ଆରମ୍ଭ ହେବ । ଶୁକ୍ରବାର, ଫେବୃଆରୀ ୨୮, ୨୦୨୫ ଦିନ ୧୨ଟାରେ ଭାରତର ଅଗ୍ରଣୀ ମନୋରନ ସ୍ଥଳ ବୁକ୍‌ମାଇସୋରେ ଟିକେଟ ଲାଇଭ୍ ହେବ, ଯାହାର ମୂଲ୍ୟ ମାତ୍ର ୯୯୯/- ଟଙ୍କାରୁ ଆରମ୍ଭ ହୋଇଛି। ସ୍ପେସ୍‌ବାଉଣ୍ଡର ସିଇଓ କରଣ ସିଂହ କହିଛନ୍ତି, 'ଆଲାନ୍ ୱାକରଙ୍କ ୱାକର୍ ୱାର୍ଲ୍ଡ ଟୁର୍ ଆମ ବଜାରରେ ଅନ୍ତର୍ଜାତୀୟ କଳାକାରମାନଙ୍କ ପାଇଁ କ'ଣ ସମ୍ଭବ ତାହାକୁ ସମ୍ପୂର୍ଣ୍ଣ ଭାବେ ପୁନଃନିର୍ଦ୍ଧାରଣ କରିଛି। ଗତବର୍ଷ ଯେତେବେଳେ ଆମେ ଏହି ଗସ୍ତକୁ ଜବରଦସ୍ତ ପ୍ରତିକ୍ରିୟା ଦେଖିଥିଲୁ, ସେତେବେଳେ ଆମେ ସୀମାକୁ ଆହୁରି ଆଗକୁ ବଢ଼ାଇବାର ସୁଯୋଗ ପାଇଥିଲୁ। ଅନ୍ତର୍ଜାତୀୟ ଟୁର୍ ଦ୍ୱାରା ପାରମ୍ପରିକ ଭାବରେ ଅଣଦେଖା କରାଯାଉଥିବା ୱାକରଙ୍କୁ ବଜାରକୁ ଆଣିବାର ଅସାଧାରଣ ସଫଳତା ଆମର ବିଶ୍ୱାସକୁ ପ୍ରମାଣିତ କରେ ଯେ ବିଶ୍ୱସ୍ତରୀୟ ମନୋରନ କେବଳ ମେଟ୍ରୋରେ ସୀମିତ ରହିବା ଉଚିତ୍ ନୁହେଁ । ସମଗ୍ର ଭାରତରେ ପ୍ରଶଂସକଙ୍କ ନିକଟରେ ଅଧିକ ଅନ୍ତର୍ଜାତୀୟ କଳାକାରଙ୍କୁ ଆଣି ଏହି ଗତି ଜାରି ରଖିବାକୁ ଆମେ ସଂକଳ୍ପବଦ୍ଧ । ୱାକର୍ ଆମର ଦୃଷ୍ଟିକୋଣକୁ ଗ୍ରହଣ କରିବାକୁ ଏବଂ ସମଗ୍ର ଦେଶର ପ୍ରଶଂସକଙ୍କ ସହ ଯୋଡ଼ିହେବାକୁ ଇଚ୍ଛା ପ୍ରକାଶ କରିଛନ୍ତି ଯାହା ଭାରତୀୟ ଦର୍ଶକଙ୍କ ସହିତ ତାଙ୍କର ପ୍ରକୃତ ସମ୍ପର୍କକୁ ପ୍ରତିଫଳିତ କରେ । ବିଶ୍ୱ ଭ୍ରମଣ ସର୍କିଟରେ ଭାରତର ସ୍ଥିତିରେ ପରିବର୍ତ୍ତନ ଆଣିବା ପାଇଁ ଏହା ଆମର ମିଶନର କେବଳ ଆରମ୍ଭ।



ନୂଆଦିଲ୍ଲୀ: ହକି ଦମ୍ପତି ମନଦୀପ ସିଂହ ଓ ଉଦିତା ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଜଳନ୍ଧରରେ ଆୟୋଜିତ ମଞ୍ଜୁମଙ୍ଗଳ ତଥା ରଙ୍ଗାରଙ୍ଗ ଉତ୍ସବରେ ଉଭୟ ପରସ୍ପରକୁ ଜୀବନ ସାଥୀ ଭାବେ ଗ୍ରହଣ କରିଛନ୍ତି। ସ୍ଥାନୀୟ ମଡେଲ ଟାଉନସ୍ଥିତ ଗୁରୁଦ୍ୱାରାରେ ପଞ୍ଜାବୀ ରୀତିନୀତିରେ ବିବାହ ସମ୍ପନ୍ନ ହୋଇଥିଲା। ଭାରତୀୟ ପୁରୁଷ ଓ ମହିଳା ହକି ଦଳର ସହ ଭାରତୀୟ କ୍ରୀଡ଼ା ଜଗତର ବହୁ ପ୍ରତିଷ୍ଠିତ ତାରକାଙ୍କ ଉପସ୍ଥିତି ଏହି ଉତ୍ସବକୁ ଆହୁରି ଆକର୍ଷଣୀୟ କରିଥିଲା। ଜଳନ୍ଧର ବାସିନ୍ଦା ମନଦୀପ ଓ ହରିୟାଣା ହିସାରର ଉଦିତା ବହୁ ଦିନ ହେବ ପରସ୍ପରକୁ ପ୍ରେମ କରି ଆସୁଥିଲେ। ତେବେ ସଂପର୍କକୁ ଲୁଚାଇ ରଖି ହକି ଉପରେ ଅଧିକ ଧ୍ୟାନ ଦେଇ ଚାଲିଥିଲେ। ଦୁଇ ଜଣ ଯାକ ଭାରତୀୟ ପୁରୁଷ ଓ ମହିଳା ଦଳର ପ୍ରମୁଖ ସଦସ୍ୟ ଭାବେ ନିଜନିଜକୁ ଗଢ଼ି ତୋଳିଥିଲେ। ଅଲିମ୍ପିକ୍ ଖେଳିବାର ସ୍ୱପ୍ନ ବି ପୂରଣ କରିଥିଲେ। ଏବେ ଏହି ସଂପର୍କକୁ ଆହୁରି ଆଗକୁ ନେଇ ଜୀବନର ଚଲାବାଟକୁ ଏକାଠି ଚାଲିବାକୁ ଯାଉଛନ୍ତି। ବିବାହ ଫଟୋ ପଦାକୁ ଆସିବା ପରେ ଉଭୟଙ୍କ ପାଖକୁ ଶୁଭେଚ୍ଛା ?ର ସୁଅ ? ଛୁଟିଛି। ପ୍ରଶଂସକ ସାମାଜିକ ଗଣମାଧ୍ୟମରେ ସେମାନଙ୍କୁ ଶୁଭେଚ୍ଛା ବାର୍ତ୍ତାରେ ପୋତି ପକାଇଛନ୍ତି। ସେହିଭଳି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କି, ସଂପାଦକ ଭୋଳାନାଥ ସିଂହଙ୍କ ସହ ରାଜନୀତି, ସମାଜସେବୀ ଏବଂ ଅନ୍ୟାନ୍ୟ କ୍ଷେତ୍ରରୁ ମନଦୀପ ଓ ଉଦିତାଙ୍କୁ ଉଜ୍ଜ୍ୱଳ ଭବିଷ୍ୟତର କାମନା ସମ୍ବଳିତ ଶୁଭେଚ୍ଛା ବାର୍ତ୍ତା ମିଳିଚାଲିଛି।



**୨ୟ ମ୍ୟାଚ୍ | ରାଜସ୍ଥାନ ରୟାଲ୍ସ ବନାମ ସନରାଇଜର୍ସ ହାଇଦ୍ରାବାଦ**

# ରାଜସ୍ଥାନ ରୟାଲ୍ସକୁ ୪୪ ରନରେ ପରାସ୍ତ କଲା ସନରାଇଜର୍ସ ହାଇଦ୍ରାବାଦ



ହାଇଦ୍ରାବାଦ: ହାଇଦ୍ରାବାଦର ରାଜୀବ ଗାନ୍ଧି ଅନ୍ତର୍ଜାତୀୟ ଷ୍ଟାଡିୟମଠାରେ ରବିବାର ଖେଳାଯାଇଥିବା ଆଇପିଏଲ ୨୦୨୫ର ଏକ ମ୍ୟାଚରେ ରାଜସ୍ଥାନ ରୟାଲ୍ସକୁ ୪୪ ରନରେ ପରାସ୍ତ କରିଛି ସନରାଇଜର୍ସ ହାଇଦ୍ରାବାଦ। ଏହି ଦ୍ୱିତୀୟ ମ୍ୟାଚରେ ଦ୍ୱିତୀୟ ସର୍ବୋଚ୍ଚ ସ୍କୋର କରିଛି ସନରାଇଜର୍ସ ହାଇଦ୍ରାବାଦ। ଇଶାନ କିଶନଙ୍କ ବିସ୍ଫୋରକ ଶତକ ବଳରେ ଏସଆରଏଚ ୬ ୱିକେଟ୍ ହରାଇ ୨୮୬ ରନ କରିଛି। ତେବେ ଆଇପିଏଲରେ ନିଜର ୨୮୭ ରନର ରେକର୍ଡକୁ ଭାଙ୍ଗିବାରେ ବଞ୍ଚିତ ହୋଇଛି ହାଇଦ୍ରାବାଦ। ଟସ ହାରି ପ୍ରଥମେ ବ୍ୟାଟିଂ କରିଥିଲା ଏସଆରଏଚ। ଦଳ ପକ୍ଷରୁ ଇଶାନ କିଶନ ୧୦୬ ରନର ଅପରାଜିତ ବିଧ୍ୱଂସୀ ଶତକୀୟ ଇନିଂସ ଖେଳିଥିବା ବେଳେ ଟ୍ରେଭିସ ହେଡ ୬୭ ରନ କରିଥିଲେ। ରାଜସ୍ଥାନ ପକ୍ଷରୁ ଜୋଫ୍ରା ଆର୍ଚର ସବୁଠୁ ଅଧିକ ମହଙ୍ଗା ସାବ୍ୟସ୍ତ ହୋଇ ୭୬ ରନ ଦେଇଛନ୍ତି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ହାଇଦ୍ରାବାଦ ବିସ୍ଫୋରକ ବ୍ୟାଟିଂ କରିଥିଲା। ଅଭିଷେକ ଶର୍ମା ଓ ଟ୍ରେଭିସ ହେଡ୍ ଇନିଂସ ଓପନ କରି ପାୱାର ପ୍ଲେରେ ଧୂଆଁଧାର ବ୍ୟାଟିଂ କରିଥିଲେ। ଆଉ ଏସଆରଏଚ ପାୱାର ପ୍ଲେରେ ବଡ ସ୍କୋର କରିବାରେ ସଫଳ ହୋଇଛି। ଅଭିଷେକ ଶର୍ମା ଚତୁର୍ଥ ଓଭରର ପ୍ରଥମ ବଲରେ ଆଉଟ୍ ହୋଇଥିଲେ। ଏହା ପୂର୍ବରୁ ଦୁଇ ବ୍ୟାଟର ପ୍ରଥମ ୱିକେଟରେ ୪୫ ରନ ଯୋଡିଥିଲେ। ଅଭିଷେକ ୨୪ ରନ କରି ଆଉଟ୍ ହୋଇଥିଲେ। ଏହା ପରେ ହେଡ୍ ଓ ଇଶାନ କିଶନ ଇନିଂସ ସମ୍ଭାଳିଥିଲେ। ଦୁଇ ବ୍ୟାଟର ଉଭୟଙ୍କ ଧୂଆଁଧାର ବ୍ୟାଟିଂ କରିଥିଲେ। ଫଳରେ ଗୋଟିଏ ୱିକେଟ୍ ହରାଇ ୯୪ ରନ କରିଥିଲା। ଏହା ପରେ ଦୁଇ ବ୍ୟାଟର ଦ୍ୱିତୀୟ ୱିକେଟ୍ ପାଇଁ ୮୫ ରନ ଯୋଡି ବିଶାଳ ସ୍କୋରର ମୂଳଦୁଆ ପକାଇଥିଲେ। ବିଶେଷ କରି ଇଶାନ କିଶନ ରାଜସ୍ଥାନ ବୋଲରଙ୍କୁ ନିର୍ଘୃମ ପ୍ରହାର କରିଥିଲେ। ଅନ୍ୟପଟେ ହେଡ୍ ୩୧ ବଲରୁ ୯ ଚୌକା ଓ ୩ ଛକା ସହ ୬୭ ରନ କରି ଆଉଟ୍ ହୋଇଥିଲେ। ପୁଣି ଇଶାନ କିଶନ ଓ ନୀତିଶ ରେଡ୍ଡୀ ଦଳର ସ୍କୋରକୁ ୨୦୦ ପହଞ୍ଚାଇଥିଲେ। ଦୁଇ ବ୍ୟାଟର ତୃତୀୟ ୱିକେଟ୍ ଭାଗିଦାରୀରେ ୭୨ ରନ ଯୋଡିଥିଲେ। ନୀତିଶ ୧୫ ବଲରୁ ୩୦ ରନ କରିଥିଲେ। ହେନରିକ କ୍ଲାସେନ ୧୪ ବଲରୁ ୫ ଚୌକା ଓ ୧ ଛକା ସହ ୩୪ ରନ ଖେଳି ପାଭିଲିୟନ ଫେରିଥିଲେ। ଅନ୍ୟପଟେ ଇଶାନ କିଶନ ଶତକ ପୂରଣ କରିଥିଲେ। ସେ ୪୭ ବଲରୁ ୧୧ ଚୌକା ଓ ୬ ଛକା ସହ ୧୦୬ ରନରେ ଅପରାଜିତ ଥିଲେ। ଏଥିସହ ହାଇଦ୍ରାବାଦ ନିର୍ଦ୍ଧାରିତ ଓଭରରେ ୬ ୱିକେଟ୍ ହରାଇ ୨୮୬ ରନ କରିଥିଲା। ବୋଲିଂରେ ତୀକ୍ଷ୍ଣଣାଙ୍କୁ ୨ଟି ସଫଳତା ମିଳିଥିଲେ ହେଁ ସେ ୫୨ ରନ ବ୍ୟୟ କରିଥିଲେ। ଜୋଫ୍ରା ଆର୍ଚର ୭୬ ରନ ବ୍ୟୟ କରି ସବୁଠୁ ଅଧିକ ମହଙ୍ଗା ସାବ୍ୟସ୍ତ ହୋଇଛନ୍ତି। ତୁଷାର ଦେଶ ପାଣ୍ଡେଙ୍କୁ ସର୍ବାଧିକ ୩ଟି ସଫଳତା ମିଳିଛି। ୨୮୭ରନ୍ ଟାର୍ଗେଟ ନେଇ ପଡିଆକୁ ଓହ୍ଲାଇଥିଲା ରାଜସ୍ଥାନ ରୟାଲ୍ସ। ରାଜସ୍ଥାନ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ମାତ୍ର ୨୪୨ ରନ କରିପାରିଥିଲା। ଦଳ ପକ୍ଷରୁ ସଂଜୁ ସାମସନ ୬୬ ରନ, ଧ୍ରୁବ ଜୁରେଲ ୭୦ ଓ ସିମରନ ହେଟମେୟର ୪୨ରନ କରିଥିଲେ। ହାଇଦ୍ରାବାଦ ପକ୍ଷରୁ ସିମରନଜିତ ସିଂ ଓ ହର୍ଷଲ ପଟେଲ ୨ଟି ଲେଖାଏଁ ୱିକେଟ ନେଇଥିଲେ।

**୩ୟ ମ୍ୟାଚ୍ | ମୁମ୍ବାଇ ଇଣ୍ଡିଆନ୍ସ ବନାମ ଚେନ୍ନାଇ ସୁପରକିଙ୍ଗସ**

# ଚେନ୍ନାଇ ସୁପରକିଙ୍ଗସ୍ ୪ ୱିକେଟରେ ବିଜୟୀ




ଚେନ୍ନାଇ: ଆଇପିଏଲ୍ ୨୦୨୫ର ତୃତୀୟ ମ୍ୟାଚରେ ବାଜି ମାରି ନେଇଛି ଚେନ୍ନାଇ ସୁପର କିଙ୍ଗସ। ରୋମାଞ୍ଚକର ମୁକାବିଲାରେ ସିଏସକେ ୪ ୱିକେଟରେ ମୁମ୍ବାଇ ଇଣ୍ଡିଆନ୍ସକୁ ହରାଇ ବିଜୟର ଅଭିଯାନ ଆରମ୍ଭ କରିଛି। ଅନ୍ୟପଟେ ମୁମ୍ବାଇ ନିଜର ପ୍ରଥମ ମ୍ୟାଚ୍ ହାରିବାର ପରମ୍ପରାକୁ ବଜାୟ ରଖିଛି। ମୁମ୍ବାଇ ଲଗାତାର ୧୧ତମ ଥର ନିଜର ପ୍ରଥମ ମ୍ୟାଚରେ ପରାଜୟର ସ୍ୱାଦ ଚାଖିଛି। ଚେନ୍ନାଇ ବିଜୟରେ ରଚିନ ରବୀନ୍ଦ୍ର ହିରୋ ସାଜିଛନ୍ତି। ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ୯ ୱିକେଟ୍ ହରାଇ ୧୫୫ ରନ କରିଥିଲା। ଦଳ ପକ୍ଷରୁ ତିଲକ ବର୍ମା ୩୧, ସୂର୍ଯ୍ୟକୁମାର ଯାଦବ ୨୯ ରନ ଓ ଦୀପକ ଚହର ଅପରାଜିତ ୨୮ ରନ କରିଥିଲେ। ଜବାବରେ ଚେନ୍ନାଇ ୬ ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଛି। ରଚିନ ରବୀନ୍ଦ୍ର ସର୍ବାଧିକ ୬୫ ରନର୍ ଅପରାଜିତ ମ୍ୟାଚ ବିଜୟୀ ଇନିଂସ ଖେଳିଛନ୍ତି। ଅଧିନାୟକ ଋତୁରାଜ ଗାଏକ୍ୱାଡ ୫୩ ରନର ବିସ୍ଫୋରକ ବ୍ୟାଟିଂ କରିଛନ୍ତି। ୧୫୬ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ଚେନ୍ନାଇର ଆରମ୍ଭ ମଧ୍ୟ ନିରାଶ ଜନକ ଥିଲା। ରାହୁଲ ତ୍ରିପାଠୀ (୨ ରନ)ଙ୍କ ରୂପରେ ସିଏସକେ ପ୍ରଥମ ୱିକେଟ୍ ହରାଇଥିଲା। ଏହା ପରେ ରଚିନ ରବୀନ୍ଦ୍ର ଓ ଅଧିନାୟକ ଋତୁରାଜ ଗାଏକ୍ୱାଡ ଜବରଦସ୍ତ ବ୍ୟାଟିଂ କରିଥିଲେ। ଉଭୟ ଦ୍ରୁତ ବ୍ୟାଟିଂ କରି ଦ୍ୱିତୀୟ ୱିକେଟ ପାଇଁ ୬୭ ରନ ଯୋଡି ବିଜୟର ମୂଳଦୁଆ ପକାଇଥିଲେ। ହେଲେ ଏହି ଯୋଡି ଭାଙ୍ଗିବା ପରେ ମ୍ୟାଚ୍ ରୋଚକ ମୋଡ ନେଇଥିଲେ। ଅଧିନାୟକ ଗାଏକ୍ୱାଡ ଧୂଆଁଧାର ବ୍ୟାଟିଂ କରି ମାତ୍ର ୨୬ ବଲରୁ ୬ ଚୌକା ଓ ୩ ଛକା ସହ ୫୩ ରନ କରିଥିଲେ। ଏହା ପରେ ଚେନ୍ନାଇ ନିୟମିତ ୱିକେଟ୍ ହରାଇବାରୁ ଏକ ତରଫା ଯାଉଥିବା ମ୍ୟାଚ ରୋମାଞ୍ଚକର ରୂପ ନେଇଥିଲା। ଗୋଟିଏ ପଟେ ରଚିନ ରବୀନ୍ଦ୍ର ଇନିଂସ ସମ୍ଭାଳିଥିବା ବେଳେ ଅନ୍ୟପଟେ ଶିବମ ଦୁବେ(୯), ଦୀପକ ହୁଡ୍ଡା(୩) ଓ ସାମ କରନ(୪) ନିରାଶ କରିଥିଲେ। ଏହା ପରେ ରଚିନ ରବୀନ୍ଦ୍ର ଓ ଅନୁଭବୀ ରବୀନ୍ଦ୍ର ଜାଡେଜା ନିଜ ଖ୍ୟାତି ଅନୁରୂପ ବ୍ୟାଟିଂ କରିଥିଲେ। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ, ରଚିନ ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ଦଳକୁ ଜିତାଇଛନ୍ତି। ଜାଡେଜା ୧୭ ରନ କରି ଆଉଟ୍ ହୋଇଥିଲେ। ରଚିନ ୪୫ ବଲରୁ ୨ ଚୌକା ଓ ୪ ଛକା ସହ ୬୫ ରନରେ ଅପରାଜିତ ଥିଲେ। ଏହି ବାମହାତୀ ବ୍ୟାଟର ଛକା ମାରି ଦଳକୁ ୧୯.୧ ଓଭରରେ ଜିତାଇଛନ୍ତି।

# ଅବସର ନେଇ ଧୋନୀଙ୍କ ଘୋଷଣା



ନୂଆଦିଲ୍ଲୀ: ବିଶେଷ କରି ଆଇପିଏଲ୍‌ରେ ଧୋନୀଙ୍କୁ ନେଇ କ୍ରିକେଟ ପ୍ରେମୀମାନେ ଉତ୍ସାହିତ ହେଉଥିବାର ଦେଖାଯାଏ। ସେ ୨୦୨୦ ମସିହାରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ। ଏବେ ସେ କେବଳ ଆଇପିଏଲ୍‌ରେ ଖେଳୁଥିବାର ନଜର ଆସୁଛନ୍ତି। ଏହା ତାଙ୍କର ୧୮ତମ ସିଜିନ। ଧୋନୀ ରବିବାର ଏମଏ ଚିଦାମ୍ବରମ ଷ୍ଟାଡିୟମରେ ତାଙ୍କର ପ୍ରଥମ ମ୍ୟାଚ୍ ଖେଳିବା ପୂର୍ବରୁ ଧୋନୀ ତାଙ୍କର ଭବିଷ୍ୟତ ଯୋଜନା ବିଷୟରେ କହିବା ସହିତ ଅବସର ନେଇ ଏକ ବଡ଼ ବୟାନ ଦେଇଛନ୍ତି। ଆଇପିଏଲରେ ଗତ ୨-୩ ବର୍ଷ ଧରି ଧୋନୀଙ୍କୁ ଶେଷ ଥର ପାଇଁ ଏହି ଲିଗରେ ଖେଳୁଥିବା ଦେଖାଯାଇପାରେ ବୋଲି ଚର୍ଚ୍ଚା ହୋଇ ଆସୁଛି। ଗତ ସିଜିନରେ ମଧ୍ୟ ସମାନ କିଛି ଦେଖିବାକୁ ମିଳିଥିଲା। କିନ୍ତୁ ସେ ସିଜିନ ଶେଷ ସୁଦ୍ଧା ସେହି ରିପୋର୍ଟଗୁଡ଼ିକୁ ଖାରଜ କରିଦେଇଥିଲେ। ସେ ବର୍ତ୍ତମାନ ୪୩ ବର୍ଷ ବୟସର ଏବଂ ଏହି ସିଜନର ସବୁଠାରୁ ବୟସ୍କ ଖେଳାଳି ହୋଇଥିବାରୁ ତାଙ୍କ ଅବସର ନେଇ ଚର୍ଚ୍ଚା ଜୋର ଧରିଛି। ଏ ନେଇ ବଡ଼ ଘୋଷଣା କରିଛନ୍ତି ଧୋନୀ। ଜିଓହଟଷ୍ଟାର ସହିତ ଏକ ସାକ୍ଷାତକାରରେ ଏମଏସ ଧୋନି ଅବସର ନେଇ ଏକ ବଡ଼ ବୟାନ ଦେଇଛନ୍ତି। ତାଙ୍କ ବୟାନରୁ, ଏହା ବିଶ୍ୱାସ କରାଯାଉଛି ଯେ ସେ ଭବିଷ୍ୟତରେ ମଧ୍ୟ ଆଇପିଏଲ୍‌ରେ ଖେଳିବା ଜାରି ରଖିବେ। କାରଣ ଧୋନୀ କହିଛନ୍ତି ଯେ ସେ ଯେପର୍ଯ୍ୟନ୍ତ ଚାହିଁବେ ସେପର୍ଯ୍ୟନ୍ତ ସିଏସ୍‌କେ ପାଇଁ ଖେଳିବେ। କାରଣ ଏହା ତାଙ୍କର ନିଜର ଦଳ। ଏମଏସ ଧୋନି କହିଥିଲେ, ମୁଁ ଯେପର୍ଯ୍ୟନ୍ତ ଚାହିଁବି ସେପର୍ଯ୍ୟନ୍ତ ଚେନ୍ନାଇ ସୁପର କିଙ୍ଗ୍ସ ପାଇଁ ଖେଳିପାରିବି। ଏହା ମୋର ଫ୍ରାଞ୍ଚାଇଜ। ଯଦିଓ ମୁଁ ହ୍ୱିଲ୍ ଚେୟାରରେ ଥାଏ, ସେବେ ବି ସିଏସ୍‌କେ ମୋତେ ଟାଣି ନେଇ ଆସିବ। ଚେନ୍ନାଇ ସୁପର କିଙ୍ଗ୍ସ ଅଧିନାୟକ ଋତୁରାଜ ଗାୟକୱାଡ ମଧ୍ୟ ଧୋନୀଙ୍କ ଉପରେ ଏକ ବଡ଼ ବୟାନ ଦେଇଛନ୍ତି। ସେ କହିଛନ୍ତି ଯେ ଧୋନୀଙ୍କୁ ଲିଗରେ ଖେଳିବାକୁ ଆହୁରି ଅନେକ ବର୍ଷ ବାକି ଅଛି। ସେ ସଚିନ ତେନ୍ଦୁଲକରଙ୍କ କଥା ଉଠାଇ ଏହା କହିଥିଲେ। ଗାୟକୱାଡ କହିଥିଲେ, ଯଦି ତୁମେ ଦେଖୁଛ ସଚିନ ତେନ୍ଦୁଲକର ୫୦ ବର୍ଷ ବୟସରେ ମଧ୍ୟ ବହୁତ ଭଲ ବ୍ୟାଟିଂ କରୁଛନ୍ତି।' ତେଣୁ ଧୋନୀଙ୍କ ପାଇଁ ଆହୁରି ଅନେକ ବର୍ଷ ବାକି ଅଛି।

# ଡିସେମ୍ବର ୯ରେ ବାରବାଟୀରେ ଟ୍ୱେଣ୍ଟି-୨୦ ମ୍ୟାଚ୍



ଭୁବନେଶ୍ୱର: ଡିସେମ୍ବର ୯ରେ ବାରବାଟୀରେ ହେବ ଅନ୍ତର୍ଜାତୀୟ ଟି-ଟ୍ୱେଣ୍ଟି ମ୍ୟାଚ୍। ଦକ୍ଷିଣ ଆଫ୍ରିକା ବିରୋଧରେ ଖେଳାଯିବ ଟି-ଟ୍ୱେଣ୍ଟି ମ୍ୟାଚ୍। ୫ ମ୍ୟାଚ୍ ବିଶିଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ବାରବାଟୀରେ ଖେଳାଯିବ। ଗୋଟିଏ ବର୍ଷରେ ଦୁଇଟି ଆନ୍ତଃ ରାଷ୍ଟ୍ରୀୟ ମ୍ୟାଚ ଆୟୋଜନ କରିବାରେ ଏହା ପ୍ରଥମ ଥର ହେବ। ଶୃଙ୍ଖଳାର ପରବର୍ତ୍ତୀ ମ୍ୟାଚ୍‌ଗୁଡ଼ିକ ଯଥାକ୍ରମେ ନାଗପୁର (ଡିସେମ୍ବର ୧୧), ଧର୍ମଶାଳା (ଡିସେମ୍ବର ୧୪), ଲକ୍ଷ୍ମୌ (ଡିସେମ୍ବର ୧୭), ଅହମଦାବାଦ (ଡିସେମ୍ବର ୧୯)ରେ ଖେଳାଯିବ। କୋଲକାତାରେ ଶନିବାର ଆଇପିଏଲ୍‌ର ଉଦ୍‌ଘାଟନୀ ଉତ୍ସବ ପୂର୍ବରୁ ଅନୁଷ୍ଠିତ ବିସିସିଆଇର ଆପେକ୍ସ କାଉନସିଲ୍ ବୈଠକ ଶେଷରେ ଏହି ସୂଚନା ଦିଆଯାଇଛି। ବାରବାଟୀରେ ମଧ୍ୟ ଏହା ଚତୁର୍ଥ ଟ୍ୱେଣ୍ଟି-୨୦ ଅନ୍ତର୍ଜାତୀୟ ହେବ। ପୂର୍ବ ତିନିଟିରୁ ଦୁଇଟିରେ ଦକ୍ଷିଣ ଆଫ୍ରିକା ଖେଳିବା ସହ ବିଜୟୀ ହୋଇଥିଲା। ଭାରତର ଏକମାତ୍ର ବିଜୟ ୨୦୧୭ରେ ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌ରୁ ମିଳିଥିଲା। ୨୦୧୫ ଏବଂ ୨୦୨୨ରେ ଦକ୍ଷିଣ ଆଫ୍ରିକା ଖେଳି ବିଜୟୀ ହୋଇଥିଲା। ସୂଚନାଯୋଗ୍ୟ, ବାରବାଟୀ ଷ୍ଟାଡିୟମ୍ ଚଳିତ ବର୍ଷ ଫେବ୍ରୁଆରି ୯ ତାରିଖରେ ଭାରତ-ଇଂଲଣ୍ଡ ଦିନିକିଆ ମ୍ୟାଚ୍ ଆୟୋଜନ କରିଥିଲା। ଗୋଟିଏ ବର୍ଷ ଭିତରେ ଦୁଇଟି ଅନ୍ତର୍ଜାତୀୟ ମ୍ୟାଚ୍ ? ଆୟୋଜନ କରିବା ବାରବାଟୀ ପାଇଁ ଦ୍ୱିତୀୟ ଉଦାହରଣ ହେବ। ପ୍ରଥମ ତଥା ଶେଷ ଥର ପାଇଁ ୧୯୮୭ ଜାନୁଆରିରେ ଭାରତ-ଶ୍ରୀଲଙ୍କା ଟେଷ୍ଟ୍ ? ଏବଂ ଅକ୍ଟୋବର ଜିମ୍ବାୱେ-ଅଷ୍ଟ୍ରେଲିଆ ଦିନିକିଆ ବିଶ୍ୱକପ୍ ମ୍ୟାଚ୍ ଖେଳାଯାଇଥିଲା। ଭାରତ ଗସ୍ତରେ ଟ୍ୱେଣ୍ଟି-୨୦ ଶୃଙ୍ଖଳା ପୂର୍ବରୁ ଦକ୍ଷିଣ ଆଫ୍ରିକା ନଭେମ୍ବରରେ ଅନୁଷ୍ଠିତ ହେବାକୁ ଥିବା ଟେଷ୍ଟ୍ ଶୃଙ୍ଖଳାର ଦ୍ୱିତୀୟ ଟେ?ଷ୍ଟ୍ ? ଗୁଆହାଟୀରେ ଖେଳାଯିବ। ଏହା ହେଲେ ଗୁଆହାଟୀ ଟେଷ୍ଟ୍ କ୍ରିକେଟରେ ପଦାର୍ପଣ କରିବ। ଏହା ପୂର୍ବରୁ ଦିଲ୍ଲୀରେ ପ୍ରଥମ ଟେଷ୍ଟ୍ ଖେଳାଯିବ। ଉଭୟ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳା ଖେଳିବେ। ଏହି ତିନିଟି ମ୍ୟାଚ୍ ରାଞ୍ଚି, ରାୟପୁର ଓ ବିଶାଖାପାଟଣାରେ ଖେଳାଯିବ। ତେବେ ଏନେଇ ଯଦିଓ ବିସିସିଆଇ ପକ୍ଷରୁ କୌଣସି ଔପଚାରିକ ଭାବେ ଘୋଷଣା କରାଯାଇ ନାହିଁ କିନ୍ତୁ ବାରବାଟୀରେ ମ୍ୟାଚ୍ କରିବା ପାଇଁ ଓସିଏ ପକ୍ଷରୁ ବିସିସି ଆଇକୁ ଅଧିକ ମ୍ୟାଚ ଦେବା ପାଇଁ ନିବେଦନ କରାଯାଇଥିଲା। ଏବେ ଯାଏଁ ଆମ ପାଖକୁ ବିସିସିଆଇ ପକ୍ଷରୁ କୌଣସି ସୂଚନା ଆସିନାହିଁ। ଯଦି ମ୍ୟାଚ୍ ଆସିବ ତେବେ ଆସନ୍ତା ସୋମବାର ଆମ ପାଖକୁ ଅଫିସିଆଲ୍ ଖବର ଆସିବ ବୋଲି ସୂଚନା ଦେଇଛନ୍ତି ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି। ସୂଚନାଯୋଗ୍ୟ, ଚଳିତ ବର୍ଷ ଫେବୃଆରୀ ୯ ତାରିଖରେ ବାରବାଟୀରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଦିନିକିଆ ମ୍ୟାଚ୍ ଖେଳା ଯାଇଥିଲା। ଏହା ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜର ଦ୍ୱିତୀୟ ମ୍ୟାଚ୍ ଥିଲା। ଏହି ମ୍ୟାଚକୁ ଭାରତ ଜିତି ନେଇଥିଲେ ହେଁ, ବାରବାଟୀରେ ଫ୍ଲଡଲାଇଟ୍ ବିଭ୍ରାଟ ଓସିଏ, ଓଡିଶା ଓ ବିସିସିଆଇକୁ କ୍ରିକେଟ୍ ଜଗତରେ ଲଜ୍ଜିତ ହେବାକୁ ପଡିଥିଲା। ଭାରତ ଇନିଂସ ଆରମ୍ଭରୁ କ୍ଲକ୍ ଟାୱାର ନିକଟ ଫ୍ଲଡ ଲାଇଟ୍ ଲିଭି ଯିବାରୁ ଖେଳ ପ୍ରାୟ ୩୦ ମିନିଟ୍ ବନ୍ଦ ରହିଥିଲା।

# ଧୋନୀଙ୍କ ଅବସର ନେଇ ରାଗିଲେ ଗାଭାସ୍କର



କୋଲକାତା: ଏହାରି ମଧ୍ୟରେ ଆଇପିଏଲର ୧୮ତମ ସଂସ୍କରଣ ଆରମ୍ଭ ହୋଇଯାଇଛି। ସବୁ କଳ୍ପନା ଜଳ୍ପନାର ଅବସାନ ଘଟେଇ ମହେନ୍ଦ୍ର ସିଂ ଧୋନୀ ଚେନ୍ନାଇ ସୁପର କିଙ୍ଗସ ପକ୍ଷରୁ ଖେଳୁଛନ୍ତି। ଏକ ଆଲୋଚନା ଚକ୍ରରେ ଧୋନୀଙ୍କ ଅବସର ନେଇ ପ୍ରଶ୍ନ ଉଠିଥିଲା। ଯାହା ଶୁଣିବା ପରେ ମହାନ ଖେଳାଳି ସୁନୀଲ ଗାଭାସ୍କର ରାଗି ଯାଇଥିଲେ। ଆପଣମାନେ କାହିଁକି ବାରମ୍ବାର ତାଙ୍କ ଅବସର ସମ୍ପର୍କରେ ଆଲୋଚନା କରୁଛନ୍ତି। ଏହାଦ୍ୱାରା ସେ ଚାପଗ୍ରସ୍ତ ହେବେ। ଧୋନୀଙ୍କ ପ୍ରଦର୍ଶନ ଉପରେ ଧ୍ୟାନ ଦିଅ। ସେ କେତେ ବୟସର ହେଲେଣି ସେଥିରୁ ଆମକୁ କ'ଣ ମିଳିବ। ଏବେ ବି ସିଏ କ୍ରିଜରେ ଛିଡା ହୋଇ ଛକା ମାରି ପାରୁଛନ୍ତି। ତାଙ୍କ କ୍ଷମତା ଉପରେ ସନ୍ଦେହ କରନ୍ତୁ ନାହିଁ। ଧୋନୀ କେବେ ଅବସର ନେବେ ସେ ନିଷ୍ପତ୍ତି ତାଙ୍କ ଉପରେ ଛାଡିଦିଅ। ଆମେ ତାଙ୍କ ଖେଳ ଦେଖିବା ପାଇଁ ଆସିଛେ କିନ୍ତୁ ଅବସର ବିଷୟରେ ଆଲୋଚନା କରିବା ପାଇଁ ନୁହେଁ ବୋଲି କହିଥିଲେ। ଆଇପିଏଲ ଇତିହାସରେ ଧୋନୀ ଛକା ମାରିବାରେ ୪ର୍ଥ ସ୍ଥାନରେ ରହିଛନ୍ତି। ସେ ୨୫୨ ଛକା ମାରିଛନ୍ତି। ଏହି ତାଲିକାରେ କ୍ରିସ ଗେଲ (୩୫୭), ରୋହିତ ଶର୍ମା(୨୮୦) ଓ ବିରାଟ କୋହଲି ୨୭୨ ଛକା ମାରି ଯଥାକ୍ରମେ ପ୍ରଥମ ୩ଟି ସ୍ଥାନରେ ରହିଛନ୍ତି। ସେ ଆଇପିଏଲରେ ଓଭରାଲ ୨୬୪ ମ୍ୟାଚ ଖେଳି ୫୨୪୩ ରନ କରିଛନ୍ତି। ଏଥିରେ ୨୪ ଅର୍ଦ୍ଧଶତକ ରହିଛି।

# ପୂର୍ବତଟ ରେଳପଥ କ୍ରୀଡ଼ା ସଂଗଠନର ବାର୍ଷିକ ସାଧାରଣ ପରିଷଦ ବୈଠକ




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ପୂର୍ବତଟ ରେଳପଥ କ୍ରୀଡ଼ା ସଂଗଠନ (ଇକୋର୍ସା)ର ବାର୍ଷିକ ସାଧାରଣ ପରିଷଦ ବୈଠକ ଇତିମଧ୍ୟରେ ଆୟୋଜିତ ହୋଇଯାଇଅଛି। କ୍ରୀଡ଼ା ଭିତ୍ତିଭୂମି ବିକାଶ, ତୃଣମୂଳ ସ୍ତରରେ କ୍ରୀଡ଼ାକୁ ପ୍ରୋତ୍ସାହନ ଏବଂ କ୍ରୀଡ଼ା ପ୍ରଶାସନରେ ସର୍ବାଙ୍ଗୀନ ଉତ୍କର୍ଷତା ସମୀକ୍ଷା ଉପରେ ଏହି ବାର୍ଷିକ ସାଧାରଣ ପରିଷଦ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ବୈଠକର ଅଧ୍ୟକ୍ଷତା କରି ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ରେଳପଥରେ କ୍ରୀଡାର ବିକାଶ ସହିତ ଏହାର ଭିତ୍ତିଭୂମି ଉନ୍ନତି କ୍ଷେତ୍ରରେ ବିଶେଷ ପଦକ୍ଷେପ ନେବାକୁ କହିଛନ୍ତି। ଇକୋର୍ସାର ସଭାପତି ତଥା ପ୍ରମୁଖ ମୁଖ୍ୟ ସିଗନାଲ ଏବଂ ଟେଲିକମ ଇଞ୍ଜିନିୟର ଡକ୍ଟର ହେମନ୍ତ କାଗ୍ରା ଏବଂ ସମସ୍ତ ବିଭାଗୀୟ ମୁଖ୍ୟ ମାନଙ୍କ ସହିତ ମଣ୍ଡଳ ରେଳବାଇ ପ୍ରବନ୍ଧକ ମାନେ ଯୋଗଦେଇଥିଲେ। ବୈଠକର ପ୍ରମୁଖ ପ୍ରସଙ୍ଗ ଥିଲା- ? ଲୋକପ୍ରିୟ କ୍ରୀଡା ପାଇଁ ଉତ୍କର୍ଷ କେନ୍ଦ୍ର ସୃଷ୍ଟି: ଉଦୀୟମାନ କ୍ରୀଡାବିତମାନଙ୍କୁ ତାଲିମ ଏବଂ ପ୍ରୋତ୍ସାହିତ କରିବା ପାଇଁ ଆବଶ୍ୟକୀୟ ମାନଦଣ୍ଡ ଅନୁଯାୟୀ ଭିତ୍ତିଭୂମି ପ୍ରତିଷ୍ଠା କରାଯିବା। ତୃଣମୂଳ ସ୍ତରରେ କ୍ରୀଡା ପ୍ରୋତ୍ସାହନ: ଇକୋର୍ସା ଯୁବ ପ୍ରତିଭାଙ୍କୁ ଖୋଜିବା ଏବଂ ପ୍ରୋତ୍ସାହିତ କରିବା ପାଇଁ ତୃଣମୂଳ ସ୍ତରରେ କ୍ରୀଡାର ପ୍ରୋତ୍ସାହନ ଉପରେ ଗୁରୁତ୍ୱ। ମଞ୍ଚେଶ୍ୱରରେ ନୂତନ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ନିର୍ମାଣ। ବ୍ୟାଡମିଣ୍ଟନ, ଜିମ୍ନାଷ୍ଟିକ୍ସ, କବାଡି, ଭଲିବଲ୍ ଏବଂ ଭାରୋତ୍ତୋଳନ ପାଇଁ ୮.୪୪ କୋଟି ଖର୍ଚ୍ଚରେ ଆଉ ଏକ ଅତ୍ୟାଧୁନିକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ନିର୍ମାଣ କରାଯାଉଛି। ସାଧାରଣ ଏବଂ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଇକୋର୍ସା ଦ୍ୱାରା ପରିଚାଳିତ ଏକାଡେମୀ: ଇକୋର୍ସା ଘୋଷଣା କରିଛି ଯେ ରେଳପଥର କ୍ରୀଡା ଭିତ୍ତିଭୂମିକୁ ଏହାର କ୍ରୀଡା ଏକାଡେମୀ ମାଧ୍ୟମରେ ସାଧାରଣ ଲୋକଙ୍କ ପାଇଁ ଖୋଲାଯିବ, ଯେଉଁଠାରେ କ୍ରିକେଟ୍, ଭଲିବଲ୍, ଟେନିସ୍, ବ୍ୟାଡମିଣ୍ଟନ୍, ଟେବୁଲ ଟେନିସ୍, ବାସ୍କେଟବଲ୍, ପହଁରିବା ଏବଂ ସୁଟିଂରେ ତାଲିମ ଏବଂ ସୁବିଧା ପ୍ରଦାନ କରାଯିବ। ଇକୋର୍ସାର କ୍ରୀଡ଼ା ସଫଳତାର ସ୍ୱୀକୃତି: ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଦେଶ ପାଇଁ ଗୌରବ ଆଣିଥିବା ରେଳପଥର ଜାତୀୟ ଏବଂ ଆନ୍ତର୍ଜାତୀୟ କ୍ରୀଡ଼ାବିତ ମାନଙ୍କୁ ପ୍ରଶଂସା କରିଥିଲେ। ଇକୋର୍ସା ବିଭିନ୍ନ ଜାତୀୟ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଏବଂ ଇଭେଣ୍ଟ ଆୟୋଜନରେ ଏହାର ଭୂମିକା ଉପରେ ମଧ୍ୟ ଆଲୋକପାତ କରିଥିଲା। ଭବିଷ୍ୟତର ଭିତ୍ତିଭୂମି ଯୋଜନା: ଇକୋର୍ସା କ୍ରୀଡ଼ା ସୁବିଧାକୁ ଆହୁରି ଉନ୍ନତ କରିବା ପାଇଁ ନୂତନ ଭିତ୍ତିଭୂମି ପ୍ରକଳ୍ପ ଯୋଜନା କରୁଛି, ଯାହା ଫଳରେ ଏହି ଅଞ୍ଚଳରେ କ୍ରୀଡ଼ାର ବିକାଶ ପାଇଁ କ୍ରୀଡ଼ା କର୍ତ୍ତୃପକ୍ଷ ଏବଂ କ୍ରୀଡା ବ୍ୟକ୍ତିବିଶେଷଙ୍କ ସହିତ ଉତ୍ତମ ସମନ୍ୱୟ ସୁନିଶ୍ଚିତ କରାଇବ। ରେଳ କର୍ମଚାରୀ ଏବଂ ଜନସାଧାରଣଙ୍କ ସୁବିଧା ପାଇଁ କ୍ରୀଡା ସଂସ୍କୃତିକୁ ବୃଦ୍ଧି କରିବା, ଯୁବ ପ୍ରତିଭାକୁ ପ୍ରୋତ୍ସାହନ କରାଇବା ଏବଂ ଭିତ୍ତିଭୂମିକୁ ଉନ୍ନତ କରିବା ପାଇଁ ଏକ ଦୃଢ଼ ପ୍ରତିବଦ୍ଧତା ସହିତ ଏହି ବୈଠକ ଶେଷ ହୋଇଥିଲା।


# ପ୍ରଖ୍ୟାତ ମୁଷ୍ଟିଯୋଦ୍ଧା ଜର୍ଜ ଫୋରମ୍ୟାନଙ୍କ ପରଲୋକ

ନୂଆଦିଲ୍ଲୀ: ଆମେରିକାର ପ୍ରଖ୍ୟାତ ମୁଷ୍ଟିଯୋଦ୍ଧା ଜର୍ଜ ଫୋରମ୍ୟାନଙ୍କ ୭୬ ବର୍ଷରେ ପରଲୋକ ହୋଇଯାଇଛି। ଏନେଇ ପରିବାର ପକ୍ଷରୁ ସାମାଜିକ ଗଣମାଧ୍ୟମରେ ସୂଚନା ଦିଆଯାଇଛି। ୧୯୬୮ ଅଲିମ୍ପିକ୍ସରେ ସେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଅନ୍ୟତମ ପ୍ରଖ୍ୟାତ ମୁଷ୍ଟିଯୋଦ୍ଧା ମହମ୍ମଦ ଅଲ୍ଲିଙ୍କ ସହିତ ମଧ୍ୟ ସେ ସାମ୍ନାସାମ୍ନି ହୋଇଛନ୍ତି। ମାତ୍ର ୧୯ ବର୍ଷ ବୟସରେ ହେଭିୱେଟ ବର୍ଗରେ ଫୋରମ୍ୟାନ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। କିଙ୍ଗଷ୍ଟନ ଏବଂ ଜମାଇକାରେ ଚମ୍ପିଆନ ଜୋ



ଫ୍ରେଜିଅରଙ୍କୁ ସାମ୍ନା କରିବା ପୂର୍ବରୁ ଫୋରମ୍ୟାନ ଲାଗାତର ୩୭ ମ୍ୟାଚ ଜିତି ବିରଳ ରେକର୍ଡ ସ୍ଥାପନ କରିଥିଲେ। ବକ୍ସିଂ ଜୀବନକାଳରେ ସେ ମୋଟ ୭୬ ମ୍ୟାଚରେ ବିଜୟୀ ହୋଇଥିବାବେଳେ ମାତ୍ର ୫ଟି ମ୍ୟାଚରେ ପରାଜୟ ବରଣ କରିଥିଲେ। ସେ ତାଙ୍କ ଶେଷ ମ୍ୟାଚ ୧୯୯୭ରେ ଖେଳିଥିଲେ।

# ଆଇପିଏଲ୍: କମେଣ୍ଟ୍ରି ପ୍ୟାନେଲରୁ ଇରଫାନ ବାଦ୍



ନୂଆଦିଲ୍ଲୀ: ଇଣ୍ଡିଆନ୍ ପ୍ରିମିୟର ଲିଗର ୧୮ତମ ସିଜିନ୍ ପାଇଁ କମେଣ୍ଟ୍ରି ପ୍ୟାନେଲଙ୍କ ତାଲିକା ଏହା ମଧ୍ୟରେ ପ୍ରକାଶ ପାଇଛି। କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ଏଥିରେ କିମ୍ବଦନ୍ତୀ ଦ୍ରୁତ ବୋଲର ଇରଫାନ ପଠାନଙ୍କ ନାମ ନାହିଁ। ହିନ୍ଦୀ କମେଣ୍ଟ୍ରି ପ୍ୟାନେଲରେ ପ୍ରତ୍ୟେକ ଥର ଉପସ୍ଥିତ ଥିବା ସମସ୍ତଙ୍କ ନାମ ଥିଲାବେଳେ ଇରଫାନଙ୍କ ନାମକୁ ବାଦ ଦିଆଯାଇଛି। ମାଇ ସ୍ପୋର୍ଟସ୍ ୱେବସାଇଟ୍ ଅନୁଯାୟୀ, କିଛି ଭାରତୀୟ ଖେଳାଳିଙ୍କ ବିରୋଧରେ ବ୍ୟକ୍ତିଗତ ମନ୍ତବ୍ୟ ଦେବା ପାଇଁ ଇରଫାନଙ୍କୁ ବହିଷ୍କାର କରାଯାଇଛି। ଅନେକ ଖେଳାଳି ଅଭିଯୋଗ କରିଥିଲେ ଯେ ଇରଫାନ୍ ଜାଣିଶୁଣି ସେମାନଙ୍କ ଉପରେ ବ୍ୟକ୍ତିଗତ ମନ୍ତବ୍ୟ ଦେଉଛନ୍ତି। ଗତ ୨ ବର୍ଷ ଧରି ଏପରି ଘଟୁଥିଲା। ଯେପରିକି ଇରଫାନ ପଠାନ କିଛି ଖେଳାଳିଙ୍କ ବିରୁଦ୍ଧରେ ବ୍ୟକ୍ତିଗତ ଏଜେଣ୍ଡା ଚଲାଉଛନ୍ତି। ଯାହାକୁ ପସନ୍ଦ କରିନଥିଲେ ଉଚ୍ଚ ଅଧିକାରୀମାନେ। ତେବେ ଇରଫାନ ପଠାନ ପ୍ରଥମ କ୍ରିକେଟର ନୁହଁନ୍ତି ଯାହାଙ୍କୁ ଦଣ୍ଡ ସ୍ୱରୂପ କମେଣ୍ଟ୍ରୀ ପ୍ୟାନେଲରୁ ବାଦ ଦିଆଯାଇଛି। ପୂର୍ବରୁ ଭାରତୀୟ କ୍ରିକେଟର ସଞ୍ଜୟ ମାଞ୍ଜରେକର ଏବଂ କ୍ରିକେଟ ବିଶେଷଜ୍ଞ ହର୍ଷା ଭୋଗଲେଙ୍କ ବିରୋଧରେ ମଧ୍ୟ ଅଭିଯୋଗ ହୋଇଥିଲା। ୨୦୨୦ରେ ଭାରତ ବନାମ ଦକ୍ଷିଣ ଆଫ୍ରିକା ସିରିଜ୍ ପୂର୍ବରୁ ମଞ୍ଜରେକରଙ୍କୁ ବିସିସିଆଇ କମେଣ୍ଟ୍ରି ଦଳରୁ ବହିଷ୍କାର କରାଯାଇଥିଲା। ସେହିପରି ୨୦୧୯ ମସିହାରେ ସୌରଭ ଗାଙ୍ଗୁଲିଙ୍କ ଉପରେ ବ୍ୟକ୍ତିଗତ ମନ୍ତବ୍ୟ ଦେବା ପାଇଁ ହର୍ଷା ଭୋଗଲେଙ୍କୁ ଦଣ୍ଡ ଭୋଗିବାକୁ ପଡିଥିଲା।

# ଲକ୍ଷ୍ମୌରେ ସାମିଲ ହେଲେ ଶାର୍ଦ୍ଦୁଳ ଠାକୁର



ଲକ୍ଷ୍ମୌ: ମେଗା ନିଲାମରେ ଭାରତର ଷ୍ଟାର ଅଲରାଉଣ୍ଡର ଶାର୍ଦ୍ଦୁଳ ଠାକୁରଙ୍କୁ କେହି ଦଳରେ ନେଇ ନଥିଲେ। ଏବେ ଶାର୍ଦ୍ଦୁଳଙ୍କ ଆଇପିଏଲରେ ସାମିଲ ହୋଇଛନ୍ତି। ମୋହସିନ ଖାଁଙ୍କ ସ୍ଥାନରେ ଲକ୍ଷ୍ମୌ ସୁପର ଜ୍ୟାଂଟସ ତାଙ୍କୁ ଦଳରେ ସାମିଲ କରିଛି। ନୂଆ ଅଧିନାୟକ ରିଷଭ ପନ୍ତଙ୍କ ନେତୃତ୍ୱରେ ଲକ୍ଷ୍ମୌ ତାର ଅଭିଯାନ ସୋମବାର ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଆରମ୍ଭ କରିବ। ୩୩ ବର୍ଷୀୟ ଶାର୍ଦ୍ଦୁଳ ନିକଟରେ ରଣଜୀ ଟ୍ରଫିରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ସେ ୫୦୫ ରନ କରିବା ସହ ୩୫ ୱିକେଟ ନେଇଥିଲେ। ଆଇପିଏଲ ନିଲାମରେ ତାଙ୍କୁ କିଣା ନ ଯିବାରୁ ସେ କାଂଉଟି କ୍ରିକେଟ ଖେଳିବା ପାଇଁ ଏସେକ୍ସ ସହ ଚୁକ୍ତି କରିଥିଲେ। ଏବେ ସେ କାଂଉଟି ଖେଳିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ବିଜୟ ହଜାରେ ଟ୍ରଫି ଅବସରରେ ମୋହସିନ ଆଘାତପ୍ରାପ୍ତ ହୋଇଥିଲେ। ସେ ସମ୍ପୂର୍ଣ୍ଣ ଭାବେ ଫିଟ ହୋଇ ନଥିବାରୁ ଆଇପିଏଲରୁ ଓହରିବାକୁ ବାଧ୍ୟ ହୋଇଥିଲେ। ଆଇପିଏଲ ଚେନ୍ନାଇ ସୁପର କିଙ୍ଗସ, ଦିଲ୍ଲୀ କ୍ୟାପିଟାଲ୍ସ, କୋଲକାତା ନାଇଟ ରାଇଡର୍ସ ଓ ରାଇଜିଂ ପୁଣେ ସୁପର ଜ୍ୟାଂଟସ ପକ୍ଷରୁ ଖେଳିଛନ୍ତି। ସେ ୯୫ ମ୍ୟାଚରେ ୯୪ ୱିକେଟ ନେବା ସହ ୩୦୭ ରନ କରିଛନ୍ତି। ଲକ୍ଷ୍ମୌ ପାଇଁ ଏବେ ବି ମୟଙ୍କ ଯାଦବଙ୍କ ଆଘାତ ସମସ୍ୟା ଘାରିଛି। ସେ ସମ୍ପୂର୍ଣ୍ଣ ଭାବେ ଫିଟ ନାହାନ୍ତି।

# ଖେଲୋ ଇଣ୍ଡିଆ ପାରା କ୍ରୀଡ଼ାରେ ସୁଚିତ୍ରାଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ନୂଆଦିଲ୍ଲୀରେ ଚାଲିଥିବା ଖେଲୋ ଇଣ୍ଡିଆ ପାରା କ୍ରୀଡ଼ାରେ ଜବରଦସ୍ତ ପ୍ରଦର୍ଶନ କରି ଓଡ଼ିଶା ଆଥଲେଟ୍ ସୁଚିତ୍ରା ପରିଡ଼ା ମହିଳା ଏଫ୍-୫୫ ଜାଭଲିନରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ସୁଚିତ୍ରା ୧୮.୫୭ ମିଟର ଦୂରତାକୁ ଜାଭଲିନ୍ ଫିଙ୍ଗି ନିଜ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ସହଜରେ ପଛରେ ପକାଇ ଦେଇଥିଲେ। ତାଙ୍କଠାରୁ ୩ମିଟରରୁ ଅଧିକ ଦୂରତା ପଛକୁ ଜାଭଲିନ୍ ଫିଙ୍ଗି ଉତ୍ତରାଖଣ୍ଡର ଗରିମା ଯୋଶୀ (୧୫.୨୪ ମିଟର) ରୌପ୍ୟ ପଦକ ଜିତିଥିଲେ। ଅନ୍ୟପକ୍ଷରେ ଉତ୍ତରପ୍ରଦେଶର ସାକ୍ଷୀ କିଶାନ (୧୪.୪୧ ମିଟର) କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଥିଲେ। ସୁଚିତ୍ରାଙ୍କ ସଫଳତା ଓଡ଼ିଶାରେ ପାରା କ୍ରୀଡ଼ା ପ୍ରତି ବଢୁଥିବା ଆଗ୍ରହ ଏବଂ ଜାତୀୟସ୍ତରରେ ଭଲ କରିବା ଲାଗି ଓଡ଼ିଆ ଖେଳାଳିଙ୍କ ପ୍ରତିଶ୍ରୁତିବଦ୍ଧତାକୁ ଦର୍ଶାଉଛି। ଏହି ସଫଳତା ଲାଗି ତାଙ୍କୁ ଓଡ଼ିଶା ପାରା ସ୍ପୋର୍ଟ୍ସ ସଂଘ ଅଭିନନ୍ଦନ ଜଣାଇଛି। ଏହା ପୂର୍ବରୁ ଓଡ଼ିଶାର ଜୟନ୍ତୀ ବେହେରା ଓ ଜାନକୀ ଓରାମ ଯଥାକ୍ରମେ ସ୍ୱର୍ଣ୍ଣ ଓ ରେ?ପ୍ୟ ପଦକ ଜିତିଥିଲେ। ମହିଳା ଟି-୪୭ ୧୦୦ ମିଟର ଦୌଡ଼ରେ ଜୟନ୍ତୀ ୧୩.୭୧ ସେକେଣ୍ଡ ସହ ସ୍ୱର୍ଣ୍ଣ ଏବଂ ମହିଳା ଟି-୧୨ ୧୦୦ ମିଟର ଦୌଡ଼ରେ ଜାନକୀ ୧୪.୭୯ ସେକେଣ୍ଡ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ।

# ବିବିଧବର୍ଣ୍ଣା



ଆପଣ ଜାଣିଥିବେ କୌଣସି ଖାଦ୍ୟରେ କାଜୁ ପଡ଼ିଥିଲେ ଲୋକେ ତାକୁ ସର୍ବ ପ୍ରଥମେ ଖାଇଥାନ୍ତି । ମିଠା ଲାଗୁଥିବାରୁ ଲୋକ ମାନେ ତାକୁ ବୋହୁତ ପସନ୍ଦ କରନ୍ତି। କାଜୁରେ ଭିଟାମିନ, ତମ୍ବା, ଫସଫରସ, ଆଇରନ ଆଦିର ପରିମାଣ ଭରପୁର ହୋଇ ରହିଥାଏ, ସେଲେନିଅମ୍, ଜିଙ୍କ ଏବଂ ଅନେକ ଖଣିଜ ପଦାର୍ଥ ର ପରିମାଣ ଅଧିକ ମାତ୍ରାରେ ରହିଥାଏ । ସେଲେନିଅମ୍, ଜିଙ୍କ ଏବଂ ଅନେକ ଖଣିଜ ପଦାର୍ଥ ର ପରିମାଣ ଅଧିକ ମାତ୍ରା ରେ ରହିଥାଏ । ଏହା ଆମ ଶରୀର ପାଇ ବୋହୁତ ଲଭ ଦାୟକ ଅଟେ । ଆସନ୍ତୁ ଜାଣିବା ସବୁଦିନ ରାତିରେ ୨ ଟି କାଜୁ ଖାଇବା ଦ୍ୱାରା ଆମ ଶରୀରରେ ବା ଆମ ମଧ୍ୟରେ କଣ ସବୁ ପରିବର୍ତ୍ତନ ଘଟିଥାଏ । ହୃଦୟ ପାଇଁ ଭଲ ଅଟେ। ଏହା ମଧ୍ୟ ରେ ଥିବା ପୋଟାସିୟମ ବା କ୍ୟାଲସିୟମ ରହିଥାଏ। କାଜୁରେ ପ୍ରଚୁର ପରିମାଣରେ ଭିଟାମିନ ଏଲୋସିନ ମହଜୁଦ ଥାଏ । ଯଦି ଆପଣ କାଜୁ ପ୍ରତି ଦିନ ସେବନ କରିବେ ତେବେ ଆଖି ରୋଗ ହେବନାହି । ଏହା ସହ ଜଲ୍ଦି ଆଖି ରେ ମୋତିଆ ବିନ୍ଦୁ ହୁଏ ନାହି । କାଜୁରେ ଆଇରନ ଭରପୂର, ତେଣୁ ରକ୍ତହୀନତା ଦ୍ୱାରା କାଜୁ ବ୍ୟବହାର ଦୂର ହୁଏ । ଯଦି ଆପଣ ନିୟମିତ ଭାବରେ କାଜୁ ଖାଆନ୍ତି, ତେବେ ଆପଣଙ୍କର ସ୍ମରଣ ଶକ୍ତି ବୃଦ୍ଧି ହେବ। କାଜୁରେ ଭିଟାମିନ୍ ବି ଭରପୂର ଅଟେ, ତେଣୁ ଖାଲି ପେଟରେ ୨ଟି କାଜୁ ସହ ମହୁ ମିଶାଇ ଖାଇବା ଦ୍ୱାରା ଆପଣ ସୁସ୍ଥ ରହିଥାନ୍ତି ।







## ମଶାଠୁ ରକ୍ଷା କରିବ କଙ୍କି ପେଣ୍ଡାଣ୍ଟ

ମଶାଙ୍କୁ ସାବାଡ କରିବ କଙ୍କି ପେଣ୍ଡାଣ୍ଟ। ପେଣ୍ଡାଣ୍ଟଟି ସତସତିକା କଙ୍କି ଭଳି ଲାଗେ। ଏହାକୁ ଜାପାନର କମ୍ପାନୀ ମିକି ଲୋକୋସ୍ କର୍ପୋରେସନ ଲିମିଟେଡ୍ ତିଆରି କରିଛି। ଉକ୍ତ କମ୍ପାନୀ ଦାବି କରେ ଯେ, ଏହି ହାଇପର ରିଆଲିଷ୍ଟିକ୍ ପେଣ୍ଡାଣ୍ଟକୁ ପିନ୍ଧିଲେ ମଶା, ଅନ୍ୟ କିଟପତଙ୍ଗ ଓ ପୋକ ପାଖ ମାଡିବେନି। ଦୂରେଇ ରହିବେ। କାରଣ କଙ୍କି ପ୍ରାଣୀଜଗତର ଏକ ହିଂସ୍ରକ କୀଟ, ଯାହା ନିଜ ଶିକାରକୁ ଆଦୌ ଛାଡି ନ ଥାଏ। ତେଣୁ ଅନ୍ୟ କିଟପତଙ୍ଗ କଙ୍କିଠାରୁ ଦୂରେଇ ରୁହନ୍ତି। କହିବାକୁଗଲେ ଏହା ଏକପ୍ରକାରର ମସ୍କିଟୋ ରିପେଲାଣ୍ଟ। ଏହାକୁ ବେକରେ ଅବା ବାହାରକୁ ଭଲଭାବେ ଦେଖାଯାଉଥିବା ଭଳି ପିନ୍ଧିବାକୁ ହେବ। ଫଳରେ ମଶା ଓ ଅନ୍ୟ କିଟପତଙ୍ଗ ଆକ୍ରମଣରୁ ରକ୍ଷା ପାଇପାରିବେ। ବଜାରରେ ମିଳୁଥିବା ବିଭିନ୍ନ ପ୍ରକାରର ମସ୍କିଟୋ ରିପେଲିଂ ସଲ୍ୟୁସନ୍‌ରେ ଅନେକ ପ୍ରକାରର ରାସାୟନିକ ପଦାର୍ଥ ମିଶିଥାଏ, ଯାହାକୁ ବ୍ୟବହାର କଲେ ପାର୍ଶ୍ୱ ପ୍ରତିକ୍ରିୟା ପଡିବାର ଆଶଙ୍କା ଥାଏ। ହେଲେ ଏହି ପେଣ୍ଡାଣ୍ଟର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ନିର୍ଭୟରେ ଏହାକୁ ବ୍ୟବହାର କରିହେବ। ଉକ୍ତ କଙ୍କି ମସ୍କିଟୋ ରିପେଲାଣ୍ଟଟି ପିଭିସିରେ ତିଆରି। ଏହାର ଲମ୍ବ ୧୦୦ ମି.ମି ଓ ଡେଣା ପ୍ରସାରିତ କଲେ ଏହା ୧୩୦ ମି.ମି. ଲମ୍ବ ହୁଏ। ଏହାକୁ କେବଳ ପେଣ୍ଡାଣ୍ଟଭାବେ ନୁହେଁ ଏଥିରେ ଥିବା କ୍ଲିପ୍‌କୁ ବ୍ୟବହାର କରି ଏହାକୁ ହ୍ୟାଟ୍, ପ୍ୟାଣ୍ଟ ପକେଟ, ବ୍ୟାକ୍‌ପ୍ୟାକ୍ ଆଦି ସ୍ଥାନରେ ବି ଲଗାଇହେବ।

## ଏ-୬ ପାଇଁ ଅଲ୍ଲୁ ନେଲେ ୧୭୫ କୋଟି



ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନଙ୍କ ଫିଲ୍ମ ପୁଷ୍ପା-୨ ବକ୍ସ ଅଫିସରେ ସଫଳତାର ଧ୍ୱଜା ଉଡ଼ାଇଛି। ଏହି ଫିଲ୍ମ କେବଳ ସାଉଥ୍‌ରେ ନୁହେଁ ହିନ୍ଦୀ ବେଲ୍‌ଟରେ ମଧ୍ୟ ଖୁବ୍ ଆୟ କରିଛନ୍ତି। ଅନ୍ୟପଟେ ଅଲ୍ଲୁ ଅର୍ଜୁନଙ୍କୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସୁଛି। 'ଯବାନ' ଫିଲ୍ମର ଡାଇରେକ୍ଟର ଏଟଲି ଏବେ ଅଲ୍ଲୁ ଅର୍ଜୁନଙ୍କ ସହ ମିଶି ଏକ ମେଗା ବଜେଟ୍ ପ୍ୟାରେଲଲ ୟୁନିଭର୍ସ ଫିଲ୍ମ ଏ-୬ ତିଆରି କରୁଛନ୍ତି ଏବଂ ଏଥିପାଇଁ ପ୍ରସ୍ତୁତି କାମ ଜୋରସୋରରେ ଚାଲିଛି। ଆପଣ କଣ ଜାଣନ୍ତି ଯେ, ଏହି ଫିଲ୍ମ ପାଇଁ ଅଲ୍ଲୁ ମୋଟା ରକମ ପାଇଛନ୍ତି ଏବଂ ଏହା ସହ ହିଁ ସେ ଭାରତର ସବୁଠୁ ଅଧିକ ଆୟ କରୁଥିବା ଅଭିନେତା ହୋଇ ଯିବେ। ଆସନ୍ତୁ ଏବେ ଜାଣିବା କେତେ ଅଛି ଅଲ୍ଲୁଙ୍କ ପାରିଶ୍ରମକ ? ପିଙ୍କଭିଲାର ରିପୋର୍ଟ ଅନୁସାରେ , ଅଲ୍ଲୁ ଅର୍ଜୁନ ନିଜର ଆଗାମୀ ଫିଲ୍ମ ଡାଇରେକ୍ଟର ଏଟଲୀଙ୍କ ସହ କରିବାକୁ ଯାଉଛନ୍ତି। ଅଲ୍ଲୁ ଅର୍ଜୁନ ନିର୍ମାତା ସନ ଫିକଚର୍ସ ସହ ୧୭୫ କୋଟି ଟଙ୍କାର ଡିଲ୍ ସାଇନ୍ କରିଛନ୍ତି , ଏହାସହ ୧୫ ପ୍ରତିଶତ ପ୍ରଫିଟ୍‌ସେୟାରର ବ୍ୟାକଏଣ୍ଡ ଡିଲ୍ ମଧ୍ୟ କରାଯାଇଛି। ଏହା ଏବେ ସୁଦ୍ଧା କୌଣସି ଅଭିନେତାଙ୍କ ଦ୍ୱାରା କରାଯାଇ ଥିବା ସବୁଠୁ ବଡ଼ ଫ୍ରଣ୍ଟ-ଏଣ୍ଡ ଡିଲ୍ ଏବଂ ଅଲ୍ଲୁ ଅଗଷ୍ଟ ୨୦୨୫ରୁ ଏଟଲୀ ଓ ସନ୍ ପିକଚର୍ସ ପାଇଁ ତାରିଖ ମଧ୍ୟ ବୁକ୍ କରି ଦେଇଛନ୍ତି। ପ୍ରି-ପ୍ରଡକ୍ସନରେ ଲାଗୁ ଥିବା ସମୟର ଆଧାରରେ, ଅଗଷ୍ଟରୁ ଅକ୍ଟୋବର ମଧ୍ୟରେ ଫିଲ୍ମକୁ ଆରମ୍ଭ କରିବାର ବିଚାର ରହିଛି। ଏ-୬କୁ ଭିଏଫଏକ୍ସ ଆଧାରିତ ଏକ ଲେବଲରେ ତିଆରି କରାଯିବାର କଥାବାର୍ତ୍ତା ଚାଲିଛି। କହି ରଖୁଛି କି, ସଲମାନ ଖାନଙ୍କ ବର୍ତ୍ତମାନର ପାରିଶ୍ରମିକ ୧୦୦କୋଟି ଟଙ୍କା ରହିଛି। ଫିଲ୍ମର ସୁଟିଂ ୨୦୨୫ର ସେକେଣ୍ଡ ହାଫ୍‌ରେ ଆରମ୍ଭ ହେବାର ଆଶା ରହିଛି। ଉଲ୍ଲେଖନୀୟ ଯେ, ଅଲ୍ଲୁ ଅର୍ଜୁନଙ୍କର ଫିଲ୍ମ ପୁଷ୍ପା-୨ ବକ୍ସ ଅଫିସରେ ଧମାକା ସୃଷ୍ଟି କରିଛି। ଏହି ଫିଲ୍ମ ଭାରତୀୟ ଫିଲ୍ମ ପାଇଁ ଏକ ନୂଆ ବେଞ୍ଚମାର୍କ ସ୍ଥାପିତ କରି ଦେଇଛି। ସୁକୁମାରଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମ ଭାରତରେ ନିଜର ପ୍ରଥମ ଦିନ ୧୭୫.୧ କୋଟିର ଆକର୍ଷଣୀୟ ଆୟ କରିଛି। ଫିଲ୍ମରେ ପୁଣି ଥରେ ଅଲ୍ଲୁ ଓ ରଶ୍ମିକା ମନ୍ଦାନାଙ୍କର ଯୋଡ଼ି ସମସ୍ତଙ୍କର ହୃଦୟ ଜିତିଛନ୍ତି।

## ପୁଣି ବାପା ହେବେ ରଣବୀର !

ବଲିଉଡର ସବୁଠାରୁ ଚର୍ଚ୍ଚିତ କପଲ୍ ରଣବୀର କପୁର ଏବଂ ଆଲିଆ ଭଟ୍ଟ ଝିଅ ରାହାଙ୍କ ସହ ସମୟ ବିତାଉଛନ୍ତି। ନଭେମ୍ବର ୨୦୨୨ ରାହା ଜନ୍ମ ପରଠାରୁ ଉଭୟ ଫିଲ୍ମ ଦୁନିଆରେ ଏତେଟା ସକ୍ରିୟ ରହୁନାହାନ୍ତି। ଏସବୁ ଭିତରେ ରଣବୀର ଏବେ ଦ୍ୱିତୀୟ ସନ୍ତାନର ସମ୍ଭାବନା ବିଷୟରେ ମୁହଁ ଖୋଲିଛନ୍ତି। ରଣବୀରଙ୍କୁ ପ୍ରାୟତଃ ତାଙ୍କ ଝିଅ ସହିତ ସମୟ ବିତାଉଥିବାର ଦେଖାଯାଏ। ସେ ତାଙ୍କ ଝିଅର ନାମରେ ଏକ ଟାଟୁ ମଧ୍ୟ କରିଛନ୍ତି। ଏହା ବ୍ୟତୀତ ସେ ତାଙ୍କ ଝିଅ ସହିତ ଖେଳୁଥିବାର ଏବଂ ତାକୁ ଗୀତ ଶୁଣାଉଥିବାର ଅନେକ ସମୟରେ ନଜର ଆସିଛନ୍ତି। ରଣବୀର ଆଉ ଏକ ଶିଶୁ ଯୋଜନା କରିବାର ସଙ୍କେତ ଦେଇଛନ୍ତି। ଏକ ସାକ୍ଷାତକାରରେ, ସେ ନିଜ ବିଷୟରେ ସର୍ବାଧିକ ଗୁଗଲ ଖୋଜାଯାଇଥିବା ପ୍ରଶ୍ନର ଉତ୍ତର ଦେଇଥିଲେ। ସେଥିମଧ୍ୟରୁ ଗୋଟିଏ ପ୍ରଶ୍ନ ଥିଲା ଯେ, ସେ ଖୁବ୍‌ଶୀଘ୍ର ଆଉ ଏକ ନୂଆ ଟାଟୁ କରିବେ କି ? ଏହାର ଜବାବରେ ରଣବୀର କହିଥିଲେ, ଆଶା କରୁଛି ଶୀଘ୍ର କରିବି। ରଣବୀର ପୂର୍ବରୁ ରାହାଙ୍କ ନାମରେ ଏକ ଟାଟୁ କରିସାରିଛନ୍ତି। ଏହି ଟାଟୁ ବିଷୟରେ ବହୁତ ଆଲୋଚନା ହୋଇଥିଲା। ରାହାଙ୍କ ପରେ ରଣବୀର ଏବଂ ଆଲିଆ ଉଭୟ ଦ୍ୱିତୀୟ ସନ୍ତାନ ବିଷୟରେ ଚିନ୍ତା କରୁଛନ୍ତି। ନିକଟରେ ଆଲିଆ କହିଥିଲେ, ଯଦି ତାଙ୍କର ଦ୍ୱିତୀୟ ସନ୍ତାନ ପୁଅ ହୁଏ, ତେବେ ତା' ନାମ ଆଗରୁ ପ୍ରସ୍ତୁତ ଅଛି।





## ଛାଡ଼ପତ୍ର ପରେ ପ୍ରଥମଥରେ ନଜର ଆସିଲେ ଧନଶ୍ରୀ

କୋରିଓଗ୍ରାଫର ଧନଶ୍ରୀ ବର୍ମା ଓ ଭାରତୀୟ କ୍ରିକେଟର ୟୁବେନ୍ଦ୍ର ଚହଲଙ୍କ ଛାଡ଼ପତ୍ର ଖବର ଏବେ ଶିରୋନାମାରେ । ନିକଟରେ ଉଭୟଙ୍କ ଛାଡ଼ପତ୍ର ହେବା ପରେ ଧନଶ୍ରୀ ପ୍ରଥମ ଥର ମୁମ୍ବାଇର ଏକ କାର୍ଯ୍ୟକ୍ରମରେ ନଜର ଆସିଥିଲେ । ଏ ଅବସରରେ ଗଣମାଧ୍ୟମ ତାଙ୍କଠୁ ଛାଡ଼ପତ୍ର ବିଷୟରେ ଜାଣିବାକୁ ଚାହିଁଲେ । କିନ୍ତୁ ଧନଶ୍ରୀ କିଛି ବି କହିଲେ ନାହିଁ । ବାସ୍ତବରେ ଧନଶ୍ରୀ ନିଜର ନୂଆ ମ୍ୟୁଜିକ୍ ଭିଡିଓର ପ୍ରମୋସନ୍ ପାଇଁ ଟି-ସିରିଜ୍ ଅଫିସ୍‌ରେ ପହଞ୍ଚିଥିଲେ । ସେଠାରେ ଉପସ୍ଥିତ ଗଣମାଧ୍ୟମକୁ ପୋଜ୍ ଦେବା ସମୟରେ ଚହଲ ଓ ତାଙ୍କର ଛାଡ଼ପତ୍ର ବିଷୟରେ କିଛି କୁହିବାକୁ କୁହାଗଲା । ଧନଶ୍ରୀ କିନ୍ତୁ କିଛି କହିବେ ନାହିଁ ବୋଲି ଇଶାରାରେ କହିଲେ । ପ୍ରଥମେ ତାଙ୍କ ଗୀତ ଶୁଣନ୍ତୁ ବୋଲି ସେ ଗଣମାଧ୍ୟମକୁ କହିଲେ । ଗଣମାଧ୍ୟମ କର୍ମୀ ତାଙ୍କ ଗୀତକୁ ପ୍ରଶଂସା କଲେ ଏବଂ ଏହା ଟ୍ରେଣ୍ଡ୍‌ରେ ଅଛି ବୋଲି କହିଲେ । ଏହା ଶୁଣି ଧନଶ୍ରୀ ଈଶ୍ୱରଙ୍କୁ ଧନ୍ୟବାଦ ଦେଲେ । କହିବାକୁ ଗଲେ ଗତ ୨୦ ତାରିଖରେ ଧନଶ୍ରୀ ଓ ଚହଲଙ୍କର ଔପଚାରିକ ରୂପେ ଛାଡ଼ପତ୍ର ହୋଇଛି । ସେହି ଦିନ ଧନଶ୍ରୀଙ୍କର ନୂଆ ମ୍ୟୁଜିକ୍ ଭିଡିଓ ଲଞ୍ଚ୍ ହୋଇଥିଲା, ଯାହାର ଗୀତ ଏକ୍ସଟ୍ରା ମାରିଟାଲ ଅଫେୟର ଉପରେ ଆଧାରିତ । ଧନଶ୍ରୀ ନିଜ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟ୍‌ରେ ଫ୍ୟାନ୍‌ଙ୍କର କ୍ୟାପ୍ସନ୍ ଥିବା ପୋଷ୍ଟ୍‌କୁ ସେୟାର କରିଛନ୍ତି । ଏଥିରେ ଗୀତ ବିଷୟରେ କୁହାଯାଇଛି 'ଜୀବନ କଳାର ନକଲ ।' ଏଥିରୁ ଫ୍ୟାନ୍ ଅନୁମାନ କରୁଛନ୍ତି ଯେ ଗୀତ ଉଭୟଙ୍କ ଛାଡ଼ପତ୍ରର ପ୍ରକୃତ କାରଣକୁ ଦର୍ଶାଉଛି । କରୋନା ମହାମାରୀ ସମୟରେ ଧନଶ୍ରୀ ଓ ଚହଲଙ୍କ ବନ୍ଧୁତା ହୋଇଥିଲା । ଧନଶ୍ରୀଙ୍କୁ ନୃତ୍ୟ ଶିଖିବାକୁ ଚହଲ କହିଥିଲେ । ଏହା ପରେ ଉଭୟଙ୍କ ବନ୍ଧୁତା ପ୍ରେମରେ ରୂପାନ୍ତରିତ ହୋଇଥିଲା । ୨୦୨୦, ଡିସେମ୍ବର ୧୧ରେ ଉଭୟ ବିବାହ କଲେ । କିନ୍ତୁ ଅଢ଼େଇ ବର୍ଷ ପର୍ଯ୍ୟନ୍ତ ସେମାନେ ଏକାଠି ରହିଲେ। ୨୦୨୨ରୁ ଉଭୟ ଅଲଗା ରହିବାକୁ ଲାଗିଲେ ।



## ପିଲାଙ୍କ ଯକ୍ଷ୍ମାରୋଗ

*ଯକ୍ଷ୍ମା ରୋଗରେ ପ୍ରତିବର୍ଷ ପ୍ରାୟ ୯ଲକ୍ଷ ନୂଆ ରୋଗୀ ଚିହ୍ନଟ ହେଉଛନ୍ତି ଯେଉଁମାନଙ୍କ ଭିତରୁ ପ୍ରାୟ ୧୫ଲକ୍ଷ ମୃତ୍ୟୁମୁଖରେ ପଡୁଛନ୍ତି। ପାଞ୍ଚ ବର୍ଷରୁ କମ୍ ବୟସର ପିଲାମାନଙ୍କ ଠାରେ ଶତକଡ଼ା ୨.୮ଭାଗ ଏହି ରୋଗ ଦ୍ୱାରା ଆକ୍ରାନ୍ତ ହୋଇଥାନ୍ତି। ସାଧାରଣତଃ ବଡ଼ଲୋକ ମାନଙ୍କ କାଶ ଦ୍ୱାରା ଜୀବାଣୁ ବାୟୁମଣ୍ଡଳକୁ ଆସିବା ଦ୍ୱାରା ପିଲାମାନେ ଏହାର ସହଜ ଶିକାର ହୋଇଥାନ୍ତି।*

■ ପିଲାମାନଙ୍କର ଜୀବାଣୁ ପ୍ରବେଶର ମାଧ୍ୟମ ହେଉଛି ଶ୍ୱାସପଥ। ସେହିପରି ଗର୍ଭାବସ୍ଥାରେ ଗର୍ଭଫୁଲ ମାଧ୍ୟମରେ ଏହାର ସଂସ୍ପର୍ଶ ଶିଶୁର ଶରୀରରେ ସଞ୍ଚରିତ ହେଲେ ପିଲାକୁ ଜନ୍ମଗତ ଯକ୍ଷ୍ମା ରୋଗ ହୋଇପାରେ ଯାହାକି ଅତି ବିରଳ।

■ ଅନେକ ପିଲାଙ୍କର ଏହି ରୋଗର ଜୀବାଣୁ ଦ୍ୱାରା ସଂକ୍ରମଣ ଥିଲେ ମଧ୍ୟ ରୋଗ କିମ୍ବା ରୋଗର ଲକ୍ଷଣ ଦେଖାଯାଇନଥାଏ।

■ ପିଲାଟିର ପ୍ରାଥମିକ ସଂକ୍ରମଣ ଫୁସ୍‌ଫୁସ୍‌ରେ ଦେଖାଦେଇଥାଏ। ତା'ପରେ ଲସିକାବାହିନୀର ପ୍ରଦାହ ହୋଇ ଫୁସ୍‌ଫୁସ୍‌ର ସେହି ଅଂଶର ଲସିକା ଗ୍ରନ୍ଥିର ବୃଦ୍ଧି ହୋଇଥାଏ।

■ ଦୀର୍ଘଦିନ ଧରି ଜ୍ୱର ହେବା, ପିଲାର ଓଜନ କମିଯିବା ହେଉଛି ଯକ୍ଷ୍ମାରୋଗ ପ୍ରଧାନ ଲକ୍ଷଣ।

■ କେତେକ କ୍ଷେତ୍ରରେ ପିଲାମାନଙ୍କର ଟନ୍‌ସିଲ, ଚର୍ମ ଓ ଅନ୍ତଃନାଳୀରେ ମଧ୍ୟ ପ୍ରାଥମିକ ସଂକ୍ରମଣ ହୋଇପାରେ। ପିଲାମାନଙ୍କ ଠାରେ ଏଣ୍ଡୋବ୍ରୋଙ୍କିଏଲ ଯକ୍ଷ୍ମା ରୋଗ ଅଧିକ ମାତ୍ରାରେ ଦେଖାଯାଏ।

■ ସେହିପରି ପିଲାମାନଙ୍କର ଫୁସ୍‌ଫୁସ, ମସ୍ତିଷ୍କ, ଯକୃତ, ଅସ୍ଥି, ଗଣ୍ଠି, ବୃକକ୍‌ରେ ମଧ୍ୟ ଯକ୍ଷ୍ମା ରୋଗର ସଂକ୍ରମଣ ଦେଖାଯାଏ।


■ ପିଲାମାନଙ୍କର ପ୍ରାଥମିକ ଲକ୍ଷଣ ଦେଖା ଦେଇନଥିଲେ ବି ଲହରା କାଶ କିମ୍ବା ମିଳିମିଳା ରୋଗ ହେଲେ ଏହି ରୋଗର ଲକ୍ଷଣ ଜଣାପଡ଼ିଥାଏ।

■ ଯେଉଁ ପିଲାମାନଙ୍କର ଫୁସ୍‌ଫୁସ୍ ସମ୍ବନ୍ଧୀୟ ଯକ୍ଷ୍ମାରୋଗ ଦେଖାଦେଇଥାଏ ସେମାନେ ପ୍ରାଥମିକ ସ୍ତରରୁ ଚିକିତ୍ସା କଲେ ପିଲାଟି ବଡ଼ ହେଲାବେଳକୁ ଏହା ଆରୋଗ୍ୟ ସାଧ ହୋଇଥାଏ।

■ କେତେକ ପିଲାଙ୍କର କାଶ ଦେଖାଯାଇ ସେମାନଙ୍କର ପ୍ଲୀହା ବୃଦ୍ଧି ହୋଇଥାଏ। ସାଧାରଣ ଡାକ୍ତରଙ୍କ ଷ୍ଟେଥସସ୍କୋପ ଦ୍ୱାରା ଫୁସ୍‌ଫୁସର କିଛି ଶବ୍ଦ ଶୁଣାଯାଇନଥିଲେ ବି ଏକ ପ୍ରକାର ଶବ୍ଦ ଚିକିତ୍ସକ ଜାଣିପାରନ୍ତି ଯାହାକି ଛାତି ଏକ୍ସରେ ଦ୍ୱାରା ଜଣାପଡ଼େ। ଏପରି ରୋଗରେ ପିଲାଟିର ଟ୍ୟୁବାରକୁଲିନ୍ ଟେଷ୍ଟ ଦରକାର ପଡ଼ିଥାଏ।

■ କିଛି ପିଲାମାନଙ୍କ ପେଟରେ ଜଳ ଜମି ଯିବା ଯୋଗୁଁ ପେଟ ବ୍ୟଥା ହେବା ସହ ଶରୀରର ବୃଦ୍ଧି ହୁଏନାହିଁ ଓ ଦୀର୍ଘଦିନ ଧରି ତରଳ ଝାଡ଼ା ହୋଇଥାଏ। ଏହା ପିଲାମାନଙ୍କର ଆବ୍‌ଡୋମିନାଲ ଟ୍ୟୁବରକ୍ଲୋସିସ୍। ଫୁସ୍‌ଫୁସ୍‌ରୁ ରକ୍ତ ଦ୍ୱାରା ଜୀବାଣୁ ପ୍ରଭାବିତ ହୋଇ ପିଲାମାନଙ୍କର ଅସ୍ଥି ଓ ଗଣ୍ଠିରେ ଏହି ରୋଗ ଦେଖାଦେଇ ପିଲାଟିର ମେରୁଦଣ୍ଡ ଅସ୍ଥି, ହିପ୍ ଜଏଣ୍ଟ, ନି ଜଏଣ୍ଟ ଏବଂ ସ୍ଥଳବିଶେଷରେ ହାତ ଓ ଗୋଡ଼ ଆଙ୍ଗୁଠିରେ ମଧ୍ୟ ଦେଖାଯାଇଥାଏ।

■ ସାଧାରଣତଃ ମାଇକ୍ରୋ ବ୍ୟାକ୍ଟୋରିନ୍ ଟ୍ୟୁବରକ୍ଲୋସିସ୍ ନାମକ ବ୍ୟାକ୍ଟୋରିଆ ସଂକ୍ରମଣ ହୋଇ ଶରୀର ଭିତରକୁ ଗଲେ ଟିବି ରୋଗ ଦେଖାଯାଏ। ପିଲାମାନଙ୍କ ଠାରେ ଦୁଇ ପ୍ରକାର ଟ୍ୟୁବରକ୍ଲୋସିସ୍ ରୋଗ ଦେଖାଯାଏ। ଗୋଟିଏ ହେଉଛି ଫୁସ୍‌ଫୁସ୍ ଜନିତ ଅନ୍ୟଟି ହେଉଛି ଫୁସ୍‌ଫୁସ୍ ବାହାରେ ଯଥା ପିଲାମାନଙ୍କ ମେରୁଦଣ୍ଡ ହାଡ଼, ଆଖି, କାନ, ତଣ୍ଟି, ମସ୍ତିଷ୍କ, ପେଟ ପ୍ରମୁଖ।



■ ପିଲା ମାନଙ୍କର ଟ୍ୟୁବରକ୍ଲୋସିସ୍‌ର ପ୍ରାଥମିକ ଲକ୍ଷଣ

■ ପିଲାଟି ସନ୍ଧ୍ୟା ବେଳେ ଜ୍ୱର ଅନୁଭବ କରେ ଯାହାକି ବହୁତ ଦିନ ଧରି ରହେ। ତାକୁ ଥଣ୍ଡା ଲାଗେ, ଭୋକ ସେପରି ହୁଏନା। ଓଜନ କମିଆସେ, କାଶ ହୁଏ ଆଉ କାଶରେ କଫ ପଡ଼େ। କେତେକ କ୍ଷେତ୍ରରେ କଫରେ ରକ୍ତର ଅଂଶ ରହେ। ପିଲାଟିକୁ ଦୁର୍ବଳ ଓ ହାଲିଆ ଲାଗେ। ପିଲାମାନଙ୍କୁ ଯକ୍ଷ୍ମାର ପ୍ରମୁଖ କାରଣ ହେଉଛି ଉଚ୍ଚ ପୌଷ୍ଟିକଯୁକ୍ତ ଖାଦ୍ୟ କମ୍ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି କମ୍ ଥାଏ। ଯକ୍ଷ୍ମା ରୋଗୀ ସଂସ୍ପର୍ଶ ଠାରୁ ପିଲାଟିକୁ ଦୂରେଇ ନଆଣିବା। ବୟସ୍କ ଲୋକମାନଙ୍କ ଅପେକ୍ଷା ପିଲାମାନଙ୍କର ଯକ୍ଷ୍ମାର ଯନ୍ତ୍ରଣା କଷ୍ଟସାଧ୍ୟ।

■ ପିଲାଟିର ଯକ୍ଷ୍ମା ଚିହ୍ନଟ ହେଲେ କଫ ପରୀକ୍ଷା ସହ ଛାତିର ଏକ୍ସରେ କରାନ୍ତୁ। ପରେ ଦରକାର ପଡ଼ିଲେ ରକ୍ତ ପରୀକ୍ଷା କରନ୍ତୁ। ରାଜ୍ୟ ସରକାର କେବଳ ରାଜ୍ୟର ବଡ଼ ମେଡ଼ିକାଲ ବା ଶିଶୁଭବନ ନୁହେଁ ସମସ୍ତ ଜିଲ୍ଲାସ୍ତରୀୟ ଡାକ୍ତରଖାନା ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶେଷକରି ଯକ୍ଷ୍ମା ରୋଗ ପାଇଁ ଯଥେଷ୍ଟ ପରିମାଣରେ ମାଗଣା ଔଷଧ ଓ ବିନା ମୂଲ୍ୟରେ ସମସ୍ତ ପରୀକ୍ଷା ନିରୀକ୍ଷାର ବ୍ୟବସ୍ଥା କରିଛନ୍ତି। କେବଳ ସେତିକି ନୁହେଁ ଶିଶୁରୋଗ ବିଶେଷଜ୍ଞ, ଶିଶୁପୁଲ୍‌ମୋନାରୀ ମେଡ଼ିସିନ୍ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

■ ଡିଓଟି ବା ଡାଇରେକ୍ଟଲି ଅବଜରଭଡ୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ କେମୋ ଥେରାପି ବା ଯାହାକୁ ସାଧାରଣରେ ଡଟ୍‌ସ ଚିକିତ୍ସା କୁହାଯାଏ। ପିଲାଟିକୁ ଏହାର ସୁଯୋଗ ଦିଅନ୍ତୁ। ଧୈର୍ଯ୍ୟଧରି ପିଲାଟିର ଚିକିତ୍ସା ବ୍ୟବସ୍ଥା କରାନ୍ତୁ। କୌଣସି କ୍ଷେତ୍ରରେ ଡଟସ୍‌ର ଛଅମାସ ଅବଧି ଭିତରେ ପିଲାଟିର ଚିକିତ୍ସା ହେଳା କରନ୍ତୁ ନାହିଁ। ଯକ୍ଷ୍ମା ଯେହେତୁ ଏକ ସଂକ୍ରାମକ ରୋଗ ତେଣୁ ପିଲାଟିର କାଶ ଓ ଛିଙ୍କ ବେଳେ ତାକୁ କପଡ଼ାର ବ୍ୟବହାର ଶିଖାନ୍ତୁ।

■ ପିଲାର ବିଛଣା ଓ ଲୁଗାପଟା ସଫା ରଖନ୍ତୁ ଓ ଉତ୍ତମ ଓ ମୁକ୍ତ ପବନ ଚଳାଚଳ କରୁଥିବା ଘରେ ରହିବାକୁ ଦିଅନ୍ତୁ। ପିଲାଟିକୁ ମାନସିକ ଭାବେ ଧୈର୍ଯ୍ୟ ଦିଅନ୍ତୁ ଓ ଯଥେଷ୍ଟ ପରିମାଣର ସୁଷମ ଓ ପୌଷ୍ଟିକ ଖାଦ୍ୟ ପିଲାଟିକୁ ଦିଅନ୍ତୁ।

■ କୌଣସି ପରିସ୍ଥିତିରେ ଗାଁ ଗଣ୍ଡାର କାହା କଥା ଶୁଣି ତୁଟୁକା ଚିକିତ୍ସା ଗ୍ରହଣ କରନ୍ତୁ ନାହିଁ ବା ଗୁଣି ଗାରେଡ଼ି ବିଶ୍ୱାସ ନିଅନ୍ତୁ ନାହିଁ। ପିଲାଟିର ମୂଲ୍ୟବାନ ଜୀବନ ଏମାନଙ୍କ ହାତରେ ଛାଡ଼ି ଦିଅନ୍ତୁ ନାହିଁ।

*ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ*
*ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର*

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



କେନ୍ଦୁଝର, (ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲାରେ ଏବେ ଜଳକଷ୍ଟ। ସଦର ବ୍ଲକରେ ଦୂଷିତ ପାଣି ପିଇ ଲୋକେ ଆକ୍ରାନ୍ତ ହେଲା ବେଳେ ବାଂଶପାଳ ବ୍ଲକ ଅନ୍ତର୍ଗତ ରାଇଗୁଡ଼ା ଭୂୟାଁ ସମାଜର ପାଞ୍ଚ ପଡ଼ା ସର୍ଦ୍ଦାର ଦୂଷିତ ପାଣି ଲାଗି ଝାଡାବାନ୍ତିରେ ଜୀବନ ହାରିଲେ। ଏବେ ଗାଁ ସାରା ଲୋକେ ଆକ୍ରାନ୍ତ। କେନ୍ଦୁଝର ସହରରେ ଗୋଳି ପଙ୍କୁଆ ପାଣି ନଳ ଦ୍ୱାରା ଯୋଗାଣ ହେଉଛି। ତେବେ ଭୂତଳ ଜଳ ଖସିଗଲାଣି। ଆନନ୍ଦପୁର ଉପଖଣ୍ଡ ଅନ୍ତର୍ଗତ ଘଷିପୁରା, ନାରଙ୍ଗପୁର ଗ୍ରାମରେ ଗ୍ରାମ୍ୟ ଜଳଯୋଗାଣ ସଂସ୍ଥା ପକ୍ଷରୁ ଜଳ ଯୋଗାଣରେ ବ୍ୟାପକ ଅନିୟମିତତା ଦେଖା ଦେଇଥିବା ଅଭିଯୋଗ ହୋଇଛି। ଏଠାରେ ଲୋକଙ୍କୁ ସପ୍ତାହକୁ ୭ ଦିନ ବଦଳରେ ମାତ୍ର ୨ ଦିନ ପାଣି ଦିଆ ଯାଉଥିବା ଦେଖାଯାଇଛି। ତେଣୁ ଲୋକେ ପିଇବା ପାଣି ସଂଗ୍ରହ କରିବା ସହ ନିତ୍ୟକର୍ମ ଲାଗି ପାଣି ପାଇଁ ଏବେ ଡହଳବିକଳ ହେଲେଣି। ବାରମ୍ବାର ଏହାର ପ୍ରତିକାର ଲାଗି ସେମାନେ ଗୁହାରି କଲେ ମଧ କେହି ଶୁଣିବାକୁ ନାରାଜ। ଶେଷରେ ବାଧ ହୋଇ ଗ୍ରାମର ମହିଳାମାନେ ଗରାମାଠିଆ ରାସ୍ତା ଉପରେ ଥୋଇ ପ୍ରତିବାଦ କରିଥିଲେ। ଆଗାମୀ ଦିନରେ ପାଣି ଯୋଗାଣ ଠିକ୍ ନହେଲେ ସେମାନେ ପ୍ରଶାସନକୁ ବିରୋଧ କରି ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ନିଜ ଜିଲ୍ଲାରେ ପାନୀୟ ଜଳ ଯୋଗାଣ ଠିକ୍ କରିବାକୁ ଲୋକେ ଦାବି କରିଛନ୍ତି।



## ସ୍କୁଲରେ ନାହାନ୍ତି ପିଅନ, ରାତ୍ର ଜଗୁଆଳ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ସରକାରୀ ବିଦ୍ୟାଳୟରେ ଚେହେରା ବଦଳିଛି। କୋଟିକୋଟି ଟଙ୍କା ଖର୍ଚ୍ଚ କରି ସ୍ମାର୍ଟ କ୍ଲାସରୁମ୍‌ଠୁ ନେଇ ଲାଇବ୍ରେରୀ ଓ ଅତ୍ୟାଧୁନିକ ବିଜ୍ଞାନଗାର ନିର୍ମାଣ କରାଯାଇଛି। ପାଇଖାନାରୁ ନେଇ ଶ୍ରେଣୀଗୃହ ଯାଏଁ ଦାମୀ ସାମଗ୍ରୀ ଖଞ୍ଜାଯାଇଛି। ମାତ୍ର ଉଦ୍‌ବେଗର ବିଷୟ, ପରିଚାଳନାଗତ ତ୍ରୁଟି ଓ ଜଗାରଖା ପାଇଁ କେହି ନଥିବାରୁ ଧୀରେଧୀରେ ସରକାରୀ ସମ୍ପତି ଚୋରି ହେବାରେ ଲାଗିଛି। ପାଇଖାନା ଟ୍ୟାପ ଠୁ ଏଲଇଡି ଟିଭି ଯାଏଁ ଦୁର୍ବୃତ୍ତ ଲୁଟି ନେଉଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳରେ ଚୋର ମାତିଥିବା ବେଳେ ସ୍କୁଲକୁ ଟାର୍ଗେଟ କରୁଛନ୍ତି। ଜଗିବାକୁ କେହି ନଥିବାରୁ ସହଜରେ ଚୋରି କରି ଚମ୍ପଟ ମାରୁଛନ୍ତି। ସେପଟେ ସରକାର ବିଦ୍ୟାଳୟର ଭିତ୍ତିଭୂମି ସିନା ବଢ଼ାଇଛନ୍ତି, ହେଲେ ସୁରକ୍ଷା ଦିଗକୁ ଅବହେଳା କରିଥିବା ଦେଖିବାକୁ ମିଳିଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅଧୀନରେ ୨୨ଗୋଟି ଉଚ୍ଚ ବିଦ୍ୟାଳୟ ଥିବାବେଳେ ଅନେକ ବିଦ୍ୟାଳୟରେ ରାତ୍ର ଜଗୁଆଳ ନାହାନ୍ତି। ସେହିପରି ଅଧାରୁ ଅଧିକ ସ୍କୁଲରେ ପିଅନ ନଥିବାରୁ ରକ୍ଷଣାବେକ୍ଷଣ ବାଧାପ୍ରାପ୍ତ ହେଉଛି। ବିନା ପିଅନରେ ସ୍କୁଲ କର୍ତ୍ତୃପକ୍ଷ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତଥ୍ୟ ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ୨୨ଗୋଟି ଉଚ୍ଚ ବିଦ୍ୟାଳୟ ମଧ୍ୟରୁ ଅନେକ ସରକାରୀ ଉଚ୍ଚ ବିଦ୍ୟାଳୟ ରହିଛି। ସେହିପରି କିଛି ପୂର୍ଣ୍ଣ ଅନୁଦାନପ୍ରାପ୍ତ ଓ କିଛିଟି ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଅଛି। କିଛି ସରକାରୀ ବିଦ୍ୟାଳୟରେ ସରକାର ରାତ୍ର ଜଗୁଆଳ ମଞ୍ଜୁର କରିଥିବା ବେଳେ ଅନେକ ବିଦ୍ୟାଳୟରେ ରାତ୍ର ଜଗୁଆଳ ମୃତ୍ୟୁବରଣ କରିଥିବା ବେଳେ ଅନେକ ସ୍ଥାନରେ ମୁକୁଳା ପଡିଛି। ଯାହାକି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ସୁରକ୍ଷା ଚିନ୍ତା ଘାରୁଛି। ସେହିପରି ସରକାର ସମସ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ ପାଇଁ ପିଅନ ପଦବୀ ମଞ୍ଜୁର କରିଛନ୍ତି। କେତେକ ସ୍କୁଲରେ ପିଅନ ଅବସର ନେଇଥିବା ବେଳେ ଅଧିକାଂଶ ବିଦ୍ୟାଳୟରେ ପିଅନ ନାହାନ୍ତି। ବହୁ ଦାବୀ ସତ୍ତ୍ୱେ ସରକାର ଏହି ପଦବୀ ପୂରଣ କରୁନାହାନ୍ତି। ରାତ୍ର ଜଗୁଆଳ ନଥିବାରୁ ଅଧିକାଂଶ ବିଦ୍ୟାଳୟରୁ ଚୋରି ହେଉଛି। ସୌଖିନି ସାମଗ୍ରୀ ଦୁର୍ବୃତ୍ତ ଚୋରାଇ ନେଉଛନ୍ତି। ବିଦ୍ୟାଳୟରେ ଲକ୍ଷଲକ୍ଷ ଟଙ୍କାର ସମ୍ପତି ଥିବାରୁ ରାତ୍ର ଜଗୁଆଳ ନିତ୍ୟାନ୍ତ ଆବଶ୍ୟକ। ଅପରପକ୍ଷେ ବିଦ୍ୟାଳୟ ଗୁଡିକରେ ଖାଲି ପଡ଼ିଥିବା ପିଅନ ଓ ରାତ୍ର ଜଗୁଆଳ ପଦବୀ ପୂରଣ ନେଇ ସରକାରଙ୍କୁ ଲେଖାଯାଇଥିବା କିଛି ପ୍ରଧାନଶିକ୍ଷକ ନାମ ଗୋପନ ରଖି କହିଛନ୍ତି।

## ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଳନ ପାଇଁ ପ୍ରସ୍ତୁତି ବୈଠକ



କଣିହାଁ, (ଭାସ୍କର ନ୍ୟୁଜ୍): ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ, ବିଦିଗୋଳର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବିଜିଗୋଳ ରାମ ମନ୍ଦିର ପ୍ରାଙ୍ଗଣରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ବୈଠକର ପ୍ରାରମ୍ଭରେ ଉପସ୍ଥିତ ପୂର୍ବତନ ଶିକ୍ଷକବୃନ୍ଦ, ବିଦ୍ୟାଳୟର ପ୍ରତିଷ୍ଠାତାମାନଙ୍କ ପରିବାରର ସଦସ୍ୟ, ବିଭିନ୍ନ ଗ୍ରାମର ସଭାପତି ସମ୍ପାଦକମାନଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ଦିବଂଗତ ପ୍ରତିଷ୍ଠାତା, ଶିକ୍ଷକ ଓ ପୂର୍ବତନ ଛାତ୍ରଛାତ୍ରୀଙ୍କ ଆତ୍ମାର ସଦଗତି ନିମନ୍ତେ ଏହି ବୈଠକରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ବିଦ୍ୟାଳୟର ପ୍ରତିଷ୍ଠାତା ତଥା ପୂର୍ବତନ ପ୍ରଧାନ ଶିକ୍ଷକ ବାଉରୀବନ୍ଧୁ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ପ୍ରଦୀପ କୁମାର ପ୍ରଧାନ, ବିଜିଗୋଳ ସରପଞ୍ଚ ରୁକ୍ମିଣୀ ପ୍ରଧାନ, ଦଣ୍ଡସିଂହା ଗ୍ରାମ ସଭାପତି ଜଳଧର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ଗଠନମୂଳକ ପରାମର୍ଶ ଦେଇ ମାର୍ଗଦର୍ଶନ କରାଇ ଉତ୍ସାହ ପ୍ରଦାନ କରିଥିଲେ। ଏହି ବୈଠକରେ ଆଖପାଖ ୨୩ଟି ଗ୍ରାମର ସଭାପତି ଓ ସଂପାଦକ ଉପସ୍ଥିତ ରହି ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରିବାକୁ ମତପୋଷଣ କରିବା ସହିତ ଉତ୍ସାହ ପ୍ରଦାନ କରିଥିଲେ। ଚଳିତ ବର୍ଷ ଜୁଲାଇ ୧ ତାରିଖରେ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ବିଜିଗୋଳର ୫୦ ବର୍ଷ ପୂର୍ତ୍ତି ଅବସରରେ ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ସୁବର୍ଣ୍ଣ ଜୟନ୍ତୀ ସମାରୋହକୁ ସମସ୍ତ ପୂର୍ବତନ ଛାତ୍ରଛାତ୍ରୀମାନେ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରିବାକୁ ଏହି ବୈଠକରେ ଉପସ୍ଥିତ ଛାତ୍ରଛାତ୍ରିମାନେ ଆହ୍ୱାନ ଦେଇଥିଲେ।

## ପଶୁପକ୍ଷୀଙ୍କ ନିମନ୍ତେ ନିର୍ମାଣ କଲେ ପାଣି କୁଣ୍ଡ

କୋରୁକୋଣ୍ଡା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଡୁଡ଼ାମେଟା ଗ୍ରାମପଞ୍ଚାୟତର ଡୁଟେଲ ଗୁଡା ଗ୍ରାମରେ ଗ୍ରାମବାସୀ ମିଳିମିଶି ଏକ ବୈଠକ କରିଥିଲେ। ଉକ୍ତ ବୈଠକରେ ଜଙ୍ଗଲ ଅଧିକାର କମିଟି ସମ୍ପାଦକ ଈଶ୍ୱର ପାଙ୍ଗି ଅଧକ୍ଷତା କରିଥିବା ବେଳେ ଭୀଷ୍ମ ପାଙ୍ଗି (ସିଏସଡି) ଓଡ଼ିଶା ସଭ୍ୟ ଉପସ୍ଥିତିରେ ଗୋଷ୍ଠୀ ଜଙ୍ଗଲ ପରିଚାଳନା ଜଙ୍ଗଲ ଅଧିକାର ଆଇନ ୨୦୦୬ ନିୟମାବଳୀ ୨୦୦୭ ଓ ସଂଶୋଧନ ନିୟମବଳୀ ୨୦୧୨ର ଧାରା ୫ ଅନୁସାରେ ଗୋଷ୍ଠି ଜଙ୍ଗଲକୁ ପରିଚାଳନା କରିବା ନିମନ୍ତେ ଏବଂ ଗୋଷ୍ଠୀ ଜଙ୍ଗଲରେ ପଶୁପକ୍ଷୀଙ୍କ ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ଆଲୋଚନା କରିଥିଲେ। ସମସ୍ତଙ୍କ ନିଷ୍ପତ୍ତି କ୍ରମେ ଆଗକୁ ଗ୍ରୀଷ୍ମ ପ୍ରବାହ ଜାରି ରହୁଥିବାରୁ ଜଙ୍ଗଲରେ ରହୁଥିବା ଜୀବଜନ୍ତୁଙ୍କ ପାନୀୟ ଜଳ ପାଇଁ ଜଙ୍ଗଲରେ ୧୦ଟି ଜଳକୁଣ୍ଡ ନିର୍ମାଣ କରିବା ସହ ଆବଶ୍ୟକ ସ୍ତଳରେ ଫାୟାର ଲାଇନ କରାଯାଇଥିଲା। ଏହି କାର୍ଯ୍ୟକୁ ଗ୍ରାମର ଧବୁଲୁ ପାଙ୍ଗି, ମାଧୁରୀ ଗୋଲାରି, ସୋମନାଥ ପାଙ୍ଗି, ବସନ୍ତ ହନ୍ତାଳ, ସରସ୍ୱତୀ ଖରା, ରାମଚନ୍ଦ୍ର ପାଙ୍ଗି, ସୁଶାନ୍ତ ଖିଲ, ରଘୁ ଖିଲ, ସମିତା ଖିଲ, ଅନିତା ପାଙ୍ଗି, ତ୍ରିଲଚନ ହନ୍ତାଳ, ପବିତ୍ର ଖିଲ, ସ୍ୱର୍ଣ୍ଣଲତା ହନ୍ତାଳ, ସବିତା ଖିଲ, କୃଷ୍ଣ ହନ୍ତାଲ ସହଯୋଗ କରିଥିଲେ। ଗ୍ରାମବାସୀଙ୍କ ଏପରି ପ୍ରୟାସଙ୍କୁ ଅଞ୍ଚଳବାସୀ ଭୁରି ଭୁରି ପ୍ରଶଂସା କରିଛନ୍ତି।

## ବସନ୍ତକୁମାରୀ ଗ୍ରାମୀଣ ଚକ୍ଷୁ ଚିକିତ୍ସାଳୟରେ ଦୃଷ୍ଟିହୀନ ଫେରି ପାଇଛନ୍ତି ଦୃଷ୍ଟିଶକ୍ତି




କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ): ସମାଜର ଦୃଷ୍ଟିଶକ୍ତି ପାଲଟିଛି କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଓସ୍ତପୁରରେ ଥିବା ବସନ୍ତ କୁମାରୀ ଗ୍ରାମୀଣ ଚକ୍ଷୁ ଚିକିତ୍ସାଳୟ ଓ ଗବେଷଣା କେନ୍ଦ୍ର। ଏହି କେନ୍ଦ୍ରର ଉଦ୍ୟମ ଦ୍ୱାରା ହଜାର ହଜାର ଦୃଷ୍ଟିହୀନ ବ୍ୟକ୍ତି ଦୃଷ୍ଟିଶକ୍ତି ଫେରି ପାଇଛନ୍ତି। ଦୃଷ୍ଟିଶକ୍ତି ଫେରିପାଇବା ପରେ ଦୁନିଆକୁ ସ୍ୱଚକ୍ଷୁରେ ଦେଖିବାର ଅଦ୍ୱିତୀୟ ସୁଯୋଗ ପାଇଛନ୍ତି ଅନେକ ଦୃଷ୍ଟିହୀନ। ଦୃଷ୍ଟିଶକ୍ତି ଫେରି ପାଇଥିବା ବ୍ୟକ୍ତିମାନେ ଅନୁଷ୍ଠାନର ମୁଖ୍ୟ ଡା. ସରୋଜ କୁମାର ତ୍ରିପାଠୀଙ୍କୁ ଭଗବାନ ଭାବେ ଅଭିହିତ କରିଛନ୍ତି। ସେମାନଙ୍କ ମତରେ ସେମାନେ ଜନ୍ମରୁ ଦୃଷ୍ଟିହୀନ ଥିଲେ। ଦୁନିଆ କଳା କି ଧଳା କି ରଙ୍ଗୀନ ତାହା ସେ ଜନ୍ମରୁ ଦେଖି ନଥିଲେ। କିନ୍ତୁ ବସନ୍ତ କୁମାରୀ ଗ୍ରାମୀଣ ଚକ୍ଷୁ ଚିକିତ୍ସାଳୟର ଡାକ୍ତର ସରୋଜ କୁମାର ତ୍ରିପାଠୀଙ୍କ ଅଦମ୍ୟ ଉଦ୍ୟମ ସେମାନଙ୍କୁ ନୂଆ ଦୁନିଆ ଦେଖାଇବାରେ ସାହାଯ୍ୟ କରିଛି। କେବଳ ଦୃଷ୍ଟିହୀନ ବ୍ୟକ୍ତି ନୁହନ୍ତି କେନ୍ଦ୍ରାପଡା ଜିଲ୍ଲାର ଲକ୍ଷ ଲକ୍ଷ ଜନସାଧାରଣ ଏବେ ଡାକ୍ତର ସରୋଜ ତ୍ରିପାଠୀଙ୍କ ସମାଜସେବା ପ୍ରତି ରହିଥିବା ପ୍ରତିବଦ୍ଧତା ଉପରେ ଚର୍ଚ୍ଚା କରୁଛନ୍ତି। ପ୍ରାଚୁର୍ଯ୍ୟରେ ବଢି ମଧ ଜଣେ ସାଧାରଣ କୃଷକ ଭଳି ଜୀବନ ବିତାଇଥାନ୍ତି ଡାକ୍ତର ସରୋଜ ତ୍ରିପାଠୀ। ଏହି ଅବସରରେ ଡାକ୍ତର ସରୋଜ ତ୍ରପାଠୀ କୁହନ୍ତି ତାଙ୍କ ଜୀବନର ସମସ୍ତ ପୁଞ୍ଜି ସେ ସମାଜ ପାଇଁ ଲଗାଇ ଦେଇଛନ୍ତି। ଲୋକଙ୍କ ସେବା କରି ଆଖିବୁଜି ଦେଲେ ତାଙ୍କ ଜୀବନ ସାର୍ଥକ ହୋଇଯିବ ବୋଲି ସେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଚିକିତ୍ସାଳୟର ପ୍ରତିଷ୍ଠାତା ପ୍ରଫେସର ଡା. ବିମଳକାନ୍ତ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ରାପଡା ସତ୍ୟସାଇ ସେବାସମିତି ସଭାପତି ଉମେଶ ଚନ୍ଦ୍ର ନାୟକ, ଭୁବନେଶ୍ୱର ରୋଟାରୀ କ୍ଲବ(ୟୁନିକ୍)ର ସଭାପତି ଲକ୍ଷ୍ମୀକାନ୍ତ ପାଲିତ ଓ କଟକ ରୋଟାରୀ ଚକ୍ଷୁ ଚିକିତ୍ସଳୟର ଡା. ସନ୍ତୋଷ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଚିକିତ୍ସାଳୟରେ ଏହା ମଧ୍ୟରେ ୨୦ହଜାରରୁ ଉର୍ଦ୍ଧ୍ୱ ରୋଗୀଙ୍କ ଅସ୍ତ୍ରୋପ୍ରଚାର ଏବଂ ଚିକିତ୍ସା କରାଯାଇଛି। ୧୯ବର୍ଷ ଅତିକ୍ରମ କରିଥିବା ଏହି ଚିକିତ୍ସାଳୟରେ ଚକ୍ଷୁ ଅସ୍ତ୍ରୋପ୍ରଚାର ପାଇଁ କଟକ, ଭୁବନେଶ୍ୱର ଭଳି ବଡ ବଡ ସହରକୁ ଯାଇପାରୁ ନଥିବା ଗରୀବ ଅସହାୟ ଲୋକମାନଙ୍କ ଚକ୍ଷୁରେ ଅସ୍ତ୍ରୋପ୍ରଚାର କରାଯାଉଛି। ସମାଜ ସେବାକୁ ନିଜ ଜୀବନର ବ୍ରତ କରିଥିବା ଡା. ସରୋଜ କୁମାର ତ୍ରିପାଠୀ ପ୍ରକୃତରେ ଏ ମାଟିର ଜଣେ ସୁଯୋଗ୍ୟ ସନ୍ତାନ ଓ ଏକ ବିରଳ ବ୍ୟକ୍ତିତ୍ୱ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶେଷରେ ଇଂ ମନୋଜ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧରେ ଭୁବନେଶ୍ୱର ରୋଟାରୀ କ୍ଲବ (ୟୁନିକ୍)ର ପ୍ରାକ୍ତନ ସଭାପତି ପ୍ରଫେସର ଡା. ପ୍ରଫୁଲ୍ଲ କୁମାର ମହାପାତ୍ର, ଦିବ୍ୟରଞ୍ଜନ ଦାସ, ନିରଜନୟନ ଦତ୍ତ, ଡା. ନିରଞ୍ଜନ ପରିଡା, ସତ୍ୟବ୍ରତ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ଘର ହିଁ ବିଦ୍ୟାଳୟ ପ୍ରକଳ୍ପର ପ୍ରଥମ ସୋପାନ

ଛତ୍ରପୁର, (ଭାସ୍କର ନ୍ୟୁଜ): ସ୍ଥାନୀୟ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପରିସରରେ ନୂତନ ପ୍ରବେଶ କରିଥିବା ଶିଶୁମାନଙ୍କର ଘର ହିଁ ବିଦ୍ୟାଳୟ ପ୍ରକଳ୍ପର ପ୍ରଥମ ସୋପାନ ଅନୁଷ୍ଠିତ ହୋଇଯାଇଅଛି। ପରିଚାଳନା ସମିତିର ସମ୍ପାଦକ ସନ୍ତୋଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ସମ୍ଭାଗ ଶିଶୁବାଟିକାର ଶୈକ୍ଷିକ ସଂଯୋଜକ ଅରୁଣ କୁମାର ବାଗ ଯୋଗ ଦେଇ ବିଦ୍ୟାଭାରତୀଙ୍କ ଯୋଜନାରେ ଶିଶୁ ବାଟିକା ଶିକ୍ଷା ଏବଂ ଶିଶୁମାନଙ୍କ ଶାରୀରିକ ଓ ମାନସିକ ବିକାଶରେ ପିତାମାତାଙ୍କ ଭୂମିକା ବିଷୟରେ ମାର୍ଗଦର୍ଶନ କରିଥିଲେ। ପରିଚାଳନା କମିଟିର ସଦସ୍ୟ ରାମପ୍ରସାଦ ପଟ୍ଟନାୟକ ଓ କୋଷାଧ୍ୟକ୍ଷ ସିମାଞ୍ଚଳ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ରନାଥ ଦାଶ ଉପସ୍ଥିତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଶିଶୁ ବାଟିକାର ପ୍ରମୁଖ ବିସ୍ମୁଶୀଳା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବରିଷ୍ଠ ଆଚାର୍ଯ୍ୟା କବିତା ବେହେରା, ଭି ସରସ୍ୱତୀ, ଇଲାରାଣୀ ମିଶ୍ର, ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ବିଭିନ୍ନପ୍ରକାର ପ୍ରାୟୋଗିକ ପ୍ରସ୍ତୁତ କରି ତା'ର ଉପକାରିତା ବିଷୟରେ ଅଭିଭାବକଙ୍କୁ ଶିକ୍ଷାଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୫୭ଜଣ ଅଭିଭାବକ ଓ ଅଭିଭାବକ ଯୋଗ ଦେଇଥିଲେ।

## ସ୍ୱତନ୍ତ୍ର ଜାତୀୟ ସେବା ଯୋଜନା ଶିବିର ଉଦ୍‌ଘାଟିତ



ବାଲିମେଳା, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ନିଳାକାମ୍ବେରୁ ସଦର ପଞ୍ଚାୟତ ସ୍ଥିତ ବାଲିମେଳା ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍, ୟୁନିଟ -୨) ପକ୍ଷରୁ ଗ୍ରୀଷ୍ମ କାଳୀନ ସ୍ୱତନ୍ତ ଶିବିର ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଏନ୍‌ଏସ୍‌ଏସ୍ ଜିଲ୍ଲା ପ୍ରୋଜେକ୍ଟ ଅଫିସର ତଥା ଅଧ୍ୟାପକ ସରୋଜ କୁମାର ମହାପାତ୍ର ଯୋଗଦେଇ ଶିବିରର ଉଦଘାଟନ କରିଥିଲେ। ଏହି ଶିବିରରେ ଅଂଶ ଗ୍ରହଣ କରିଥିବା ୫୦ଜଣ ଛାତ୍ରୀ ଭାଗ ନେଇଥିବାର ଦେଖି ସେ ଖୁସି ପ୍ରକାଶ କରିବା ସହ ସ୍ୱେଚ୍ଛାସେବୀମାନେ ଉକ୍ତ ଗ୍ରାମରେ ଗ୍ରାମାଞ୍ଚଳର ଉନ୍ନତି ପାଇଁ ବିଭିନ୍ନ କୌଶଳ ମାଧ୍ୟମରେ ଗ୍ରାମାଞ୍ଚଳର ସମସ୍ୟାର ସମାଧାନ ପାଇଁ ଲୋକଙ୍କୁ ପ୍ରୋତ୍ସାହନ ଦେବା ଏବଂ ଗ୍ରାମର ବିକାଶ ଓ ଶିକ୍ଷାର ଅଗ୍ରଗତି ନିମନ୍ତେ କିପରି ଗ୍ରାମବାସୀଙ୍କୁ ସାହାଯ୍ୟ କରିବେ ସେନେଇ ଆଲୋଚନା କରାଯାଇଥିଲା। ସେହିପରି ମହାବିଦ୍ୟାଳୟର ଏନଏସଏସ ପ୍ରୋଜେକ୍ଟ ଅଫିସର ତଥା ଅଧ୍ୟାପକ ଜିତେନ କୁମାର ପ୍ରଧାନ ଯୋଗ ଦେଇ ସ୍ୱେଚ୍ଛାସେବୀମାନଙ୍କୁ ଲୋକମାନଙ୍କ ପାଇଁ ଉଦାହରଣ ହେବା ନିମନ୍ତେ କହିଥିଲେଲ ଏବଂ ଭାଗ ନେଇଥିବା ଛାତ୍ରୀମାନଙ୍କୁ ଦେଖି ଅନ୍ୟ ୧୦୦ଜଣ ପରିବର୍ତ୍ତନ ହେବା ସହ ଗ୍ରାମର ଉନ୍ନତି ହେଲେ ଦେଶର ମଧ ଉନ୍ନତି ହୋଇପାରିବ ବୋଲି ସେ ମନ୍ତବ୍ୟ ଦେଇଛନ୍ତି। ଅନ୍ୟ ଅତିଥି ଭାବେ ଅଧ୍ୟାପିକା ଲିପସାରାଣୀ ଗମାଙ୍ଗ ଓ ବନିତା ନାୟକ ଉପସ୍ଥିତ ରହି ବିଭିନ୍ନ ପରାମର୍ଶ ଦେବା ସହ ସ୍ୱେଚ୍ଛାସେବୀ ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରଟି ଆସନ୍ତା ୨୯ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଏନ୍‌ଏସ୍‌ଏସ୍ ଛାତ୍ରୀ ବିଭାଗର ପ୍ରୋଜେକ୍ଟ ଅଫିସର ତଥା ଅଧ୍ୟାପିକା ରଞ୍ଜିତା ଟୋପୋ ପ୍ରକାଶ କରିବା ସହିତ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ପରିଚାଳନା କରି ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସହିଦ ଭଗତ ସିଂଙ୍କ ବଳିଦାନ ଦିବସ ପାଳିତ

ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍): ଛାତ୍ର ଯୁବ ସଂଗଠନ ପକ୍ଷରୁ ଖଲ୍ଲିକୋଟରେ ସହିଦ ଭଗତ ସିଂଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଖଲ୍ଲିକୋଟ କଲେଜ ଛକ ଠାରୁ ଶୋଭାଯାତ୍ରା ବାହାରି ଗିରି ମାର୍କେଟ ସ୍ଥିତ ପ୍ରକାଶମ ହଲ ଠାରେ ଶହୀଦ ଦିବସ ସ୍ମରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମାନବାଧିକାର ସୁରକ୍ଷା ମଞ୍ଚର ସଭାପତି ଗଗନ ଚନ୍ଦ୍ର ମଲିକ, ଆଇନଜୀବୀ ଅବନୀ କୁମାର ଗୟା, ଅଲ୍ କ୍ଷେତ ମଜଦୁର କିଷାନ ସଭାର ରାଜ୍ୟ ନେତା ନିରକାର ନାୟକ, ଜିଲ୍ଲା କମିଟି ରଞ୍ଜନ ଶବର, ଜିଲ୍ଲା ଆବାହକ ପବନା ଶବର ଯୋଗ ଦେଇ ବକ୍ତବ୍ୟ ରଖିଥିବା ବେଳେ ଅଲ୍ ଇଣ୍ଡିଆ ଛାତ୍ର ଓ ଯୁବକ ସଂଗଠନର ଗଞ୍ଜାମ ଜିଲ୍ଲା ଆବାହକ କମିଟି ଲଡ୍ଡୁ ଶବର, କାଳୁ ନାୟକ, ଟୁକୁନା ନାୟକ, ବସନ୍ତ ନାୟକ, ଅରବିନ୍ଦ ମଲିକ, ଶଙ୍କର ନାୟକ, ପ୍ରକାଶ ନାୟକ, ସୁରେଶ ଯାନୀ, ସୁରଥ ଶବର ନେତୃତ୍ୱ ନେଇଥିବା ବେଳେ ଶହଶହ ସଂଖ୍ୟାରେ ଯୁବଛାତ୍ର ଯୋଗ ଦେଇଥିଲେ। ୧୯୩୧ ମସିହା ଏହି ଦିନ ବ୍ରିଟିଶ୍ ସାମ୍ରାଜ୍ୟବାଦୀ ସରକାର ବିପ୍ଳବୀ ଭଗତ ସିଂଙ୍କ ସମେତ ଶୁକଦେବ ଓ ରାଜଗୁରୁଙ୍କୁ ଫାସୀ ଖୁଣ୍ଟରେ ଚଢ଼ାଇ ମୃତ୍ୟୁଦଣ୍ଡ ଦେଇଥିଲା। ମହାନ ଦେଶପ୍ରେମୀ ଶହୀଦ୍ ଭଗତ ସିଂ ୨୮ ସେପ୍ଟେମ୍ବର ୧୯୦୭ ମସିହାରେ ପଞ୍ଜାବ ପ୍ରଦେଶର ବଙ୍ଗ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ କ୍ଷ ବାପା ସର୍ଦାର କିଷାନ ସିଂ, ମାତା ବିଦ୍ୟାବତୀ କୌର। ଭଗତ ସିଂ ୧୨ ବର୍ଷ ବୟସରୁ ହିଁ ଦେଶ ମାତୃକାର ସେବା କରିବା ପାଇଁ ତାଙ୍କ ମୁଖରୁ ଜଣା ପଡୁଥିଲା ଭଗତ ସିଂ ଥିଲେ ବିପ୍ଳବର ପ୍ରତୀକ, ବ୍ରିଟିଶ୍ ବିରୋଧି ସ୍ୱାଧୀନତା ସଂଗ୍ରାମରେ ଆପୋଷହୀନ ସଂଗ୍ରାମ ଧାରାର ପ୍ରତିନିଧି,ଭାରତବର୍ଷରେ ସମାଜବାଦର ଅବ୍ୟ ପ୍ରବର୍ତ୍ତକ, ସାମ୍ପ୍ରଦାୟିକ ରାଜନୀତିର ଘୋର ବିରୋଧି,ଦଳିତ ଉତ୍ଥାନର ସମର୍ଥକ। ମଣିଷ ଦ୍ୱାରା ମଣିଷର ଶୋଷଣ ଉପରେ ପ୍ରତିଷ୍ଠିତ ସାମାଜିକ ବ୍ୟବସ୍ଥାର ସେ ଥିଲେ ଘୋର ବିରୋଧି। ଶାସକ-ଶୋଷକର ରଙ୍ଗ ଗୋରା ହେଉ (ଗୋରା) ଅବା କଳା ହେଉ (ଭାରତୀୟ) ଏହା ଯଦି ଶୋଷଣ-ଉତ୍ପୀଡ଼ନ ଉପରେ ପ୍ରତିଷ୍ଠିତ ସେହି ସମାଜ ବ୍ୟବସ୍ଥାର ପତନ ପାଇଁ ଆଗେଇ ଆସିବାକୁ ଇନକିଲାବ ଜିନ୍ଦାବାଦର ନାରା ଦେଇ ଦେଶର ଜନଗଣ ବିଶେଷ ଭାବେ ଦେଶର ଯୁବସମାଜକୁ ସେ ଆହ୍ୱାନ ଦେଇଥିଲେ। ଦେଶକୁ ଶାସନ କରୁଥିବା ଦଳମାନେ ଦେଶର ବଡ଼ ପୁଞ୍ଜିପତି, ବଡ଼ ଜମିଦାର ଓ ସାମ୍ରାଜ୍ୟବାଦୀ ଦେଶମାନଙ୍କୁ ସୁହାଉଥିବା ନୀତିମାନ ପ୍ରଣୟନ କରିଛନ୍ତି। ଯାହାର ଫଳସ୍ୱରୂପ ଶ୍ରମିକ ଓ କୃଷକମାନଙ୍କ ଶ୍ରମରେ ସୃଷ୍ଟି ହେଉଥିବା ସମ୍ପଦର ଗୋଟେ ବଡ଼ ଭାଗ ବିଭିନ୍ନ ଭାବରେ ବିଦେଶକୁ ଚାଲାଣ ହୋଇଯାଉଛି। ଦେଶର ଖଣି, ପାଣି, ଜମି, ଜଙ୍ଗଲ, କୃଷିକ୍ଷେତ୍ର, ଶିକ୍ଷା ଓ ସ୍ୱାସ୍ଥ୍ୟସେବା, ଗମନାଗମନ, ରେଳ,ବ୍ୟାଙ୍କ ଆଦି ସବୁ ସରକାରୀ ଅନୁଷ୍ଠାନକୁ ଦେଶୀ/ ବିଦେଶୀ ପୁଞ୍ଜିପତି ଶ୍ରେଣୀକୁ ବିକ୍ରି କରିଦିଆଯାଉଛି। ଏହିସବୁ ନୀତିର ପରିଣତି ଆଜି ଅତ୍ୟନ୍ତ ସାଂଘାତିକ ଅବସ୍ଥାକୁ ଆସିଯାଇଛି। ଆଜି ଦେଶର ଶତକଡ଼ା ଏକଭାଗ ଅତି ଧନୀକ ଶ୍ରେଣୀ ପାଖରେ ଦେଶର ସମୁଦାୟ ସମ୍ପତ୍ତିର ଚାଳିଶଭାଗ ଥିବାବେଳେ ସବା ତଳେ ଥିବା ମଣିଷଙ୍କ ପାଖରେ ଦେଶର ମାତ୍ର ତିନି ଭାଗ ସମ୍ପତ୍ତି ରହିଛି। ସବା ତଳେ ଥିବା ଦେଶର ଏହି ପଚାଶ ଭାଗ ମଣିଷ ହେଉଛନ୍ତି କୃଷକ ଓ ଶ୍ରମିକ ଶ୍ରେଣୀ। ଅର୍ଥାତ୍ ଦେଶ ସ୍ୱାଧୀନ ହେବାର ୭୭ ବର୍ଷ ପରେ ଧନୀ ଆହୁରି ଅଧିକ ଧନୀ ହୋଇଛି। ଆଉ ଶ୍ରମଜୀବୀ ଶ୍ରେଣୀ ଆହୁରି ଅଧିକ ଅସହାୟ, ଅଭାବ ଓ ଅସୁରକ୍ଷିତ ସ୍ଥିତି ମଧକୁ ଠେଲି ହୋଇଯାଇଛି। ଗୋଟିଏ ପଟେ ଦେଶରେ ଅରବପତି (୧୦୦ କୋଟି ଡଲାରରୁ ଅଧିକ ସମ୍ପତ୍ତି ଥିବା ପରିବାର)ଙ୍କ ସଂଖ୍ୟା ବଢୁଥିବା ବେଳେ ଅପରପଟେ ସରକାରୀ ତଥ୍ୟ କହୁଛି ଯେ, ପ୍ରତିବର୍ଷ ଦଶ ହଜାରରୁ ଅଧିକ କୃଷକ ଓ ୧୩ ହଜାରରୁ ଅଧିକ ବେରୋଜଗାର ଛାତ୍ର ଓ ଯୁବକ ଅସହାୟ ଅବସ୍ଥାରେ ଆତ୍ମହତ୍ୟା କରୁଛନ୍ତି। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ ବୃଦ୍ଧି, ବେରୋଜଗାର ସଂଖ୍ୟାରେ ଅହେତୁକ ବୃଦ୍ଧି, ମହିଳା ଓ ଦଳିତମାନଙ୍କ ଉପରେ ଅତ୍ୟାଚାରରେ ବୃଦ୍ଧି, ସମାଜରେ ସାମ୍ପ୍ରଦାୟିକ ବିଦ୍ୱେଶ ବୃଦ୍ଧି ଘଟି ସାଧାରଣ ମଣିଷ ଏକ ପ୍ରକାର ଅଣନିଶ୍ୱାସୀ ହୋଇଯାଇଛି। ସହିଦ ଭଗତ ସିଂ ଓ ତାଙ୍କର ସାଥିମାନେ ଦେଶରେ ସାମ୍ପ୍ରଦାୟିକ, ଧାର୍ମିକ, ଜାତିପ୍ରଥା ବିରୁଦ୍ଧରେ ସଂଘର୍ଷ କରିବା ସହ ଯେଉଁ ଶୋଷଣ, ଲୁଣ୍ଠନ, ଦମନବିହୀନ ମାନବ ସମାଜ ବ୍ୟବସ୍ଥାର ସ୍ୱପ୍ନ ଦେଖିଥିଲେ ତାକୁ ଦେଶର ପୁଞ୍ଜିପତି ଶାସକଶ୍ରେଣୀ ଆଜି ଧୂଳିସାତ୍ କରିଦେଇଛି। ତା'ର ବିପରୀତରେ ଯାଇ ଦେଶରେ ଅସମାନତା ତଥା ଅଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତିଷ୍ଠା କରିବାକୁ ଯାଇ ଦେଶର ଭାଇଚାରା ଓ ସାମାଜିକ ମାନବିକ ମୂଲ୍ୟବୋଧକୁ ଧ୍ୱଂସ କରାଯାଉଛି।

## କାଳବୈଶାଖୀର ତାଣ୍ଡବ

କୃଷ୍ଣପ୍ରସାଦ, (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲାର ଐତିହାସିକ ମାଲୁଦ ପାଞ୍ଚଦଳ ମେଳଣ ପଡିଆରେ କାଳ ବୈଶାଖ ରଚିଲା ତାଣ୍ଡବ ଲୀଳା। ସନ୍ଧ୍ୟା ୭ଘଣ୍ଟା ସମୟରେ ଝଡ଼ ବର୍ଷା ଯୋଗୁଁ ପଞ୍ଚୁଦଳରେ ଥିବା ସମସ୍ତ ଉଠା ଦୋକାନ ଭାଙ୍ଗି ଛିନଛତ୍ର ହୋଇଯାଇଛି ଏବଂ ଯାତ୍ରା ମଞ୍ଚ ଭାଙ୍ଗି ଯାଇଥିଲା। ସମସ୍ତ ଉଠାଦୋକାନର ଖାଦ୍ୟ ସାମଗ୍ରୀରେ ବାଲି ପାଣି ପଶିଯିବାରୁ ତାହାକୁ ଫିଙ୍ଗିବାକୁ ପଡିଥିଲା। ପଞ୍ଚୁଦଳକୁ ଆସିଥିବା ସମସ୍ତ ଠାକୁରଙ୍କ ସୁସଜିତ ବିମାନ ଅକ୍ଷୟ ଅବସ୍ଥାରେ ଥିଲା। ପଞ୍ଚୁଦଳ ପ୍ରବେଶ ପଥରେ ନିର୍ମିତ ଗେଟଟି ଭାଙ୍ଗି ଚୁରମାର ହେବା ସହ ବିଦ୍ୟୁତସେବା ବିଚ୍ଛିନ୍ନ ଯୋଗୁଁ ସମଗ୍ର ପରିବେଶ ଅନ୍ଧକାର ହୋଇପଡ଼ିଥିଲା। ଦୀର୍ଘ ୧୫ଘଣ୍ଟାରୁ ଅଧିକ ସମୟ ଧରି ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇଯାଇଥିଲା। ମାଲୁଦ ୨୪ମୌଜା ପଞ୍ଚୁ ଦୋଳର ମୁଖ୍ୟ ଆକର୍ଷଣ ସୋଲ ଓ କାଗଜରେ ଅତି ସୂକ୍ଷ୍ମ କାରୁକାର୍ଯ୍ୟରେ ନିର୍ମିତ ମେଢ଼ ଓ ତୋରଣ ସାରା ଓଡ଼ିଶାରେ ବିରଳ। ଏଥିରେ ୨୪ ମୌଜାର ୨୩ ବିଗ୍ରହ ସାମିଲ ହୋଇଥାନ୍ତି। ଏଣୁ ଦୈବିଦୁର୍ବିପାକରୁ ସୁରକ୍ଷା ନିମନ୍ତେ ସରକାରଙ୍କ ତରଫରୁ ଠାକୁର ମାନଙ୍କ ଆସ୍ଥାନ ଉପରେ ଛାତ ନିର୍ମାଣ କରିବା ପାଇଁ ଅନୁରୋଧ କରିଛନ୍ତି ମାଲୁଦ ୨୪ମୌଜାର ସଭାପତି ତଥା ମାର୍ଫତଦାର ସଂଗ୍ରାମ କେଶରୀ ପଟନାୟକ, କାର୍ଯ୍ୟକାରୀ ସଭାପତି ରାମଚନ୍ଦ୍ର ବୈରୀଗଞ୍ଜନ, ସମ୍ପାଦକ ଶରତ ଚନ୍ଦ୍ର ମହାପାତ୍ର, ଯୁବ ସଂଗଠକ ଅଜୟ ବିଶ୍ୱାଳ କୋଷାଧ୍ୟକ୍ଷ ସୁକାନ୍ତ ଚରଣ ଜେନାଙ୍କ ସମେତ ୨୪ ମୌଜା ଅଞ୍ଚଳ ବାସି।

## ବାଙ୍ଗରିପୋଷୀ ଓ ବିଶୋଇ ବ୍ଲକର କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ



ବାରିପଦା, (ଭାସ୍କର ନ୍ୟୁଜ): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ୨୦ତାରିଖରେ କୁଆପଥର ଝଡ଼ରେ କ୍ଷତିଗ୍ରସ୍ତ ହୋଇଥିବା ବାଙ୍ଗରିପୋଷୀ ବ୍ଲକର ସୋରାସପୋଷି, ହାଣଦା, ମହୁଲବରେଇ, ସିଲପୁଞ୍ଜି, ମଣଦା ଆଦି ଗାଁ ଏବଂ ବିଶୋଇ ବ୍ଲକର ଖଡମବେଡା, ପୁଣ୍ଡିଦା, କେଶର-ଗଡିଆ, ସାରସପଡା, ମୂଷାମାରି, ଯୋଡ଼ିଆ ଇତ୍ୟାଦି କ୍ଷତିଗ୍ରସ୍ତ ଅଂଚଳ ପରିଦର୍ଶନ କରିଥିଲେ। ପ୍ରକୃତିର ଏହି ତାଣ୍ଡବ ଲୀଳା କେତେଯେ ଭୟଙ୍କର ଥିଲା ତାହା ବର୍ତ୍ତମାନ ପରିସ୍ଥିତିରୁ ଅନୁମେୟ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଏହି ଅଭାବନୀୟ ପରିସ୍ଥିତିର ନିରୀକ୍ଷଣ ଅବସରରେ ମାନ୍ୟବର ରାଜସ୍ୱ ମନ୍ତ୍ରୀଙ୍କ ସହ ମାନ୍ୟବର ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ, ବିଧାୟକ ସାରସକଣା ଭାଦବ ହାଁସଦା, ବିଧାୟକ କରଞ୍ଜିଆ ପଦ୍ମଚରଣ ହାଇବ୍ରୁରୁ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ବିଧାୟିକା ବାଙ୍ଗରିପୋଷୀ ସଂଜ୍ଞଳି ମୁର୍ମୁଙ୍କ ସହ ଜିଲ୍ଲାପାଳ ହେମକାନ୍ତ ସୟ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଭାତ କୁମାର ବେହେରା, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱରଚନ୍ଦ୍ର ନାଏକ, ରାଇରଙ୍ଗପୁର ଉପ ଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନ, ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡା, ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ରାମ ଚନ୍ଦ୍ର ସୋରେନ, କାନ୍ଦ୍ରା ସୋରେନ ଏବଂ ବିଭିନ୍ନ ପଦାଧିକାରୀ ମାନେ ଉପସ୍ଥିତ ଥିଲେ। ଏହି ପ୍ରାକୃତିକ ଦୁର୍ଯୋଗର ଶିକାର ହୋଇଥିବା ଗରିବ ଲୋକଙ୍କୁ ଭେଟି ମନ୍ତ୍ରୀ ଏହି ଦୁର୍ଦଶା ପାଇଁ ସେମାନଙ୍କୁ ସମବେଦନା ଜଣାଇବା ସହିତ ପ୍ରଶାସନ ତରଫରୁ ଆବଶ୍ୟକ ସରକାରୀ ସହାୟତା ଯଥା ପଲିଥିନ, ଶୁଖିଲା ଖାଦ୍ୟ, ରନ୍ଧା ଖାଦ୍ୟ ଶିଶୁ ଖାଦ୍ୟ, ପିଇବା ପାଣି, ଔଷଧ ଇତ୍ୟାଦି ମିଳିଛି କି ନାହିଁ ପଚାରି ବୁଝିଥିଲେ ଏବଂ ସୁହାନୁଭୂତି ପ୍ରଦର୍ଶନ ପୂର୍ବକ ବର୍ତ୍ତମାନ ପରିସ୍ଥିତିରେ ଧର୍ଯ୍ୟହରା ନହେବା ପାଇଁ ଆଶ୍ୱାସନା ଦେଇଥିଲେ। ଲୋକମାନଙ୍କ ଏହି ଦୁଃଖଦ ପରିସ୍ଥିତି ପାଇଁ ସରକାର ସମ୍ପୂର୍ଣ୍ଣ ସମ୍ବେଦନଶୀଳ ଅଛନ୍ତି ଏବଂ ସରକାରଙ୍କ ତରଫରୁ ସମସ୍ତ ପ୍ରକାର ସରକାରୀ ସହାୟତା ତଥା କ୍ଷତିପୂରଣ ଖୁବ୍ ଶୀଘ୍ର ପ୍ରଦାନ କରାଯିବ ବୋଲି ପ୍ରଭାବିତ ଲୋକଙ୍କୁ ସାନ୍ତ୍ୱନା ଦେଇଥିଲେ। ପରିସ୍ଥିତିର ଗମ୍ଭୀରତା ଦୃଷ୍ଟିରୁ ଘର ମରାମତି ସର୍ବପ୍ରଥମ ଆବଶ୍ୟକତା ଥିବାରୁ ପ୍ରାଥମିକତା ଭିତ୍ତିରେ ଏ ବାବଦରେ କ୍ଷତିପୂରଣ ରାଶି ତୁରନ୍ତ ଡିବିଟି ଜରିଆରେ ବ୍ୟାଙ୍କ ଖାତାରେ ପ୍ରଦାନ କରାଯିବ। ଅନ୍ୟାନ୍ୟ ବାବଦରେ କ୍ଷତିପୂରଣ ପର୍ଯ୍ୟାୟ କ୍ରମେ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିବା ସହିତ କୌଣସି କ୍ଷତିଗ୍ରସ୍ତ ଲୋକ ଯେମିତି କ୍ଷତିପୂରଣ ପାଇବାରୁ ବାଦ ନ ପଡନ୍ତି ସେଥିପ୍ରତି ସମ୍ପୂର୍ଣ୍ଣ ଧ୍ୟାନ ଦିଆଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଏତଦ୍ ବ୍ୟତୀତ ସ୍ଥିତି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ପ୍ରଭାବିତ ଲୋକମାନେ ଚାହିଁଲେ ଶେଲଟର ସେଣ୍ଟରରେ ରହି ପାରିବେ ଏବଂ ସମାନଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରାଯିବ।

## ଦଶଦୋଳ ମେଳଣ ପ୍ରସ୍ତୁତି ବୈଠକ

କଣାସ, (ଭାସ୍କର ନ୍ୟୁଜ): କଣାସ ବ୍ଲକ ବଡାସ ଗ୍ରାମପଞ୍ଚାୟତର ପ୍ରତିଷ୍ଠିତ ଠାକୁର ବାବା ବୈଦ୍ୟନାଥ ଦେବଙ୍କ ଦଶ ଦୋଳ ମେଳଣ ୨୫ ଓ ୨୬ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହେଉଥିବାରୁ ତାର ପ୍ରସ୍ତୁତି ବୈଠକ ବଡାସ ଗ୍ରାମର ପଞ୍ଚମୁଖୀଠାରେ ସମାଜସେବୀ ହାଡିବନ୍ଧୁ ପାଡୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କଣାସ ଥାନା ଅଧିକାରୀ ପ୍ରଦୀପ କୁମାର ଜୁଝାରସିଂହ ଯୋଗଦେଇ କିପରି ଶାନ୍ତି ଶୃଙ୍ଖଳାର ସହିତ ମେଳଣ ପରିଚାଳନା କରାଯିବ। ସବୁ ବର୍ଷ ଅପେକ୍ଷା ଚଳିତ ବର୍ଷ ଅଧିକ ସରସ ସୁନ୍ଦର ହେବ ସେଥିପାଇଁ ଥାନା ଅଧିକାରୀ ଜୁଝାରସିଂହ ପରାମର୍ଶ ଦେଇଥିଲେ। ମେଳଣ କମିଟ ଓ ବଡାସ ଗ୍ରାମ୍ୟ କମିଟର ସମସ୍ତ ସଭ୍ୟ ଉପସ୍ଥିତ ରହିଥିଲେ। ମେଳଣ କମିଟର ସଭାପତି ହାଡିବନ୍ଧୁ ପାଡୀ, ସମ୍ପାଦକ ଅଜୟ ପଟ୍ଟନାୟକ ବିଗତ ବର୍ଷମାନଙ୍କରେ ଘଟିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଥାନା ଅଧିକାରୀଙ୍କୁ ଅବଗତ କରାଇଥଲେ। ଏହି ବୈଠକରେ ସୁବନ୍ଧ ଦାସ, ସନ୍ତୋଷ ପଟ୍ଟନାୟକ ଯୁଧିଷ୍ଠିର ପରିଡ଼ା, କାହ୍ନୁଚରଣ ବରାଳ, ସୁରଥ ପ୍ରଧାନ ପ୍ରମୁଖ ସମସ୍ତ ସଭ୍ୟମାନେ ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ



ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକର ବରିଷ୍ଠ ନାଗରିକ ସଂଘର ଚତୁର୍ଥ ବାର୍ଷିକ ଉତ୍ସବ ରବିବାର ସ୍ଥାନୀୟ ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ନାଗରିକ ସଂଘର ସଭାପତି ଶିକ୍ଷାବିତ୍ ସୋମନାଥ ପାଢ଼ୀଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେଇ ବୟସ୍କଙ୍କ ବୁଦ୍ଧି ଓ ଯୁବକଙ୍କ ବଳ ସମାଜକୁ ପରିବର୍ତ୍ତନ ଆଣିପାରିବ ବୋଲି କହିଥିବା ବେଳେ ବରିଷ୍ଠମାନେ ନିଜର କର୍ତ୍ତବ୍ୟ କରି ଉତ୍ତରପିଢ଼ିମାନଙ୍କୁ ଦିଗ୍‌ଦର୍ଶନ ଦେବା ଆବଶ୍ୟକ ବୋଲି କହିଥିଲେ। ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ବରିଷ୍ଠମାନେ ନିଜକୁ ସମାଜ ସୁଧାର କାର୍ଯ୍ୟରେ ନିୟୋଜିତ କଲେ ସମାଜର ଉନ୍ନତି ସାଧିତ ହୋଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବରଷ୍ଠ ନାଗରିକ ସଂଘ ଜିଲା ମହାସଂଘ ସଭାପତି ଲଲାଟେନ୍ଦୁ ମହାନ୍ତି, ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର, ପଦ୍ମନ ରାୟ, ପଣ୍ଡିତ ଦୈତ୍ୟାରୀ ମହାପାତ୍ର, ବ୍ଲକ ଅଧକ୍ଷା ଅବନ୍ତୀ ଦାସ ପ୍ରମୁଖ ଯୋଗ ଦେଇ ବରିଷ୍ଠ ନାଗରିକ ସଂଘର ଉନ୍ନତି ପାଇଁ ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ଦୀନବନ୍ଧୁ ପତି, ଏସଏମ ଫାରୁକ, ଅନାଦି ବେହେରା, ମଥୁରାମୋହନ ବେହେରା, ଡ. ଲକ୍ଷ୍ମୀଧର ତ୍ରିପାଠୀ, ବୈଲୋଚନ ଜେନା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ବ୍ଲକ ସଂଘର ସମ୍ପାଦକ ବିଭୂତି ଭୂଷଣ ସେନାପତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବରିଷ୍ଠ ନାଗରିକ ରଘୁନାଥ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂଯୋଜକ ସୁରେନ୍ଦ୍ର କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ ସଂଘର ମୁଖପତ୍ର 'ବର୍ଷିୟାନ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସଂଘ ପକ୍ଷରୁ ଇଂ ମହେଶ ପ୍ରସାଦ ଦାସ, ସନ୍ନ୍ୟାସୀ ବ୍ରହ୍ମ, ନାରାୟଣ ମାନ୍ଧାତା, ଲକ୍ଷ୍ମୀଧର ମାଝୀ, ବିଷ୍ଣୁ କୁମାର ସାହୁ, ଭାଗିରଥି ସାହୁ, ବସନ୍ତ କୁମାର ସେନାପତି, ବଳରାମ ସେନାପତି, ଜଗନ୍ନାଥ ନାୟକ, ସୁରେନ୍ଦ୍ର ମାଝୀ, ହରିଶ୍ଚନ୍ଦ୍ର ବାରିକ ପ୍ରମୁଖ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଦିବଂଗତ ବରିଷ୍ଠ ନାଗରିକଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇ ଥିଲା। ତିହିଡ଼ି ସଂଗୀତ ମହାବିଦ୍ୟାଳୟର ଅଧକ୍ଷ ସୁଧାଂଶୁ ନାୟକଙ୍କ ତତ୍ତ୍ୱାବଧାନରେ ବନ୍ଦେ ଉତ୍କଳ ଜନନୀ ସଂଗୀତ ସହିତ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ବରିଷ୍ଠ ନାଗରିକ ଶଚିକାନ୍ତ ନାୟକ, ପି. ହୃଷିକେଶ, ଗୟାଧର ବଳ, କୃତିବାସ ଜେନା, ହରେକୃଷ୍ଣ ମହାକୁଡ଼, କୁଳମଣି ସାହୁ, ବିଶ୍ୱମୈତ୍ରୀ ନାୟକ, ନିତ୍ୟାନନ୍ଦ ମଲିକ, ହରେକୃଷ୍ଣ ଜେନା, ଲକ୍ଷ୍ମୀକାନ୍ତ ମହାପାତ୍ର, ନରହରି ନାୟକ, ପୀତାମ୍ବର ସେଠୀ ପ୍ରମୁଖ ପରିଚାଳନା ସହଯୋଗ କରିଥିବା ବେଳେ ଶତାଧିକ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

## ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟରେ କ୍ୟାମ୍ପସ ନିଯୁକ୍ତି ଆୟୋଜିତ

ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ): ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ନୁଆ ହାଟ ସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ କ୍ୟାମ୍ପସ ନିଯୁକ୍ତି ସୁଯୋଗ କାର୍ଯ୍ୟକ୍ରମରେ ୨୯ ଜଣ ଛାତ୍ରଛାତ୍ରୀ ସଫଳତା ହାସଲ ପୂର୍ବକ ଭୁବନେଶ୍ୱର ରସୁଲଗଡ ସ୍ଥିତ କ୍ୱେସ୍ କର୍ପୋରେସନ କମ୍ପାନୀରେ ନିଯୁକ୍ତି ପାଇବା ମହାବିଦ୍ୟାଳୟ ପାଇଁ ଅତ୍ୟନ୍ତ ଗୌରବାବହ ବିଷୟ। ଗତ ୧୮ ତାରିଖରେ ଆୟୋଜିତ ହେଇଥିବା କ୍ୟାମ୍ପସ ନିଯୁକ୍ତି କାର୍ଯ୍ୟକ୍ରମରେ ୩ଟି କମ୍ପାନୀର ନିଯୁକ୍ତି ଅଧିକାରୀମାନେ ପ୍ରତ୍ୟେକ୍ଷ ଭାବେ ମୌଖିକ ସାକ୍ଷାତକାର ପରୀକ୍ଷା ମାଧ୍ୟମରେ ପିଲାମାନଙ୍କ ଦକ୍ଷତା ଓ ଯୋଗ୍ୟତା ନିରୂପଣ କରିଥିଲେ। ଏଥିରେ ୧୫୧ଜଣ ଛାତ୍ରଛାତ୍ରୀ ନାମ ପଞ୍ଜିକୃତ କରିଥିବା ସ୍ଥଳେ ୬୮ଜଣ ସାକ୍ଷାତ୍‌କାର ପରୀକ୍ଷାରେ ଭାଗନେଇ ନିଜର ଦକ୍ଷତା ପ୍ରତିପାଦନ କରି ତନ୍ମଧ୍ୟରୁ ୨୯ଜଣ ଛାତ୍ର ଛାତ୍ରୀ ସଫଳତା ପାଇ ନିଯୁକ୍ତି ପାଇଛନ୍ତି। ୧୯ହଜାର ଟଙ୍କା ଦରମା ପ୍ରାଥମିକ ସ୍ତରରେ ପାଇ ପରବର୍ତ୍ତୀ ସମୟରେ ନିଜର ଦକ୍ଷତା ଅନୁଯାୟୀ ଅଧିକରୁ ଅଧିକ ଦରମା, ମହଙ୍ଗା ଭତ୍ତା, ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ଲାଭ କରିବାର ସର୍ତ୍ତରେ କମ୍ପାନୀ ସେମାନଙ୍କୁ ନିଯୁକ୍ତିର ସୁଯୋଗ ଦେଇ ଧନ୍ୟବାଦର ପାତ୍ର ହୋଇ ପାରିଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରାଧ୍ୟାପକ ପବିତ୍ର ମୋହନ ମାହାଲା ଯାହାଙ୍କ ଅଦମ୍ୟ ନିଷ୍ଠା ଓ ଦୂରଦୃଷ୍ଟି ଯୋଗୁଁ ଏହି କାର୍ଯ୍ୟକ୍ରମ ସମ୍ଭବ ହେବା ସହିତ ଛାତ୍ରଛାତ୍ରୀ ମାନେ ଭବିଷ୍ୟତ ଜୀବନରେ ଉପାର୍ଜନ କ୍ଷମ ହୋଇ ପାରିଛନ୍ତି। ଆଗକୁ ଏହି ପ୍ରକ୍ରିୟା ଜାରି ରହିବା ସହ ଛାତ୍ରଛାତ୍ରୀମାନଙ୍କୁ ସିଧାସଳଖ ମହାବିଦ୍ୟାଳୟ ପରିସରରୁ ନିଯୁକ୍ତି ଲାଭ କରିବାର ସୁବିଧା ସୁଯୋଗ ମିଳିବା ଭଳି ଅସମ୍ଭବ କାର୍ଯ୍ୟ କେବଳ ଅଧକ୍ଷଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସଫଳ ହେବା ଯୋଗୁଁ ଛାତ୍ରଛାତ୍ରୀ, ଅଭିଭାବକମାନେ ଅଧକ୍ଷଙ୍କୁ କୃତଜ୍ଞତା ଜଣାଇବା ସହିତ କମ୍ପାନୀର ନିଯୁକ୍ତି ଅଧିକାରୀ ସଂଗ୍ରାମ ପଣ୍ଡାଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।



ବୋଲଗଡ଼, (ଭାସ୍କର ନ୍ୟୁଜ): ବୋଲଗଡ଼ ସଦର ମହକୁମାର ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ୧୭ତାରିଖରୁ ଆରମ୍ଭ କରାଯାଇଥିବା ପଞ୍ଚଦିବସୀୟ ଇଂରାଜୀ ଭାଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ବୋଲଗଡ଼ ଶିକ୍ଷା ବ୍ଲକର ବିଭିନ୍ନ ପ୍ରାଥମିକ ବିଦ୍ୟାଳୟର ୬୧ଜଣ ପ୍ରଶିକ୍ଷାର୍ଥୀ ଓ ୪ଜଣ ରାଜ୍ୟସ୍ତରୀୟ ପ୍ରଶିକ୍ଷକ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମର ଉଦ୍‌ଘାଟନ ଉତ୍ସବରେ ବ୍ଲକ ଶିକ୍ଷା ଅଧିକାରୀ ଗୋକୁଳଚନ୍ଦ୍ର ବଳବନ୍ତରାୟ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ନାଥ ସ୍ୱାଇଁ, ଅମିତା ମିଶ୍ର ଓ ପ୍ରଧାନ ଶିକ୍ଷକ ପୀତବାସ ଲେଙ୍କାଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଭାଷା ପ୍ରଶିକ୍ଷଣ ପ୍ରତିଷ୍ଠାନଙ୍କ ଦ୍ୱାରା ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୁଖ୍ୟ ପ୍ରଶିକ୍ଷକ ଗଦାଧର ବେଉରା, ବିରଞ୍ଚି ନାରାୟଣ ରଥ, ବିରଞ୍ଚି ନାରାୟଣ ତ୍ରିପାଠୀ ତଥା ଶଶୀଭୁଷଣ ହୋତା ପ୍ରମୁଖ ଏନ୍‌ଇପି-୨୦୨୦ର ଉଦ୍ଦେଶ୍ୟକୁ ଆଖି ଆଗରେ ରଖି ପ୍ରଶିକ୍ଷଣ ଦେଇଥିଲେ। ଇଂରାଜୀ ଭଷା ଶିକ୍ଷଣର କୌଶଳ, ଯଥା ଶ୍ରବଣ, କଥନ, ପଠନ ଓ ଲିଖନ ଉପରେ ଆଲୋଚନା କରାଯିବା ସହ ଶିକ୍ଷକମାନଙ୍କ ସନ୍ଦେହ ନିରାକରଣ ଦିଗରେ ପର୍ଯ୍ୟାପ୍ତ ଆଲୋଚନା ଓ ପ୍ରଶିକ୍ଷଣ ଦିଆଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ପ୍ରଶିକ୍ଷାର୍ଥୀଗଣ ତାଲିମ ଲବ୍ଧ ଜ୍ଞାନକୁ ବିଦ୍ୟାଳୟ ସ୍ତରରେ ପଠନରତ ଛାତ୍ରଛାତ୍ରୀମାନଙ୍କର ଉନ୍ନତି ପାଇଁ ଶତ ପ୍ରତିଶତ ଲଗାଇବେ ବୋଲି ପ୍ରତିଶ୍ରୁତି ଦେବା ସହ କାର୍ଯ୍ୟକ୍ରମ ଶେଷ କରାଯାଇଥିଲା। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ସିଆରସିସି ଚନ୍ଦ୍ରଶେଖର ନାୟକ, ଶିକ୍ଷକ ପ୍ରଫୁଲ କୁମାର ସିଂହ, ବିଶ୍ୱରଞ୍ଜନ ସେଠୀ, ବିଜୟ କୁମାର ସାହୁ, ଅଶୋକ କୁମାର ସାହୁ ପ୍ରମୁଖ ସହଯୋଗ କରି ପରିଚାଳନା କରିଥିଲେ।

# ଜିଲ୍ଲା ପ୍ରଶାସନର ନିର୍ବାଚନ ସମ୍ପର୍କିତ ବୈଠକ



କେନ୍ଦୁଝର, (ଭାସ୍କର ନ୍ୟୁଜ): ଜାତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝର ଠାରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିଶାଲ ସିଂହଙ୍କ ଅଧ୍ୟକ୍ଷତାରେ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ବୈଠକ ଗତ ଗୁରୁବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ କ୍ଷୁଦ୍ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ମନ୍ଦରଧର ମହାଲିକ, ଉପଜିଲ୍ଲାପାଳ କେନ୍ଦୁଝର ଉମାଶଙ୍କର ଦଳାଇ, ଡେପୁଟି କଲେକ୍ଟର (ନିର୍ବାଚନ) କିରଣ କୁମାର ନାଏକ, ରୁପାଲି ହାଁସଦା ଓ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ଦେଶ ସାରା ୪,୧୨୩ ଜଣ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ସେମାନଙ୍କ ବିଧାନସଭା ନିର୍ବାଚନମଣ୍ଡଳୀରେ ଯେକୌଣସି ବିଚାରାଧୀନ ପୋଲିଂ ବୁଥ୍ ସ୍ତରୀୟ ସମସ୍ୟାର ସମାଧାନ ପାଇଁ ସର୍ବଦଳୀୟ ବୈଠକ କରୁଛନ୍ତି। ସେହିପରି, ରାଜ୍ୟ/ କେନ୍ଦ୍ରଶାସିତ ଅଞ୍ଚଳରେ ସମସ୍ତ ୨୮ ରାଜ୍ୟ ଏବଂ ୮ କେନ୍ଦ୍ରଶାସିତ ପ୍ରଦେଶର ସମସ୍ତ ୭୮୮ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ୩୬ ଜଣ ସିଇଓଙ୍କୁ ମଧ୍ୟ ଆରପି ଆଇନ-୧୯୫୦ ଏବଂ ୧୯୫୧, ନିର୍ବାଚନ ପଞ୍ଜୀକରଣ ନିୟମ - ୧୯୬୦, ନିର୍ବାଚନ ଆଚରଣ ନିୟମ - ୧୯୬୧ ଏବଂ ଭାରତ ନିର୍ବାଚନ ଆୟୋଗ ଦ୍ୱାରା ଜାରି କରାଯାଇ ଥିବା ନିର୍ଦ୍ଦେଶାବଳୀ ଏବଂ ନିର୍ଦ୍ଦେଶାବଳୀର ଆଇନଗତ ଢାଞ୍ଚା ମଧ୍ୟରେ ଯଥାକ୍ରମେ ଜିଲ୍ଲା ଏବଂ ରାଜ୍ୟ/ କେନ୍ଦ୍ରଶାସିତ ପ୍ରଦେଶ ସ୍ତରରେ ସମସ୍ତ ବିଚାରାଧୀନ ସମସ୍ୟାର ସମାଧାନ ପାଇଁ ଏପରି ବୈଠକ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକଗୁଡ଼ିକ ଜାତୀୟ/ରାଜ୍ୟ ସ୍ତରୀୟ ରାଜନୈତିକ ଦଳଗୁଡ଼ିକର ସକ୍ରିୟ ଅଂଶଗ୍ରହଣ ସହିତ ଆରମ୍ଭ ହୋଇସାରିଛି। ଏପରି ସମସ୍ତ ବୈଠକଗୁଡ଼ିକ ୩୧ ମାର୍ଚ୍ଚ, ୨୦୨୫ ସୁଦ୍ଧା ସମଗ୍ର ଦେଶରେ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ (ଏସି), ଜିଲ୍ଲା ଏବଂ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶରେ ସମାପ୍ତ ହେବାକୁ ଯାଉଛି। ଏହା ୪ ମାର୍ଚ୍ଚ, ୨୦୨୫ରେ ନୂଆଦିଲ୍ଲୀର ଆଇଆଇଆଇଡିଇଏମ୍ ଠାରେ ଅନୁଷ୍ଠିତ ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶର ସିଇଓ ଏବଂ ପ୍ରତ୍ୟେକ ରାଜ୍ୟରୁ ଜଣେ ସିଇଓ ଏବଂ ଇଆରଓଙ୍କ ସମ୍ମିଳନୀରେ, ଡକ୍ଟର ସୁଖବୀର ସିଂହ ସାନ୍ଧୁ ଏବଂ ଡକ୍ଟର ବିବେକ ଜୋଶୀଙ୍କ ସହ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇସି) ଜ୍ଞାନେଶ କୁମାରଙ୍କ ନେତୃତ୍ୱ ଏବଂ ନିର୍ବାଚନ ଆୟୋଗର ନିର୍ଦ୍ଦେଶ ଅନୁଯାୟୀ କରାଯାଇଛି। ରାଜନୈତିକ ଦଳ ଏବଂ ସେମାନଙ୍କର କ୍ଷମତା ପ୍ରାପ୍ତ ପ୍ରତିନିଧି ଯେପରିକି ବୁଥ୍ ସ୍ତରୀୟ ଏଜେଣ୍ଟ (ବିଏଲଏ), ପୋଲିଂ ଏଜେଣ୍ଟ, କାଉଣ୍ଟିଂ ଏଜେଣ୍ଟ ଏବଂ ନିର୍ବାଚନ ଏଜେଣ୍ଟ ମାନଙ୍କର ନିର୍ବାଚନ ପରିଚାଳନା ସମେତ ବିଭିନ୍ନ ନିର୍ବାଚନ ପ୍ରକ୍ରିୟାରେ ନିର୍ଦ୍ଦିଷ୍ଟ ଭୂମିକା ମଧ୍ୟ ରହିଛି। ବିଧାନସଭା ନିର୍ବାଚନମଣ୍ଡଳୀ, ଜିଲ୍ଲା ଏବଂ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ବୈଠକରେ ସକ୍ରିୟ ଏବଂ ଉତ୍ସାହୀ ଅଂଶଗ୍ରହଣ ସହିତ ରାଜନୈତିକ ଦଳଗୁଡ଼ିକ ଏହି ତୃଣମୂଳ ସ୍ତରୀୟ ସମ୍ପର୍କକୁ ସ୍ୱାଗତ କରିଛନ୍ତି। ନିର୍ବାଚନ ଆୟୋଗ ସମସ୍ତ ଜାତୀୟ/ରାଜ୍ୟ ରାଜନୈତିକ ଦଳଗୁଡ଼ିକୁ ନିର୍ବାଚନ କର୍ତ୍ତୃପକ୍ଷଙ୍କ ସହିତ ଏହି ସକ୍ରିୟ ତୃଣମୂଳ ସ୍ତରୀୟ ସମ୍ପର୍କର ଲାଭ ଉଠାଇବାକୁ ଆହ୍ୱାନ ମଧ୍ୟ ଦେଇଛନ୍ତି ଯାହା ଦ୍ୱାରା ସମସ୍ତ ବିଚାରାଧୀନ ସମସ୍ୟାର ସମାଧାନ ସମୟ ସୀମା ମଧ୍ୟରେ ହୋଇପାରିବ। ଦେଶବ୍ୟାପୀ ରାଜନୈତିକ ଦଳ ମାନଙ୍କ ସହିତ ବୈଠକର ଫଟୋ ଗୁଡ଼ିକ ଭାରତ ନିର୍ବାଚନ ଅଧିକାରୀଙ୍କର ସରକାରୀ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଉପଲବ୍ଧ ରହିଛି।

# କଷଣଅଣ୍ଟା ବିଦ୍ୟାଳୟରେ ଚାଲିଛି କେଲେଙ୍କାରୀ



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ): ମାଟ୍ରିକ ପରୀକ୍ଷା ଖାତା ଦେଖାରେ କୌଣସି କେଳେଙ୍କାରୀକୁ ବରଦାସ୍ତ କରାଯିବ ନାହିଁ। କେଳେଙ୍କାରୀରେ ସମ୍ପୃକ୍ତ ଟିଚର ଯେତେ କ୍ଷମତାଶାଳୀ ହେଲେ ମଧ୍ୟ ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ। କିନ୍ତୁ କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ କଷଣଅଣ୍ଟା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟରେ ହୋଇଥିବା ମାଟ୍ରିକ ଖାତା ମୂଲ୍ୟାୟନ କେନ୍ଦ୍ରର ସୁପରଭାଇଜର ହେଉଛନ୍ତି ଜଣେ ଅନଭିଜ୍ଞ ଟିଚର। ତାଙ୍କର କୌଣସି ଅଭିଜ୍ଞତା ନଥାଇ ମଧ୍ୟ ତାଙ୍କୁ ସୁପରଭାଇଜର କ୍ଷମତା ପ୍ରଦାନ କରାଯାଇଛି। ଫଳରେ ସେ ମୂଲ୍ୟାୟନ କେନ୍ଦ୍ରରେ ବ୍ୟାପକ ହେରାଫେରି କରୁଛନ୍ତି। ମୂଲ୍ୟାୟନ କେନ୍ଦ୍ରରେ ଯାହାକୁ ପାଉଛନ୍ତି ତାକୁ ପୁରାଉଛନ୍ତି। କୌଣସି ଶିକ୍ଷକ ଏହାକୁ ବିରୋଧ କଲେ ତାଙ୍କ ବିରୋଧରେ ବୋର୍ଡ଼ରେ ଅଭିଯୋଗ କରାଇ ମାଟ୍ରିକ ଖାତା ଦେଖାରୁ ନିବୃତ୍ତ କରିବେ ବୋଲି ଧମକ ଦେଉଛନ୍ତି। ଆତଙ୍କବାଦୀ ଯେଭଳି ଅପହରଣ କରିବା ସମୟରେ ଜଣେ ଲୋକଙ୍କୁ ହତ୍ୟା କରି ଅନ୍ୟମାନଙ୍କୁ ଧମକ ଦେଇଥାନ୍ତି ଠିକ ସେହିଭଳି ମୂଲ୍ୟାୟନ କେନ୍ଦ୍ରର ସୁପରଭାଇଜର ଜଣେ ହିନ୍ଦୀ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ଅନ୍ୟାମାନଙ୍କୁ ଡରାଇ ଧମକାଇ ରଖିଛନ୍ତି। ଏହି ର୍‌ୟାକେଟ ପଛରେ ଜିଲ୍ଲା ବିଜ୍ଞାନ ପରିଦର୍ଶକଙ୍କ ପ୍ରଚ୍ଛନ୍ନ ହାତ ରହିଥିବା ଚର୍ଚ୍ଚା ହେଉଛି। ଯେଉଁ ମହାଶୟଙ୍କୁ ମୂଲ୍ୟାୟନ କେନ୍ଦ୍ରର ସୁପରଭାଇଜର କରାଯାଇଛି ତାଙ୍କର ମାତ୍ର ୩ବର୍ଷର ଶିକ୍ଷାଦାନ ଅଭିଜ୍ଞତା ରହିଛି। ନିୟମ ମୁତାବକ କୌଣସି ମୂଲ୍ୟାୟନ କେନ୍ଦ୍ରର ସୁପରଭାଇଜର ହେବାକୁ ହେଲେ ଜଣେ ଶିକ୍ଷକଙ୍କୁ ଅନ୍ୟୁନ ୧୫ବର୍ଷର ଅଭିଜ୍ଞତା ଆବଶ୍ୟକ। ତେଣୁ ଜିଲ୍ଲା ବିଜ୍ଞାନ ପରିଦର୍ଶକ କି ଫାଇଦା ପାଇ ଜଣେ ଅନଭିଜ୍ଞ ଟିଚରଙ୍କୁ ସୁପରଭାଇଜର କରିଦେଲେ ତାହାର ଉଚ୍ଚସ୍ତରୀୟ ତଦନ୍ତ ହେବା ଆବଶ୍ୟକ ବୋଲି ବହୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମତବ୍ୟକ୍ତ କରିଛନ୍ତି।

## କୁଆପଥର ବର୍ଷାରେ ଧାନ ଫସଲ ନଷ୍ଟ

କଣାସ, (ଭାସ୍କର ନ୍ୟୁଜ): ଶନିବାର ଅପରାହ୍ନରେ ତୁହାକୁ ତୁହା ବର୍ଷା ସହିତ କୁଆପଥର ବୃଷ୍ଟି ଯୋଗୁଁ କଣାସ ବ୍ଲକରେ ହଜାର ହଜାର ଏକର ରବି ଫସଲ ଓ ପାଚିଲା ଧାନ ନଷ୍ଟ ହୋଇଯାଇଥିବା ଜଣାପଡଛି ଧାନ ଗଛ ଗୁଡିକ ଜମିରେ ଶୋଇପଡିଥିବାବେଳେ ଜମିରେ ପାଚି ଯାଇଥିବା ଧାନ ଗଛରୁ ଝଡିପଡିଛି। ବିଶେଷକରି ଆଳିବାଡ, ଯାମଳଗୋଦା,ଗ ଡିଶାଗୋଦା, ଗୋପୀନାଥ ପୁର, ଖଣ୍ଡହତା, ଅଣ୍ଡାଳସିଂହ, ବନ୍ଧଣ, ଗଡଶାହି, କଣାସ, ତ୍ରିଲୋଚନ ପୁର, ଚୁପୁରିଙ୍ଗି, କାଦୁଆ, ବଡାଲ, ଦେଛିଆଁ, ସାହୁପଡା, ଦେଇପୁର, ଗଡଖାରେଦ, ବକ୍ସୁ, ଦିବ୍ୟସିଂହପୁର, ଗଡବଳଭଦ୍ରପୁର, ଦୋକନ୍ଦା, ବଡାସ, ପାଣ୍ଡିଆକେରା, ଗଡବଡପୁଟ, ଗଡ଼ସାନ ପୁଟ ପ୍ରଭୃତି ପଞ୍ଚାୟତର ଧାନ ଜମି ଗୁଡିକ ନଷ୍ଟ ହୋଇଯାଇ ଥିବାରୁ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି।

## ଯାତ୍ରୀବାହୀ ବସ୍ ଦୁର୍ଘଟଣା ଗ୍ରସ୍ତ

ଖଇରପୁଟ, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲାର ପ୍ରବେଶ ଦ୍ୱାର ଗୋବିନ୍ଦପାଲି ଘାଟିରେ ଏକ ଯାତ୍ରୀ ବାହି ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ମହାବାହୁ ନାମକ ଏକ ଘୋରୋଇ ବସ୍ ପ୍ରାୟ ପଚାଶ ଜଣ ଯାତ୍ରୀଙ୍କୁ ନେଇ ଜୟପୁର ଠାରୁ ଚିତ୍ରକୋଣ୍ଡା ଅଭିମୁଖେ ଯାଉଥିବା ବେଳେ ଗୋବିନ୍ଦପାଲି ଘାଟି ପରେ ପରେ ଭାରସାମ୍ୟ ହରାଇ ଏକ କଲଭର୍ଟ ଉପରେ ଚଢ଼ିଯାଇଥିଲା। ଫଳରେ ବସ୍‌ରେ ଥିବା ପ୍ରାୟ ପନ୍ଦରଜଣ ଯାତ୍ରୀ ଆହତ ହୋଇ ସ୍ଥାନୀୟ ଡାକ୍ତର ଖାନାରେ ଭର୍ତ୍ତି ହୋଇଛନ୍ତି। ଘଟଣା ସ୍ଥଳରେ ସ୍ଥାନୀୟ ପୋଲିସ ଓ ଜନସାଧାରଣ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ।

# ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଉଦ୍‌ଘାଟିତ



ଭଦ୍ରକ, (ଭାସ୍କର ନ୍ୟୁଜ): ପୂର୍ବ ପ୍ରସ୍ତୁତି ଅନୁଯାୟୀ ଭଦ୍ରକ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା-୨୦୨୪-୨୫ ମଠସାହି ପଡ଼ିଆରେ ସଫଳତାର ସହିତ ଅନୁଷ୍ଠିତ ହୋଇ ଯାଇଛି। ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମାନ୍ୟବର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉଦ୍‌ଘାଟକ ଭାବେ ଫିତାକାଟି ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ମାନ୍ୟବର ସାଂସଦ ଅଭିମନ୍ୟୁ ସେଠୀ, ସମ୍ମାନିତ ଅତିଥି ମାନ୍ୟବର ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ମଧ୍ୟ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇ ସମସ୍ତ ଷ୍ଟଲ ପରିଦର୍ଶନ କରି ମେଳାରେ ନିଯୁକ୍ତିଦାତା ଭାବେ ଅଂଶ ଗ୍ରହଣ କରିଥିବା ବେସରକାରୀ ସଂସ୍ଥା ଓ ଦକ୍ଷତା ବିକାଶ ପ୍ରଦାନକାରୀ ସଂସ୍ଥାର ଅଧିକାରୀମାନଙ୍କ ସହ ନିଯୁକ୍ତି ପ୍ରଦାନ ନେଇ ସୁବିଧା, ସୁଯୋଗ ସମ୍ବନ୍ଧରେ ପଚାରି ବୁଝିଥିଲେ। ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ମାନ୍ୟବର ସାଂସଦ ପ୍ରଦୀପ ପ୍ରଜ୍ୱଳନ କରି ସମସ୍ତ ଚାକିରୀ ଆଶାୟୀମାନଙ୍କର ଶୁଭ ମନାସି ଥିଲେ। ମଞ୍ଚରେ ଅନ୍ୟତମ ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ, ଲେଫଟ୍‌ନାଣ୍ଟ କର୍ଣ୍ଣେଲ ଅନୀଲ କୁମାର ଯୋଗଦେଇ ବେକାରୀ ସମସ୍ୟ ଦୂରୀକରଣ ଦିଗରେ ନିଯୁକ୍ତି ମେଳା ଜରିଆରେ ମିଳୁଥିବା ସମସ୍ତ ସୁବିଧା ସୁଯୋଗକୁ ମେଳାରେ ଉପସ୍ଥିତ ନିଯୁକ୍ତି ଆଶାୟୀ ପ୍ରାର୍ଥୀମାନେ ସଦୁପଯୋଗ କରିବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରିଣୀ ଅନୀତା ନାୟକ ସ୍ୱାଗତ ଭାଷଣ ଓ ମେଳା ଜରିଆରେ ପ୍ରଦାନ କରାଯିବାକୁ ଥିବା ନିଯୁକ୍ତି ଓ ଦକ୍ଷତା ବିକାଶଗତ ସୁବିଧା ସୁଯୋଗ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ମଞ୍ଚ ପରିଚାଳନା କରିଥିଲେ। ଅତିଥିମାନଙ୍କ ଦ୍ୱାରା ୧୦ଜଣଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରାଯାଇ ଥିଲା। ସୂଚନାଯୋଗ୍ୟ କି ଦକ୍ଷତା ବିକାଶ ପ୍ରଦାନକାରୀ ୧୫ଟି ସଂସ୍ଥା ଓ ନିଯୁକ୍ତିଦାତା ଭାବେ ୩୫ଟି ସଂସ୍ଥା ମେଳାରେ ଅଂଶ ଗ୍ରହଣ କରିଥିଲେ। ଅନ୍‌ଲାଇନ୍‌ରେ ନାମ ପଞ୍ଜିକୃତ କରିଥିବା ୩୫୧୫ଜଣ ରୁ ୧୧୩୨ ଓ ଅଫ୍ ଲାଇନ୍‌ରେ ନାମ ପଞ୍ଜିକୃତ କରିଥିବା ୧୨୭୪ ସମୁଦାୟ ୨୪୦୬ଜଣ ନିଯୁକ୍ତି ଆଶାୟୀ ମେଳାରେ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩୬ ଜଣଙ୍କୁ ତତ୍କାଳ ଚୂଡ଼ାନ୍ତ ନିଯୁକ୍ତି ପ୍ରଦାନ କରାଯାଇଥିଲା ଏବଂ ୧୨୭୪ ଜଣଙ୍କୁ ନିଯୁକ୍ତି ପାଇଁ ବିଭିନ୍ନ କମ୍ପାନୀମାନେ ତାଲିକା ଭୁକ୍ତ କରିଥିଲେ। ବି.ଡ଼ି.ଓ. ଧାମନଗର ବନ ବିହାରୀ ଦିଣ୍ଡା, ଭଦ୍ରକର ରଶ୍ମିରଞ୍ଜନ ମଲ୍ଲିକ, ବାସୁଦେବପୁରର ତନ୍ମିତା କର, ଓରମାସ୍‌ର ଉପମୁଖ୍ୟ ନିର୍ବାହୀ ଅଧିକାରୀ ଭାଗ୍ୟଲକ୍ଷ୍ମୀ ରାଉତ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଦ୍ୱିଜବର ସେଠୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର କୁମାର ଦାସ ପ୍ରମୁଖ ଏହି ମେଳାରେ ଉପସ୍ଥିତ ଥିଲେ। ସମ୍ପୃକ୍ତ ବିଭାଗୀୟ କର୍ମଚାରୀ ଗାୟତ୍ରୀ ବେହେରା, ବିଭୂତି ଭୂଷଣ ପାଣିଗ୍ରାହୀ, ଶୁଭସ୍ମିତା ସୂତ୍ରଧର, ଭିନିତ୍ ଶେଖର ପ୍ରମୁଖ ଏହି ମେଳା ଆୟୋଜନ ଓ ପରିଚାଳନାରେ ବିଭିନ୍ନ ଦାୟିତ୍ୱ ନିର୍ବାହ କରିଥିଲେ।

# ତିନିଦିନିଆ ବସନ୍ତ ମହୋତ୍ସବ 'ହେ ବସନ୍ତ' ଉଦ୍‌ଘାଟିତ




ଛତ୍ରପୁର, (ଭାସ୍କର ନ୍ୟୁଜ): ସଂସ୍କୃତି ବିକାଶ ପରିଷଦ ଏବଂ ଛତ୍ରପୁର ରୋଟାରୀ କ୍ଲବ୍ ଆନୁକୂଲ୍ୟରେ ସାହିତ୍ୟ, ସଂସ୍କୃତି, ସମନ୍ୱୟ ର ଅପୂର୍ବ ସମାରୋହ ତିନିଦିନିଆ ବସନ୍ତ ମହୋତ୍ସବ 'ହେ ବସନ୍ତ' ଉଦଘାଟିତ ହୋଇଯାଇଛି। ମହୋତ୍ସବର ପ୍ରଥମ ଦିବସରେ ଆୟୋଜିତ କବିସୂର୍ଯ୍ୟ ବଳଦେବ ରଥ ସନ୍ଧ୍ୟାରେ ବରେଣ୍ୟ ସାହିତ୍ୟ ସ୍ରଷ୍ଟା ତଥା ମୁଖ୍ୟବକ୍ତା ଭାବେ ଦକ୍ଷିଣାଞ୍ଚଳ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ବ୍ରହ୍ମପୁର) ଉପ-ସଚିବ ଡ଼ଃ. କୁଳମଣି ଓଝା ଯୋଗଦେଇ କବିସୂର୍ଯ୍ୟ ବଳଦେବ ରଥ ଜଣେ ଗଞ୍ଜାମ ଜିଲ୍ଲାର ହେଲେ ମଧ୍ୟ ତାଙ୍କରି ରଚିତ କିଶୋର ଚନ୍ଦ୍ରାନନ ଚମ୍ପୂ ସାରା ଓଡ଼ିଶା କାହିଁକି ସାରା ଭାରତରେ ସାହିତ୍ୟ ସଂସ୍କୃତି ଜୀବନରେ ଏକ ମାଇଲ ଖୁଣ୍ଟ ସଦୃଶ ଜନମାନସକୁ ଦିଗଦର୍ଶନ ଦେଇଆସିଛି। ତାଙ୍କରି ସାହିତ୍ୟ କୃତୀ ଚମ୍ପୂ ଲାଗି କବି ସୂର୍ଯ୍ୟ ବଳଦେବ ରଥ ବିଶ୍ୱବିଦିତ କବି ବୋଲି ଡ଼ଃ. ଓଝା ମତବ୍ୟକ୍ତ କରିଛନ୍ତି। ମୁଖ୍ୟଅତିଥି ଭାବେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗଦେଇ କବିସୂର୍ଯ୍ୟ ବଳଦେବ ରଥଙ୍କ ଅବେଦ୍ୟ କାବ୍ୟ କିଶୋର ଚନ୍ଦ୍ରାନନ ଚମ୍ପୂକୁ ଇଂରାଜୀ ଭାଷାରେ ଅନୁବାଦ କରି ଓଡ଼ିଶା ସରକାରଙ୍କ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ପକ୍ଷରୁ ପ୍ରକାଶିତ ଓ ପ୍ରଣୀତ କରାଗଲେ ତାହା ଆଧାରରେ ନୋବେଲ ପୁରସ୍କାର ତାଙ୍କରି ଉଦ୍ଦେଶ୍ୟରେ ବିତରଣ ହୋଇପାରିବ ଏବଂ କିଶୋର ଚନ୍ଦ୍ରାନନ ଚମ୍ପୂ ବିଶ୍ୱ ଦରବାରରେ ପରିଚିତ ହେବ ବୋଲି ମାନ୍ୟବର ଖଲ୍ଲିକୋଟ ବିଧାୟକ ସେଠୀ ମତବ୍ୟକ୍ତ କରିଛନ୍ତି। ସଂସ୍କୃତି ବିକାଶ ପରିଷଦର ସଭାପତି ଆଇନଜ୍ଞ ସୂର୍ଯ୍ୟ ନାରାୟଣ ସାମନ୍ତରାୟ, ରୋଟାରୀୟାନ୍ ପ୍ରଫୁଲ୍ଲ ପଟ୍ଟନାୟ, ସଧାରଣ ସମ୍ପାଦକ ଡ. ଅଜୟ କୁମାର ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ହୋଇ ଗଞ୍ଜାମ ଜିଲ୍ଲାର ସାହିତ୍ୟ ସଂସ୍କୃତି, ମଞ୍ଚ କଳା ଅଭିନୟ ପ୍ରଦର୍ଶନ ର ମହତ୍ତ୍ୱ ସମ୍ପର୍କରେ ପ୍ରତିପାଦନ କରିଥିଲେ। କବି ବ୍ରଜ ମୋହନ ଆଚାର୍ଯ୍ୟ, ସମାଜ ସେବୀ ଅରୁଣ କୁମାର ଶତପଥୀ ଏବଂ ସଂସ୍କୃତି ବିକାଶ ପରିଷଦର କୋଷାଧ୍ୟକ୍ଷ ରୋଟାରୀୟାନ୍ ନିରଞ୍ଜନ ପାତ୍ର ପ୍ରମୁଖ ସକ୍ରୀୟ ସହଯୋଗ କରିଥିଲେ। ଏହି ଅବସରରେ ଛତ୍ରପୁର ଅଞ୍ଚଳର ବିଶିଷ୍ଟ ନାଟ୍ୟକାର, ମଞ୍ଚ କଳା ଅଭିନୟ ପ୍ରଦର୍ଶନ କରି ଶ୍ରେଷ୍ଠ ସୁନାମ ଆଣିଥିବା ସ୍ୱର୍ଗତ ପ୍ରଫୁଲ୍ଲ ଚନ୍ଦ୍ର ବେହେରାଙ୍କ ଉଦ୍ଦେଶ୍ୟରେ ତାଙ୍କରି ଉତ୍ତର ଦାୟଦ ପରିବାର ବର୍ଗ ତଥା ତାଙ୍କ ଝିଅ ଦମ୍ପତି ଦୀପ୍ତି ବେହେରା, ଜ୍ୱାଇଁ ପୁଅ ଇଞ୍ଜିନିୟର ଉମେଶ ଚନ୍ଦ୍ର ପଟ୍ଟନାୟକଙ୍କୁ ମାନପତ୍ର ସହ ପୁରସ୍କାର, ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇ ଥିଲା। ପୋଡ଼ାପଦର ଅଞ୍ଚଳର ଜଣେ ବିଶିଷ୍ଟ ଶତାୟୁ କଳାକାର ରବିନ୍ଦ୍ର ନାଥ ପଣ୍ଡା ଓଡ଼ିଶାର ବିଶିଷ୍ଟ ଓଡ଼ିଶୀ ଶିଳ୍ପୀ ନୃତ୍ୟଗୁରୁ ନମିତା ରାୟ ପ୍ରମୁଖଙ୍କ ମଞ୍ଚ ଉପରେ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଛି। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଜୀବନ ସୁରକ୍ଷା କଲ୍ୟାଣ ସମିତିର ସମ୍ବର୍ଦ୍ଧନା ଉତ୍ସବ



ପଟ୍ଟାମୁଣ୍ଡାଇ, (ଭାସ୍କର ନ୍ୟୁଜ): ବୈଦିକ ଭାରତର ଜ୍ଞାନ ଓ ବିଜ୍ଞାନ ସାରା ବିଶ୍ୱକୁ ଦିଗଦର୍ଶନ ଦେଇଆସିଛି। ଏହି ଦେଶ ମୁନିଋଷିଙ୍କ ତପ ଓ ସାଧନାର ଭୂମି। ବସୁଧୈବ କୁଟୁମ୍ବକମ୍‌ର ମହାଚେତନା ଏହି ଭୂମିରୁ ହିଁ ଉଦଘୋଷି। ଜୀବନ ସୁରକ୍ଷା କଲ୍ୟାଣ ସମିତି, ପଟ୍ଟାମୁଣ୍ଡାଇର ଜିଲ୍ଲାସ୍ତରୀୟ ପ୍ରତିଭା ସମ୍ମାନରେ ଯୋଗଦେଇ ବିଶିଷ୍ଟ ବାଗ୍ମୀ ଡ. ପ୍ରତିଭା ମହାରଥୀ ପ୍ରକାଶ କରିଛନ୍ତି। କଥାକାର ପ୍ରଦୀପ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ବହୁ ବିଶିଷ୍ଟ ତଥା ବରିଷ୍ଠ ନାଗରିକଙ୍କୁ ମାନପତ୍ର ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟତମ ଅତିଥି ଭାବରେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ରଞ୍ଜନ କୁମାର ପ୍ରଧାନ ସମିତିର ବାର୍ଷିକ ବିବରଣୀ ପ୍ରଦାନ କରି ସାମାଜିକ ସେବା ପାଇଁ ଏହି ଅନୁଷ୍ଠାନ ଉତ୍ସର୍ଗୀକୃତ ବୋଲି ପ୍ରକାଶ କରିଥିଲେ। ବରିଷ୍ଠ ନାଗରିକ ଭାବରେ ଚତୁର୍ଭୁଜ ରାଉଳ, ଅନିରୁଦ୍ଧ ରାଉଳ, ପ୍ର. ପରୀକ୍ଷିତ ପାତ୍ର, ଦୁର୍ଯ୍ୟୋଧନ ପରିଡା, କୈଳାଶ ଚନ୍ଦ୍ର ପାତ୍ର, ଗୋପାଳ ଚନ୍ଦ୍ର ବିଶ୍ୱାଳ, ରେଣୁକାବାଳା ଦାସ, ସନାତନ ତରାଇ, ପର୍ଶୁରାମ ଷଣ୍ଢ, ବିଜୟ କୁମାର ସାହୁ, ରେମେଶ ଚନ୍ଦ୍ର ଜେନା, ତ୍ରିଲୋଚନ ସୂତାର, ନୃସିଂହ ପ୍ରସାଦ ଚୌଧୁରୀ,ଶଚୀନନ୍ଦନ ଦାସ, ପ୍ରତିଭା ଛାତ୍ର ସାଇରାମ ପଣ୍ଡା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ଗତ ମ୍ୟାଟ୍ରିକ ପରୀକ୍ଷାରେ ରାଜନଗର ବ୍ଲକର ସର୍ବୋଚ୍ଚ ନମ୍ବର ରଖିଥିବା ଆୟେଶା ମିଶ୍ରଙ୍କୁ ଅର୍ଥରାଶି ସହ ମାନପତ୍ର ପ୍ରଦାନ କରାଯାଇ ଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ସରକାରୀ ବାଳିକା ବିଦ୍ୟାଳୟର ଛାତ୍ରୀ ଓ ରାମଚଣ୍ଡୀ ଉଚ୍ଚ ବିଦ୍ୟାଳୟ ଶ୍ରୀରାମପୁରର ଛାତ୍ରୀମାନେ ମିଳିତ ନୃତ୍ୟ ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହେବାସହ ସମ୍ମାନିତ ହୋଇଥିଲେ। ସାମ୍ବାଦିକ ବ୍ରଜବନ୍ଧୁ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ବେଲେଶ୍ୱର ସାହିତ୍ୟ ସଂସଦର ସମ୍ପାଦକ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଭିରାମ ପତି, ପୁଷ୍ପମଞ୍ଜରୀ ବିଶ୍ୱାଳ, ଶିବାନୀ ରାଉତ, ଅଭିଷେକ ପରିଡା, ପ୍ରମୋଦ କୁମାର ସ୍ୱାଇଁ ସହଯୋଗ ପ୍ରଦାନ କରିଥିଲେ। ପଟ୍ଟାମୁଣ୍ଡାଇର ସମସ୍ତ ଏସୟୁଜେ ସାମ୍ବାଦିକ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ଫ୍ୟାମିଲି ବଜାରର ଲଟେରୀ କୁପନ୍ ଉଠାନ ହୋଇଥିଲା।

# ମଧୁସାଗର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା



ଡେରାବିଶ, (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ବ୍ଲକ ଭାଗବତପୁର ପଂଚାୟତ ଅନ୍ତର୍ଗତ ବାଲିଆ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମ୍ମୁଖରେ ଗତ ୨୦ତାରିଖରୁ ଅନୁଷ୍ଠିତ ହୋଇ ଆସୁଥିବା ମଧୁସାଗର ମହୋତ୍ସବର ଗତକାଲି ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହି ଉତ୍ସବରେ ମହୋତ୍ସବ କମିଟିର ସଭାପତି ଡାକ୍ତର ବିଶ୍ୱ ପ୍ରକାଶ କାନୁନ୍‌ଗୋ ଅଧ୍ୟକ୍ଷତା କରିଥିଲା ବେଳେ ମୁଖ୍ୟ ଅତିଥିଭାବରେ କେନ୍ଦ୍ରାପଡ଼ାର ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ଯୋଗଦେଇ ମଧୁସାଗର ମହୋତ୍ସବର ସମାଜପ୍ରତି ଥିବା ଅନେକ ଶିକ୍ଷଣୀୟ ବାର୍ତ୍ତା ଏବଂ ଗ୍ରାମାଞ୍ଚଳରେ ଥିବା କୁନି ପ୍ରତିଭାମାନଙ୍କୁ ମଞ୍ଚରେ ସୁଯୋଗ ଦେଇ ଉତ୍ସାହିତ କରିବା ଦ୍ୱାରା ସେମାନେ ଭବିଷ୍ୟତରେ ପ୍ରତିଭାଧାରୀ କଳାକାର ହୋଇପାରିବେ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥିଭାବରେ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଭାସ୍କର ଚନ୍ଦ୍ର ନାୟକ, କବି ଏବଂ ଗିତିକାର ମାନସୀପ୍ରଭା ସ୍ୱାଇଁ, କେନ୍ଦ୍ରାପଡ଼ା ଡାଏଟ୍‌ର ଭାରପ୍ରାପ୍ତ ଅଧ୍ୟକ୍ଷା ଅନିମା ବେହେରା, ଅଧ୍ୟାପିକା ବନ୍ଦିତା ବେହେରା, ପ୍ରାକ୍ତନ ଅଧ୍ୟକ୍ଷ ଅରବିନ୍ଦ ଆଚାର୍ଯ୍ୟ, ଇଂ ବିଭୁଦତ ମିଶ୍ର ଓ ମୁଖ୍ୟ ବକ୍ତା ଭାବେ ସୁଦର୍ଶନ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ମହୋତ୍ସବ କମିଟିର କର୍ମକର୍ତ୍ତା ପୂର୍ଣ୍ଣଚନ୍ଦ୍ର ମିଶ୍ର, ପ୍ରମୋଦ କୁମାର ସାହୁ, କିଶୋର ଚନ୍ଦ୍ର ମଲିକ ମଞ୍ଚାସୀନ ଥିଲେ। ମହୋତ୍ସବ କମିଟିର ସମ୍ପାଦକ ମଦନ ମୋହନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀମାନେ ମଂଚାସୀନ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ନାଟ୍ୟଗୁରୁ ଶରତ ଚନ୍ଦ୍ର ପଣ୍ଡାଙ୍କ ନିର୍ଦ୍ଦେଶନାରେ ମହେଶ୍ୱର ମଣ୍ଡଳ ଓ ଅକ୍ଷୟ କୁମାର ମିଶ୍ରଙ୍କ ସହଯୋଗରେ ସ୍ଥାନୀୟ ବିଣାପାଣି ସଂଗୀତ ସଦନର ଛାତ୍ରୀମାନଙ୍କ ଦ୍ୱାରା ସମବେତ ସଙ୍ଗୀତ ଗାନ କରାଯାଇଥିଲା। ନୃତ୍ୟାଙ୍ଗନା ସୋନୁ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ପରେପରେ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଛାତ୍ରଛାତ୍ରୀ, ଶିଶୁବିଦ୍ୟାମନ୍ଦିରର ଛାତ୍ରୀମାନଙ୍କ ଦ୍ୱାରା ଆଦିବାସୀ ନୃତ୍ୟ ପ୍ରଦର୍ଶିତ କରାଯାଇଥିଲା। ରାଜକନିକାର କୁନି କଳାକାରମାନଙ୍କ ଦ୍ୱାରା ସଙ୍ଗୀତଗାନ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହି ଅବସରରେ ଇଂ ବିଭୁଦତ ମିଶ୍ର, ଅଞ୍ଚଳର ବୟୋଜ୍ୟେଷ୍ଠ କିଶୋର ମଲିକ, ଜମଧର ସେବା ସମବାୟ ସମିତିର ସମ୍ପାଦକ ବୈରାଗୀଚରଣ ସାହୁ, ସମାଜସେବୀ ମାନସୀ ପରିଡ଼ାଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଡକ୍ଟର ମୁରଲିଧର ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ନାରାୟଣ ସ୍ୱାଇଁ, ସୁଧାକର ନାୟକ, ଶିଶୁମନ୍ଦିରର ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିବା ବେଳେ ଜିତେନ୍ଦ୍ର କୁମାର ମହାନ୍ତି, ବସନ୍ତ କୁମାର ଜେନା, ନଗେନ୍ଦ୍ର ରାଉତ, ପ୍ରଶାନ୍ତ କୁମାର ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ବାଉଁସେନପାଲି ଡକାୟତି ଯୋଜନା ପଣ୍ଡ

ବେଲପାହାଡ଼, (ଭାସ୍କର ନ୍ୟୁଜ): ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ରେଙ୍ଗାଲି ଥାନା ଅନ୍ତର୍ଗତ ବାଉଁସେନପାଲି ଅଞ୍ଚଳରେ ଏକ ବଡ଼ ଧରଣର ଡକାୟତି ଯୋଜନାକୁ ପଣ୍ଡ କରିଛି ରେଙ୍ଗାଲି ପୋଲିସ। ପୋଲିସ ଘଟଣା ସ୍ଥଳରୁ ମାରଣାସ୍ତ୍ର ସହ ୪ଜଣ ଦୁର୍ବୃତ୍ତକୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ତେବେ ଘଟଣାସ୍ଥଳରୁ ସମ୍ପୃକ୍ତ ଜଣେ ଅଭିଯୁକ୍ତ ଫେରାର ମରିଥିଲା। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ କନକତୋରା ଗ୍ରାମର ଶଙ୍କର ମେହେର, ଭାଷ୍ମା ଗ୍ରାମର ଲେକଚରଣ ରୋହିଦାସ, ଚନ୍ଦ୍ର ମୁଣ୍ଡା ଓ ବାଉଁସେନପାଲି ଗ୍ରାମର ଫକିର ସା ବୋଲି ପୋଲିସ ସୂଚନା ଦେଇଛି। ସୂଚନାରୁ ପ୍ରକାଶ ଯେ, ଗତ ଶନିବାର ବିଳମ୍ବିତ ରାତି ପ୍ରାୟ ୧ଟାରେ ଡକାୟତି କରିବା ପାଇଁ ବାଉଁସେନପାଲି ତୁରିପଡ଼ା ନିକଟସ୍ଥ ଜଙ୍ଗଲ ଅଞ୍ଚଳରେ ୫ ଜଣ ଦୁର୍ବୃତ୍ତ ଏକତ୍ରିତ ହୋଇ ଯୋଜନା କରୁଥିଲେ। ଏନେଇ ରେଙ୍ଗାଲି ପୋଲିସ ପେଟ୍ରୋଲିଂ ଟିମ୍ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ତୁରନ୍ତ ଘଟଣା ସ୍ଥଳକୁ ଚଢ଼ାଉ କରିଥିଲା। ଏହି କ୍ରମରେ ପୋଲିସ ଦଳ ସମ୍ପୃକ୍ତ ୪ ଜଣ ଅଭିଯୁକ୍ତଙ୍କୁ କାବୁ କରି ଗିରଫ କରିଥିବା ବେଳେ ଜଣେ ଫେରାର ହୋଇଯାଇଥିଲା। ପୋଲିସ ଘଟଣା ସ୍ଥଳରୁ ଅଭିଯୁକ୍ତଙ୍କ ନିକଟରୁ ଏକ ଧଳା ରଙ୍ଗର ସ୍କର୍ପିଓ (ଓଡି-୨୩ଜି-୩୪୫୫), ଏକ ମହିନ୍ଦ୍ରା ପିକ୍‌ଅପ୍ (ଓଡି-୦୪ଏଲ୍-୫୦୬୨), ଏକ ବଜାଜ୍ ଡିସ୍କୋଭର ବାଇକ (ସିଜି-୧୩ଏଚ୍-୨୨୦୪), ୪ଟି ମୋବାଇଲ୍ ଫୋନ୍, ନଗଦ ୧୦ ହଜାର ୫୦ ଟଙ୍କା, ୨ଟି ଭୁଜାଲି, ଗୋଟିଏ ଟର୍ଚ୍ଚ ଓ ଗୋଟିଏ ପ୍ୟାକେଟ ଲାଲ୍ ଲଙ୍କା ପାଉଡର ଆଦି ସାମଗ୍ରୀ ଜବତ କରିଛି। ଏନେଇ ରେଙ୍ଗାଲି ଥାନାରେ ପୋଲିସ କେସ ନମ୍ବର ୭୦/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଗିରଫ ୪ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରିଛି।

## ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ସହିଦ ଦିବସ ପାଳିତ

କୋଣାର୍କ, (ଭାସ୍କର ନ୍ୟୁଜ): ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନ କେନ୍ଦ୍ର କୋଣାର୍କସ୍ଥ ଆର୍ତ୍ତତ୍ରାଣ କର୍ତିକେଶ୍ୱର ବିଦ୍ୟାପୀଠ, ନୂଆଗାଁ ପରିସର ରେ ନେହେରୁ ଯୁବ କେନ୍ଦ୍ର, ପୁରୀ ଓ ଫ୍ରେଣ୍ଡ୍ସ କ୍ଲବର ମିଳିତ ସହଯୋଗରେ ସହିଦ ଦିବସ ପାଳିତ ହୋଇଯାଇଛି। ସହିଦ ଭଗତ ସିଂହଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ଫ୍ରେଣ୍ଡସ କ୍ଲବର ସଭାପତି ରାମକୃଷ୍ଣ ମହାନ୍ତିଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏନ୍‌ସିସି ଅଧିକାରୀ ଦିଲ୍ଲୀପ କୁମାର ନାୟକ, ସିକ୍ଷକବିତ୍ ଚିତ୍ରାଞ୍ଜଳୀ ନାୟକ, ସମାଜ ସେବୀ ନିରଞ୍ଜନ ତ୍ରିପାଠୀ ପ୍ରମୁଖ ଉଦ୍‌ବୋଧନ ଦେଇ ଯୁବସମାଜ ଭଗତ ସିଂଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ।

# ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା ୨୦୨୫ ଉଦ୍‌ଘାଟିତ

କରଞ୍ଜିଆ, (ଭାସ୍କର ନ୍ୟୁଜ): ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ପ୍ରଚେଷ୍ଟାରେ କରଞ୍ଜିଆରେ ପ୍ରଥମଥର ପାଇଁ ଜିଲ୍ଲାସ୍ତରୀୟ ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା ଆଜି ମନ୍ତ୍ରୀ ଇ.ଗଣେଷରାମ ସିଂ ଖୁଣ୍ଟିଆଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଏହି ମେଳା କରଞ୍ଜିଆ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଇ. ଗଣେଷରାମ ସିଂ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ, ଆର ସି ସି ଏଫ୍ ଡ଼କ୍ଟର ପ୍ରକାଶ ଚାନ୍ଦ ଗୁଗିନାନି, ଡେପୁଟି ଡାଇରେକ୍ଟର ସାଇ କିରଣ ଡିଏନ୍, କରଞ୍ଜିଆ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାୟକ ପ୍ରମୁଖ ଯୋଗଦେଇ କରଞ୍ଜିଆ ମହାବିଦ୍ୟାଳୟ ପଡିଆରେ ହେଉଥିବା ଏହି ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରର ପ୍ରସିଦ୍ଧ ବୈଦ୍ୟ ଏବଂ ଆୟୁର୍ବେଦିକ ଔଷଧୀୟ ପ୍ରତିଷ୍ଠାନ ଯୋଗ ଦେଇଛନ୍ତି। ଏହା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କହିବା ସହିତ ଏଥିରେ ଯୋଗ ଦେଇଥିବା ସମସ୍ତ ବୈଦ୍ୟ ରାଜ ମାନେ ନିଶୁଳ୍କ ସେବା କରିବେ ବୋଲି ସୂଚନା ଦେଇଥିଲେ। ସମସ୍ତ ଔଷଧ ଜଙ୍ଗଲରୁ ମିଳୁଥିବାରୁ ଜଙ୍ଗଲ ସୁରକ୍ଷା ପାଇଁ ଆହ୍ୱାନ କରିଥିଲେ। ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାଏକ ମେଳାରେ ୫୦ଜଣ ବୈଦ୍ୟ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ମିଲେଟ ମିଶନ ଏବଂ ଓଡିଶା ବନ ଉନ୍ନୟନ ନିଗମ ପକ୍ଷରୁ ଷ୍ଟଲ ଲଗାଇବା ସହିତ ଷ୍ଟଲଗୁଡିକରେ ବିଭିନ୍ନ ଆୟୁର୍ବେଦିକ ଔଷଧ, ସୁଗନ୍ଧିତ ବୃକ୍ଷ ଏବଂ ଚେରମୂଳି ଔଷଧର ପ୍ରଦର୍ଶନୀ ସହ ସୁଲଭ ମୂଲ୍ୟରେ ବିକ୍ରୟ ପାଇଁ ବ୍ୟବସ୍ଥା ଥିବା ପ୍ରକାଶ କରିଥିଲେ। ରାଜ୍ୟର ବିଶିଷ୍ଟ ବୈଦ୍ୟ ଓ ଆୟୁର୍ବେଦିକ ଡାକ୍ତର ମେଳାରେ ଯୋଗଦେଇ ନିଃଶୁଳ୍କ ରୋଗୀସେବା ଯୋଗାଇଦେବେ ବୋଲି ବନଖଣ୍ଡ ଅଧିକାରୀ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମକୁ ସହକାରୀ ବନ ସଂରକ୍ଷକ ମଦନ ମୋହନ ମହାନ୍ତ ପରିଚାଳନା କରୁଥିବା ବେଳେ ଓ ଫରେଷ୍ଟର ଗଦାଧର ମହାନ୍ତ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏସିଏଫ୍ ପ୍ରଭାତ କୁମାର କୁଅଁର ଏବଂ କରଞ୍ଜିଆ ବନପାଳ ପ୍ରଶାନ୍ତ କୁମାର ସ୍ୱାଇଁ, ଫରେଷ୍ଟର ସୁର ମୋହନ ବେହେରା ତଥା ସମସ୍ତ ବନ କର୍ମଚାରୀ ମାନେ ସହଯୋଗ କରିଥିଲେ। ଏହି ଅବସର ରେ କରଞ୍ଜିଆ ବନଖଣ୍ଡ ଅଧୀନସ୍ଥ ବିଭନ୍ନ ବନ ସୁରକ୍ଷା କମିଟି ଓ ଏସଏଚଜି ଗ୍ରୁପଙ୍କୁ ପୁରସ୍କାର ପ୍ରଦାନ କରଯାଇଥିଲା।

## ଦୁଇ ଛାତ୍ରୀଙ୍କ ମୃତ୍ୟୁକୁ ନେଇ ପୋଲିସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ମାଲକାନଗିରି, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଏମଭି ୭୨ ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୁଇ ନାବାଳିକା ଛାତ୍ରୀ ଗତ ଫେବ୍ରୁଆରି ୬ ତାରିଖରୁ ନିଖୋଜ ହୋଇଥିବା ଓ ୮ ତାରିଖ ଦିନ ଉଭୟଙ୍କ ମୃତ ଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ଘଟଣାକୁ ନେଇ ମାଲକାନଗିରି ଆଦର୍ଶ ଥାନାରେ ପୋଲିସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ପୋଲିସ ଏସ୍‌ଡିପିଓ ସଚିନ ପଟେଲ ପ୍ରକାଶ କରିଛନ୍ତି ଯେ, ଏହି ଘଟଣାକୁ ନେଇ ପୋଲିସ ତତ୍ପର ସହ ଉଚିତ ତଦନ୍ତ କରୁଛି। ୬ ତାରିଖରେ ଉଭୟଙ୍କ ନିଖୋଜ ନେଇ ମାମଲା ଓ ଉଭୟଙ୍କ ମୃତ ଦେହ ଉଦ୍ଧାର ପରେ ହୋଇଥିବା ମାମଲାର ପୋଲିସ ଉଚିତ ତଦନ୍ତ କରିଥିବା କହିଛନ୍ତି। ବର୍ତ୍ତମାନ ସୁଦ୍ଧା ଘଟଣାରେ ଯାହା ତଥ୍ୟ ମିଳିଛି ଏହା ଏକ ଆତ୍ମହତ୍ୟା ବୋଲି ଜଣାପଡିଛି ଓ ମୃତ ଛାତ୍ରୀଙ୍କ ପରିବାର ଲୋକଙ୍କ ପ୍ରତି ପୋଲିସ ସହାନଭୁତି ରଖିଛି। ସେହିପରି ଶବ ବ୍ୟବଚ୍ଛେଦ ରିପୋର୍ଟ ଓ ସାଇଣ୍ଟିଫିକ ଟିମର ରିପୋର୍ଟକୁ ଅମାନ୍ୟ କରି ପରିବାର ଲୋକେ ଏହା ଏକ ହତ୍ୟା ବୋଲି ଅଭିଯୋଗ ଆଣିଥିବା ସେ ଦିଗରେ ମଧ୍ୟ ତଦନ୍ତ ଜାରି ରହିଛି। ପୋଲସି ଏହି ଘଟଣାକୁ ଅଣଦେଖା କରି ନାହି। ଏହା ବ୍ୟତୀତ ଏହି ଘଟଣାରେ ଏମଭି ୭୨ ଗ୍ରାମର ଅସୀମ ଦାସ ନାମକ ଜଣେ ବ୍ୟକ୍ତିଙ୍କୁ ବାହାରୁ ଏକ ଫୋନ ନମ୍ବରରେ ଧମକ ଆସୁଥିବା ନେଇ ଅଭିଯୋଗକୁ ମଧ୍ୟ ପୋଲିସ ତଦନ୍ତ ପରିସର ଭୁକ୍ତ କରି ତଦନ୍ତ ଚଳାଇଛି। ଆଗକୁ ଘଟଣାର ପର୍ଦ୍ଦାଫାଶ ହେବ ଏବଂ ସାତ୍ୟତା ସାମ୍ନାକୁ ଆସିବ ବୋଲି ପଟେଲ ପ୍ରକାଶ କରିଛନ୍ତି।



# ଆମ କଳାହାଣ୍ଡି



# କୃଷି ମହାବିଦ୍ୟାଳୟରେ ଦୁଇଦିନିଆ କର୍ମଶାଳା




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର କୁଳପତି ଡ. ପ୍ରଫେସର ପ୍ରଭାତ କୁମାର ରାଉଳଙ୍କ ନିର୍ଦ୍ଦେଶ କ୍ରମେ ଏବଂ ଭବାନୀପାଟଣା କୃଷି ମହାବିଦ୍ୟାଳୟ ଡିନ୍ ପ୍ରଫେସର ଶାନ୍ତନୁ କୁମାର ତ୍ରିପାଠୀଙ୍କ ସହଯୋଗରେ ସ୍ଥାନୀୟ ଓୟୁଏଟି କୃଷି ମହାବିଦ୍ୟାଳୟ କନ୍‌ଫରେନ୍ସ ହଲ୍ ଠାରେ 'ଫସଲରେ ଜୈବିକ ଓ ଅଜୈବିକ ଚାପ ସହନଶୀଳତା' ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି। ଭବାନୀପାଟଣା କୃଷି ମହାବିଦ୍ୟାଳୟ ଡିନ୍ ପ୍ରଫେସର ଶାନ୍ତନୁ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଦୁଇଦିନିଆ କର୍ମଶାଳାକୁ ଓୟୁଏଟି ଭେଟେନାରୀ ସାଇନ୍ସ ଓ ଆନିମାଲ୍ ହଜ୍‌ବେଣ୍ଡାରି ଡିନ୍ ତଥା ଡି ଏସ୍‌ଡବ୍ଲୁ ଓୟୁଏଟି ପ୍ରଫେସର ଲକ୍ଷ୍ମଣ କୁମାର ବାବୁ ଏବଂ ଓୟୁଏଟିର ପିଏମ୍‌ଇ ନିର୍ଦ୍ଦେଶକ ପ୍ରଫେସର ଦୟାନିଧି ମିଶ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଜାତୀୟ ଉଚ୍ଚଶିକ୍ଷା ପ୍ରକଳ୍ପ ପ୍ରାୟୋଜିତ ଏହି କର୍ମଶାଳାରେ ଆଇସିଏଆର୍-ଏନ୍ ଆର୍‌ଆର୍‌ଆଇ, କଟକର ବରିଷ୍ଠ ବୈଜ୍ଞାନିକ ଡ. ମିଳନ କୁମାର ଲାଲ୍, ଆଇସିଏଆର୍‌ଆଇ ଏଆର୍‌ଆଇ, ହଜାରିବାଗ, ଝାଡଖଣ୍ଡର ବୈଜ୍ଞାନିକ ଡ. ଆଶାରାଣୀ ପଟେଲ ଏବଂ ଆଇସିଏଆର୍ ବାରୋଣ୍ଡା, ରାୟପୁରର ବୈଜ୍ଞାନିକ ଡ. ସନ୍ଦୀପ ଆଦାଭି ପ୍ରମୁଖ ନିମନ୍ତ୍ରିତ ସମ୍ମାନିତ ବକ୍ତା ଭାବେ ଉପସ୍ଥିତ ରହି ଫସଲରେ ଜୈବିକ ଓ ଅଜୈବିକ ଚାପ ସହନଶୀଳତା ପାଇଁ ଉଦ୍ଭିଦ ଗୁଣ ଗୁଡିକର ବିଶ୍ଳେଷଣ ଓ ଉନ୍ନତ ବୈଶିଷ୍ଟ୍ୟ ବିଶ୍ଳେଷଣ ମାଧ୍ୟମରେ ପୃଷ୍ଟିକର ଖାଦ୍ୟ ସୁରକ୍ଷା ବୃଦ୍ଧି ସମ୍ପର୍କରେ ବିଶଦ୍ ଆଲୋଚନା କରିଥିଲେ। ଓୟୁଏଟି ଭବାନୀପାଟଣା କୃଷି ମହାବିଦ୍ୟାଳୟର ଡିନ୍ ପ୍ରଫେସର ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କର୍ମଶାଳାର ସଫଳତା ନିମନ୍ତେ ସଂଗଠନ ସମ୍ପାଦକ, ସହକାରୀ ପ୍ରଫେସର ଡ. ବି.କେ. ପ୍ରଧାନ, ସଂଯୋଜକ, ସହକାରୀ ପ୍ରଫେସର ଡ.ଚନ୍ଦନା ବେହେରା, ସହକାରୀ ପ୍ରଫେସର ଡ. ସିମଲୀ ଦାସ, ସହକାରୀ ପ୍ରଫେସର ଡ. ଆର୍‌ଏଲ୍ ମହାରଣା ଏବଂ ସହକାରୀ ପ୍ରଫେସର ଡ. ସୃଜନୀ ବେହେରା, ବିଭାଗୀୟ କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ। ଏହି ଅବସରରେ କର୍ମଶାଳାରେ ଅଂଶ ଗ୍ରହଣ କରିଥିବା ରିସୋର୍ସ ପର୍ସନସ୍ ଓ ଅଧ୍ୟାପକ ଅଧ୍ୟାପିକାମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା ବେଳେ ଛାତ୍ରଛାତ୍ରୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

# ଭିଜିଲାନ୍ସ ଜାଲରେ କୋଟିପତି ପିଇଓ

## ସରକାରୀ ଅର୍ଥକୁ କ୍ରିକେଟ୍ ବେଟିଂରେ ଲଗାଇ ଗିରଫ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ସରକାରୀ ତହବିଲ୍ ଲୁଟ୍ କରି କ୍ରିକେଟ୍ ବେଟିଂରେ ଟଙ୍କା ବାଜି ଲଗେଇଥିବା କଳାହାଣ୍ଡି ଜିଲ୍ଲା ଥୁଆମୁଲ ରାମପୁର ବ୍ଲକର ନିଲମ୍ବିତ ପିଇଓ ଦେବାନନ୍ଦ ସାଗରକୁ ଗିରଫ କରିଛି ଭିଜିଲାନ୍ସ ବିଭାଗ। ସରକାରୀ ଟଙ୍କା ୩ କୋଟି ୨୬ ଲକ୍ଷକୁ ସରପଞ୍ଚଙ୍କ ନକଲି ଦସ୍ତଖତ ଜରିଆରେ ଉଠାଇ କ୍ରିକେଟ ବେଟିଂରେ ଖର୍ଚ୍ଚ କରିଥିବା ଭିଜିଲାନ୍ସ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ୨୦୧୬ ରୁ ୨୦୨୨ ମସିହା ପର୍ଯ୍ୟନ୍ତ ପିଇଓ ଜଣକ ଥୁଆମୂଳ ରାମପୁର ବ୍ଲକର ତଳନାଗି ପଞ୍ଚାୟତରେ ପିଇଓ ଭାବେ ଚାକିରି ଜୀବନ ଆରମ୍ଭ କରିଥିବା ବେଳେ ୨୦୧୮ ମସିହାରେ ପୋଡ଼ାପଦର୍ ପଞ୍ଚାୟତର ପିଇଓ ଭାବରେ ଅତିରିକ୍ତ ଦାୟିତ୍ୱ ନେଇଥିଲେ। ସେହି ସମୟରେ ଏହି ସରକାରୀ ଟଙ୍କାକୁ ସେ ଆତ୍ମସାତ କରିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା। ଅନୁରୂପ ଭାବେ ୨୦୨୩ ମସିହାରେ ୧ କୋଟି ୪ ଲକ୍ଷ ସରକାରୀ ଟଙ୍କାକୁ ସେ ଆତ୍ମସାତ କରିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ମିଳିଛି। ସେହି ସମୟରେ ସେ ବଡ଼ଛତ୍ରଙ୍ଗ, ବିରିକୋଟ ଏବଂ ଲାଞ୍ଜିଗଡ ବ୍ଲକର ପାହାଡ଼ ପଦର ପଞ୍ଚାୟତରେ ପିଇଓ ଭାବେ କାର୍ଯ୍ୟରତ ଥିଲେ। ଏହି ଉଭୟ ଘଟଣାରେ ତାଙ୍କ ନାଁରେ ଦୁଇଟି ପୃଥକ୍ ପୃଥକ୍ ଭାବେ କୋରାପୁଟ ଭିଜିଲାନ୍ସ ମାମଲା ରୁଜୁ କରି ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଭବାନୀପାଟଣାକୁ ଚାଲାଣ କରିଛି। ଏନେଇ ଭବାନୀପାଟଣା ଭିଜିଲାନ୍ସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥଲା। ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କୋରାପୁଟ ଭିଜିଲାନ୍ସ ଏସପି ରବୀନ୍ଦ୍ର କୁମାର ପଣ୍ଡା ଏହି ସୂଚନା ଦେଇଛନ୍ତି। ଏନେଇ କୋରାପୁଟ ଭିଜିଲାନ୍ସ ଏସପି ଶ୍ରୀ ପଣ୍ଡା କହିଛନ୍ତି ଯେ, 'ଥୁଆମୂଳ ରାମପୁର ବ୍ଲକର ପୋଡାପଦର୍ ଓ ତାଳନାଗି ପଂଚାୟତରେ ଅନେକ ସରକାରୀ ଯୋଜନାରେ ଜାଲିଆତି କରି ୩ କୋଟି ୨୬ ଲକ୍ଷ ଟଙ୍କା ପିଇଓ ଦେବାନନ୍ଦ ସାଗର ଅନଲାଇନ୍ ମାଧ୍ୟମରେ ନିଜ ଖାତାକୁ ନେଇ ସମସ୍ତ ଟଙ୍କାକୁ ଅନଲାଇନ୍ ବେଟିଂରେ ଲଗାଇଥିଲେ। ଅଭିଯୋଗ ପରେ ଘଟଣାର ତଦନ୍ତ କରିବା ପରେ ତାକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ଓ ଏ ସମ୍ପର୍କରେ ଅଧିକ ତଦନ୍ତ ଜାରୀ ରହିଛି ବୋଲି ସେ ପ୍ରକାଶ କରିଛନ୍ତି।

# ବୋରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ




କେସିଙ୍ଗା, (ଭାସ୍କର ନ୍ୟୁଜ୍ ) : କେସିଙ୍ଗା ବ୍ଲକ ବୋରିଆ କ୍ଲଷ୍ଟର ବୋରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷୟତ୍ରୀ ଦେବକୀ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରୀମା ନାୟକ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ରାମେଶ୍ୱର ସାହୁ, ଏବଂ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ହୃଷୀକେଶ ସାହୁ, ଦେବାଧି ନାୟକ, ବ୍ୟୋମକେଶ ବଗର୍ତ୍ତି, ସାମ୍ବାଦିକ ବଳରାମ ନାଏକ, ସ୍କୁଲ କମିଟି ସଭାପତି ଦ୍ରୁମକାନ୍ତି ସ୍ୱାଇଁ, ସିଆରସିସି ଧୀରେନ୍ଦ୍ର ପଧାନ, ଲାବନ୍ୟ ସ୍ୱାଇଁ, ପ୍ରଦୀପ ପଧାନ, ରହିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଶିକ୍ଷକ ଯୋଗେଶ୍ୱର ବାଗ, ରୋହିତ ସାହୁ, ଏଥିରେ ସ୍କୁଲ କମିଟି ସଭ୍ୟା ତରୂଲତା ଯାନୀ, ବୁଧବାରି ମାଝି, ଶିକ୍ଷୟତ୍ରୀ ସୁପ୍ରଭା ଜାଲ, ପ୍ରଜ୍ଞା ପ୍ରିୟଦର୍ଶୀ ନି, ସୁଚିସ୍ମିତା ସୁବୁଦ୍ଧି, ସୁନିତା ପଧାନ ଏବଂ ବାହାରୁ ଆସିଥିବା ଶିକ୍ଷକ ମାନେ ଉପସ୍ଥିତ ରହିଥିଲେ। ପରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବିଶ୍ୱ ବନ ଦିବସ ପାଳିତ




କେସିଙ୍ଗା, (ଭାସ୍କର ନ୍ୟୁଜ୍ ) : ୨୩ ତାରିଖ କଳାହାଣ୍ଡି ଉତ୍ତର ବନଖଣ୍ଡ କାର୍ଯ୍ୟାଳୟ ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ 'ବିଶ୍ୱ ବନ ଦିବସ' ବହୁ ଆଡମ୍ବରରେ ପାଳିତ ହୋଇଯାଇଛି। ଏହି ଭବ୍ୟ ସମାରୋହରେ ମୁଖ୍ୟ ଅତିଥି ରୂପେ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଶୀ ଏବଂ ସମ୍ମାନିତ ଅତିଥି ଆର୍‌ସିସିଏଫ ସନ୍ତୋଷ ଯୋଶୀ ତଥା ଉତ୍ତର ଏବଂ ଦକ୍ଷିଣ ବନଖଣ୍ଡ ଅଧିକାରୀଙ୍କ ଉପସ୍ଥିତିରେ ଏକ ସଭା ଆୟୋଜିତ ହୋଇଥିଲ। ଏହି ଅବସରରେ ଜବାହର ଉଚ୍ଚ ବିଦ୍ୟାପୀଠ, ବାଲସିଙ୍କୁ ଚଳିତବର୍ଷର ଭବାନିପାଟଣା ଉପଖଣ୍ଡର 'ବେଷ୍ଟ ଇନ୍‌ସଟିଚ୍ୟୁସନ୍ ଆୱାର୍ଡ଼' ଦ୍ୱାରା ପୁରସ୍କୃତ କରାଯାଇଛି। ଏହି ପୁରସ୍କାର ଜବାହର ଉଚ୍ଚ ବିଦ୍ୟାପୀଠର ପ୍ରଧାନଶିକ୍ଷକ, ଅଭୟ କୁମାର ଦେବତା, ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଶୀଙ୍କ ଠାରୁ ଗ୍ରହଣ କରିଥିଲେ। ପରିବେଶ ସୁରକ୍ଷା ଏବଂ ବୃକ୍ଷରୋପଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରୀଯୁକ୍ତ ଦେବତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି।

# ଜିଲ୍ଲାସ୍ତରୀୟ ଦିବ୍ୟାଙ୍ଗ କ୍ରିଡ଼ା ମେଳା





କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ସଦର ପ୍ୟାରେଡ ପଡ଼ିଆ ଠାରେ କଳାହାଣ୍ଡି ଦିବ୍ୟାଙ୍ଗ ମଞ୍ଚ, ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ସାଇଟ୍ ସେଭର ଇଣ୍ଡିଆ ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଦିବ୍ୟାଙ୍ଗ କ୍ରିଡ଼ା ମେଳା ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବ୍ଲକ ସଦର ଆମ୍ବା କାର୍ଯ୍ୟାଳୟ ଠାରୁ ବିଶାଳ ଶୋଭାଯାତ୍ରାରେ ଆସି ପ୍ୟାରେଡ ପଡ଼ିଆରେ ପହଞ୍ଚିବା ପରେ ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ କର୍ଲାମୁଣ୍ଡା ବିଡ଼ିଓ ଦେବେନ୍ଦ୍ର ସାମଲ, ଜିଲ୍ଲା ପରିଷଦ ସଦସ୍ୟ ତଥା କଳାହାଣ୍ଡି ଦିବ୍ୟାଙ୍ଗ ମଞ୍ଚ ସଭାପତି ସୁରେଶ ଚୌଧୁରୀ, ଅବସରପ୍ରାପ୍ତ ଶିକ୍ଷକ ପବିତ୍ର ମୋହନ ପାଶା, ବିଭାଗୀୟ ଅଧିକାରୀ ପ୍ରଦିପ କୁମାର ମାଝୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଦିବ୍ୟାଙ୍ଗ ଭାଇଭଉଣୀଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଇଟ୍ ସେଭର ଇଣ୍ଡିଆ ଏବଂ କର୍ଲାମୁଣ୍ଡା ହାଇସ୍କୁଲ ସ୍କାଉଟ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ। ସାଇଟ୍ ସେଭର ଇଣ୍ଡିଆର ପ୍ରିୟବ୍ରତ ପାଢ଼ୀ ସଂଯୋଜନା କରିଥିବା ବେଳେ କଳାହାଣ୍ଡି ଦିବ୍ୟାଙ୍ଗ ମଞ୍ଚର ସଭାପତି ଜୟଦେବ ସାହୁ ଧନ୍ୟବାଦ ଦେଇଥିଲେ।

# କେସିଙ୍ଗା ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

କେସିଙ୍ଗା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ମହାବିଦ୍ୟାଳୟରେ ଚାଲିଥିବା ଛାତ୍ରୀମାନଙ୍କ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଶାନ୍ତ କୁମାର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାନୀ ଉତ୍ସବରେ ଅନେକ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ। ଅଧ୍ୟକ୍ଷ ପାଢ଼ୀ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣର ସଦୁପଯୋଗ କରିବା, ଯେକୌଣସି ଅସ୍ୱାଭାବିକ ପରିସ୍ଥିତିକୁ ଦାୟିତ୍ୱର ସହ ମୁକାବିଲା କରିବାକୁ ପରାମର୍ଶ ଦେଇଥିଲେ। ମାଷ୍ଟର ଟ୍ରେନର ତପସ୍ୱିନୀ ମାଝି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିବିରର ସଂଯୋଜିକା ଅଧ୍ୟାପିକା ଗୀତାଞ୍ଜଳି ଦୋରା ଏହି ଅବସରରେ ଉପସ୍ଥିତ ଥିଲେ। ଶେଷରେ ପ୍ରଶିକ୍ଷଣ ନେଇଥିବା ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# କରଞ୍ଜୀକୋଟକୁ ପର୍ଯ୍ୟଟନ ମାନଚିତ୍ରରେ ସାମିଲ କରିବାକୁ ଦାବି



ମୁହଁ ଫେରାଇଲେଣି ପର୍ଯ୍ୟଟକ

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲାରେ ଶୀତ ଋତୁ ଆସିଲେ ପର୍ଯ୍ୟଟନସ୍ଥଳି ମାନଙ୍କରେ ପର୍ଯ୍ୟଟକ ମାନଙ୍କ ଭିଡ଼ ଦେଖିବାକୁ ମିଳିଥାଏ । ଗୋଲାମୁଣ୍ଡା ବ୍ଲକରେ ଅନେକ ପର୍ଯ୍ୟଟନ ସ୍ଥଳି ଥିଲେ ମଧ୍ୟ ସେଥିରୁ କରଞ୍ଜକୋଟ ଡ୍ୟାମ ଅନ୍ୟତମ। କରଞ୍ଜକୋଟ ଠାରେ ପାହାଡ଼, ଝରଣା, ମନ୍ଦିର ଡ୍ୟାମ ଠାରୁ ଆରମ୍ଭ କରି କେତେ ସୁନ୍ଦର ବନାନି ଅଛି। ଏଠାକୁ ଆସି ପର୍ଯ୍ୟଟକ ମାନେ ବିମୋହିତ ହୋଇଥାନ୍ତି । ହେଲେ ପର୍ଯ୍ୟଟନ ବିଭାଗର ଅବହେଳା ଓ ଜନ ପ୍ରତିନିଧିଙ୍କ ଆନ୍ତରିକତା ର ଅଭାବ ଯୋଗୁଁ ଭିତ୍ତିଭୂମି ଥାଇ ବି ଅବହେଳିତ ଅବସ୍ଥାରେ ପଡି ରହିଛି। ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ନୂଆଁ ଗାଁ ପଞ୍ଚାୟତ ରେ ଅବସ୍ଥିତ ଅଛି କରଞ୍ଜକୋଟ ଡ୍ୟାମ । ଏହି ଡ୍ୟାମ ୧୯୭୫ ମସିହାରେ ନିର୍ମାଣ ହୋଇଥିଲା । କରଞ୍ଜକୋଟ ଡ୍ୟାମ ୪୨ ହେକ୍ଟର ଜମିରେ ଅବସ୍ଥିତ ହୋଇଛି । ଏହି ଡ୍ୟାମ ଯୋଗୁଁ ନୂଆଁଗାଁ, କେଗାଁ, ସିନାପାଲି ପଞ୍ଚାୟତର ଚାଷୀମାନେ ଧାନ ଉତ୍ପାଦନ କରିଥାନ୍ତି । ଏହି ଡ୍ୟାମ ଚତୁରପାର୍ଶ୍ୱରେ ପାହାଡ଼, ଝରଣା ରହିଥିବା ବେଳେ ଡ୍ୟାମକୁ ଲାଗିକି ଏକ ଶିବ ମନ୍ଦିର ଅବସ୍ଥିତ ଅଛି। କରଞ୍ଜକୋଟ ଡ୍ୟାମ ଅଞ୍ଚଳକୁ ଶୀତ ଋତୁର ଆଗମନରେ ଅନେକ ପର୍ଯ୍ୟଟକ ଆସିଥାନ୍ତି। କେଉଁମାନେ ଭୋଜି କରି ମଜା ନେଇଥାନ୍ତି ତ ଆଉ କିଏ ଫଟୋ, ଭିଡିଓ ଉଠାଇ ମଉଜ ମଜଲିସ କରିଥାନ୍ତି। ପର୍ଯ୍ୟଟକ ଆସନ୍ତି ଦେଖନ୍ତି ଆଉ ପର୍ଯ୍ୟଟନ ସ୍ଥଳୀର ଏଯାବତ ଦୁର୍ଦ୍ଦଶା ଦେଖି ଅସନ୍ତୋଷ ପ୍ରକାଶ କରନ୍ତି। ବର୍ତ୍ତମାନ ସମସ୍ତ ପ୍ରକାର ଭିତ୍ତିଭୂମି ଥାଇ ମଧ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇପାରୁନାହିଁ। କରଞ୍ଜୀକୋଟକୁ ପର୍ଯ୍ୟଟନ ମାନ୍ୟତା ଦାବି ନେଇ ଅନେକ ଥର ଅଞ୍ଚଳବାସୀ ଅନେକ ଦିନରୁ ଅଭିଯୋଗ କରି ଆସୁଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଅଞ୍ଚଳବାସୀଙ୍କ ଦାବିକୁ ଅଣଦେଖା କରାଯାଉଛି। ଯଦି କରଞ୍ଜୀକୋଟକୁ ପର୍ଯ୍ୟଟନର ମାନ୍ୟତା ପ୍ରଦାନ କରାଯାଆନ୍ତା ତେବେ ଏ ଅଞ୍ଚଳର ଉନ୍ନତି ହେବା ସହିତ ଲୋକଙ୍କ ମଧ୍ୟ ଆର୍ଥିକ ବିକାଶ ହୋଇପାରନ୍ତା। ସରକାର ଯଥାଶୀଘ୍ର ଏହା ଉପରେ ଦୃଷ୍ଟି ଦେଇ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବାକୁ ସ୍ଥାନୀୟ ସରପଞ୍ଚ ଦୁଷ୍ମନ୍ତ କୁମାର ଭୋଇ, ପୂର୍ବତନ ସରପଞ୍ଚ ଶ୍ୟାମସୁନ୍ଦର ଛତ୍ରିଆ ସମେତ ଅଞ୍ଚଳର ହେମରାଜ କେତକୀ, ଈଶ୍ୱର ପୁଟେଲ, ଲୋକନାଥ ଭୋଇ, ଜୟ ପ୍ରଧାନ, ପୃଥ୍ୱୀରାଜ ପ୍ରଧାନ, ମନୋଜ କୁମାର ଅଗ୍ରୱାଲ, ରଜତ କୁମାର ପୁଟେଲ, ସୋମେଶ୍ୱର ମୁନି, ଗୌର ଚନ୍ଦ୍ର ପୁଟେଲ, ଲମ୍ବୁଧର ସାହୁ, ଶ୍ରୀନିବାସ ଦାସ ପ୍ରମୁଖ ଦାବି କରିଛନ୍ତି ।

## ଜୁନାଗଡ଼-ନବରଙ୍ଗପୁର ନୂଆ ରେଳଲାଇନ ପ୍ରକଳ୍ପ ଚିଠାରେ ଧର୍ମଗଡ ବାଦ୍ ପଡ଼ିବା ପ୍ରସଙ୍ଗ


# କାର୍ଯ୍ୟକାରୀ ନହେଲେ କ୍ରିୟାନୁଷ୍ଠାନ କମିଟିର ଆନ୍ଦୋଳନ ଚେତାବନୀ




ଧର୍ମଗଡ଼, (ଭାସ୍କର ନ୍ୟୁଜ) : ପ୍ରସ୍ତାବିତ ଜୁନାଗଡ-ନବରଙ୍ଗପୁର ରେଳ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ନିମନ୍ତେ ଅତିରିକ୍ତ ଜିଲ୍ଲାପାଳଙ୍କ ସ୍ୱାକ୍ଷରଥିବା ଏକ ଚିଠିର କପି ପଦାକୁ ଆସିବା ନେଇ ଧର୍ମଗଡରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଧର୍ମଗଡରେ ରେଳଷ୍ଟେସନ ହେଉନାହିଁ ଏଥିରୁ ସ୍ପଷ୍ଟ ହୋଇଯାଇଛି। ଏନେଇ ଧର୍ମଗଡ କ୍ରିୟାନୁଷ୍ଠାନ କମିଟିର ଆବାହକ ଆଇନଜୀବୀ ତୁଷାର ରଞ୍ଜନ ପଟ୍ଟଯୋଶୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଦିନ ହୋଟେଲ ରୟାଲ ପ୍ୟାଲେସ ଠାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଧର୍ମଗଡ଼କୁ ରେଳ ଲାଇନ୍ ସମ୍ପ୍ରସାରଣ ନହେଲେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବରିଷ୍ଠ ଆଇନଜୀବୀ ପ୍ରଦୀପ ଦାସ, ଦିଗାମ୍ବର ଦୁରିଆ, ସୁମନ୍ତ କୁମାର ପଣ୍ଡା, ପ୍ରସନ୍ନ କୁମାର ଅଗସ୍ତି, ନାଗରିକ ସଙ୍ଘର ଡମ୍ବରୁ ଧର ଲହଜଲ, ବିଘ୍ନରାଜ ପଟ୍ଟଯୋଶୀ, ସୁନିଲ କୁମାର ପାତ୍ର, ଜଗନ୍ନାଥ ସେବା ସମିତି ର ସଭାପତି ବିଷ୍ଣୁ ପ୍ରସାଦ ଅଗ୍ରୱାଲ, ଚେମ୍ବର ଅଫ କମର୍ସର ସଭାପତି ବିଦ୍ୟାଧର ସାହୁ, ସଂପାଦକ ଅରୁଣ କୁମାର ତାୟଲ, ବିକାଶ ମେହର, ବରିଷ୍ଠ ସାମ୍ବାଦିକ ବିରଞ୍ଚି ନାରାୟଣ ଜାଲ, ଇଙ୍ଗିତ କୁମାର ପଣ୍ଡା, ବିଶ୍ୱ ରଞ୍ଜନ ପାତ୍ର, ସମାଜସେବୀ ଘନଶ୍ୟାମ ଅଗ୍ରୱାଲ, ଡାକେଶ୍ୱର ଲହଜଲ, ସିତୁନ କୁମାର ମେହେର, ସୁଶାନ୍ତ କୁମାର ପାଢ଼ୀ, ହେମନ୍ତ କୁମାର ପଣ୍ଡା, ଚନ୍ଦନ କୁମାର ପାତ୍ର, ବଙ୍କିମ ସାଗର ସମେତ ବହୁ ବୁଦ୍ଧିଜୀବୀ ଉକ୍ତ ବୈଠକରେ ଯୋଗ ଦେଇ ଧର୍ମଗଡକୁ ରେଳପଥ ସମ୍ପ୍ରସାରଣ ନହେଲେ ଆଗକୁ ଦୁର୍ବାର ପଦକ୍ଷେପ ନିଆଯିବ ବୋଲି ମତ ପ୍ରକାଶ ପାଇଥିଲା। ଧର୍ମଗଡ କ୍ରିୟାନୁଷ୍ଠାନ କମିଟି କଳାହାଣ୍ଡି ସାଂସଦ ମାଳବିକା ଦେଓ, ସାଂସଦ ସୁଜିତ କୁମାର ଓ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀଙ୍କୁ ଭେଟି ଆଗାମୀ କାର୍ଯ୍ୟ ପନ୍ଥା ସ୍ଥିର କରାଯିବ। ପୂର୍ବତନ କେନ୍ଦ୍ର ରେଳ ମନ୍ତ୍ରୀ ତଥା ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ ମଧ୍ୟ ଭେଟି ଧର୍ମଗଡ଼କୁ ରେଳପଥ ସମ୍ପ୍ରସାରଣ ନେଇ ସହଯୋଗ ପାଇଁ ଅନୁରୋଧ କରାଯିବା ପାଇଁ ବୈଠକରେ ମତ ପ୍ରକାଶ ପାଇଥିଲା। ପ୍ରକାଶ ଯୋଗ୍ୟ ଯେ, ଜୁନାଗଡ଼ ରୋଡ-ନବରଙ୍ଗପୁର ସ୍ୱତନ୍ତ୍ର ରେଳପଥ ପ୍ରକଳ୍ପରେ ଧର୍ମଗଡ ରୋଡ ଷ୍ଟେସନ ସହରରୁ ଅଳ୍ପ ଦୂରରେ ସ୍ଥାପନ ପାଇଁ ସ୍ଥାନୀୟ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ହସ୍ତକ୍ଷେପ ଲୋଡ଼ି ଚିଠି ଲେଖିଛନ୍ତି। ବିଧାନସଭା ଷ୍ଟାଣ୍ଡିଂ କମିଟି (ପରିବହନ)ର ସୁପାରିଶକୁ କାର୍ଯ୍ୟକାରୀ କରି ରେଳ ମନ୍ତ୍ରଣାଳୟକୁ ଏ ସମ୍ପର୍କରେ ଚିଠି ଲେଖିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସେ ଅନୁରୋଧ କରିଛନ୍ତି। ସୂଚନା ଯୋଗ୍ୟ ଯେ, ଧର୍ମଗଡକୁ ରେଳ ଲାଇନ ସଂଯୋଗ ପାଇଁ ଦୀର୍ଘଦିନରୁ ଧର୍ମଗଡ଼ବାସୀ ଦାବି କରିଆସୁଛନ୍ତି। ଏଥିପାଇଁ ବିଭିନ୍ନ ସମୟରେ ଆନ୍ଦୋଳନ, ପ୍ରତିବାଦ, ଦାବିପତ୍ର ଆଦି ପ୍ରଦାନ କରାଯାଇଥିଲା।। ଏସବୁ ହେବାପରେ ପୂର୍ବତନ ସାଂସଦ ବସନ୍ତ କୁମାର ପଣ୍ଡା ସଂସଦରେ ମଧ୍ୟ ଏହି ପ୍ରସଙ୍ଗ ଉଠାଇଥିଲେ। ପରବର୍ତ୍ତୀ ସମୟରେ ଧର୍ମଗଡ଼କୁ ରେଳଲାଇନ ସଂଯୋଗ ହେବ ଏବଂ ସର୍ଭେ ପାଇଁ ବିଭାଗ ପକ୍ଷରୁ ଅର୍ଥ ଅନୁମୋଦନ ହୋଇଥିବା ସୂଚନା ଦିଆଯାଇଥିଲା। ଯାହାକୁ ନେଇ ଲୋକେ ଖୁସି ହୋଇଥିଲେ। ହେଲେ ଜୁନାଗଡ଼-ନବରଙ୍ଗପୁର ନୂଆ ରେଳଲାଇନ ପ୍ରକଳ୍ପ ଚିଠାରେ ଧର୍ମଗଡ ବାଦ୍ ପଡିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ଆଗାମୀ ଦିନରେ ଧର୍ମଗଡକୁ ରେଳଲାଇନ ସଂଯୋଗ ଦାବିରେ ରେଳ ଉପଭୋକ୍ତା ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଆବାହକ ବରିଷ୍ଠ ଆଇନଜୀବୀ ତୁଷାରରଞ୍ଜନ ପଟ୍ଟଯୋଶୀ କହିଛନ୍ତି।

# ରାଶିଫଳ


ସୋମବାର, ୨୪ ମାର୍ଚ୍ଚ ୨୦୨୫



**ମେଷ:** ବିଶେଷ କିଛି ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ସମସ୍ତ କାମ ଠିକ୍ ଭାବରେ ଚାଲିବ କିନ୍ତୁ ଝିନ୍‌ଝଟ୍ ମଧ୍ୟରେ ସମ୍ପୂର୍ଣ୍ଣ ହେବ। ସବୁ ସୁବିଧା ଥିଲେ ମଧ୍ୟ ବିଚଳିତ ରହିବା କାରଣରୁ ଅଶାନ୍ତି ଅନୁଭବ କରିବେ। କଳା, ସାହିତ୍ୟ ଓ କ୍ରୀଡ଼ା କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।




**ବୃଷ:** କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଓ ପ୍ରାଧାନ୍ୟ ଦେଇ ପ୍ରଶଂସିତ ହେବେ। ଉଚ୍ଚ ଚିନ୍ତା କରିବେ, ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ଏକାଧିକ କାମ ହାତକୁ ନେଇ ବ୍ୟସ୍ତବିବ୍ରତ ହୋଇପାରନ୍ତି। ପାରିବାରିକ କ୍ଷେତ୍ରରେ ସେପରି କିଛି ବିଶେଷ ଅସୁବିଧା ହେବନାହିଁ।



**ମିଥୁନ:** ପ୍ରତ୍ୟେକ କ୍ଷେତ୍ରରେ କୌଶଳରେ କାର୍ଯ୍ୟ ହାସଲ କରିବେ। ଚେଷ୍ଟା ସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିପାରନ୍ତି। ମନ ଦେଇ କାମ କଲେ ସମସ୍ୟାର ସରଳ ସମାଧାନ ହେବ। ସାମାଜିକ ସ୍ତରରେ ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ।




**କର୍କଟ:** ପ୍ରତ୍ୟେକ ପରିସ୍ଥିତିରେ ଦୃଢ଼ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରିନେବେ। ସାଙ୍ଗଠନିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି। ଯେକୌଣସି କାମରେ ହେଉନା କାହିଁକି ତରବରିଆ ପଦକ୍ଷେପ ନେଲେ ବେଶି ହଇରାଣ ହେବେ। ଭଲ କାମ କଲେ ମଧ୍ୟ ଆତ୍ମୀୟଙ୍କ କଟୁ ସମାଲୋଚନାର ପାତ୍ର ହେବେ।




**ସିଂହ:** ଆଜି ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ବିଳମ୍ବ ଘଟିବ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବାର ଆଶଙ୍କା ରହିଛି।




**କନ୍ୟା:** ଆଜି ଦୂରସ୍ଥାନକୁ ଯାତ୍ରା କରିବା ସମୟରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ ଏବଂ ଯଥାସମ୍ଭବ କମ୍ କଥାବାର୍ତ୍ତା କଲେ କଳହରୁ ଦୂରେଇ ରହିବାରେ ସମର୍ଥ ହେବେ। ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ।



**ତୁଳା:** ପରିବାର ହେଉ କିମ୍ବା କର୍ମକ୍ଷେତ୍ର ହେଉ ଯାହା ଓ ଯେମିତି କଲେ ମଧ୍ୟ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ନିକଟ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।ଦାମ୍ପତ୍ୟ ଜୀବନରେ ଅସହିଷ୍ଣୁତା ଅଶାନ୍ତିର କାରଣ ହୋଇପାରେ।



**ବିଛା:** ଆଜି ଏକାଧାରରେ ଅର୍ଥ ଓ ସମ୍ମାନ ପାଇବେ, ମାତ୍ର ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣକରି ଉଚ୍ଚ ପ୍ରଶଂସିତ ହେବେ। ଦୀର୍ଘଦିନର ଆଶା ଫଳବତୀ ହେବ ଓ ନୂତନ ସମ୍ପର୍କ ସ୍ଥାପିତ ହୋଇପାରେ। ପରିବାର ସହ ଆଜିର ଭ୍ରମଣ ବେଶ୍ ? ଆନନ୍ଦଦାୟକ ହେବ।



**ଧନୁ:** ଛୋଟ ଛୋଟ କଥାକୁ ଧରିବସିଲେ ନିଜେ ହିଁ ଅସୁବିଧାର ସମ୍ମୁଖୀନ ହେବେ। ଆର୍ଥିକ ଦୁଃସ୍ଥିତି ମାନସିକ ସ୍ତରକୁ ସଂକୁଚିତ କରି ରଖିବ। ସବୁ କାମରେ ପଛୁଆ ହେତୁ ମାନେ ନିଜକୁ ଅପାରଗ ମନେକରିପାରନ୍ତି। ଯେତେ ପାଇଲେ ମଧ୍ୟ ମନରେ ସନ୍ତୋଷ ଆସିବ ନାହିଁ।



**ମକର:** ସାମାଜିକସ୍ତରରେ ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ। ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ଚେଷ୍ଟାକଲେ ଉପକୃତ ହେବେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।



**କୁମ୍ଭ:** ବିଭିନ୍ନ ପ୍ରକାର ଅସୁବିଧା ଓ ପ୍ରତିବନ୍ଧକ ଭିତରେ ଚଳିବାକୁ ପଡ଼ିବ। ବନ୍ଧୁଙ୍କ ମନରେ ବିଶ୍ୱାସ ହେଲାଭଳି କାମକରି ସଫଳତା ହାସଲ କରିବେ। ଛୋଟକଥାକୁ ବଡ଼ ଆକାରରେ ଚିନ୍ତାକରି ଅସ୍ଥିରତା ଅନୁଭବ କରିପାରନ୍ତି। ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ।



**ମୀନ:** ଆଜି ଶିଳ୍ପ, ବାଣିଜ୍ୟ, ରାଜନୀତି ଓ କୂଟନୈତିକ ଆଲୋଚନା କ୍ଷେତ୍ରରେ ସଫଳତା ହାସଲ କରିବେ। କାର୍ଯ୍ୟ କ୍ଷେତ୍ରରେ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ଅନ୍ୟମାନଙ୍କ ଭଲ ସକାଶେ ନିଜକୁ ଉତ୍ତରଦାୟୀ ହେବାକୁ ପଡ଼ିବ। ଆଶା ଓ ବିଶ୍ୱାସ ନେଇ ଆଗକୁ ମାଡ଼ିଚାଲନ୍ତୁ ଅବଶ୍ୟ ଉପକୃତ ହେବେ।



ଜ୍ୟୋତିଷ
ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯